୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୧୫/୨୦୧୯ (୨୦ପୃଷ୍ଠା+ଛୁଟିଦିନ) Sambalpur, Sunday, December 15 / 2019 ★★

୧୫ଶ ଭାଗ ୩୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


■ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ହିଂସାତ୍ମକ ଆନ୍ଦୋଳନ

# ଉତ୍ତରପୂର୍ବାଞ୍ଚଳ ନ ଯିବାକୁ ଆମେରିକା, ବ୍ରିଟେନର କଟକଣା

ୱାଶିଂଟନ/ଲଣ୍ଡନ,୧୪।୧୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଉତ୍ତରପୂର୍ବ ଭାରତରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଥିବାବେଳେ ସେଠାକୁ ନ ଯିବା ଲାଗି ଆମେରିକା, ବ୍ରିଟେନ, କାନାଡା, ଇସ୍ରାଏଲ୍, ସିଙ୍ଗାପୁର ସମେତ ବିଭିନ୍ନ ଦେଶ ସେମାନଙ୍କ ନାଗରିକଙ୍କ ନିମନ୍ତେ ଆଡଭାଇଜରି ଜାରି କରିଛନ୍ତି। ନୂଆ ଆଇନରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଶରଣାର୍ଥୀ ଭାବେ ରହିଥିବା ଅଣମୁସଲମାନମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ। ବେଆଇନ ଭାବେ ଆସି ଭାରତରେ ରହିଥିବା ଲୋକଙ୍କ ପାଇଁ ସମସ୍ୟା ଉପୁଜିବା ଆଶଙ୍କା କରି ଉତ୍ତରପୂର୍ବାଞ୍ଚଳରେ ଏହାକୁ ଜୋର୍‌ଦାର ବିରୋଧ କରାଯାଉଛି। ଆନ୍ଦୋଳନର କେନ୍ଦ୍ରବିନ୍ଦୁ ପାଲଟିଥିବା ଆସାମକୁ ଆମେରିକା ଏହାର ଅଧିକାରୀମାନଙ୍କ ଗସ୍ତ ସାମୟିକ ବନ୍ଦ କରିଛି। ଆନ୍ଦୋଳନ ହିଂସାର ରୂପ ନେଇଥିବାରୁ ଉତ୍ତରପୂର୍ବାଞ୍ଚଳରେ ରହୁଥିବା ଆମେରିକୀୟମାନେ ସତର୍କ ରହିବାକୁ କୁହାଯାଇଛି। ଗୁଆହାଟୀ, ଶିଲଂରେ ସରକାର କର୍ଫ୍ୟୁ ଜାରି କରିବା ସହ ମୋବାଇଲ ଓ ଇଣ୍ଟରନେଟ ସେବା ଉପରେ କଟକଣା ଲାଗୁ ହୋଇଛି। ଯାତାୟାତ ଓ ପରିବହନ ସେବା ମଧ୍ୟ ବିଭିନ୍ନ ଅଞ୍ଚଳରେ ବାଧାପ୍ରାପ୍ତ ହୋଇଛି। ତେଣୁ ଉତ୍ତରପୂର୍ବ ଭାରତରେ ରହୁଥିବା ଆମେରିକୀୟ ବିକ୍ଷୋଭ ସ୍ଥଳ ଓ ହିଂସାକାଣ୍ଡ ଘଟୁଥିବା ଅଞ୍ଚଳଠାରୁ ଦୂରେଇ ରହିବାକୁ ଆମେରିକା ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି।

ବ୍ରିଟିଶ ସରକାର ମଧ୍ୟ ଅନୁରୂପ ଭ୍ରମଣ କଟକଣା ଜାରି କରିଛନ୍ତି। ବିଦେଶ ଓ କମନୱେଲ୍‌ଥ କାର୍ଯ୍ୟାଳୟ ପକ୍ଷରୁ ଜାରି ଏହି ଆଡଭାଇଜରିରେ ଇମ୍ଫାଲ, ମେଇତି ଭ୍ୟାଲି ଅଞ୍ଚଳ ବ୍ୟତୀତ ମଣିପୁରକୁ ଜରୁରୀ ଗସ୍ତ କରାଯାଇପାରିବ ବୋଲି କୁହାଯାଇଛି। ପୂର୍ବରୁ ଜମ୍ମୁ-କଶ୍ମୀର ଗସ୍ତ ନ କରିବା ପାଇଁ ଜାରି ହୋଇଥିବା ଆଡଭାଇଜରି ବଳବତ୍ତର ରହିଛି। ସେହିପରି ସିଙ୍ଗାପୁର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ନ ଯିବା ଲାଗି ତା'ର ନାଗରିକମାନଙ୍କୁ ସତର୍କ କରାଇଛି। ଜରୁରୀ ନ ଥିଲେ ଅରୁଣାଚଳପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ନ ଯିବାକୁ କାନାଡା ତା'ର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଆସାମ ଗସ୍ତରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଇସ୍ରାଏଲ ତା'ର ନାଗରିକମାନଙ୍କୁ ସତର୍କ କରାଇଦେଇଛି।

■ ଲୁହାପଥର ବୋଝେଇ ଟ୍ରକ୍-ଗ୍ୟାସ୍ ଟ୍ୟାଙ୍କର ମୁହାଁମୁହିଁ ଧକ୍କା

# ୨ ଡ୍ରାଇଭର ଜୀବନ୍ତ ଦଗ୍ଧ

ସମ୍ବଲପୁର,୧୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନାଠାରୁ ପ୍ରାୟ ୧୫୦ ମିଟର ଦୂର (ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ)ରେ ଶନିବାର ଭୋର ପ୍ରାୟ ୫ଟାରେ ଏକ ଭୟାବହ ଦୁର୍ଘଟଣା ଘଟିଛି। ସମ୍ବଲପୁରରୁ କଟକ ଅଭିମୁଖେ ଯାଉଥିବା ଏକ ଏଲ୍‌ପିଜି ଟ୍ୟାଙ୍କର (ନଂ. ଓଡି ୫ ଏଚ-୧୦୯୯) ସାମ୍ନାରୁ ଆସୁଥିବା ଅନ୍ୟ ଏକ ଲୁହାପଥର ବୋଝେଇ ଟ୍ରକ୍ (ସିଜି ୧୩ ଏବି- ୭୬୯୯)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ଗାଡ଼ିର କ୍ୟାବିନରେ ନିଆଁ ଲାଗିଯାଇଛି। ଫଳରେ ଦୁଇ ଗାଡ଼ିର ଚାଳକ ସିଟ୍‌ରେ ବସିଥିବା ଅବସ୍ଥାରେ ଜୀବନ୍ତ ଜଳି ଯାଇଥିଲେ। ☞ପୃଷ୍ଠା-୪



ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ଯୁଯୁମୁରାଠାରେ ଟ୍ରକ-ଟ୍ୟାଙ୍କର ମୁହାଁମୁହିଁ ଧକ୍କା ହୋଇଛି ।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ବହୁସଂଖ୍ୟକବାଦୀ ଚିନ୍ତାଧାରା

**ଆଜିର ମନ୍ତବ୍ୟ**

" ଦାରିଦ୍ର୍ୟ ଦୂରୀକରଣ ପ୍ରୟାସ ବଳରେ ଭାରତ ମଧ୍ୟମ ଆୟକାରୀ ରାଷ୍ଟ୍ରରେ ପରିଣତ ହୋଇଛି।

–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

୨୦୧୮-୧୯ ମାର୍କେଟିଂ ବର୍ଷରେ ଭାରତ ୩୭ ଲକ୍ଷ ଟନ୍ ଚିନି ବିଦେଶକୁ ରପ୍ତାନି କରିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

14.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 83 | 136 | 146 |
| DKL | 85 | 139 | 149 |
| BDK | 78 | 129 | 139 |
| BLS | 77 | 128 | 138 |
| ANG | 85 | 139 | 149 |
| BHM | 87 | 141 | 151 |

*Conditions Apply

Issued in the Interest of Consumers




FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ✆ RSPL CARE 1800 120 2800

DSPL - 200

CENTRAL ELECTRICITY SUPPLY UTILITY OF ODISHA

## ସର୍ବ ସାଧାରଣ ନୋଟିସ୍

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ତାଙ୍କର ବକେୟା ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରନ୍ତୁ ।

ଯେଉଁମାନେ ତା ୧୫-୦୧-୨୦୨୦ ରିଖ ସୁଦ୍ଧା ବିଦ୍ୟୁତ୍ ବକେୟା ପଇଠ ନକରିବେ, ସେମାନଙ୍କର ବିଦ୍ୟୁତ ସଂଯୋଗ କାଟିବାକୁ ଆମେ ବାଧ୍ୟ ହେବୁ ।

ବକେୟା ଦେୟ ସେସୁ (CESU)ର ଯେକୌଣସି ଅଫିସ୍ କିମ୍ବା ବିଦ୍ୟୁତ୍ ଶୁଳ୍କ ଆଦାୟ ପାଇଁ ନିଯୁକ୍ତ ଫ୍ରାଞ୍ଚାଇଜ୍ କିମ୍ବା ଅନ୍‌ଲାଇନ୍ (www.cesuodisha.com) ଜରିଆରେ ପଇଠ କରିପାରିବେ ।

ଉପରୋକ୍ତ ସୂଚନାକୁ ଇଣ୍ଡିଆନ୍ ଇଲେକ୍ଟ୍ରିସିଟି ଆକ୍ଟର ଧାରା ୫୬ ଅନୁଯାୟୀ ନୋଟିସ୍ ବୋଲି ବିବେଚନା କରାଯିବ ।

"ବକେୟା ବିଦ୍ୟୁତ୍ ଦେୟ ଦିଅନ୍ତୁ, ବିଜୁଳି କାଟରୁ ରକ୍ଷା ପାଆନ୍ତୁ"

04010/13/0009/1920



## ମଣିପୁର ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କୁ ଅପହରଣ

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଭାଇ ତୋଙ୍ଗବ୍ରମ ଲୁଖୋଇ ସିଂଙ୍କୁ ୫ ଜଣ ଲୋକ ଅପହରଣ କରିନେଇଥିଲେ। ପୋଲିସ ତାଙ୍କୁ କୋଲକାତାରୁ ଉଦ୍ଧାର କରିଛି। ୫ ଜଣ ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଶୁକ୍ରବାର ତୋଙ୍ଗବ୍ରମ୍ ରହୁଥିବା ଆପାର୍ଟମେଣ୍ଟରେ ପ୍ରବେଶ କରି ତାଙ୍କୁ ଅପହରଣ କରିନେଇଥିଲେ। ପରେ ସେମାନେ ତୋଙ୍ଗବ୍ରମ୍‌ଙ୍କ ସ୍ତ୍ରୀଙ୍କୁ ଫୋନ୍ କରି ୧୫ ଲକ୍ଷ ଟଙ୍କା ଦାବି କରିଥିଲେ।

### ଭାରତ ବଚାଓ ରାଲିରେ କେନ୍ଦ୍ର ଉପରେ ବର୍ଷିଲେ ରାହୁଲ

# ମରିବି ପଛେ କ୍ଷମା ମାଗିବିନି

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ସତ କହି ମରିଯିବେ ପଛେ କ୍ଷମା ମାଗିବେ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି। ଦେଶର ଅର୍ଥନୀତିକୁ ଧ୍ୱଂସ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସହଯୋଗୀ ଅମିତ୍ ଶାହା କ୍ଷମା ମାଗିବାକୁ ଦାବି କରିଛନ୍ତି। ରାମଲୀଳା ମଇଦାନରେ କଂଗ୍ରେସର ବିଶାଳ 'ଭାରତ ବଚାଓ ରାଲି'ରେ ଉଦ୍‌ବୋଧନ ଦେଇ କଂଗ୍ରେସ ନେତା ଭାଜପା ଉପରେ ଜୋର୍‌ଦାର ବର୍ଷିଥିଲେ। 'ରେପ୍ ଇନ୍ ଇଣ୍ଡିଆ' ମନ୍ତବ୍ୟ ପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ଶୁକ୍ରବାର ଲୋକ ସଭାରେ ଭାଜପା ଦାବି କରିଥିଲା। ସେ ସଭରକର ନୁହନ୍ତି, ଗାନ୍ଧୀ ବୋଲି ରାହୁଲ ନିଜକୁ କହିବା ସହ କ୍ଷମା ମାଗିବା ପ୍ରଶ୍ନ ଉଠୁନି ବୋଲି କହିଛନ୍ତି। ସେ ସତ୍ୟ କହିଛନ୍ତି। ସତ୍ୟ କହୁଥିବା କୌଣସି କଂଗ୍ରେସ ନେତା କ୍ଷମା ମାଗିବା ଆବଶ୍ୟକ ନାହିଁ ବୋଲି ରାହୁଲ ଦୃଢ଼ୋକ୍ତି କରିଛନ୍ତି। ଅର୍ଥନୀତି ହେଉଛି ଭାରତର ଶକ୍ତି। ଏହାକୁ ଧ୍ୱଂସ କରିବାକୁ ଭାରତର ଶତ୍ରୁମାନେ ଚାହିଁଥାନ୍ତି। ତେବେ କୌଣସି ଶତ୍ରୁ ନୁହେଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକାକୀ ଅର୍ଥନୀତିକୁ ଧ୍ୱଂସ କରିଦେଇଛନ୍ତି। ତଥାପି ସେ ନିଜକୁ ଦେଶଭକ୍ତ କହୁଛନ୍ତି। କୌଣସି ପ୍ରକାରେ କ୍ଷମତାରେ ରହିବା ମୋଦିଙ୍କର ଏକମାତ୍ର ଉଦ୍ଦେଶ୍ୟ ବୋଲି ରାହୁଲ ସମାଲୋଚନା କରିଛନ୍ତି। ଉତ୍ତରପୂର୍ବାଞ୍ଚଳ ଜଳୁଛି। ଏଥିପାଇଁ ଭାଜପା ଓ ପ୍ରଧାନମନ୍ତ୍ରୀ ମୋଦି ଦାୟୀ। ଭାଜପା ସରକାର ଦେଶରେ ଭୟର ବାତାବରଣ ସୃଷ୍ଟି କରୁଛି। ଲୋକଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ ହେଉଛି। ଦେଶକୁ ଦୁର୍ବଳ କରିଦେବାକୁ ପ୍ରଧାନମନ୍ତ୍ରୀ ଯୋଜନା କରୁଛନ୍ତି। ତେବେ କଂଗ୍ରେସ ନେତା ଓ କର୍ମୀମାନେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। କଂଗ୍ରେସ ଦଳ ସେମାନଙ୍କ ପଛରେ ରହିଛି। ଆମେ ଏକାଠି ଦେଶରୁ ଭୟର ବାତାବରଣ ଦୂର କରିବା ବୋଲି କଂଗ୍ରେସ ନେତା କହିଛନ୍ତି।

ଯେପର୍ଯ୍ୟନ୍ତ ଗରିବ, କୃଷକ, ଶ୍ରମିକ ଓ ଯୁବସମାଜ ପାଖରେ ଟଙ୍କା ନାହିଁ ସେ ପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ। ଜିଏସ୍‌ଟି ଯୋଗୁ ଦେଶରେ ବେରୋଜଗାରି ହାର ବୃଦ୍ଧି ପାଇଛି। ଜିଡିପି ଅଭିବୃଦ୍ଧି ହାର ୪ ପ୍ରତିଶତକୁ ଖସିଆସିଲାଣି। ପୂର୍ବ ପଦ୍ଧତିରେ ଜିଡିପି ହିସାବ କଲେ ଅଭିବୃଦ୍ଧି ହାର ୨.୫ ପ୍ରତିଶତ ହେବ ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କହିଥିଲେ।


କଂଗ୍ରେସର ଭାରତ ବଚାଓ ରାଲିରେ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ରାହୁଲ ଗାନ୍ଧୀ।

**'ମୁଁ ସଭରକର ନୁହେଁ, ରାହୁଲ ଗାନ୍ଧୀ'**

## ରାହୁଲ ଜିନ୍ନା ଅଧିକ ଯୁକ୍ତିଯୁକ୍ତ: ଭାଜପା

ନୂଆଦିଲ୍ଲୀ,୧୪।୧୨(ପି.ଟି.)

ଭାରତ ବଚାଓ ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜକୁ ସଭରକର ନୁହେଁ, ଗାନ୍ଧୀ ବୋଲି କହିଥିବାରୁ ଏହାକୁ ନେଇ ଭାଜପା ଓ ଶିବସେନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୁସଲମାନ ତୁଷ୍ଟୀକରଣ ରାଜନୀତି କରୁଥିବା କଂଗ୍ରେସ ନେତାଙ୍କ ନାଁ ରାହୁଲ ଜିନ୍ନା ଅଧିକ ଯୁକ୍ତିଯୁକ୍ତ ହେବ ବୋଲି ଭାଜପା ମୁଖପାତ୍ର ଜି.ଭି.ଏଲ୍. ନରସିଂହ ରାଓ କହିଛନ୍ତି। ସଭରକର ଦେଶଭକ୍ତି, ସାହସ ଓ ବଳିଦାନର ପ୍ରତୀକ। କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କଦାପି ରାହୁଲ ସଭରକର ହୋଇପାରିବେ ନାହିଁ ବୋଲି ଭାଜପା ନେତା ସମ୍ବିତ୍ ପାତ୍ର କହିଛନ୍ତି। ଏପରିକି ମହାରାଷ୍ଟ୍ର ସରକାରରେ କଂଗ୍ରେସର ସହଯୋଗୀ ଥିବା ଶିବସେନା ମଧ୍ୟ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଛି। ହିନ୍ଦୁତ୍ୱ ନୀତି ଆଦର୍ଶ ସହ ସାଲିସ କରାଯାଇପାରିବ ନାହିଁ। ବୀର ସଭରକର କେବଳ ମହାରାଷ୍ଟ୍ରର ନୁହନ୍ତି ଦେଶର ପୂଜ୍ୟ। ଏହି ନାଁ ଦେଶକୁ ଗର୍ବ ଆଣିଦେଇଥାଏ। ନେହେରୁ ଓ ଗାନ୍ଧୀଙ୍କ ଭଳି ସଭରକର ଦେଶ ପାଇଁ ବଳିଦାନ ଦେଇଥିଲେ। ସଭରକରଙ୍କ ସହ କାହାକୁ ତୁଳନା କରାଯାଇପାରିବ ନାହିଁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି।

ଭାଜପା ପାଇଁ ବୀର ସଭରକର ହେଉଛନ୍ତି ହିନ୍ଦୁତ୍ୱ ଆଇକନ୍। ତେବେ ଭାରତ ଉପନିବେଶ ଶାସନରେ ଥିବାବେଳେ ଜେଲରୁ ମୁକ୍ତ ହେବା ପାଇଁ ସେ ବ୍ରିଟିଶ ସରକାରଙ୍କୁ କ୍ଷମା ମାଗିଥିଲେ ବୋଲି ବିରୋଧୀ ଅଭିଯୋଗ କରିଥାନ୍ତି। ମୁସଲମାନ ତୁଷ୍ଟୀକରଣ କଂଗ୍ରେସର ନୀତି ହୋଇଥିବାରୁ ସଭରକରଙ୍କ ବଦଳରେ ରାହୁଲ ମହମ୍ମଦ ଅଲି ଜିନ୍ନାଙ୍କ ନାଁ ନେବା ତାଙ୍କୁ ଅଧିକ ଲିଗାସୀ ଯୋଗ୍ୟ କରିପାରିବ। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ସଭରକର ହୋଇପାରିବେ ନାହିଁ କହିଥିବା ଠିକ୍ ବୋଲି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ କହିଛନ୍ତି। ବୀର ସଭରକର ଜାତୀୟ ଆଇକନ, ଯାହାଙ୍କର ଭାରତୀୟ ରାଜନୀତିରେ ସଭ୍ୟତାଗତ ପ୍ରଭାବ ରହିଥିଲା, ଯେଉଁଥିପାଇଁ ବହୁପିଢ଼ି ଧରି ତାଙ୍କ ପ୍ରତି ଶ୍ରଦ୍ଧା ରହିଛି। ନେହେରୁ-ଗାନ୍ଧୀ ପରିବାରର ପଞ୍ଚମ ପିଢ଼ି ସେହି ଲିଗାସୀକୁ ମାପି ପାରିବେ ନାହିଁ ବୋଲି ମାଲବ୍ୟ ମତ ଦେଇଛନ୍ତି। ବୀର ସଭରକର ଜଣେ ଦେଶଭକ୍ତ। ତାଙ୍କ ସଂଜ୍ଞା ନେଇ ଜଣେ ଗାନ୍ଧୀ କିମ୍ବା ଦେଶଭକ୍ତ ହୋଇପାରିବେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି।


ଜି.ଭି.ଏଲ୍. ନରସିଂହ ରାଓ

## ପୁଣି ୩ ମାସ ଅଟକ ରହିବେ ଫାରୁକ୍

ଶ୍ରୀନଗର,୧୪।୧୨(ପି.ଟି.)



ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲା ପୁଣି ୩ ମାସ ନିଜ ଘରେ ଅଟକ ରହିବେ। ୩୭୦ ଅନୁଚ୍ଛେଦ ଉଠାଇ ଦିଆଯିବା ପରଠାରୁ ଅର୍ଥାତ୍ ଗତ ଅଗଷ୍ଟ ୫ରୁ ତାଙ୍କୁ ଜନ ସୁରକ୍ଷା ଆଇନ(ପିଏସ୍‌ଏ ଆକ୍ଟ) ବଳରେ ଅଟକ ରଖାଯାଇଛି। ଏବେ ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଛି। ସବ୍‌ଜେଲ୍ ଘୋଷଣା କରାଯାଇଥିବା ନିଜ ଘରେ ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଧିକ ୩ ମାସ ରହିବେ ବୋଲି କୁହାଯାଇଛି।

ଚଳିତ ମାସ ପ୍ରାରମ୍ଭରେ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଯୋଗଦେବାକୁ ଅନୁମତି ଦିଆ ନ ଯିବାରୁ ଫାରୁକ୍ କେନ୍ଦ୍ର ସକାରଙ୍କ ଉପରେ ବର୍ଷିଥିଲେ। ଜଣେ ବରିଷ୍ଠ ଏମ୍‌ପିଙ୍କୁ ଏଭଳି ଅପରାଧୀ ଭାବେ ରଖାଯିବା ଠିକ୍ ନୁହେଁ ବୋଲି ସେ କହିଥିଲେ। କଂଗ୍ରେସ ନେତା ଶଶୀ ଥରୁର୍, ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ପ୍ରମୁଖ କେନ୍ଦ୍ରର ଏଭଳି ପଦକ୍ଷେପକୁ ସମାଲୋଚନା କରିଥିଲେ। ପ୍ରକାଶଥାଉ କି, ପିଏସ୍‌ଏରେ ଜଣେ ବ୍ୟକ୍ତିଙ୍କୁ ବିନା ଶୁଣାଣିରେ ୨ ବର୍ଷ ପର୍ଯ୍ୟନ୍ତ ଅଟକ ରଖାଯିବାର ବ୍ୟବସ୍ଥା ରହିଛି।

## ଲୀଳା ସାମ୍‌ସନଙ୍କ ନାଁରେ ସିବିଆଇ ମାମଲା

ନୂଆଦିଲ୍ଲୀ,୧୪।୧୨(ପି.ଟି.)



ଭାରତ ନାଟ୍ୟମ୍ ନୃତ୍ୟାଙ୍ଗନା ତଥା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ଅଧ୍ୟକ୍ଷା ପଦ୍ମଶ୍ରୀ ଲୀଳା ସାମ୍‌ସନଙ୍କ ବିରୋଧରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଚେନ୍ନାଇସ୍ଥିତ କଳାକ୍ଷେତ୍ର ଫାଉଣ୍ଡେଶନର କୁଠାମ୍ବଲାମ୍ ଅଡିଟୋରିୟମ୍ ପ୍ରକଳ୍ପ ମରାମତି ଲାଗି ଲୀଳା ଅଯଥାରେ ୭.୦୨ କୋଟି ଟଙ୍କା ଖର୍ଚ୍ଚ କରି ଅର୍ଥ ହେର୍‌ଫେର କରିଥିବା ଅଭିଯୋଗ କରାଯାଇଛି। ଏନେଇ ସିବିଆଇରେ ସାମ୍‌ସନ ଓ ଫାଉଣ୍ଡେଶନର ମୁଖ୍ୟ ଆକାଉଣ୍ଟସ ଅଫିସର ଟି. ଏସ୍. ମୂର୍ତ୍ତି, ଆକାଉଣ୍ଟସ ଅଫିସର ଏସ୍. ରାମଚନ୍ଦ୍ରନ୍ ଓ ଚେନ୍ନାଇ ଯନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କମାନଙ୍କ ବାସଭବନ ଉପରେ ସିବିଆଇ ପକ୍ଷରୁ ଚଢ଼ାଉ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ସଂସ୍କୃତି ମନ୍ତ୍ରଣାଳୟର ଭିଜିଲାନ୍ସ ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ଫାଉଣ୍ଡେଶନର ଏହି କାର୍ଯ୍ୟରେ ଅଧିକାରୀମାନେ ସାଧାରଣ ଆର୍ଥିକ ନିୟମ(ଜିଏଫ୍‌ଆର୍)କୁ ଉଲ୍ଲଂଘନ କରିଛନ୍ତି। ଠିକାଦାରକୁ ଅହେତୁକ ଅନୁକମ୍ପା ଦେଖାଇ ସ୍ଥିରୀକୃତ ମୂଲ୍ୟଠାରୁ ଅଧିକ ଅର୍ଥରେ ଏହି କାମ ଦିଆଯାଇଥିବା ଅଭିଯୋଗ କରାଯାଇଛି। ଏନେଇ ତନାଘନା ଜାରି ରହିଛି।

### [ଇତିହାସର ଆଇନାରେ] ଡିସେମ୍ବର ୧୫ର ପ୍ରମୁଖ ଘଟଣା

୨୦୧୦ ଡିସେମ୍ବର ୧୫ରେ ଅଷ୍ଟ୍ରେଲିଆର ଖ୍ରୀଷ୍ଟମାସ୍ ଦ୍ୱୀପ ଉପକୂଳରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୪୮ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ୯୦ ଶରଣାର୍ଥୀଙ୍କୁ ନେଇ ବୋଟ୍‌ଟି ଯାଉଥିବାବେଳେ ଏକ ପାହାଡ଼ରେ ଧକ୍କା ଖାଇଥିଲା।

୨୦୧୭ ଡିସେମ୍ବର ୧୫ରେ ଜାଭା ଦ୍ୱୀପରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୫ଜଣ ପ୍ରାଣ ହରାଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୫ ଥିଲା।

## ୧୫ ଆସନରେ ୨୨୧ ପ୍ରାର୍ଥୀ

**ଝାଡ଼ଖଣ୍ଡରେ ଚତୁର୍ଥ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଶେଷ**

**ରାଞ୍ଚି,୧୪।୧୨(ପି.ଟି.):** ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ଚତୁର୍ଥ ପର୍ଯ୍ୟାୟ ଭୋଟ ଲାଗି ଶନିବାର ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୪ ଜିଲାର ୧୫ ଆସନ ଲାଗି ମତଦାନ କରାଯିବାକୁ ଥିବାବେଳେ ମଇଦାନରେ ଅଛନ୍ତି ୨୩ ମହିଳାଙ୍କ ସହ ୨୨୧ ପ୍ରାର୍ଥୀ। ୩ଟି ଆସନ(ଦେଓଘର, ଜାମୁଇ, ଚନ୍ଦନକିୟାରି) ଅନୁସୂଚିତ ଜନଜାତିଙ୍କ ଲାଗି ଉଦ୍ଦିଷ୍ଟ ରହିଥିବାବେଳେ ବାକି ୧୨ ଆସନ ସାଧାରଣ ବର୍ଗ ଲାଗି ଉଦ୍ଦିଷ୍ଟ। ଚତୁର୍ଥ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଆସିଥିଲେ। କଂଗ୍ରେସ ଓ ଜେଏମ୍‌ଏମ୍ ମିଳିତ ଭାବେ ଏଠାରେ ନିର୍ବାଚନ ଲଢ଼ୁଥିବାବେଳେ ଭାଜପା ସହ ଏହି ମେଣ୍ଟର କଡ଼ା ଟକ୍କର ହେବ ବୋଲି କୁହାଯାଉଛି।

### ପଶ୍ଚିମବଙ୍ଗରେ ତେଜିଲା ସିଏଏ ବିରୋଧୀ ଆନ୍ଦୋଳନ

## ୫ ଟ୍ରେନ୍, ୧୫ ବସ୍ ଜାଳିଦେଲେ

**ଶାନ୍ତ ରହିବାକୁ ମମତାଙ୍କ ଆହ୍ୱାନ**

ନୂଆଦିଲ୍ଲୀ/କୋଲକାତା,୧୪।୧୨

ସଂଶୋଧିତ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ବ୍ୟାପକ ହେବାରେ ଲାଗିଛି। ଉତ୍ତରପୂର୍ବାଞ୍ଚଳରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ କ୍ରମେ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟକୁ ବ୍ୟାପିଲାଣି। ପଶ୍ଚିବବଙ୍ଗ ମୁର୍ଶିଦାବାଦ ଜିଲାର ଲାଲ୍‌ଗୋଲା ଷ୍ଟେଶନରେ ଶନିବାର ବିକ୍ଷୋଭକାରୀ ୫ଟି ଖାଲି ଟ୍ରେନ୍ ପୋଡ଼ିବା ସହ ୧୫ ବସ୍‌କୁ ଜାଳି ଦେଇଛନ୍ତି। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରିବା ସହ ରେଳ ଚଳାଚଳରେ ବାଧା ସୃଷ୍ଟି କରିଛନ୍ତି। ଶାନ୍ତ ରହିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହ୍ୱାନ ଦେଇଛନ୍ତି। ଉତ୍ତରପୂର୍ବାଞ୍ଚଳରେ ଆନ୍ଦୋଳନ ହିଂସାତ୍ମକ ହେବା ସହ ପୋଲିସ ଗୁଳିରେ ଦୁଇଜଣ ପ୍ରାଣ ହରାଇଥିଲେ। ଗୁଆହାଟୀ ଓ ଶିଲଂରେ କର୍ଫ୍ୟୁ ଜାରି ହୋଇଥିଲାବେଳେ ଶନିବାର ଏହାକୁ କିଛି ସମୟ ପାଇଁ କୋହଳ କରାଯାଇଥିଲା।

ପଶ୍ଚିମବଙ୍ଗରେ ଦ୍ୱିତୀୟ ଦିନ ପାଇଁ ଆନ୍ଦୋଳନ ଜାରି ରହିଛି। ବିକ୍ଷୋଭକାରୀ କେତେକ ବସ୍ ଜାଳିଦେବା ସହ ରେଳଷ୍ଟେଶନରେ ନିଆଁ ଲଗାଇଦେଇଛନ୍ତି। ମୁର୍ଶିଦାବାଦ, ହାଓଡା ଗ୍ରାମାଞ୍ଚଳ ଓ ଉତ୍ତର ୨୪ ପ୍ରଗଣା ଜିଲାରେ ଆନ୍ଦୋଳନ ହିଂସାର ରୂପ ନେଇଛି। ହାଓଡାର କୋନା ଏକ୍ସପ୍ରେସ୍‌ୱେକୁ ଆନ୍ଦୋଳନକାରୀ ଅବରୋଧ କରିବାରୁ ହଜାର ହଜାର ଗାଡ଼ି ରାସ୍ତାରେ ଅଟକି ରହିଛନ୍ତି। ସେହିପରି ଉତ୍ତର ଓ ଦକ୍ଷିଣ ବେଙ୍ଗଲକୁ ସଂଯୋଗ କରୁଥିବା ୩୪ ନମ୍ବର ଜାତୀୟ ରାଜପଥକୁ ମୁର୍ଶିଦାବାଦଠାରେ ଅବରୋଧ କରାଯାଇଛି। ଗ୍ରାମାଞ୍ଚଳ ହାଓଡାର ବାଗନାନ୍ ଅଞ୍ଚଳରେ ୨୦ଟି ଦୋକାନକୁ ବିକ୍ଷୋଭକାରୀ ଜାଳିଦେଇଛନ୍ତି। ସେମାନେ ସଂକ୍ରାଇଲ ଷ୍ଟେଶନ କମ୍ପ୍ଲେକ୍ସର ଏକ ଅଂଶକୁ ଭାଙ୍ଗିବା ସହ ନିଆଁ ଲଗାଇଦେଇଥିଲେ। ଏଥିସହିତ ସେମାନେ ରେଲଓ୍ୱେ ପୋଲିସଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ରେଳଲାଇନରେ ବସି ରହିବାରୁ ୮ଟି ଏକ୍ସପ୍ରେସ୍ ଟ୍ରେନ୍ ସମେତ ୨୦ଟି ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଅନ୍ୟ କେତେକ ଟ୍ରେନ୍‌ର ଚଳାଚଳ ବାତିଲ କରିଦିଆଯାଇଛି।

ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଭଙ୍ଗାରୁଜା ଜାରି ରହିଥିବାବେଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମମତା କହିଛନ୍ତି। ଶାନ୍ତି ବଜାୟ ରଖିବା ଓ ଗଣତାନ୍ତ୍ରିକ ଉପାୟରେ ବିରୋଧ ପ୍ରଦର୍ଶନ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଆଇନକୁ ହାତକୁ ନ ନେବାକୁ ଏବଂ ରେଳ ଓ ରାସ୍ତାରୋକୋ କରି ଜନସାଧାରଣଙ୍କୁ ଅସୁବିଧାରେ ନ ପକାଇବାକୁ ସେ ଅନୁରୋଧ କରିଛନ୍ତି। ତେବେ ସଂଶୋଧିତ ନାଗରିକତ୍ୱ ଆଇନ ଏବଂ ଦେଶବ୍ୟାପୀ ଲାଗୁ ହେବାକୁ ଥିବା ଏନ୍‌ଆର୍‌ସି ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ହେବନାହିଁ ବୋଲି ମମତା ପୁଣିଥରେ ଦୋହରାଇଛନ୍ତି।



## ଆସାମରେ ତେଲ ଟ୍ୟାଙ୍କର ଜାଳିଲେ

**ଡ୍ରାଇଭରଙ୍କୁ ହତ୍ୟା**

**ଗୁଆହାଟୀ,୧୪।୧୨(ପି.ଟି.):** ଆସାମରେ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ଜାରି ରହିଥିବାବେଳେ ସୋନିତପୁର ଜିଲାରେ ବିକ୍ଷୋଭକାରୀ ଏକ ତେଲ ଟ୍ୟାଙ୍କର ଜାଳିଦେବା ସହ ଏହାର ଡ୍ରାଇଭରଙ୍କୁ ହତ୍ୟା କରିଛନ୍ତି। ଖାଲି ଟ୍ୟାଙ୍କରଟି ତେଲ ଭର୍ତ୍ତି କରିବାକୁ ଉଦାଲଗୁଡି ଜିଲାର ସିପଝର ଯାଉଥିବାବେଳେ ସୋନିତପୁରର ଢେକିଆଜୁଲିଠାରେ ଉତ୍ତ୍ୟକ୍ତ ଲୋକେ ସେଥିରେ ନିଆଁ ଲଗାଇଦେଇଥିଲେ। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଏକ ଘରୋଇ ନର୍ସିଂହୋମ୍‌କୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଆସାମରେ ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରି ଏଏଏସ୍‌ୟୁ, ଆସାମ ଜାତୀୟତାବାଦୀ ଯୁବଛାତ୍ର ପରିଷଦ (ଏଜେଓ୍ୱାଇସିପି) ଏବଂ ୩୦ଟି ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଯୁବ, ଛାତ୍ର, ବୁଦ୍ଧିଜୀବୀ, ଶିକ୍ଷକ ସମସ୍ତେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।







■ ଟୋଲ୍‌ଗେଟ୍‌ରେ ଆଉ ଅପେକ୍ଷା କରିବାକୁ ପଡ଼ିବନି

# ଆଜିଠୁ ଫାଷ୍ଟାଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଟୋଲ୍‌ଗେଟ୍‌ରେ ଟିକସ ଦେବା ପାଇଁ ଆଉ ଘଣ୍ଟା ଘଣ୍ଟା ଧରି ଛିଡାହେବାକୁ ପଡିବନାହିଁ। ଫାଷ୍ଟାଗ୍ ଜରିଆରେ ଗାଡି ଚାଳକ ଟୋଲ ଟିକସ ଭରିପାରିବେ । ରବିବାରଠାରୁ ଏହି ବ୍ୟବସ୍ଥାକୁ ସମଗ୍ର ଦେଶରେ ଲାଗୁ କରାଯିବ। କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଏ ନେଇ ଘୋଷଣା କରାଯାଇଥିଲା। ୨୦୧୯ ଡିସେମ୍ବର ୧ ତାରିଖରୁ ଏହି ବ୍ୟବସ୍ଥା ଲାଗୁ ହୋଇଥାଆନ୍ତା। ମାତ୍ର ଆନୁଷଙ୍ଗିକ ଭିତ୍ତିଭୂମି କରାଯାଇ ପାରି ନ ଥିବାରୁ ଏହାକୁ ଡିସେମ୍ବର ୧୫ ତାରିଖରେ ଲାଗୁ କରିବାକୁ ଘୋଷଣା କରାଯାଇଥିଲା। ଓଡିଶାରେ ଜାତୀୟ ରାଜପଥର ୧୧ଟି ଟୋଲଗେଟରେ ମଧ୍ୟ ଏହି ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ କରାଯିବ। ସେହି ଟୋଲଗେଟଗୁଡିକ ହେଲା ୨୧୫ ଜାତୀୟ ରାଜପଥର ପାଣିକୋଇଲିଠାରୁ ରାମୁଳି ମଧ୍ୟରେ ଥିବା ବନଯୋଡି(ପଦ୍ମପୁର), ୬ ନମ୍ବର ଜାତୀୟ ରାଜପଥର ସମ୍ବଲପୁର ଓ ବରଗଡ ମଧ୍ୟରେ ଥିବା ବରଗଡ, ୧୬ ନମ୍ବର ଜାତୀୟ ରାଜପଥର ଗୁଡିପଡା, ୧୬ ନମ୍ବର ଜାତୀୟ ରାଜପଥର ଗୁରାପାଲି, ୨୧୫ ନମ୍ବର ଜାତୀୟ ରାଜପଥର ହସନପୁର, ୨୧୫ ଜାତୀୟ




■ ରାଜ୍ୟର ୧୧ ଟୋଲ୍‌ଗେଟ୍‌ରେ ଲାଗୁ ହେବ

■ ଫାଷ୍ଟାଗ୍ ପାଇଁ ହେବ ସ୍ୱତନ୍ତ୍ର ଲାଇନ

ରାଜପଥର ଖଣ୍ଟାଘର, ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି, ୧୬ ନମ୍ବର ଜାତୀୟ ରାଜପଥର ସେରଗଡ, ଜାତୀୟ ରାଜପଥ ୫-ଏ'ର ଶ୍ରୀରାମପୁର, ଏନ୍‌ଏଚ୍-୧୬ର ମଙ୍ଗୁଳି ଏବଂ ଏନ୍‌ଏଚ୍-୩୧୬ର ପାଟଣାଶୀପୁର(ପିପିଲି)। ଫାଷ୍ଟାଗ୍ ହେଉଛି ଏକ ପ୍ରି-ପେଡ୍ ଟାଗ୍। ଏହି ଟାଗ୍ ଗାଡିର ଆଗ କାଚ(ୱିଣ୍ଡୋ ସ୍କ୍ରିନ)ରେ ଲାଗିବ। ଟୋଲ ପ୍ଲାଜା ଦେଇ ଗାଡି ଅତିକ୍ରମ କରିବା ମାତ୍ରେ ଟିକସ ଆପେ ଆପେ ବ୍ୟାଙ୍କ ଆକାଉଣ୍ଟରୁ କଟିଯିବ। ଫଳରେ ଯାନବାହନ ଚାଳକମାନଙ୍କୁ ଟିକସ ଦେବା ଲାଗି ଅଟକିବାକୁ ପଡିବ ନାହିଁ। ଏଥିପାଇଁ ଏକ ସ୍ୱତନ୍ତ୍ର ଲାଇନ ରହିବ। ସେହି ଲାଇନକୁ ବିନା ଫାଷ୍ଟାଗ୍ ଗାଡି ପ୍ରବେଶ କଲେ ତାଙ୍କୁ ଟିକସର ଦୁଇଗୁଣା ଦେବାକୁ ପଡିବ। ଟାଗ୍ ଲଗାଇବାକୁ ଗାଡି ମାଲିକମାନଙ୍କୁ ବହୁ ସମୟ ଦିଆଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ଟୋଲ ପ୍ଲାଜାର ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏ ଲାଇନ ଫାଷ୍ଟାଗ୍‌ଧାରୀମାନଙ୍କ ପାଇଁ ରହିବ। ଦେଶର ସମସ୍ତ ଟୋଲଗେଟଗୁଡିକୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଟୋଲ ଆଦାୟ ବ୍ୟବସ୍ଥା କରାଯାଇଛି। ଫାଷ୍ଟାଗ୍ ବିଷୟରେ ସମସ୍ତ ସୂଚନା ଦେବା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ମାଇଁ ଫାଷ୍ଟାଗ୍ ଆପ୍ କରାଯାଇଛି। ଏପରି କି ଏହି ଆପ୍ ଜରିଆରେ ପିଓଏସ୍, ଚାର୍ଜ କରିବା ସ୍ଥାନ ଓ ଏନ୍‌ଏଚ୍‌ଏଆଇ ସହ ଲିଙ୍କ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଦି ବିଷୟରେ ଜଣାଇ ଦିଆଯିବ। ଫାଷ୍ଟାଗ୍ ଯୋଗାଇ ଦେବାକୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଡିସେମ୍ବର ୧୫ ଯାଏ ବ୍ୟବସ୍ଥା ହୋଇଥିଲା। ଟୋଲ ପ୍ଲାଜାଗୁଡିକରେ ଦୀର୍ଘ ସମୟ ଧରି ଯାନବାହନଗୁଡିକୁ ଅପେକ୍ଷା କରିବାକୁ ପଡୁଥିଲା। ବାୟୁପ୍ରଦୂଷଣ ସାଙ୍ଗକୁ ଟ୍ରାଫିକ ସମସ୍ୟା ମଧ୍ୟ ବଢି ଯାଉଥିଲା। ଟୋଲ ଆଦାୟ ପାଇଁ ମଧ୍ୟ ଗାଡିଗୁଡିକ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଥିଲେ। ଦେଶର ୫୩୭ଟି ଟୋଲ ପ୍ଲାଜାରେ ଇଲେକ୍ଟ୍ରୋନିକ ଟୋଲ ଆଦାୟ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଟୋଲ ଟିକସ ଆଦାୟରେ ସ୍ୱଚ୍ଛତା ରକ୍ଷା କରାଯାଇପାରିବ। ଟିକସ ବାଟମାରଣାକୁ ରୋକାଯାଇ ପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କ୍ରେଡିଟ କାର୍ଡ, ଡେବିଟ କାର୍ଡ, ନେଟ ବ୍ୟାଙ୍କିଙ୍ଗ୍ ଏବଂ ୟୁନିଫାଏଡ୍ ପେମେଣ୍ଟ ବ୍ୟବସ୍ଥା ଜରିଆରେ ଫାଷ୍ଟାଗ୍ ରିଚାର୍ଜ କରାଯାଇପାରିବ। ଏଥିସହିତ ଫାଷ୍ଟାଗ୍ ବିଷୟରେ ଜାଣିବା ପାଇଁ ଉପଭୋକ୍ତାମାନେ ଟୋଲ ଫ୍ରି ନମ୍ବର ୧୦୩୩କୁ କଲ କରି ଜାଣି ପାରିବେ। ନିକଟସ୍ଥ ଏସ୍‌ବିଆଇ, ଆଇସିଆଇସିଆଇ, ଏଚ୍‌ଡିଏଫ୍‌ସି ଏବଂ ଆକ୍ସିସ ବ୍ୟାଙ୍କ ସମେତ ୨୨ଟି ବ୍ୟାଙ୍କ ଶାଖାରୁ ଫାଷ୍ଟାଗ୍ ଚିପ୍ ମିଳିପାରିବ। ୧୦୦ ଟଙ୍କା ଦେଇ ଫାଷ୍ଟାଗ୍ କ୍ରୟ କରାଯାଇପାରିବ।

**ପରିବାର ଲୋକଙ୍କ ଅଭିଯୋଗ**

# ନାବାଳିକାଙ୍କୁ ବଳାତ୍କାର, ହତ୍ୟା

କୋଷାଗୁମୁଡ଼ା, ୧୪।୧୨(ଡି.ଏନ୍.ଏ.)

■ ମୃତଦେହ ନିକଟରୁ ୨ ପୁରୁଷଙ୍କ ପ୍ୟାଣ୍ଟ ମିଳିଲା

■ ଗାଁରେ ପୋଲିସ ମୁତୟନ

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାମୁଣୀ ପଞ୍ଚାୟତ ଅଧୀନ ଏକ ଗ୍ରାମର ବିଲରୁ ଶନିବାର ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତେବେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ନାବାଳିକାଙ୍କ ମା' ଓ ଭାଇ ପାଖ ପଡୋଶୀ ଘରକୁ ଯାଇଥିଲେ। ଏହି ସମୟରେ ନାବାଳିକା ଘରେ ଏକୁଟିଆ ଥିଲେ। ପଡୋଶୀ ଘରୁ ମା' ଓ ଭାଇ ଆସିବା ପରେ ନାବାଳିକା ଘରେ ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳିକାଙ୍କୁ ପାଇ ନଥିଲେ। ନାବାଳିକାଙ୍କ ବାପା ଛତିଶଗଡର ରିଦମଠାରେ କୁଲି କାମ କରିବାକୁ ଯାଇଥିବାରୁ ତାଙ୍କୁ ପରିବାର ଲୋକ ଖବର ଦେଇଥିଲେ। ଶନିବାର ସକାଳେ ଗ୍ରାମବାସୀ ଜମିକୁ ଶୌଚ ହେବାକୁ ଯାଇଥିବାବେଳେ ନାବାଳିକାଙ୍କ ମୃତଦେହ ପଡିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଏ ସମ୍ପର୍କରେ କୋଷାଗୁମୁଡା ଥାନାରେ ଜଣାଇଥିଲେ। ପୀଡିତାଙ୍କ ମୃତଦେହରେ ଖଣ୍ଡିଆଖାବରା ହୋଇଥିବା ବେଳେ ଘଟଣାସ୍ଥଳରୁ ୧୦୦ ମିଟର ଦୂରରେ ୨ ଜଣ ପୁରୁଷଙ୍କ ପ୍ୟାଣ୍ଟ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ କୋଷାଗୁମୁଡା ପୋଲିସ ଓ ଏସ୍‌ପି ନୀତିନ କୁସଲକର ପହଞ୍ଚିଥିଲେ। କଳାହାଣ୍ଡିରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଛି । ପୀଡିତାଙ୍କୁ ନ୍ୟାୟ ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ପୀଡିତାଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥିତିକୁ ଆୟତ୍ତ କରିବା ପାଇଁ ୩ଟି ପୋଲିସ ଫୋର୍ସ ଗ୍ରାମରେ ମୁତୟନ କରାଯାଇଛି। ଏ ସମ୍ପର୍କରେ ଏସ୍‌ପି କହିଛନ୍ତି ଯେ, ଏହା ଏକ ଦୁଃଖଦ ଘଟଣା । ଘଟଣାର ତଦନ୍ତ ଚାଲିଛି।

# ଆଜି ୫ ଜିଲାରେ ବର୍ଷା ସମ୍ଭାବନା

**ତିନିଦିନ ପ୍ରବଳ କୁହୁଡ଼ି, ୧୬ରୁ ଖସିବ ପାରଦ**

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଡିସେମ୍ବର ଅଧା ହେଲାଣି। ଏଯାଏ ରାଜ୍ୟରେ ଶୀତର ପ୍ରକୋପ ନାହିଁ। ରବିବାର ୫ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଆଗକୁ ପାରଦ ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ଆଶଙ୍କା ରହିଥିବାବେଳେ ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ସେହିପରି ଆସନ୍ତା ତିନିଦିନ ଉତ୍ତର ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳ କୁହୁଡ଼ି ହେବ। ରବିବାର ମୟୂରଭଞ୍ଜ, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ୧୩ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବ। ସୋମବାର ନୟାଗଡ଼, ଖୋର୍ଦ୍ଧା, କଟକ, କନ୍ଧମାଳ ଓ କୋରାପୁଟ ଆଦି ୫ ଜିଲାର କିଛି ସ୍ଥାନରେ କୁହୁଡ଼ି ହେବ। ଅନ୍ୟପକ୍ଷରେ ଆସନ୍ତା ଦୁଇଦିନ ଆଭ୍ୟନ୍ତରୀଣ ଓଡ଼ିଶା ଓ ତିନିଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ରାତିର ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ୧୬ତାରିଖ ପରେ ରାଜ୍ୟରେ ତାପମାତ୍ରା ୨ରୁ ୩ଡିଗ୍ରୀ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର୍. ବିଶ୍ୱାସ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଭାବତୋଷ
ପରିବାରବର୍ଗ


ଗାୟତ୍ରୀ
ପରିବାରବର୍ଗ


ଜ୍ୟୋତିଷ୍ମା
ପରିବାରବର୍ଗ


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ବିଶ୍ୱଭୂଷଣ ଘଡ଼ାଇ


ଏଲି ବେହେରା


ରଞ୍ଜିତା ସାହୁ


ନୃସିଂହ ଚରଣ ବେହେରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



# ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ

■ ରଙ୍ଗିନ ଆଲୋକରେ ଝଲସୁଛି ବେଳାଭୂମି
■ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଉଚ୍ଚମାନର କଟେଜ

କୋଣାର୍କ, ୧୪।୧୨(ଡି.ଏନ.ଏ)-କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ସାହୁଖଣତା ଠାରେ ଗୁଜରାଟର ରାନ୍ ଉତ୍ସବ ଢାଞ୍ଚାରେ ଆୟୋଜିତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଲୁନ ଉଡ଼ାଇ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଉତ୍ସବସ୍ଥଳରେ ଥିବା ପର୍ଯ୍ୟଟକ ବିଶ୍ରାମାଗାର, ଲକ୍ଜ୍ୟୁରି କଟେଜ, ଫୁଡ ଷ୍ଟଲ ଓ ସାଂସ୍କୃତିକ ମଣ୍ଡପ ପ୍ରଭୃତିର ଲୋକାର୍ପଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ।

ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟାରେ କୋଣାର୍କସ୍ଥିତ ହେଲିପ୍ୟାଡଠାରେ ଅବତରଣ କରିବା ପରେ ସେଠାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ସଚିବ ବିଶାଲ ଦେବ, ବିଭାଗୀୟ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସି ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଆଇଜି ପର୍ସନାଲ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଜିଲାପାଳ ବଲୱନ୍ତ ସିଂ ଓ ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ୪ଟା ୨୦ରେ ମୁଖ୍ୟମନ୍ତ୍ରୀ ଉତ୍ସବସ୍ଥଳରେ ପହଞ୍ଚିବା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏକ ବ୍ୟାଟେରୀଚାଳିତ କାର୍‌ରେ ଉତ୍ସବସ୍ଥଳ ବୁଲି ଦେଖିବା ସହ ସମୁଦ୍ରକୂଳରେ କିଛି ସମୟ ବିତାଇଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। ଉଦଘାଟନୀ ସନ୍ଧ୍ୟାରେ ଦିଲ୍ଲୀର ରକ୍ ବ୍ୟାଣ୍ଡ ୟୁଫୋରିଆ ଗ୍ରୁପ୍ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ୫୦ଗୋଟି



ବିଳାଶପୂର୍ଣ୍ଣ କଟେଜ ମଧ୍ୟରୁ ୨୦ଟି ପର୍ଯ୍ୟଟକମାନେ ରାତ୍ରିଯାପନ ପାଇଁ ବୁକିଂ କରିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଣାପଡିଛି । ଏହି ଅବସରରେ ରାଜ୍ୟ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଓଡ଼ିଶାର କାରିଗରି ଶିଳ୍ପର ପ୍ରଚାର ପ୍ରସାର ପାଇଁ ୧୦ଗୋଟି ଷ୍ଟଲ ମାଧ୍ୟମରେ ହସ୍ତତନ୍ତ ସାମଗ୍ରୀର ପସରା ମେଲିଥିବା ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗର ସୁସଜ୍ଜିତ ଆଲୋକ ମାଳାରେ ବେଳାଭୂମି କୂଳ ଝଲସୁଥିବାବେଳେ ପ୍ରଥମ ଦିନ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବାଲୁଖଣ୍ଡ ଅଭୟାରଣ୍ୟରେ ନେଚର ଟ୍ରେଲ୍ ସହ ଟେମ୍ପଲ୍ ଟୁର୍ ଏବଂ ଇକୋଲୋଜିକାଲ ଟୁର୍ ହେବ। ସେହିଭଳି ଆଡ୍‌ଭେଞ୍ଚର ସ୍ପୋର୍ଟସରେ 'ଜେଟ୍-ସ୍କି', 'ସ୍ପିଡ୍ ବୋଟିଂ', 'ପାରାସେଲିଂ', 'ଏଟିଭି', 'ଆର୍ଚେରୀ', 'ରାଇଫଲ୍ ଶୁଟିଂ', 'ବିଚ୍ ଭଲିବଲ୍', 'ୱାଟର୍ ରୋଲର୍' ଆଦି ରହିବ। ଏହାବ୍ୟତୀତ ସ୍ୱତନ୍ତ୍ର ଫୁଡ୍ ଫେଷ୍ଟିଭାଲ ଓ ବିଚ୍ ମାର୍କେଟ୍‌ରେ ମଜା ସାଧାରଣ ଲୋକ ନେଇପାରିବେ। ୪୯ ଦିନ ଧରି ଏହି ଉତ୍ସବ ଆୟୋଜିତ ହେବ ।




## ମୃତ ଡଲ୍‌ଫିନ ଉଦ୍ଧାର



ରାଜନଗର,୧୪।୧୨(ଡି.ଏନ.ଏ.)-ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ପେଣ୍ଠ ବେଳାଭୂମି ନିକଟରୁ ଶନିବାର ତିନି ମୃତ ଡଲଫିନ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନବିଭାଗ ଟିମ୍ ସେଠାରେ ପହଞ୍ଚି ମୃତ ଡଲଫିନ୍‌ଗୁଡ଼ିକୁ ଉଦ୍ଧାର କରିଥିଲା । ବ୍ୟବଚ୍ଛେଦ ପରେ ସେଗୁଡ଼ିକୁ ପୋତି ଦିଆଯାଇଛି। ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରୁ ଉଦ୍ଧାର ହୋଇଥିବା ମୃତ ମାଈ ଡଲଫିନଗୁଡ଼ିକ ଇରାୱାଡି ପ୍ରଜାତିର । ସେଥିମଧ୍ୟରୁ ଗୋଟିଏର ଓଜନ ୯୦ କେଜି, ଅନ୍ୟଟି ୪୦ କେଜି ହୋଇଥିବା ବେଳେ ଆଉ ଗୋଟିଏ ୨୦କେଜି ଓଜନର ବୋଲି ଜଣାଯାଇଛି । ଟ୍ରଲର ମାଡରେ ଏହି ମା' ଡଲ୍‌ଫିନଗୁଡ଼ିକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ଟ୍ରଲର ମାଡ ସମୟରେ ଏକ ମା' ଡଲ୍‌ଫିନ ଛୁଆ ଜନ୍ମ କରି ଦେଇଛି। ଛୁଆଟି ୯୦ ପ୍ରତିଶତ ବାହାରକୁ ବାହାରି ଆସିଥିବା ବେଳେ ୧୦ ପ୍ରତିଶତ ମା' ପେଟରେ ରହିଥିବା ଦେଖିବାକୁ ମିଳିଛି । ଛୁଆ ମଧ୍ୟ ମୃତ୍ୟୁବରଣ କରିଛି । ସେହିପରି ୪୦ କେଜି ଓଜନର ଡଲଫିନ ପଡ଼ି ଯାଇଥିବା ବେଳେ ଦେହରେ କ୍ଷତ ଚିହ୍ନ ରହିଛି । ଡଲଫିନଗୁଡ଼ିକ ଟ୍ରଲର ମାଡରେ ମୃତ୍ୟୁବରଣ କରିବା ପରେ ଜୁଆରରେ ଭାସି ଆସି ପେଣ୍ଠ ବେଳାଭୂମିରେ ଲାଗିଛି। ସୂଚନାଯୋଗ୍ୟ, ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ କଇଁଛ ପ୍ରଜନନ ଋତୁ ପାଇଁ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ଏଭଳି ଘଟଣା ପରିବେଶବିତ୍‌ମାନଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି।

ପ୍ରଥମ ପୃଷ୍ଠାରୁ...

## ୨ ଡ୍ରାଇଭର...

■ ଗ୍ୟାସ୍ ଲିକ୍ ଯୋଗୁ ଲୋକେ ଆତଙ୍କିତ
■ ୭ ଘଣ୍ଟା ଧରି ଗାଡିମୋଟର ଚଳାଚଳ ବନ୍ଦ
■ ନିଦ ଆସିବାରୁ ଦୁର୍ଘଟଣା ଆଶଙ୍କା
■ ଗାଡି କ୍ୟାବିନରେ ଷ୍ଟୋଭ୍, ଗ୍ୟାସ୍ ଥିବା ସନ୍ଦେହ
■ ସିଲିଣ୍ଡର ବିସ୍ଫୋରଣରୁ ନିଆଁ ଧରିଥିବା ଅନୁମାନ

ଗ୍ୟାସ୍ ଟ୍ୟାଙ୍କର ଚାଳକ ହେଲେ ପୁରୀ ଜିଲା ନିମାପଡା ଥାନା ଅଧୀନ ରେଙ୍ଗାଳ ଗ୍ରାମର ଶ୍ୟାମସୁନ୍ଦର ପାଣି (୪୫)। ସେହିପରି ଲୁହାପଥର ବୋଝେଇ ଟ୍ରକ୍‌ର ଚାଳକଙ୍କ ଘର ହେଉଛି ଝାଡ଼ଖଣ୍ଡରେ। କ୍ରେନ୍ ଯୋଗେ ଦୁଇ ଗାଡିକୁ ଅଲଗା ଅଲଗା କରାଯିବା ପରେ କ୍ୟାବିନରେ ଚାପି ହୋଇ ରହିଯାଇଥିବା ୨ ଡ୍ରାଇଭରଙ୍କ ଦଗ୍ଧ ମୃତଦେହକୁ ଉଦ୍ଧାର କରାଯାଇଥିଲା। ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍‌ସାରର ଫ୍ରିଜରରେ ମୃତଦେହ ରଖାଯାଇଛି। ଖବର ପାଇ ଉଭୟ ଡ୍ରାଇଭରଙ୍କ ପରିବାର ସଦସ୍ୟ ପହଞ୍ଚିଛନ୍ତି। ଏ ନେଇ ୧୭୨/୧୯ରେ ଏକ ମାମଲା ରୁଜୁକରି ଘଟଣା ତଦନ୍ତ କରୁଛି। ଦୁଇ ଗାଡିକୁ ମଧ୍ୟ ପୋଲିସ ଜବତ କରିଛି। ଏହି ଦୁର୍ଘଟଣା ଯୋଗୁ ପ୍ରାୟ ୭ ଘଣ୍ଟା ଧରି ଗାଡିମୋଟର ଚଳାଚଳ ପ୍ରଭାବିତ ହୋଇଥିଲା। ଗାଡି ଚଳାଇବା ବେଳେ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷେ ବାଟରେ ରୋଷେଇ କରି ଖାଇବାକୁ ଗାଡି କ୍ୟାବିନରେ ଡ୍ରାଇଭରମାନେ ଷ୍ଟୋଭ୍ ଓ ଛୋଟ୍ ଗ୍ୟାସ୍ ସିଲିଣ୍ଡର ରଖିଥାନ୍ତି। ଦୁର୍ଘଟଣା ପରେ ତାହା ବିସ୍ଫୋରଣ ଘଟି ନିଆଁ ବ୍ୟାପିଯାଇଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ଖବର ପାଇ ଯୁଯୁମୁରା ପୋଲିସ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ଘଟଣାସ୍ଥଳଠାରୁ ମାତ୍ର ଅଧ କି.ମି. ଦୂରରେ ଥିବା ଯୁଯୁମୁରା ଦମକଳ କେନ୍ଦ୍ରରୁ ତୁରନ୍ତ ଦମକଳ ସହ କର୍ମଚାରୀ ପହଞ୍ଚିଥିଲେ। ପରେ ସମ୍ବଲପୁର, ମାନେଶ୍ୱର, ରେଢ଼ାଖୋଲରୁ ଦମକଳ ଗାଡି ପହଞ୍ଚିଥିଲା। ୨ ଘଣ୍ଟା ପରିଶ୍ରମ କରି ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇ ଥିଲେ। ହେଲେ ନିଆଁ ଏଭଳି ଭାବେ ବ୍ୟାପିଥିଲା ଯେ ଆୟତ୍ତ କରିବା ପୂର୍ବରୁ ହିଁ ଦୁଇ ଡ୍ରାଇଭର ଜଳି ଯାଇଥିଲେ। ପୂର୍ବାହ୍ନ ୯ରେ ଗ୍ୟାସ୍ ଲିକ୍ ହେବା ନେଇ ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ରାସ୍ତା ଶୁନ୍‌ଶାନ୍ ହୋଇଯାଇଥିଲା। ଗ୍ୟାସ୍ କମ୍ପାନୀର ଜଣେ ଅଧିକାରୀ ପହଞ୍ଚି ଲିକ୍ ହେଉଥିବା ସ୍ଥାନରେ ସାମାନ୍ୟ ମରାମତି କରି ଲିକ୍ ପରିମାଣକୁ କମାଇ ଦେଇଥିଲେ। ପରେ ଝାରସୁଗୁଡାରୁ ତୈଳ କମ୍ପାନୀର ବିଶେଷଜ୍ଞ ଦଳ ପହଞ୍ଚି ଗ୍ୟାସ୍ ଲିକ୍‌କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେଇଥିଲେ। ଅନ୍ୟ ଏକ ଟ୍ୟାଙ୍କରରେ ଗ୍ୟାସ୍ ରିଫିଲ କରି ନେବା ପାଇଁ ବ୍ୟବସ୍ଥା କରାଯାଇଛି। ଟ୍ରକରୁ ଲୁହାପଥର ମଧ୍ୟ ଖାଲି କରାଯାଇଛି।

# ବୀଭତ୍ସ ହତ୍ୟା ପଛରେ ଛଳ ପ୍ରେମ

**ଅପରାଧ ଘଟାଇବା ପରେ ଅପରାଧୀ ଆଇନ ଆଖିରୁ ଖସିଯିବା ପାଇଁ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରେ। ହେଲେ କୌଣସି ନା କୌଣସି ସ୍ଥାନରେ ସେ ତା'ର ଅପରାଧର ପ୍ରମାଣ ଛାଡ଼ି ଦେଇଥାଏ। ଠିକଣା ଢଙ୍ଗରେ ତଦନ୍ତ ହେଲେ ପୋଲିସ ଅପରାଧୀ ନିକଟରେ ପହଞ୍ଚିବାରେ ସକ୍ଷମ ହୁଏ, ଯାହାର ଏକ ଉଦାହରଣ ହେଉଛି ଜଗତପୁର ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ । ଏହି ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ଯେଉଁ ଅନୁଭୂତି ମିଳିଛି ତାହା ଅପାସୋରା ହୋଇରହିବ ବୋଲି କହିଛନ୍ତି ଶହୀଦନଗର ଥାନାଧିକାରୀ ବିରଞ୍ଚି ନାରାରଣ ପତି।**

■ ବିରୂପା ନଦୀ କୂଳରେ ପ୍ରେମିକ ଗଳା କାଟି ହତ୍ୟା କରିଥିଲେ
■ ମୋବାଇଲ୍ ଫୋନ ନମ୍ବରରୁ ମିଳିଥିଲା ଅଭିଯୁକ୍ତଙ୍କ ସୂଚନା

ଥାନା ଅଧିକାରୀଙ୍କ ଅନୁଭୂତି

ଉକ୍ତ ଘଟଣା ସମ୍ପର୍କରେ ଥାନାଧିକାରୀ ପତି କୁହନ୍ତି, ୨୦୧୮ ଜୁଲାଇ ୧୧ ରାତି ପ୍ରାୟ ୯ଟାରେ ଜଗତପୁର ଥାନା ଆଠମାଣିଆସ୍ଥିତ ବିରୂପା ନଦୀ କୂଳରୁ ଜଣେ ମହିଳାଙ୍କ ଗଳିତ ମୃତଦେହକୁ ଜବତ କରାଗଲା । ସେ ସମୟରେ ମୁଁ ସେଠାରେ ଥାନାଧିକାରୀ ଥିଲି। ମହିଳାଙ୍କୁ ଅତି ବୀଭତ୍ସଭାବେ ଗଳା କାଟି ହତ୍ୟା କରାଯାଇ ନଦୀକୂଳରେ ଫିଙ୍ଗି ଦିଆଯାଇଥିଲା। ମୃତଦେହ ପାଣିରେ ଫୁଲି ଯାଇଥିବାରୁ ମହିଳାଙ୍କୁ ଚିହ୍ନଟ କରିବା କଷ୍ଟକର ଥିଲା। ଏନେଇ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ କେସ୍ ନଂ-୧୮୬/୧୮ ରୁଜୁ କରି ତଦନ୍ତ କରୁଥିଲା। ମୃତକଙ୍କ ପରିଚୟ ଜାଣିବା ପାଇଁ ବିଭିନ୍ନ ଥାନାକୁ ଫଟୋ ପଠାଯିବା ସହ ମିସିଂ ରିପୋର୍ଟ ଯାଞ୍ଚ କରାଯାଇଥିଲା। ହତ୍ୟାକାଣ୍ଡର ୧୫ ଦିନ ପରେ ବି ମହିଳାଙ୍କ ପରିଚୟ ମିଳିପାରି ନ ଥିଲା। ହଠାତ୍ ମାହାଙ୍ଗା ଥାନାରୁ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ରାଣୀ(ଛଦ୍ମନାମ)ଙ୍କ ନିଖୋଜ ଖବର ଆସିଥିଲା। ଜୁଲାଇ ୯ରେ ଜଗତ୍‌ପୁର ଯାଉଥିବା କହି ରାଣୀ ଘରୁ ବାହାରିଥିଲେ। କିନ୍ତୁ ସେ ଆଉ ଘରକୁ ଫେରି ନ ଥିଲେ। ୧୫ ଦିନରୁ ଊର୍ଦ୍ଧ୍ୱ ହୋଇଯାଇଥିବାରୁ ପୋଲିସ ମୃତଦେହକୁ ପୋଡ଼ି ସାରିଥିଲା। କେବଳ ଚିହ୍ନଟ ପାଇଁ ମହିଳାଙ୍କ ଶାଢ଼ି, ଗହଣା ଓ ଚୁଡ଼ି ରଖିଥିଲା। ରାଣୀଙ୍କ ଭଉଣୀଙ୍କୁ ପୋଲିସ ଉକ୍ତ ଗହଣା ଓ ଶାଢ଼ି ଦେଖାଇବା ପରେ ମୃତକ ଜଣକ ରାଣୀ ବୋଲି ସ୍ପଷ୍ଟ ହେଲା। କିନ୍ତୁ ପରିଚୟ ଜାଣିବାଠାରୁ ଅଧିକ ଚ୍ୟାଲେଞ୍ଜ ଥିଲା ଅଭିଯୁକ୍ତଙ୍କୁ ଗିରଫ କରିବା। ରାଣୀଙ୍କ ମୋବାଇଲ ଫୋନ ସିଡିଆର(କଲ୍ ଡିଟେଲ ରିପୋର୍ଟ) ଯାଞ୍ଚ କରାଯାଇଥିଲା। ରାଣୀ ୫ଟି ଫୋନ୍ ନମ୍ବରରେ ସବୁଦିନ କଥା ହେଉଥିଲେ। ସେହି ୫ଟି ନମ୍ବରକୁ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ, ସେଥିରୁ ଗୋଟିଏ ହତ୍ୟାକାଣ୍ଡ ପରଠୁ ବନ୍ଦ ଥିଲା। ତେଣୁ ସେହି ନମ୍ବର ଉପରେ ସନ୍ଦେହ କରାଯାଇ ତାହାର ବ୍ୟବହାରକାରୀଙ୍କୁ ଖୋଜାଯାଇଥିଲା। କିନ୍ତୁ ଉକ୍ତ


ବିରଞ୍ଚି ନାରାରଣ ପତି

ନମ୍ବରର କାଗଜପତ୍ର ଜାଲ ଥିଲା। ତେଣୁ ଉକ୍ତ ନମ୍ବର ସହ ଯୋଗାଯୋଗରେ ଥିବା ଆଉ କେତେକ ଫୋନ ନମ୍ବରକୁ ଯାଞ୍ଚ କରାଯିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଯାଇଥିଲା। ସେ ଥିଲେ ସୁରେନ୍ଦ୍ର ବେହେରା(୪୦) ନାମକ ଜଣେ ରାଜମିସ୍ତ୍ରି। ହେଲେ ସେ କେଉଁଠି ରହୁଛନ୍ତି ତାହା ଜଣାପଡ଼ି ନ ଥିଲା। ତେଣୁ ସୁରେନ୍ଦ୍ରଙ୍କ ସହ କାମ କରୁଥିବା ସମସ୍ତ ରାଜମିସ୍ତ୍ରିଙ୍କୁ ଖବର ଦେବାକୁ କୁହାଯାଇଥିଲା। ହଠାତ୍ ଜଣେ ବ୍ୟକ୍ତି ଫୋନ କରି ଜଣାଇଥିଲେ ଯେ, ସୁରେନ୍ଦ୍ର ବାଇକ ଯୋଗେ ଶିଖରପୁର ଛକ ଦେଇ ଜଗତପୁର ଅଭିମୁଖେ ଯାଉଛନ୍ତି। କିନ୍ତୁ ଫକୀରପୁର ପଣ୍ଡାସାହିରେ ସେ କେଉଁଆଡ଼େ ପଳାଇଥିଲେ ଜଣାପଡ଼ି ନ ଥିଲା। କିନ୍ତୁ ସୁରେନ୍ଦ୍ର ସେହି ଅଞ୍ଚଳରେ ରହୁଥିବା ଆମେ ସ୍ପଷ୍ଟ ହୋଇଯାଇଥିଲୁ। ତା' ପରଦିନ ଆମ ପୋଲିସ କର୍ମଚାରୀ ସୁରେନ୍ଦ୍ରଙ୍କ ଫଟୋ ଧରି ପଣ୍ଡାସାହିର ଘରକୁ ଘର ବୁଲି ପଚାରିଥିଲେ। ଫଳରେ ସୁରେନ୍ଦ୍ର ରହୁଥିବା ଘର ମିଳିଯାଇଥିଲେ ମଧ୍ୟ ଦୁଇ ଦିନ ପୂର୍ବରୁ ସେ ସେଠାରୁ ପଳାଇଥିଲେ। ଜଣେ ମହିଳାଙ୍କୁ ଘରକୁ ଆଣି ଅନୈତିକ ସମ୍ପର୍କ ରଖୁଥିବାରୁ ଘର ମାଲିକ ତାଙ୍କୁ ବାହାର କରି ଦେଇଥିଲେ। ଏହାପରେ ଗୋଟିଏ ଦିନ ସୁରେନ୍ଦ୍ର ତାଙ୍କର ଜଣେ ପୁରୁଣା ମିସ୍ତ୍ରିଙ୍କୁ ଫୋନ୍ କରି ଭୁବନେଶ୍ୱରରେ ଏକ ଘର କାମ ମିଳିଛି ବୋଲି କହିଲେ। ଉକ୍ତ ମିସ୍ତ୍ରି ଜଣକ ତୁରନ୍ତ ଆମକୁ ଫୋନ୍ କରି ଜଣାଇଥିଲେ। ଆମ କହିବା ଅନୁସାରେ ଉକ୍ତ ମିସ୍ତ୍ରି ଜଣକ ସୁରେନ୍ଦ୍ରଙ୍କୁ ଜଗତପୁର ଗୋଲେଇ ଛକ ନିକଟକୁ ଡାକିଥିଲେ। ସେପ୍ଟେମ୍ବର ୮ରେ ସୁରେନ୍ଦ୍ର ଉକ୍ତ ଛକକୁ ଆସିବା ପରେ ପୂର୍ବରୁ ଛକି ରହିଥିବା ଆମ ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ।

ସୁରେନ୍ଦ୍ର ପୋଲିସକୁ ହତ୍ୟାକାଣ୍ଡର କାରଣ କହିଥିଲେ। ସେ ରାଣୀଙ୍କ ଭାଇଙ୍କ ଇନ୍ଦିରାଆବାସ କାମ କରିବା ସମୟରେ ତାଙ୍କ ସହିତ ପରିଚିତ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ସୁରେନ୍ଦ୍ରଙ୍କ ପାଇଁ ତାହା ଥିଲା ଛଳ ପ୍ରେମ। ସେ ଟାଇମ୍ ପାସ ପାଇଁ ରାଣୀଙ୍କୁ ଭଲ ପାଉଥିଲେ। କିନ୍ତୁ ରାଣୀ ବାହାହେବାକୁ ସୁରେନ୍ଦ୍ରଙ୍କ ଉପରେ ଚାପ ପକାଇଥିଲେ। ବାହା ନ ହେଲେ ଗାଁରେ ହୋହଲ୍ଲା କରିବେ ଧମକ ଦେଇଥିଲେ। ତେଣୁ ରାଣୀଙ୍କୁ ହତ୍ୟା କରିବାକୁ ସୁରେନ୍ଦ୍ର ଯୋଜନା କରିଥିଲେ। ତଦନୁଯାୟୀ ବାହା ହେବା ପାଇଁ ରାଣୀଙ୍କୁ ଜୁଲାଇ ୯ରେ ଜଗତ୍‌ପୁରକୁ ଡାକିଥିଲେ। ରାଣୀ ଜଗତପୁରରେ ପହଞ୍ଚିବା ପରେ କିଛି କାମ ଥିବା ଦର୍ଶାଇ ସୁରେନ୍ଦ୍ର ତାଙ୍କୁ ବାଇକରେ ବସାଇ ବିରୂପା ନଦୀ ଅଭିମୁଖେ ଯାଇଥିଲେ। ସାଙ୍ଗରେ ସୁରେନ୍ଦ୍ରଙ୍କ ଜଣେ ସହଯୋଗୀ ମଧ୍ୟ ଥିଲେ। କିନ୍ତୁ ନଦୀ କୂଳରେ ପହଞ୍ଚିବା ପରେ ସୁରେନ୍ଦ୍ର ଶୌଚ ପାଇଁ ଯିବାକୁ କହିଥିଲେ। ଏହାସହ ବିଳମ୍ବ ଘଟିବ ବୋଲି କହି ସାଙ୍ଗରେ ଥିବା ସହଯୋଗୀଙ୍କୁ ସେଠାରୁ ପଠାଇ ଦେଇଥିଲେ। ଏହାପରେ ସେ ରାଣୀଙ୍କୁ ନଦୀ ପାଖକୁ ଡାକି ନେଇ ଏକ ଛୁରିରେ ତାଙ୍କ ଗଳା କାଟି ଦେଇଥିବା ସେ ପୋଲିସ ଆଗରେ ସ୍ୱୀକାର କରିଥିଲେ।

-ରିପୋର୍ଟ: ତ୍ରିନାଥ ମହାନ୍ତି, ଭୁବନେଶ୍ୱର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱଗୃହୀ ଚନ୍ଦ୍ରଙ୍କ ପ୍ରଭାବରେ ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମ, ପାର୍ଟିପିକ୍‌ନିକ୍ କ୍ଷେତ୍ରରୁ ଆନନ୍ଦ ପାଇପାରନ୍ତି। ସାମାଜିକ ସ୍ତରରେ କର୍ତ୍ତବ୍ୟନିଷ୍ଠା, ସହଯୋଗ ମନୋବୃତ୍ତିଜନିତ ପରୋକ୍ଷ ପ୍ରଶଂସା ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରିଯିବ ଏବଂ ସଭାସମିତି କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ** ଆଜି ସ୍ୱାଦିଷ୍ଟ ଭୋଜନ, ଶ୍ରୁତି ମଧୁର କଥା, ଆତ୍ମୀୟମାନଙ୍କ ସହାନୁଭୂତି ପାଇ ଖୁସୀ ହେବେ। ଅଟକି ରହିଥିବା କାମଗୁଡିକ ସମ୍ପନ୍ନ କରିବା ସକାଶେ ଆଗଭର ହୋଇପାରନ୍ତି। କିନ୍ତୁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଅପମାନ ସୂଚକ ମନ୍ତବ୍ୟ ଦେବାର ଆଶଙ୍କା ରହିଛି । ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ମିଥୁନ** ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ବୈଷୟିକ ସୁଖ,ସମୃଦ୍ଧି ଅଭିବୃଦ୍ଧିରେ ସହାୟକ ହେବ। ଖୋଜୁଥିବା ଜିନିଷ ପାଇବେ। କେତେକ କ୍ଷେତ୍ରରେ ଯେତିକି ଅର୍ଥ ପାଇବେ ପ୍ରତିଦାନରେ ତାହାଠାରୁ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିପାରେ। ଅନ୍ୟମାନଙ୍କ କଥାରେ ଭାସିଯାଇ ଯେଉଁ କାମ କରିବେ ପରେ ସେଥି ସକାଶେ ଅନୁତାପ କରିବାକୁ ପଡିବାର ଆଶଙ୍କା ରହିଛି ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ଶାନ୍ତି ହରାଇପାରନ୍ତି। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ନିଜ ଲୋକଙ୍କ ସକାଶେ ଯେତେ ପ୍ରକାରର ଉତ୍ସର୍ଗୀକୃତ କାମ କଲେ ମଧ୍ୟ ପ୍ରଶଂସା ମିଳିବ ନାହିଁ। ବ୍ୟବସାୟ ଓ ପରିବହନରେ ଭାଗୀଦାରଙ୍କ ତରଫରୁ କୌଣସି ଅଭିଯୋଗ ଆସିପାରେ।

**ସିଂହ** ଆଜିର ଅନୁକୂଳ ଗ୍ରହସ୍ଥିତି କାରଣରୁ ଯେଉଁ କାମରେ ହାତ ଦେବେ ସେଥିରେ ଅବଶ୍ୟ ସଫଳତା ପାଇବେ। କିନ୍ତୁ ପରିସ୍ଥିତିବଶତଃ ଉପରିସ୍ଥଙ୍କ ଆଦେଶାନୁସାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବାକୁ ପଡ଼ିପାରେ । ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହୋଇଯିବାର ସମ୍ଭାବନା ରହିଛି।

**କନ୍ୟା** କର୍ମୋନ୍ନତି, ଆର୍ଥିକ ପ୍ରଗତି, ସାମାଜିକ ସ୍ୱୀକୃତି, ପରିବାରରେ ଆନନ୍ଦମୟ ପରିବେଶର ଉପସ୍ଥିତି ରହିବ। ମାତ୍ର ଏହା ସଙ୍ଗକୁ ବ୍ୟୟବୃଦ୍ଧି,ପରୋକ୍ଷ ଶତ୍ରୁତା,ଆତ୍ମୀୟଙ୍କ କଳୁଷିତ ଦୃଷ୍ଟିରୁ ବାଦ୍ ଯାଇପାରିବେ ନାହିଁ। ଆଗୁଆ ନହୋଇ ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ । ରୋଗୀଣା ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବ।

**ତୁଳା** କାର୍ଯ୍ୟକ୍ଷେତ୍ରରେ ଶିଥିଳତା କିମ୍ବା ନିରୁତ୍ସାହିତ ଅନୁଭବ କରିବେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତିଅନୁଭବ କରିପାରନ୍ତି। ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇପାରିବେ, କିନ୍ତୁ ମାନସିକ ପରିତୃପ୍ତି ପୂର୍ଣ୍ଣତଃ ମିଳିବ ନାହିଁ। ମାଲିମକଦ୍ଦମା, ଜମିଜମା, ବାଣିଜ୍ୟ, ବ୍ୟବସାୟ, ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ହୋଇପାରେ।

**ବିଛା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ମାନସିକ ଅସ୍ଥିରତା ସୃଷ୍ଟି କଲେ ମଧ୍ୟ ଅର୍ଥନୈତିକ ଉତ୍କର୍ଷତା ସାମୟିକ ପରିତୃପ୍ତି ପ୍ରଦାନ କରିବ। ପାରିବାରିକ କ୍ଷେତ୍ରରେ ନୂଆ ନୂଆ କାମ ଆରମ୍ଭ କରିବାର ଯୋଜନା ବନେଇ ପାରି । କଳା,ସାହିତ୍ୟ,ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ ଏବଂ ସାଙ୍ଗଠନିକ କାଯର୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** କୌଣସି ବନ୍ଧୁଙ୍କର ଅନୁପସ୍ଥିତି ମନରେ ଗଭୀର ଭାବାବେଗ ସୃଷ୍ଟି କରିବ। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡ଼ିବା ସକାଶେ ଚେଷ୍ଟା କରି କିଛି ଲାଭ ପାଇବେ ନାହିଁ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିପାରନ୍ତି। ପାରସ୍ପରିକ ତାଳମେଳ ଅଭାବରୁ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ଦେଖା ଦେଇପାରେ।

**ମକର** ପାରିବାରିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ ତକଲିଫ ସହିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହେବାର ସୂଚନା ରହିଛି ।

**କୁମ୍ଭ** ଆପଣଙ୍କୁ କୌଣସି ଦୁଃସାହସିକ କାମ ସକାଶେ ପ୍ରେରଣା ଯୋଗାଇ ସମସ୍ୟା ଭିତରକୁ ଟାଣି ନେଇପାରେ। ଏହି ପରିପ୍ରେକ୍ଷୀରେ ଆପଣ ସଂଯମ ରକ୍ଷା ନକଲେ ବିବାଦରେ ଲିପ୍ତ ରହିପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଥିରେ ଆନ୍ତରିକତା ରହିବନାହିଁ ।

**ମୀନ** ଆଜି ଯେତେ ପ୍ରକାର ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ମାତ୍ର ଶତ୍ରୁକ୍ଷେତ୍ରସ୍ଥ ମନର ପ୍ରତୀକ ଗ୍ରହ ମାନସିକ କ୍ଷେତ୍ରକୁ ଅଶାନ୍ତ କରିପାରନ୍ତି। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ପରାମର୍ଶରେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ।

ଆଜି ମାସାନ୍ତ, ପୌଷ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର, ଡିସେମ୍ବର ୧୫ ତାରିଖ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୦ମି. ଗତେ ଘ୯।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୧୦।୨୦ମି. ଗତେ ଘ୧୧।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୩।୪୪ମି. ଗତେ ଘ୫।୦୫ମି. ମଧ୍ୟେ ରାହୁକାଳ।



## ଜିଲା ଚିଠି
### ସୁବର୍ଣ୍ଣପୁର

# ଧଳାସୁନା ମଣ୍ଡି

କୃଷିଭିତ୍ତିକ ସୁବର୍ଣ୍ଣପୁର ଜିଲାରେ ଚାଷୀ ସବୁବେଳେ ଅଭାବୀ ବିକ୍ରି ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇଆସୁଛି। ଧାନ ହେଉ ଅବା ପନିପରିବା କିମ୍ବା ଧଳାସୁନା କୁହାଯାଉଥିବା କପା ଫସଲ କରି ଚାଷୀ କ୍ଷତି ସହୁଛି। ଜିଲାରେ ଚଳିତ ବର୍ଷ ସାଢେ ୪ ହଜାର ହେକ୍ଟର ଜମିରେ କପାଚାଷ ହୋଇଥିଲା। ଅଣଜଳସେଚିତ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକରେ ଚାଷୀ କପା ଅମଳ କରି ବିକ୍ରି ଅପେକ୍ଷାରେ ଅଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଜିଲାରେ କପା ମଣ୍ଡି ଖୋଲିନାହିଁ । ବିକ୍ରିବଟାର ସୁବିଧା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏଥିପାଇଁ ଚାଷୀମାନେ ଭାରତୀୟ କପା ନିଗମର ଅସହଯୋଗକୁ ଦାୟୀ କରିଛନ୍ତି। ଗତବର୍ଷ ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ବଡଖମାରଠାରେ ମଣ୍ଡି ଖୋଲିଥିଲା। ଉଭୟ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର କପାଚାଷୀ ଉପକୃତ ହୋଇଥିଲେ। ଚଳିତବର୍ଷ କପା ମଣ୍ଡି ଖୋଲିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ମଣ୍ଡି ଉଦ୍‌ଘାଟନ ମଧ୍ୟ ହେଲା। ମାତ୍ର ମିଲର୍ସ ନ ଆସିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର କଳାମାଟି କପାଚାଷ ପାଇଁ ସର୍ବୋତ୍କୃଷ୍ଟ। ଏଠାରେ ଉନ୍ନତ ଧରଣର ଅଧିକ କପା ଉତ୍ପାଦନ ହୋଇଥାଏ। ଅଞ୍ଚଳରେ ଶତାଧିକ ବୁଣାକାର ପରିବାର ଥିବାରୁ ରାଜ୍ୟ ସରକାର ୮୦ ଦଶକରେ ଏଠାରେ ସ୍ପିନିଂ ମିଲ ପ୍ରତିଷ୍ଠା କରିଥିଲେ। ଲକ୍ଷ୍ୟ ଥିଲା ଚାଷୀ କପା ବିକ୍ରି କରି ଉଚିତ ପ୍ରାପ୍ୟ ପାଇବେ। ଏହି ସ୍ପିନିଂ ମିଲ୍ କିନ୍ତୁ ବର୍ତ୍ତମାନ ସ୍ଥାନୀୟ କପା ଚାଷୀଙ୍କ ସ୍ୱାର୍ଥରେ ଆସୁନାହିଁ। ଏହା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ମିଲ ଏଠାରୁ କପା କ୍ରୟ ନ କରି ବାହାରୁ କମ୍ ମୂଲ୍ୟରେ କପା କିଣୁଛି। ସ୍ପିନିଂ ମିଲକୁ ବେସରକାରୀ ହାତକୁ ଟେକିଦେବା ପରେ ପ୍ରଶାସନ ଏହା ଉପରେ ନିଜର ନିୟନ୍ତ୍ରଣ ହରାଇଛି। ମିଲ କର୍ତ୍ତୃପକ୍ଷ ମନମାନି କରୁଛନ୍ତି। ଜିଲାରେ ଅର୍ଥକରୀ ଫସଲ କପା ଚାଷ ଦିନକୁ ଦିନ ବୃଦ୍ଧି ପାଉଛି। କୋଟି କୋଟି ଟଙ୍କାର କପା ଉତ୍ପାଦନ ହେଉଛି। କିନ୍ତୁ ବିକ୍ରି ସୁବିଧା ନ ହେବାରୁ ଚାଷୀ କ୍ଷତି ସହୁଛି। କପା ମଣ୍ଡି ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶକ କୃଷି ବିପଣନଙ୍କୁ ଚିଠି ଲେଖିଥିଲେ। କୃଷି ବିଭାଗ ଭାରତୀୟ କପା ନିଗମକୁ ଚିଠି ଲେଖି ତା'ର ଦାୟିତ୍ୱ ସାରିଛି। ଏହି ପରିସ୍ଥିତିରେ ପରିଶ୍ରମ କରି ଅମଳ କରିଥିବା ଧଳାସୁନାକୁ ଚାଷୀ କାହାକୁ ବିକ୍ରି କରିବ ବୁଦ୍ଧି ପାଉନି।

**– ମୃତ୍ୟୁଞ୍ଜୟ ଶତପଥୀ**

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)– ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।




ବ୍ରହ୍ମପୁର ସ୍ପେଶାଲ: ଭେଜ୍ ଚକୁଳି

ଦେଖନ୍ତୁ ଭିଡିଓ

YouTube /dharitrilive

# ନମାମି ଗଙ୍ଗେ ପ୍ରକଳ୍ପର ସମୀକ୍ଷା କଲେ ମୋଦି

କାନପୁର,୧୪।୧୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାତୀୟ ଗଙ୍ଗା ପରିଷଦ ବୈଠକରେ ପ୍ରଥମ ଥର ଲାଗି ଅଧକ୍ଷତା କରି ନମାମି ଗଙ୍ଗେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାନପୁରର ଚକେରି ବିମାନବନ୍ଦରରେ ପହଞ୍ଚିବା ପରେ ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅନ୍ୟମାନେ ପାଛୋଟି ନେଇଥିଲେ। ପରେ ଚନ୍ଦ୍ରଶେଖର ଆଜାଦ୍ କୃଷି ବିଶ୍ୱବିଦ୍ୟାଳୟରେ ପରିଷଦର ବୈଠକରେ ସେ ଯୋଗଦେଇଥିଲେ। ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର, ଗଜେନ୍ଦ୍ର ସିଂ ଶେଖାୱତ୍, ଡ. ହର୍ଷବର୍ଦ୍ଧନ, ଆର୍.କେ. ସିଂ, ପ୍ରହ୍ଲାଦ ପଟେଲ, ମନ୍‌ସୁଖ୍ ମାଣ୍ଡବୀୟ, ହର୍‌ଦୀପ ସିଂ ପୁରୀ ପ୍ରମୁଖଙ୍କ ସହ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ମଧ ଯୋଗଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ, ଗଙ୍ଗା ସଫେଇ ଓ ସୁସ୍ଥ ପରିବେଶ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହା ପରେ ନମାମି ଗଙ୍ଗେ ମିଶନ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ବୁଲି ଦେଖିଥିଲେ। ଗଙ୍ଗା ବ୍ୟାରେଜ୍ ନିକଟ ଅଟଳ ଘାଟକୁ ମଧ ସେ ପରିଦର୍ଶନ କରିଥିଲେ।


Book for Marriage
@1.5 Lakh package




* 7000 sqft. Marriage hall
* 25000 sqft. Lawn
* 8 nos. Room

**THE WELCOME RESORT**
At- Majhipali, Sason, Sambalpur
Mob:- 9937000050, 7008987076



# ଭାରତୀୟ ରିଜର୍ଭ ବ୍ୟାଙ୍କ
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନିୟନ୍ତ୍ରିତ ହେଉଥିବା କୌଣସି ସଂସ୍ଥା କିମ୍ବା ନିଜର ବିଭାଗ ବିରୁଦ୍ଧରେ ଅଭିଯୋଗର ନିରାକରଣ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦେଶସାରା ନିଜର କାର୍ଯ୍ୟାଳୟରେ ଅଭିଯୋଗର ନିରାକରଣ ପାଇଁ ବିଭିନ୍ନ ମାଧ୍ୟମ ସ୍ଥାପନ କରିଅଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ଯଥା: ବାଣିଜ୍ୟିକ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (ଭାରତୀୟ ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୪୫-IA ଅନୁଯାୟୀ ପଞ୍ଜୀକୃତ) ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାମାନଙ୍କର ଡ଼ିଜିଟାଲ୍ ନେଣ ଦେଣ (ପେମେଣ୍ଟ ସେଟଲମେଣ୍ଟ ଆଇନ ୨୦୦୭ ଅଧୀନସ୍ଥ) ଜମା ବୀମା ଓ ଋଣ ନିକ୍ଷେପ ନିଗମ କିମ୍ବା ନିଜର କୌଣସି ବିଭାଗ ବିରୁଦ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ସେବା ଅବହେଳା ଜନିତ ଅଭିଯୋଗ ଥାଏ ତେବେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଓଡ଼ିଶା କ୍ଷେତ୍ର ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ତାଙ୍କ ଅଭିଯୋଗ ପୂର୍ଣ୍ଣ ବିବରଣୀ ଏବଂ ସମର୍ଥିତ କାଗଜପତ୍ର ସହିତ ଦାଖଲ କରିପାରିବେ।

**୧. ବ୍ୟାଙ୍କ ଲୋକପାଳ, ଯୋଜନା 2006 (BO Scheme, 2006)**

ବ୍ୟାଙ୍କ ଲୋକପାଳ ଯୋଜନା, 2006 ରେ ଧାରା ୮ ନିର୍ଦ୍ଦିଷ୍ଟ ଅଭିଯୋଗର ନିରାକରଣ।

ଜଣେ ଅଭିଯୋଗକାରୀ ଅନ୍‌ଲାଇନ କମ୍ପ୍ଲେଟ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (CMS) ମାଧ୍ୟମରେ https://www.rbi.org.in>>lodge complaintରେ ଯାଇ ଅଭିଯୋଗ ଦାଖଲ କରିପାରିବେ।

ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା /କାହା ହାତରେ/e-mail-cms.bobhubaneswar@rbi.org.in ମାଧ୍ୟମରେ ମଧ ଦାଖଲ କରାଯାଇ ପାରିବ। **ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ କାର୍ଯ୍ୟାଳୟ,** ମାର୍ଫତ୍-ଭାରତୀୟ ରିଜର୍ଭ ବ୍ୟାଙ୍କ (ତୃତୀୟ ମହଲା), ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୧, ଟେଲିଫୋନ-୦୬୭୪-୨୩୯୬୨୦୭/୨୩୯୬୦୦୮, ଇ-ମେଲ୍-cms.bobhubaneswar@rbi.org.in

**୨. ଡ଼ିଜିଟାଲ୍ ନେଣଦେଣ ପାଇଁ ଲୋକପାଳ ଯୋଜନା (OSDT 2019)**

ପେମେଣ୍ଟ ସେଟଲ୍‌ମେଣ୍ଟ ଅଧିନୀୟମ, ୨୦୦୭ରେ ସୂଚୀତ ପଦ୍ଧତି ଭାଗୀଦାରୀ ଦ୍ୱାରା ପେମେଣ୍ଟ ନେଣ ଦେଣ ସେବାରେ ଅବହେଳା ଜନିତ ଅଭିଯୋଗର ନିରାକରଣ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ କିମ୍ବା e-mail: cms.odtbhubaneswar@rbi.org.in ମାଧ୍ୟମରେ ମଧ ଦାଖଲ କରିପାରିବେ।

**ଲୋକପାଳ, ଡ଼ିଜିଟାଲ୍ ନେଣଦେଣ (ଭୁବନେଶ୍ୱର)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଟେଲିଫୋନ୍ ନମ୍ବର-୦୬୭୪-୨୩୯୬୨୦୭/୨୩୯୬୦୦୮, ଇ-ମେଲ୍-cms.odtbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦

**୩. ଲୋକପାଳ ଯୋଜନା-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ (NBFC-O Scheme), 2018**

ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା ୨୦୧୮ର ଧାରା ୮ ଅନ୍ତର୍ଗତ (ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ) ବିରୁଦ୍ଧରେ ଅଭିଯୋଗର ନିରାକରଣ ପାଇଁ ସଂପୂର୍ଣ୍ଣ ତଥ୍ୟ ଏବଂ ସମର୍ଥିତ କାଗଜ ପତ୍ର ସହିତ ଅଭିଯୋଗକୁ ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା/କାହା ହାତରେ/e-mail: cms.nbfcokolkata@rbi.org.in ମାଧ୍ୟମରେ ଦାଖଲ କରାଯାଇ ପାରିବ।

**ଲୋକପାଳ-ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ (ପୂର୍ବ କ୍ଷେତ୍ର East Zone)**

ମାର୍ଫତ-ଭାରତୀୟ ରିଜର୍ଭ ବ୍ୟାଙ୍କ, ୧୫, ନେତାଜୀ ସୁବାଷ ରୋଡ୍, କୋଲକତା-୭୦୦୦୦୧, ଟେଲିଫୋନ ନମ୍ବର-୦୩୩-୨୩୩୦୪୯୮୨, ଫାକ୍ସ ନମ୍ବର-୦୩୩-୨୨୩୦୫୮୯୯, ଇ-ମେଲ୍-cms.nbfcokolkata@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୦ ଅପରାହ୍ନ-୫.୩୦

ଅଧିକ ସୂଚନା ପାଇଁ, ଦୟାପୂର୍ବକ ୱେବସାଇଟ୍ https://www.rbi.org.in>>lodge complaint ଦେଖନ୍ତୁ।

**ଭୁବନେଶ୍ୱରସ୍ଥିତ ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ କ୍ଷେତ୍ର ପରିସରରେ ଓଡ଼ିଶା ରାଜ୍ୟ ଅନ୍ତର୍ଭୁକ୍ତ।**

**ଟିପ୍ପଣୀ :** ବ୍ୟାଙ୍କ ଲୋକପାଳ ଯୋଜନା, ୨୦୦୬ କିମ୍ବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କଂପାନୀ ଲୋକପାଳ ଯୋଜନା, ୨୦୧୮ କିମ୍ବା ଡ଼ିଜିଟାଲ ନେଣ-ଦେଣ ଲୋକପାଳ ଯୋଜନା, ୨୦୧୯ ଅନ୍ତର୍ଗତ ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀ ଦୟାପୂର୍ବକ ଧ୍ୟାନ ଦିଅନ୍ତୁ ଯେ ନିଜ ଅଭିଯୋଗର ନିରାକରଣ ପାଇଁ ପ୍ରଥମେ ବ୍ୟାଙ୍କ ଶାଖା / ରିଜର୍ଭ ବ୍ୟାଙ୍କରେ ପଞ୍ଜିକୃତ ହୋଇ ଜମା ଗ୍ରହଣ କରୁଥିବା ଅଣବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ/ପଦ୍ଧତି ଅଂଶ ଗ୍ରହଣକାରୀଙ୍କ ସହ ସଂପର୍କ ସ୍ଥାପନ କରନ୍ତୁ। ଯଦି ସମ୍ବନ୍ଧିତ ବ୍ୟାଙ୍କ / ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ପଦ୍ଧତି ସହଭାଗୀ ଲୋକପାଳ ଯୋଜନା ଧାରା ୮ ଅନ୍ତର୍ଗତ ସେବା ଅବହେଳା ସଂପର୍କିତ ଅଭିଯୋଗର ନିରାକରଣ ୩୦ ଦିନ ଭିତରେ ନ'କରନ୍ତି କିମ୍ବା ଅଭିଯୋଗକାରୀ, ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ତା'ପରେ ଉତ୍ତର ପ୍ରାପ୍ତିର ଏକ ବର୍ଷ ମଧ୍ୟରେ କିମ୍ବା ଉତ୍ତର ପ୍ରାପ୍ତି ନ' ହୋଇଥିଲେ ଅଭିଯୋଗ ଦେଇଥିବା ତାରିଖ ଠାରୁ ଏକ ବର୍ଷ ଏକ ମାସ ମଧ୍ୟରେ ସଂପୃକ୍ତ ଲୋକପାଳଙ୍କୁ ଅଭିଯୋଗ କରିପାରିବେ।

**ଲୋକପାଳଙ୍କ ନିଷ୍ପତ୍ତିର ପୁନର୍ବିଚାର**

ବ୍ୟାଙ୍କ/ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କମ୍ପାନୀ/ଡ଼ିଜିଟାଲ୍ ନେଣଦେଣ ଲୋକପାଳଙ୍କ ନିଷ୍ପତ୍ତି ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ ଯଦି ଅଭିଯୋଗଟି ଏହି ଯୋଜନାରେ ସୂଚୀତ ପୁନର୍ବିଚାର ଯୋଗ୍ୟ ଅଭିଯୋଗ ହୋଇଥିବ। ଏହି ପୁନର୍ବିଚାର ଆବେଦନ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ନିଷ୍ପତ୍ତି ସୂଚନା ପ୍ରାପ୍ତିର ୩୦ ଦିନ ମଧ୍ୟରେ ପୁନର୍ବିଚାର ଅଧିକାରୀ, **ଭାରତୀୟ ରିଜର୍ଭ ବ୍ୟାଙ୍କ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ଅମର ବିଲ୍ଡିଂ ସାର୍ ପି ଏମ ରୋଡ୍, ପୋଷ୍ଟ ମୁମ୍ବାଇ-୪୦୦୦୦୧**ରେ ଦାଖଲ କରାଯାଇପାରିବ।

**୪. ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (CEPC)**

ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ସହାୟକ ମହାପ୍ରବନ୍ଧକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ-୭୫୧୦୦୧ ଭୁବନେଶ୍ୱର, ଟେଲିଫୋନ ନମ୍ବର-୦୬୭୪-୨୩୯୦୦୭୪, ଇ-ମେଲ୍-cms.cepcbhubaneswar@rbi.org.in, କାର୍ଯ୍ୟାଳୟ ସମୟ-ପୂର୍ବାହ୍ନ-୯.୩୫ ଅପରାହ୍ନ-୫.୨୦, ଅଧିକ ସୂଚନା ପାଇଁ ଦୟାପୂର୍ବକ https://www.rbi.org.in>>lodge complaint ନାମକ ୱେବସାଇଟ୍ ଦେଖନ୍ତୁ।

**୫. ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗ**

ସାଧାରଣବ୍ୟକ୍ତି ଜମାବୀମା ଓ ଋଣ ନିକ୍ଷେପ ନିଗମ ବିରୁଦ୍ଧରେ ଅଭିଯୋଗକୁ ନିମ୍ନୋକ୍ତ ଠିକଣା/ଇ-ମେଲ୍ ମାଧ୍ୟମରେ ଦାଖଲ କରିପାରିବେ।

**ଜମାବୀମା ଓ ଋଣ ନିକ୍ଷେପ ନିଗମ (DICGC)**

ଉପ ମହାପ୍ରବନ୍ଧକ, ଜମାବୀମା ଓ ଋଣ ନିକ୍ଷେପ ନିଗମ, ଅଭିଯୋଗ ନିରାକରଣ କକ୍ଷ, ଭାରତୀୟ ରିଜର୍ଭ ବ୍ୟାଙ୍କ ଭବନ, ୨ୟ ମହଲା, ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ ସମ୍ମୁଖ, ମୁମ୍ବାଇ-୪୦୦୦୦୮, ଅଭିଯୋଗକାରୀ ଶ୍ରୀ ଦୀପକ ନାରଙ୍ଗ ଉପ ମହାପ୍ରବନ୍ଧକଙ୍କୁ ମଧ ଟେଲିଫୋନ୍ ନମ୍ବର-୦୨୨-୨୩୦୧୯୬୩୩ କିମ୍ବା ଇ-ମେଲ୍ dicgc@rbi.org.in ମାଧ୍ୟମରେ ଯୋଗାଯୋଗ କରିପାରିବେ।

**ଟିପ୍ପଣୀ : ଅଭିଯୋଗକାରୀଙ୍କ ନିଜର ଠିକଣା ଏବଂ ଫୋନ୍ ନମ୍ବର/ମୋବାଇଲ୍ ନମ୍ବର ଅଭିଯୋଗରେ ଦର୍ଶାଇବା ପାଇଁ ଅନୁରୋଧ।**



# BIJU SWASTHYA KALYAN YOJANA

## LIST OF EMPANELLED PRIVATE HOSPITALS UNDER BIJU SWASTHYA KALYAN YOJANA

### ANDHRA PRADESH

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| VISAKHA-PATNAM | APOLLO HOSPITAL | OSTF |
| | CARE HOSPITAL | OSTF |
| | MAHATMA GANDHI CANCER INSTITUTE | OSTF |
| | SEVEN HILL HOSPITAL | OSTF |
| | TIRUMALA HOSPITAL SUPER SPECIALITY & LAPROSCOPIC INSTITUTE | OSTF |

### CHATISHGARH

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| RAIPUR | NARAYAN HRUDAYALAYA (MMI) HOSPITAL | OSTF |
| | RAMKRISHNA CARE HOSPITAL | OSTF |

### GUJARAT

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| SURAT | BHARAT CANCER HOSPITAL & RESEARCH INSTITUTE | OSTF |
| | KIRAN HOSPITAL | OSTF |
| | SANJEEVANI MULTI SPECIALITY HOSPITAL | OSTF |
| | SUNSHINE GLOBAL HOSPITAL | OSTF |
| | TRISTAR HOSPITAL | OSTF |
| | UNITY HOSPITAL | OSTF |

### ODISHA

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| ANUGUL | ARETE HOSPITAL | BSKY |
| | KRISH HOSPITAL | BSKY |
| | KRISHNA HOSPITAL | BSKY |
| | LIONS BHOOMIKA EYE HOSPITAL | BSKY |
| | SAMAL CARE PVT LTD | BSKY |
| | SEVAK NURSING HOME | BSKY |
| | SOROJINI HEALTH CARE | BSKY |
| | SURENDRA HOSPITAL | BSKY |
| BALESWAR | AROGYAM HEALTH CARE | BSKY |
| | BASANTI DURGA | BSKY |
| | JYOTI HOSPITAL | BSKY |
| | MAA NURSING HOME | BSKY |
| | MAA TARINI NURSING HOME | BSKY |

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| BALESWAR | SRIRAM HOSPITAL | BSKY |
| BARAGARH | BEHERA NURSING HOME | BSKY |
| | KISHORI NURSING HOME | BSKY |
| | SAI KRUPA NURSING HOME | BSKY |
| | SAI MULTISPECIALTY HOSPITAL | BSKY |
| BHADRAK | BHOOMIKA HOSPITAL | BSKY |
| | BINAYAK NURSING HOME | BSKY |
| | CHIRAG HOSPITAL | BSKY |
| | OM SAI HOSPITAL | BSKY |
| | PADHI HEALTH CARE | BSKY |
| | PANIGRAHI HEALTH CARE | BSKY |
| | SAI BHARADWAJ HOSPITAL | BSKY |
| | SAI NURSING HOME | BSKY |
| | SALANDI NURSING HOME | BSKY |
| | SRI RAM HOSPITAL | BSKY |
| | SUBHAM HEALTH CARE | BSKY |
| | UMASHANKAR HEALTH CARE | BSKY |
| BOLANGIR | ERBHS NETRANIKETAN EYE SUPREME TASK GENERAL HOSPITAL | BSKY |
| | NEW APOLLO HOSPITAL | BSKY |
| | SAMALESWARI HOSPITAL | BSKY |
| | SCD EYE HOSPTIAL | BSKY |
| CUTTACK | AGARWAL EYE CLINIC AND HOSPITAL | BSKY |
| | CHITTARANJAN SEVA SADAN AN HOSPITAL | BSKY |
| | CUTTACK LAPAROSCOPIC HOSPITAL | BSKY |
| | GEEETA MEMORIAL HOSPITAL | BSKY |
| | GOPABANDHU INSTITUTE OF MEDICAL SCIENCE & RESEARCH | BSKY |
| | HCG PANDA CURIE CANCER HOSPITAL | BSKY & OSTF |
| | HEALTH CARE NURSING HOME | BSKY |
| | JANSEVAK CLINIC AND NURSING | BSKY |
| | KHADIJA NURSING HOME | BSKY |
| | MELVIN JONES EYE HOSPITAL | BSKY |
| | MOON HOSPITAL | BSKY |
| | ROTARY CLUB CUTTACK EYE HOSPITAL | BSKY |
| | RUDRA HOSPITAL | BSKY |
| | SAHARA NURSING HOME | BSKY |
| | SAI AROGYAM NURSING HOME | BSKY |
| | SAI JEEVAN HOSPITAL PVT LTD | BSKY |
| | SAI SANJIBANI HOSPITAL | BSKY |
| | SANJEEBANI NURSING HOME | BSKY |
| | SHAKTI SAI HOSPITAL | BSKY |
| | SHRADA CLINIC AND NURSING HOME | BSKY |
| | SHREEMA HOSPITAL | BSKY |
| | SIFA NURSING HOME | BSKY |

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| CUTTACK | SUN HOSPITAL | BKKY-I |
| | SWETA HOSPITAL | BSKY |
| | THE CHILD NURSING HOME | BSKY |
| | TRISHA HOSPITAL | BSKY |
| | UDAYABHANU CLINIC AND NURSING HOME | BSKY |
| | URMILA NURSING HOME | BKKY-I |
| DHENKA-NAL | AROGYA NURSHING HOME | BSKY |
| | DISHA HOSPITAL | BSKY |
| | GKMM EYE HOSPITAL | BSKY |
| | KALINGA EYE HOSPITAL | BSKY |
| | PANDA NURSING HOME | BSKY |
| | SAI NURSING HOME | BSKY |
| | SAISHREE EYE HOSPITAL | BSKY |
| | SHREE JAGANNATH HOSPITAL | BSKY |
| GAJAPATI | DR. RABI NURSING HOME | BSKY |
| | LAXMI NURSING HOME | BSKY |
| | V.V.L. NURSING HOME | BSKY |
| GANJAM | AASTHA HOSPITAL | BSKY |
| | ABHAYA HOSPITAL | BSKY |
| | AISHRAT HOSPITAL | BSKY |
| | AMIT HOSPITAL | BSKY |
| | ASUTOSH HOSPITAL | BSKY |
| | AYUSH HOSPITAL | BSKY |
| | DEVINE HOSPITAL | BSKY |
| | ECOS EYE HOSPITAL | BSKY |
| | GURUDEV HOSPITAL | BKKY-I |
| | JASODHARA LIFE HOSPITAL &MATERNITY CENTRE | BSKY |
| | MODERN EYE CARE CENTRE & HOSPITAL | BSKY |
| | NEW NEELACHAL HOSPITAL | BSKY |
| | RADHA SWAMI SEVA SEDAN | BSKY |
| | SANKARA EYE HOSPITAL | BSKY |
| | SRI RAM HOSPITAL | BSKY |
| | SRI SATYASAI HOSPITAL | BSKY |
| JAGATSIN-GHPUR | CARE WELL HOSPITAL | BSKY |
| | KHAN NURSING HOME | BSKY |
| | L & P HOSPITAL & RESEARCH CENTRE | BSKY |
| | LIFE LINE NURSING HOME | BSKY |
| | MAA SARALA NURSINGHOME | BSKY |
| | SUN HOSPITAL | BSKY |
| | SWASTIK NURSING HOME | BSKY |
| | TRILOCHAN NETRALAYA | BSKY |
| JAJPUR | ANIMA NURSING HOME | BSKY |
| | BHOOMIKA HOSPITAL AND RESEARCH CENTRE | BSKY |
| | LAXMI HOSPITAL | BSKY |
| | SARMISTHA MEMORIAL HOSPITAL | BSKY |
| | SRIMA NURSING HOME | BSKY |
| | TATA MEDICA HOSPITAL, KALINGA NAGAR | OSTF |

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| JHARSU-GUDA | MOTILAL YADAV MEMORIAL SAMALESWARI HOSPITAL | BSKY |
| | SAIRAM HOSPITAL | BSKY |
| KALAHANDI | VEDANTA HOSPITAL | BSKY |
| KENDRA-PARA | BHAGAWATI HOSPITAL | BSKY |
| | BHUMIKA HOSPITAL | BSKY |
| | HEALTH CARE NURSING HOME | BSKY |
| | M.B. NURSING HOME | BSKY |
| KEONJHAR | ARATI HOSPITAL | BSKY |
| | KASINATH HEALTH CARE | BSKY |
| | TRIBAL HEALTH CENTRE WITH MATERNITY AND NEW BORN CARE | OSTF |
| KHORDHA | ADITYA CARE HOSPITAL | OSTF |
| | ADVANCE EYECARE HOSPITAL | BSKY |
| | ALL INDIA INSTITUTE OF MEDICAL SCIENCE, BHUBANESWAR | BSKY |
| | AMRI HOSPITAL, BHUBAB-NESWAR | OSTF |
| | APOLLO HOSPITAL | OSTF |
| | AROGYA HOSPITAL | BSKY |
| | AURO CARE NURSING HOME | BSKY |
| | AVA HOSPITAL AND ADVANCE LAPAROSCOPIC HOSPITAL | BSKY |
| | BAIDYANATH MEMORIAL HOSPITAL | BSKY |
| | BHUBANESWAR M.R.I | BKKY-I |
| | CHATRUBHUJA JENAMANI MEMORIAL HOSPITAL | BSKY |
| | HEALTH CARE NURSING HOME | BKKY-I |
| | HEMALATA HOSPITAL | OSTF |
| | HI-TECH MEDICAL COLLEGE & HOSPITAL | BSKY & OSTF |
| | JEEVAN JYOTI HOSPITAL | BSKY |
| | JYOTSNA HOSPITAL | BSKY |
| | KALINGA HOSPITAL | OSTF |
| | KALINGA INSTITUTE OF MEDICAL SCIENCE AND HOSPITAL | BSKY & OSTF |
| | KANUNGO INSTITUTE OF DIABETES SPECIALITIES PVT LTD. | BSKY |
| | L V PRASAD EYE INSTITUTE | BSKY & OSTF |
| | MAA TARINI NURSING HOME | BSKY |
| | MEDI CARE HOSPITAL AND RESEARCH CENTRE | BSKY |
| | MODERN HEALTH CARE HOSPITAL | BSKY |
| | NANDA TREATMENT CENTRE | BSKY |
| | PANDA NURSHING HOME PVT LTD. | BKKY-I |
| | PARKLAND HOSPITAL | BSKY |
| | ROTARY EYE HOSPITAL | BSKY |
| | SAHAJOG HOSPITAL | BSKY |
| | SANJEEBANI MEDICARE HOSPITAL | BSKY |

| DISTRICT | NAME OF THE HOSPITAL | EMPANEL-LEMENT UNDER |
|---|---|---|
| KHORDHA | SASWAT HOSPITAL | BKKY-I |
| | SOUTH CITY HOSPITAL | BSKY |
| | SPARSH MULTI SPECIALITY HOSPITAL | OSTF |
| | SUBHA NURSING HOME | BKKY-I |
| | SUN FLOWER NURSING HOME | BSKY |
| | SWASTIKA CLINIC & HOSPITAL | BKKY-I |
| | VIKASH HOSPITAL | BKKY-I |
| | VISION CARE EYE HOSPITAL | BSKY |
| | VIVEKANANDA HOSPITAL | BSKY |
| MAYURBH-ANJA | DURGA NURSING HOME | BSKY |
| | GAYATRI HOSPITAL | BKKY-I |
| | JEEVAN DEEP HEALTH CARE | BSKY |
| NABARAN-GPUR | CHRISTIAN HOSPITAL | BSKY & OSTF |
| NAYAGARH | DIVYA JYOTI HOSPITAL | BSKY |
| | KUMAR HOSPITAL | BKKY-I |
| | OMM NURSING HOME | BSKY |
| | RAMACHANDI HOSPITAL | BSKY |
| | SAHOO BHIKARI SEVASADAN | BSKY |
| PURI | ANANDA POLYCLINIC & HOSPITAL | BSKY |
| | EMERGENCY 24 HOSPITAL PVT. LTD. | BSKY |
| | RAGHUNATH CHARITABLE TRUST HOSPITAL | BSKY |
| | SARADHA NURSING HOME | BSKY |
| | SEVA NURSING HOME | BSKY |
| | SIVANANDA NURSING HOME | BSKY |
| | SRI KRISHNA HEALTH CARE & REPRODUCTIVE RESEARCH CENTRE | BSKY |
| | SRI RAGHUNATH HOSPITAL | BKKY-I |
| | USHA MEMORIAL CLINIC | BSKY |
| | USHARANI NURSING HOME | BSKY |
| SAMBAL-PUR | ARUNASHAKTI NURSING HOME | BSKY |
| | BINAYAK HOSPITAL | BSKY |
| | GOUNTIA HOSPITAL | BSKY |
| | GOURISHANKAR NURSING HOME | BSKY |
| | PATEL NURSING HOME | BSKY |
| | SAMALESWARI NURSING HOME | BSKY |
| | SUSHRUTA NURSING HOME | BSKY |
| | TRILOCHAN NETRALAYA | BSKY |
| SONEPUR | LEPRA MAHANADI EYE HOSPITAL | BSKY |
| SUNDAR-GARH | HITECH MEDICAL COLLEGE & HOSPITAL | BSKY |
| | KALINGA TRAUMA HOSPITAL | BSKY |
| | KARUNAMAYEE NURSING HOME | BSKY |
| | SUPER SPECIALITY HOSPITAL | BSKY |

10001/13/0014/1920 BIJU SWASTHYA KALYAN YOJANA | HEALTHY ODISHA, HAPPY ODISHA DSPL-199

ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା



# ବହୁସଂଖ୍ୟକବାଦୀ ଚିନ୍ତାଧାରା



ଆକାର ପଟେଲ

ଏକ ପୁରାତନ ଓ ଗୌରବାବହ ଦେଶ ଏପରି ନୀତି ନିର୍ଦ୍ଧାରଣ କରିବା ପାଇଁ ଭୋଟ ଦେଲା, ଯାହା ଆପ୍ରବାସନକୁ ବିରୋଧ କରେ। ଆପ୍ରବାସନକୁ ବିରୋଧ କରୁଥିବା ଦଳ ସପକ୍ଷରେ ଦେଶର ମୁଖ୍ୟଭାଗର ସଂଖ୍ୟାଗରିଷ୍ଠ ଜନସାଧାରଣ ଅଛନ୍ତି। କିନ୍ତୁ ଛୋଟ ଛୋଟ ରାଜ୍ୟରେ ଦେଖାଦେଇଛି ସମସ୍ୟା। ସେମାନେ ଏ ନୀତିକୁ ଦୃଢ଼ଭାବରେ ବିରୋଧ କରୁଛନ୍ତି। ଏହା ହେଉଛି ବ୍ରେକ୍‌ଜିଟ ନିର୍ବାଚନର କଥା, ଯାହାର ଫଳାଫଳ ଚଳିତ ମାସରେ ପ୍ରକାଶ ପାଇଛି। ଏହି ଦେଶକୁ ସଂଯୁକ୍ତ ରାଷ୍ଟ୍ର (ୟୁକେ ବା ୟୁନାଇଟେଡ୍ କିଙ୍ଗଡମ୍) କୁହାଯାଏ କାରଣ ଏହା ଚାରୋଟି ଦେଶର ସମାହାର: ଇଂଲଣ୍ଡ, ସ୍କଟ୍‌ଲାଣ୍ଡ, ୱେଲ୍‌ସ ଓ ଉତ୍ତର ଆୟର୍ଲାଣ୍ଡ। ପ୍ରଥମ ତିନୋଟି ଦେଶ ଗୋଟିଏ ଦ୍ୱୀପରେ ଅଛନ୍ତି, ଯାହାର ନାମ ଗ୍ରେଟ୍ ବ୍ରିଟେନ। ଚତୁର୍ଥ ଦେଶଟି ଅନ୍ୟ ଦ୍ୱୀପର ଏକ ଅଂଶ, ଯାହା ବାହ୍ୟତଃ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ସହ ସଂଯୁକ୍ତ। ୨୦୧୬ରେ ନିଆଯାଇଥିବା ଜନମତରେ ଇଂଲଣ୍ଡ ଓ ୱେଲ୍‌ସ ବ୍ରେକ୍‌ଜିଟ ସପକ୍ଷରେ ଭୋଟ ଦେଇଥିଲେ, ଅର୍ଥାତ୍ ସେମାନେ ୟୁରୋପୀୟ ସଂଘରୁ ଅଲଗା ହେବା ପାଇଁ ଚାହୁଁଥିଲେ। ସାଧାରଣ ନିର୍ବାଚନରେ ବି ସମାନ ଫଳାଫଳ ମିଳିଲା। ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ହେଉଛି ସଂଖ୍ୟାଗରିଷ୍ଠ ଦଳ ଯିଏ ୟୁରୋପ–ବିରୋଧୀ ଓ ଆପ୍ରବାସନ–ବିରୋଧୀ ଆଭିମୁଖ୍ୟ ନେଇ ନିର୍ବାଚନ ଲଢ଼ିଥିଲା ଏବଂ ଇଂଲଣ୍ଡ ଓ ୱେଲ୍‌ସରେ ବିପୁଳ ଭୋଟରେ ଜିତିଲା। କିନ୍ତୁ ସ୍କଟ୍‌ଲାଣ୍ଡ ସ୍ଥାନୀୟ ଦଳକୁ ଭୋଟ ଦେଲା ଯିଏ କି ୟୁକେରୁ ଓହରିଯିବାକୁ ଦାବି କରୁଛି। ଉତ୍ତର ଆୟର୍ଲାଣ୍ଡ ଇତିହାସରେ ପ୍ରଥମ ଥର ପାଇଁ ଅଲଗାବାଦୀ ସିନ୍ ଫିନ୍‌ଙ୍କୁ ଅଧିକ ଭୋଟ ଦେଇଛି। ସିନ୍ ଫିନ୍ ଚାହାନ୍ତି ଉତ୍ତର ଆୟର୍ଲାଣ୍ଡ ୟୁକେରୁ ଅଲଗା ହୋଇ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ସହ ମିଶିଯିବା ପାଇଁ, ଯାହା ୟୁରୋପୀୟ ସଂଘର ଏକ ଅଂଶ। ସ୍କଟ୍‌ଲାଣ୍ଡ ଦୀର୍ଘକାଳରୁ ଅନୁଭବ କରିଆସୁଛି ଯେ, ଇଂଲଣ୍ଡ ସହ ଏହା ଅର୍ଥନୈତିକ ବନ୍ଧନରେ ବାନ୍ଧି ହୋଇଥିଲେ ମଧ୍ୟ ଇଂରେଜମାନେ ଏହାକୁ ଐତିହାସିକ ଭାବେ ଦଖଲ କରିଆସୁଛନ୍ତି। ସେହିପରି ଉତ୍ତର ଆୟର୍ଲାଣ୍ଡର କ୍ୟାଥଲିକ୍ ଓ ଅନେକ ପ୍ରୋଟେଷ୍ଟାଣ୍ଟ ସଂସ୍କୃତି ଓ ଭାଷାଗତ ସାମଞ୍ଜସ୍ୟ ଦୃଷ୍ଟିରୁ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ଆଡ଼କୁ ଅଧିକ ଆକର୍ଷିତ ହୋଇଥାନ୍ତି। ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡ ସହ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ମଧ୍ୟ ୟୁକେର ଅବଶିଷ୍ଟ ଅଞ୍ଚଳ ଅପେକ୍ଷା ଅଧିକ। ଏ କଥା ନୂଆ ନୁହେଁ ଏବଂ ଜନମତ ଗ୍ରହଣ ଓ ସାଧାରଣ ନିର୍ବାଚନ ପୂର୍ବରୁ ବି ଏହା ଜଣା ଥିଲା। ୟୁରୋପ ନୀତିରେ ପରିବର୍ତ୍ତନ ଆହୁରି ଅଧିକ ସମସ୍ୟାକୁ ଡାକିଆଣି ପାରେ। କିନ୍ତୁ ବହୁସଂଖ୍ୟକବାଦୀମାନେ ଆପ୍ରବାସନ–ବିରୋଧୀ ତତ୍ତ୍ୱ ଉପରେ ଦୃଢ଼ ଅଛନ୍ତି। ସେମାନେ ବର୍ତ୍ତମାନ ନିର୍ବାଚନରେ ଜିତି ବିଜୟ ଉତ୍ସବ ମନାଉଛନ୍ତି।

ଏବେ ଆମ ଦେଶର ସ୍ଥିତି ବିଷୟରେ ଆଲୋଚନା କରିବା। ଭାରତ ବର୍ତ୍ତମାନ ଏକ ଆପ୍ରବାସନ–ବିରୋଧୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଛି। ଏହା ଉପରେ ଭଲଭାବରେ ବିତର୍କ କରାଯାଇ ନାହିଁ। ସେଥିପାଇଁ ଅଧିକାଂଶ ଭାରତୀୟ ଏହା ସମ୍ପୂର୍ଣ୍ଣ ରୂପେ ବୁଝିନାହାନ୍ତି। ଏ ପ୍ରସଙ୍ଗକୁ ବିଭିନ୍ନ ଲୋକ ନାନା ପ୍ରକାରେ ଉପସ୍ଥାପନ କରୁଛନ୍ତି। ଶାସକ ଦଳ କହୁଛି ଯେ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରୁ ୨୦୧୫ ପୂର୍ବରୁ ଆସିଥିବା ଅଣମୁସଲମାନ ଶରଣାର୍ଥୀମାନଙ୍କୁ ନାଗରିକତା ପ୍ରଦାନ କରାଯିବ। ଯେଉଁ ମୁସଲମାନମାନେ ନିଜ ନାଗରିକତ୍ୱର ପ୍ରମାଣ ଦେଇପାରିବେ ନାହିଁ, ସେମାନଙ୍କୁ ଅଟକ କେନ୍ଦ୍ରଗୁଡ଼ିକରେ ରଖାଯିବ। ସେମାନେ ଯେଉଁ ଦେଶରୁ ଆସିଛନ୍ତି, ସେ ଦେଶଗୁଡ଼ିକର ନାଗରିକତ୍ୱର ପ୍ରମାଣ ଦେଇ ନ ପାରିଲେ ସେ ଦେଶଗୁଡ଼ିକୁ ବି ସେମାନଙ୍କୁ ପଠାଯାଇପାରିବ ନାହିଁ। ସେମାନେ ଭାରତରେ ସବୁଦିନ ପାଇଁ ବନ୍ଦୀ ହୋଇ ରହିଯିବେ, ଯାହା ଏବେ ଆସାମରେ ଘଟୁଛି। ଭାଜପା ସରକାର ଯେପରି ଭାବେ ନାଗରିକତା ସଂଶୋଧନ ବିଲ୍ (ସିଏବି)କୁ ଉପସ୍ଥାପନ କରୁଛି, ତାହା ହେଉଛି ନିଜ ଦେଶରେ ଉତ୍ପୀଡ଼ନର ଶିକାର ହୋଇ ଭାରତକୁ ଆସିଥିବା କେତେକ ବିଦେଶୀ ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ଏକ ପଦକ୍ଷେପ। କିନ୍ତୁ ନର୍ଥଇଷ୍ଟ ପରି କେତେକ ରାଜ୍ୟରେ କେବଳ ନିର୍ଦ୍ଦିଷ୍ଟ ଧର୍ମର ନୁହନ୍ତି, ହିନ୍ଦୁ ଶରଣାର୍ଥୀମାନଙ୍କ ଯୋଗୁ ମଧ୍ୟ ସମସ୍ୟା ଉପୁଜୁଛି। ସେଥିପାଇଁ ସେମାନେ ସିଏବିକୁ ବିରୋଧ କରୁଛନ୍ତି। ଦେଶର ଅନ୍ୟ ଅଞ୍ଚଳର ଅଧିବାସୀମାନେ ଏହାକୁ ଏକ ସାମ୍ପ୍ରଦାୟିକ ସମସ୍ୟା ବୋଲି ଭାବୁଛନ୍ତି। ଯେଉଁ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି)କୁ ଆସାମ ଭାଜପାର ଦାବି ଯୋଗୁ କିଛି ସପ୍ତାହ ତଳେ କାର୍ଯ୍ୟକାରୀ କରିବାକୁ ଗ୍ରହଣ କରାଯାଇଛି, ତାହାକୁ ସେଇ ଆସାମ ଭାଜପା ହିଁ ଏବେ ପ୍ରତ୍ୟାଖ୍ୟାନ କରୁଛି। ସେମାନେ କହୁଛନ୍ତି ଯେ, ଯେଉଁ ୧୯ ଲକ୍ଷ ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି, ସେମାନଙ୍କୁ ନିଜ ନାଗରିକତାର ପ୍ରମାଣ ଦେବା ପାଇଁ ଆଉ ଗୋଟିଏ ସୁଯୋଗ ମିଳୁ। କାରଣ ହେଲା ଉକ୍ତ ବାଦ୍ ପଡ଼ିଥିବା ଲୋକମାନଙ୍କ ମଧ୍ୟରେ ଅଧିକାଂଶ ହିନ୍ଦୁ ଅଛନ୍ତି, ଯେଉଁମାନେ ନିଜ ନାଗରିକତା ସମ୍ବନ୍ଧୀୟ କାଗଜପତ୍ର ଦାଖଲ କରିପାରି ନାହାନ୍ତି। ବର୍ତ୍ତମାନ ଯେଉଁ ନାଗରିକତା ସଂଶୋଧନ ବିଲ୍ ପାସ୍ ହେଲା ସେଥିରେ ମୁସଲମାନମାନଙ୍କୁ ବାଦ୍ ଦେଇ କେବଳ ବାଦ୍ ପଡ଼ିଥିବା ହିନ୍ଦୁମାନଙ୍କୁ ଗ୍ରହଣ କରିବାକୁ ବ୍ୟବସ୍ଥା କରାଯାଇଛି। କିନ୍ତୁ ନର୍ଥଇଷ୍ଟ ଏହି ସମାଧାନକୁ ଗ୍ରହଣ କରିବାକୁ ରାଜି ନୁହେଁ। ଏନ୍ଆର୍‌ସିର ମୂଳରେ ଅଛି ଅନେକ ଦଶନ୍ଧି ତଳେ ରାଜୀବ ଗାନ୍ଧୀ ଆସାମ ସରକାରଙ୍କ ସହ କରିଥିବା ଏକ ରାଜିନାମା। କିନ୍ତୁ ବର୍ତ୍ତମାନ ଯେଉଁ ସମସ୍ୟା ଦେଖାଦେଇଛି, ତାହାର କାରଣ ହେଉଛି ଭାଜପାର ବହୁସଂଖ୍ୟକବାଦୀ ଚିନ୍ତାଧାରା। ଇଂଲଣ୍ଡ ଭଳି ଏହାର ପାର୍ଶ୍ୱପ୍ରତିକ୍ରିୟା ଆଜି ନ ହେଲେ ଆଗାମୀ ଦିନରେ ଦେଖିବାକୁ ମିଳିବ।

Email: aakar.patel@gmail.com

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 1 | 8 | | | | 9 | | 0 | | | 3 | 7 | |
| | | | | A | E | C | | 6 | B | | 4 | | | 1 |
| | | | | 2 | | A | | E | | | | | | 4 |
| | | | | | 9 | | | | | | | C | A | 5 |
| 2 | | | | | | | | | D | | 6 | | | |
| | | | | | | | | | C | | 9 | | | 6 |
| A | | | | | | 5 | | 2 | | | 8 | E | | |
| | | 6 | | 1 | | 3 | 0 | | A | | B | | | |
| 3 | | | E | | 4 | 7 | | A | | 0 | D | | C | 2 |
| | | | 0 | | | | | B | | 2 | | 5 | | |
| 6 | 1 | 9 | | | | | | | | | 5 | | 4 | C |
| | 2 | 3 | | 4 | | 6 | | | 8 | 9 | C | | 0 | |
| | | | | | | | | | 7 | | | D | | |
| | | 8 | | | 1 | 2 | C | | | 4 | A | | 5 | B |
| | 4 | | | 7 | A | | | | | 1 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 0 | C | A | 7 | B | E | 8 | D | 9 | 3 | 4 | 6 | 2 | 5 |
| A | 5 | 9 | 0 | 2 | E | 1 | 7 | C | 6 | D | 8 | 4 | B | 3 |
| 4 | 3 | 2 | D | 8 | C | B | 6 | 9 | 5 | 7 | 1 | 0 | E | A |
| 6 | B | 7 | 4 | 1 | 3 | 0 | 5 | 2 | A | C | E | D | 8 | 9 |
| E | D | 8 | 6 | 5 | 9 | 3 | 4 | A | 2 | B | 0 | 7 | 1 | C |
| 2 | 6 | 1 | 3 | E | 4 | 9 | 0 | 5 | C | 8 | D | A | 7 | B |
| 9 | A | 0 | 1 | B | 8 | 2 | C | 4 | 3 | 5 | 7 | E | 6 | D |
| 3 | E | 5 | 7 | 9 | D | A | B | 1 | 0 | 2 | 6 | C | 4 | 8 |
| 7 | 4 | D | C | A | 5 | 6 | E | 8 | 1 | 9 | B | 3 | 0 | 2 |
| C | 8 | B | 2 | 0 | 6 | D | 3 | 7 | 4 | E | A | 5 | 9 | 1 |
| 0 | C | 4 | B | D | A | 8 | 2 | 6 | E | 1 | 3 | 9 | 5 | 7 |
| D | 9 | 3 | E | 4 | 0 | 7 | 1 | B | 8 | A | 5 | 2 | C | 6 |
| B | 1 | E | 5 | 3 | 7 | C | 9 | 0 | D | 6 | 2 | 8 | A | 4 |
| 5 | 7 | 6 | 8 | C | 2 | 4 | A | 3 | B | 0 | 9 | 1 | D | E |
| 8 | 2 | A | 9 | 6 | 1 | 5 | D | E | 7 | 4 | C | B | 3 | 0 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

# ପ୍ରୀତିଭୋଜନର ବୋଝ

ବନ୍ଧୁ ଜଣକ ବଡ ବିମର୍ଷ ଦିଶୁଥିଲେ, ସତେ ଯେମିତି ସୌଦାଗରଙ୍କ ସାତଖଣ୍ଡ ବୋଇତ ଏକାଦିନେ ସମୁଦ୍ରରେ ବୁଡିଯାଇ ତାଙ୍କୁ ସର୍ବସ୍ୱାନ୍ତ କରିଦେଇଛି। କଥା ବୁଝିବାରୁ ଜଣାପଡିଲା, ଏଇ ଦୁଇ ସପ୍ତାହ ମଧ୍ୟରେ ତାଙ୍କ ପାଇଁ ପାଞ୍ଚଟି ବିବାହର ନିମନ୍ତ୍ରଣ। ସମ୍ଭାବିତ ଖର୍ଚ୍ଚ ଯୋଗୁ ଆତଙ୍କରେ ତାଙ୍କ ମୁହଁରୁ ହସ ଲିଭିଯାଇଥିଲା। ବିବାହ କେଉଁଠି କାହାପାଇଁ ସାହାନାଇର ମଧୁର ମୂର୍ଚ୍ଛନା ତ ଅନ୍ୟ କାହା ପାଇଁ ବିଷାଦ ବଂଶୀର କରୁଣ ସ୍ୱନ ହୋଇପାରେ। ଏ କଥାର ସ୍ୱତଃସିଦ୍ଧ ପ୍ରମାଣ ଥିଲା ବନ୍ଧୁଙ୍କ ବିଷଣ୍ଣତା। ତେବେ ବିବାହ ଦୁଇଟି ହୃଦୟର ପବିତ୍ର ବନ୍ଧନ ଓ ଦୁଇ ପକ୍ଷଙ୍କ ପାଇଁ ଆନନ୍ଦମୟ ଅବସର ହୋଇଥିଲା ବେଳେ ତହିଁରେ ଯୋଗଦେବାକୁ ନିମନ୍ତ୍ରଣ ପାଇଥିବା ଅତିଥିଙ୍କ ପାଇଁ ଏହା ବୋଝ ମନେହୁଏ କାହିଁକି?

ବିବାହର କେଇଦିନ ପୂର୍ବରୁ ନିମନ୍ତ୍ରଣକାରୀ ସୁଦୃଶ୍ୟ ନିମନ୍ତ୍ରଣପତ୍ରଟିଏ ଧରାଇଦେଇ ଆସିଥିବେ ଆପଣଙ୍କ ହାତରେ। ମୁହଁରେ କୃତ୍ରିମ ହସ ଫୁଟାଇ କହି ଆସିଥିବେ, ''ଆପଣ ନିଶ୍ଚୟ ତ ଆସିବେ। ଶ୍ରୀମତୀଙ୍କୁ ମଧ୍ୟ ସାଙ୍ଗରେ ଆଣିବାକୁ ଭୁଲିବେନି।'' କେଉଁଠି ପୁଣି ସମ୍ପର୍କର ଘନିଷ୍ଠତାକୁ ପୁଞ୍ଜିକରି ନିମନ୍ତ୍ରଣକାରୀ ଫୋନରେ ନିମନ୍ତ୍ରଣ କରି ହ୍ୱାଟ୍‌ସଆପ୍‌ରେ କାର୍ଡର ଫଟୋଟି ପଠାଇ ଦେଇଥିବେ। ନିମନ୍ତ୍ରଣ ପାଇଥିବା ପରିବାରର ଶ୍ରୀମତୀମାନେ ଆଗ୍ରହରେ ଅପେକ୍ଷା କରି ରହିଥିବେ ସେଇ ବିଶେଷ ଦିନଟିକୁ। ଶେଷରେ ଯେବେ ସେ ଦିନଟି ଆସିବ, ସେଦିନ ସନ୍ଧ୍ୟାଟି ସମ୍ପୂର୍ଣ୍ଣ ବିତିଯିବ ବହୁବିଧ ଶାଢି ଅଳଙ୍କାର ମଧ୍ୟରୁ ଉପଯୁକ୍ତ ବସନଭୂଷଣ ନିର୍ବାଚନ କରିବାରେ। ସବୁଠାରୁ ସୁନ୍ଦର ବେଶରେ ନିଜକୁ ସଜାଇ ସେମାନେ ନିଜ ନିଜର ଶ୍ରୀମାନଙ୍କ ସହ ବିଜେ ହେବେ ବିବାହସ୍ଥଳରେ। ହାତରେ ଥିବ ବିବାହ ଭେଟିର ସୁଦୃଶ୍ୟ ପ୍ୟାକେଟଟିଏ ଅବା ସର୍ବନିମ୍ନ ପାଞ୍ଚଶହ ଏକ ଟଙ୍କାର ଖାମ୍‌ଟିଏ।

ପ୍ରବେଶ ପଥରେ ମୃଦୁ ହସି ସେମାନଙ୍କୁ ଗୃହକର୍ତ୍ତା ସମ୍ଭାଷଣ କରିବେ ଓ ବାଟ ଦେଖାଇଦେବେ ତଳେ ପଡିଥିବା ନାଲି କାର୍ପେଟ ଉପରେ ଆଗକୁ ବଢିବା ପାଇଁ। ମୁକ୍ତ ଆକାଶ ତଳେ ଏକ ବିଶାଳ ପ୍ରାନ୍ତରରେ ଅବା କେଉଁ ହୋଟେଲ କି କଲ୍ୟାଣ ମଣ୍ଡପର ବିଶାଳ ହଲରେ ସୁସଜ୍ଜିତ ମଞ୍ଚ ଉପରେ ରାଜାରାଣୀ ପରି ବସିଥିବେ ନବଦମ୍ପତି। ପରମ ଆଗ୍ରହରେ ନିମନ୍ତ୍ରିତ ଅତିଥିଙ୍କ ହାତରୁ ଭେଟି ଗ୍ରହଣ କରି କନ୍ୟା ବା ନବବଧୂ ବଢାଇ ଦେଉଥିବେ ପାଖରେ ବସିଥିବା ସେମିତି କେହି ସମ୍ପର୍କୀୟ ଅବା ପରିଜନଙ୍କୁ, ଯିଏ ସେଇ ବିଶେଷ ଆସର ପାଇଁ କୋଷାଧକ୍ଷ ଭୂମିକାରେ ଅବତୀର୍ଣ୍ଣ ହୋଇଥିବେ। ରହି ରହି ବରକନ୍ୟାଙ୍କ ସହ ଫଟୋ ଉଠାରେ ବ୍ୟସ୍ତ ଥିବେ ଫଟୋଗ୍ରାଫର ବା ଭିଡିଓ କ୍ୟାମେରାମ୍ୟାନ।

ତା' ପରେ ଆସିବ ପ୍ରୀତିଭୋଜନର ପର୍ବ। ଆଖି ଆଗରେ ଛିଡା ଛିଡା ଭୋଜନରେ ବ୍ୟସ୍ତ ଥିବେ ସମସ୍ତେ। ଆଉ କେଇଜଣ ହାତରେ ପ୍ଲେଟ ଚାମଚ ଧରି ଧାଡିରେ ଛିଡା ହୋଇଥିବେ ସେମାନଙ୍କ ପାଳିକୁ ଅପେକ୍ଷା କରି ; ଠିକ୍ ସରକାରୀ କଣ୍ଟ୍ରୋଲ ଦୋକାନର ରାଶନ ପାଇବାର ପାଳିକୁ ଅପେକ୍ଷା କଲାପରି। ଚାରିଆଡେ ଲୋକଙ୍କ ଆସର, ବନ୍ଧୁମିଳନର ମୃଦୁ କୋଳାହଳ। କେଉଁଠି ବଡ ବଡ ଶବ୍ଦବାକ୍ସ ମଧ୍ୟରୁ ଭାସି ଆସୁଥିବା ରୋମାଞ୍ଚକର ରେକର୍ଡ ସଙ୍ଗୀତ ତ ଅନ୍ୟ କେଉଁଠି ଅର୍କେଷ୍ଟ୍ରା ମେଲୋଡି ଗ୍ରୁପ୍‌ର ଗାୟକ ଗାୟିକାଙ୍କ କଣ୍ଠରୁ ସ୍ୱରସଙ୍ଗୀତର ମଧୁର ଝଙ୍କାର। ଚାରିଆଡେ ଖାଲି ଉପଭୋଗର ମୁହୂର୍ତ୍ତ। ତା' ମଧ୍ୟରେ ସୁସ୍ୱାଦୁ ବ୍ୟଞ୍ଜନର ବାସନା ଟାଣି ନେଉଥିବ ପ୍ରଥମେ ଭୂରି ଭୋଜନର ପ୍ରାରମ୍ଭିକ ପର୍ଯ୍ୟାୟ କୁହାଯାଉଥିବା ଡେଜର୍ଟ ବା ଭୋଜନପୂର୍ବ ଉପଚାରକୁ ଓ ପରେ ପରେ ଆସ୍ତେ ଆସ୍ତେ ପୂରିଆସୁଥିବା ପେଟକୁ ଭରିବା ପାଇଁ ପ୍ରସ୍ତୁତ ଥିବା ବହୁବିଧ ଗୁରୁପାକ ଖାଦ୍ୟ ସାମଗ୍ରୀ ଆଡକୁ। ପେଟର ଭୋକ ପୂରି ପୂରି ଆସୁଥିବ, ଭୋଜନ ସାମଗ୍ରୀ ବି ଥିବ ଭରପୂର, ଅଥଚ ପ୍ରୀତିର ସାମାନ୍ୟ ସଂକେତ ନ ଥିବ କେଉଁଠି, ଯଦିଓ ନିମନ୍ତ୍ରଣପତ୍ରର କାର୍ଯ୍ୟନିର୍ଘଣ୍ଟରେ ବଡ ବଡ ଅକ୍ଷରରେ ଲେଖା ହୋଇଥିବ, 'ପ୍ରୀତିଭୋଜନ'!

ଏ ପ୍ରକାର ଭୋଜନ ବ୍ୟବସ୍ଥାର ନାମ ପୁଣି ଅଦ୍ଭୁତ–'ବଫେ'। ଆମ ମୂଳ ସଂସ୍କାରକୁ ଅଳିଆଗଦାରେ ଫିଙ୍ଗିଦେଇ ପାଶ୍ଚାତ୍ୟ ସଂସ୍କୃତିକୁ ଅତି ଆଦରରେ ଆପଣେଇ ନେବାର ଆଧୁନିକ ପ୍ରବଣତା ମଧ୍ୟରୁ ଏହି ବଫେ ବ୍ୟବସ୍ଥାର ଜନ୍ମ। ବଫେର ଓଡିଆ ରୂପାନ୍ତର କ'ଣ କେଜାଣି, ତେବେ ବଫେ ବ୍ୟବସ୍ଥା ମଧ୍ୟରେ ବହୁବାର ଆପ୍ୟାୟିତ ହୋଇଥିବା ଜଣେ ପଣ୍ଡିତଙ୍କ ମତରେ 'ବଫେ ଭୋଜନ'ର ଅର୍ଥ 'ବିକଳ ଭୋଜନ'। ବହୁ ଲୋକଙ୍କ ଗହଣରେ ପ୍ଲେଟ ଚାମଚ ହାତରେ ଧରି ଲମ୍ବା ଧାଡିରେ ଛିଡା ହେବା, ପରେ ପରେ ପ୍ଲେଟରେ ସ୍ଥାନାଭାବ ହେତୁ ସବୁ ସାମଗ୍ରୀ ମଧ୍ୟରୁ କେତେକକୁ ବାଦ୍ ଦେଇ ଅବଶିଷ୍ଟକୁ ଧରି ଧାଡିରୁ ବାହାରି ଆସି ଟିକିଏ ଫାଙ୍କା ସ୍ଥାନ ଦେଖି ଶାନ୍ତିରେ ଖାଇବା ଓ ପରେ ପରେ ଫନୀ ବାତ୍ୟାଞ୍ଚଳର କୌଣସି ରିଲିଫ ବଣ୍ଟନ କେନ୍ଦ୍ରର ଭ୍ରମ ସୃଷ୍ଟି କରୁଥିବା ଆଇସକ୍ରିମ କାଉଣ୍ଟରର ନଅଙ୍କିଆ ପରିବେଶ ସହ ପରିଚିତ ଥିବା ଯେ କେହି ବିନା ପ୍ରତିବାଦରେ ଆମ ଏ ପଣ୍ଡିତଙ୍କ ମତକୁ ଗ୍ରହଣ କରିନେବେ।

ବଡ ବିଚିତ୍ର ଯେ ବଫେ ବ୍ୟବସ୍ଥା! ବଡ ଅଦ୍ଭୁତ ପୁଣି ବ୍ୟଞ୍ଜନର ସଂଖ୍ୟା ଅନୁପାତରେ ନିଜ ମିଥ୍ୟା ପୌରୁଷ ପ୍ରଦର୍ଶନର ଅସୁସ୍ଥ ମାନସିକତା! ଏଠି କେହି କାହାକୁ ଖାଇବାକୁ ଡାକନ୍ତି ନାହିଁ କି ଏପରି ଡାକରାକୁ କେହି ଅପେକ୍ଷା କରନ୍ତି ନାହିଁ। ଡାକିବା ତ ଦୂରର କଥା, ନିମନ୍ତ୍ରଣ ପାଇଥିବା ଲୋକଙ୍କୁ ନିମନ୍ତ୍ରଣ ଦେଇଥିବା ଲୋକ ସଂଖୋଳିବାକୁ ବି ସମୟ ନ ଥାଏ। ଖାଇଲେ କି ନାହିଁ ବୁଝିବାକୁ ବି ତର ନ ଥାଏ। ସମସ୍ତଙ୍କ ପାଇଁ ଖୋଲା ଏହା ଏମିତି ଏକ ଖାଦ୍ୟଶାଳା ଯେ, ବିନା ନିମନ୍ତ୍ରଣରେ ଏଠି ଜଣେ ଭୂରି ଭୋଜନ କରି ପରିତୃପ୍ତିର ହାକୁଟି ମାରେ ତ ନିମନ୍ତ୍ରଣ ଥାଇ ବି କେହି ପୁଣି ଅଭୁକ୍ତ ରହି ଖାଲିପେଟରେ ଘରକୁ ବାହୁଡିଯାଏ। ଏହି ବ୍ୟବସ୍ଥାର ବିଭ୍ରାଟ ସମ୍ପର୍କରେ ସେଦିନ ଜଣେ କନ୍ୟାପିତା ଦୁଃଖରେ କହୁଥିଲେ, ''ଏଣିକି ନିମନ୍ତ୍ରଣପତ୍ର ସାଙ୍ଗରେ ଧରି ଆସିବାକୁ ତଳେ ଲେଖିବାକୁ ପଡିବ। କାର୍ଡ ଯାଞ୍ଚ କରିବାକୁ ଗେଟ ପାଖରେ ଜଣେ ଦୁଇଜଣକୁ ନ ଜଗାଇଲେ ମୋ ପରି ହୀନସ୍ତା ହେବାକୁ ପଡିବ।'' କନ୍ୟାପିତାଙ୍କ ଦୁଃଖର କାରଣ ଥିଲା ଯୁକ୍ତିଯୁକ୍ତ। ସେ ତାଙ୍କ ଝିଅ ବାହାଘରକୁ ବରଯାତ୍ରୀଙ୍କ ସମେତ ପାଞ୍ଚଶହ ଲୋକଙ୍କ ପାଇଁ ଖାଇବାର ଆୟୋଜନ କରିଥିଲା ବେଳେ ଆହୁରି ପଚାଶ ପ୍ରାୟ ଲୋକ ବାକି ଥାଇ ତାଙ୍କ ଖାଦ୍ୟ ସବୁ ଶେଷ ହୋଇଯାଇଥିଲା। କ୍ୟାଲେଣ୍ଡରରେ ବିବାହ ତିଥି ଦେଖି କଲ୍ୟାଣ ମଣ୍ଡପ ଆଗରେ ଟହଲ ମାରୁଥିବା ଅନିମନ୍ତ୍ରିତ ଲୋକଙ୍କ ସଂଖ୍ୟା ସେଦିନ ବଢିଯାଇଥିଲା ବୋଧହୁଏ।

ଅବଶ୍ୟ ଏ କଥା ଭିନ୍ନ ଯେ ସବୁ ପ୍ରୀତିଭୋଜନର ପରିଣାମ ଏମିତି ଅପ୍ରୀତିକର ହୋଇ ନ ଥାଏ। ରାଜଧାନୀର ଜଣେ ପ୍ରତିଷ୍ଠିତ ବରପିତା ପ୍ରାୟ ଚାଳିଶ ପ୍ରକାର ବ୍ୟଞ୍ଜନ ପରିବେଷିତ ଦେଢହଜାର ଟଙ୍କିଆ ପ୍ଲେଟରେ ଆୟୋଜିତ ଭୋଜିସଭାକୁ ହଜାରେ ଲୋକଙ୍କୁ ନିମନ୍ତ୍ରଣ କରି କେବଳ ପ୍ରୀତିଭୋଜନ ବାବଦକୁ ପନ୍ଦରଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଅଥଚ ସେଠାରୁ ଭୋଜି ଖାଇ ଫେରିଥିବା ଲୋକମାନେ ଯେଉଁ ଅପ୍ରୀତିକର ମନ୍ତବ୍ୟ ଦେଇଥିଲେ ତହିଁରୁ ଜଣାପଡିଥିଲା ଯେ, ପ୍ରାଚୁର୍ଯ୍ୟର ପ୍ରତିଷ୍ଠା କେବେ ପ୍ରୀତି ପର୍ବର କାରଣ ହୋଇ ନ ପାରେ!

କେଡେ ମନୋରମ ନ ଥିଲା ବିବାହ ଭୋଜିର ମହତ୍ତ୍ୱ ଏଇ ଅଳ୍ପ କେଇବର୍ଷ ତଳେ! କେଡେ ଆଗ୍ରହରେ ନିମନ୍ତ୍ରଣକାରୀ ସଂଖୋଳୁ ନ ଥିଲେ ଅତିଥିମାନଙ୍କୁ! ଘରର ଚଟାଣ ଉପରେ ତାଳପତ୍ର ଚଟେଇରେ ଆସନ ପାରି ଦିଆଯାଉଥିଲା। କଅଁଳ କଦଳୀପତ୍ରରେ ବାଢି ଦିଆଯାଉଥିଲା ନାନା ପ୍ରକାର ବ୍ୟଞ୍ଜନ। ଖାଇବା ମଧ୍ୟରେ ଅତିଥିଙ୍କ ପାଖରେ ନଇଁ ପଡୁଥିଲେ ଗୃହକର୍ତ୍ତା ଓ ବିନୟ ସହକାରେ ପୁଛା କରୁଥିଲେ ଖାଦ୍ୟର ମାନ ସମ୍ପର୍କରେ। ଖାଇ ସାରିବା ଯାଏ ଗୃହସ୍ୱାମୀ ଅବା ତାଙ୍କର ଅନ୍ୟ କେହି ଲୋକ ଛିଡା ହୋଇ ରହୁଥିଲେ କାକୁସ୍ଥ ଭାବରେ। ଖାଇସାରିବା ପରେ ଗାମୁଛା ବଢାଇ ଦେଉଥିଲେ ହାତ ପୋଛିବା ପାଇଁ ଓ ପରେ ପରେ ବିଦାୟ ଜଣାଉଥିଲେ ହାତରେ ପାନପାତ୍ର ଧରି। ଭୋଜିର ସ୍ୱାଦ ଅପେକ୍ଷା ଢେର ସ୍ୱାଦିଷ୍ଟ ଲାଗୁଥିଲା ସେମାନଙ୍କ ସ୍ୱାଦର ସମ୍ଭାଷଣ। ପେଟ ପୂରିଯାଉଥିଲା, ହୃଦୟ ଭରିଯାଉଥିଲା ମୁଗ୍ଧ ପରିତୃପ୍ତିରେ। ଅଥଚ କୁଆଡେ ଗଲା ସେ ସମୟ! ଆଜି ପ୍ରୀତିଭୋଜନର ଏ ପର୍ବ ବୋଝ ବିବେଚିତ ହେଉଛି ଉପହାର ଦେବାର ବାଧ୍ୟବାଧକତା ପାଇଁ। ପ୍ରସ୍ତୁତି ଚାଲିଛି ନିମନ୍ତ୍ରିତ ଅଭ୍ୟାଗତଙ୍କ ପରିଚୟ ଯାଞ୍ଚ ପାଇଁ। ବଫେ ନାମରେ ପ୍ରକଟିତ ହେଉଛି ଅତିଥିଙ୍କ ବିକଳପଣ!

ବିବାହ ଉତ୍ସବର ଏ ପ୍ରୀତିଭୋଜନ ରସନାକୁ ତୃପ୍ତ କରେ ସିନା, ଆନ୍ତରିକତା ଅଭାବରୁ ହୃଦୟ ଅତୃପ୍ତ ରହିଯାଏ। ଯେତେ ହୃଦ୍ୟ ହେଲେ ବି କେବଳ ଆନୁଷ୍ଠାନିକତାର ବାହ୍ୟ ଆଡମ୍ବର ବିବାହ ଆସରକୁ ଜୀବନ୍ତ କରିପାରେନା। ସବୁକିଛି ଯନ୍ତ୍ରଚାଳିତ ମନେହୁଏ। ନିମନ୍ତ୍ରଣ ବୋଝ ପାଲଟିଯାଏ। ନିଜ ପତିଆରା ପ୍ରଦର୍ଶନ କରିବାକୁ ଦିନେ କୁରୁପତି ଦୁର୍ଯ୍ୟୋଧନ ନିମନ୍ତ୍ରଣ କରିଥିଲେ ଶାନ୍ତିଦୂତ ଶ୍ରୀକୃଷ୍ଣଙ୍କୁ। ମାତ୍ର ତାଙ୍କ ଆନ୍ତରିକତାହୀନ ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରି ସେ ବିଦୁରଙ୍କ ଘରେ ଶାଗଭଜା ଖାଇ ତୃପ୍ତ ହୋଇଥିଲେ। କୃଷ୍ଣଙ୍କୁ ନିଜ ମିଥ୍ୟା ବଡପଣ ଦେଖାଇବାକୁ ସେତେବେଳେ ଥିଲେ ଜଣେ ଦୁର୍ଯ୍ୟୋଧନ। ତାଙ୍କୁ ଅନ୍ତରଙ୍ଗତାରେ ବୁଡାଇ ଦେବାକୁ ବି ସେମିତି ଥିଲେ ଜଣେ ଆଡମ୍ବରଶୂନ୍ୟ ବିଦୁର। ମାତ୍ର ଏବେ ନିଜ ପଦବୀ, ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟକୁ ନେଇ ପାଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ଦୁର୍ଯ୍ୟୋଧନମାନଙ୍କ ସଂଖ୍ୟା ବଢି ବଢି ଚାଲିଛି ସିନା, ବିଦୁର ଜଣେ ନାହାନ୍ତି ଶାଗଭଜା ଖୁଆଇବା ପାଇଁ। ଖାଇବା ଶେଷରେ ଗାମୁଛାଟାଏ ବଢାଇ ଦେବା ପାଇଁ। ସୁତରାଂ ଏବେକାର ନିମନ୍ତ୍ରଣ ଅନୁଭବଶୂନ୍ୟ ହୋଇପଡିଛି, ପ୍ରୀତିଭୋଜନ ହୋଇପଡିଛି ମୁଣ୍ଡ ଉପରେ ଗୋଟିଏ ଓଜନଦାର ବୋଝ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ସାନା ମରିନ୍

ପ୍ରଜ୍ଞାର ପ୍ରତିଶବ୍ଦ ପୋଖତ କୁହାଯାଇପାରିବ ନାହିଁ। ସାଧାରଣରେ କୁହାଯାଇଥାଏ ଯେ, ରାଜନୀତିରେ ପୁରୁଖା ବ୍ୟକ୍ତିମାନେ ଉତ୍ତମ ଶାସନ ଦେଇଥାଆନ୍ତି। ସମ୍ଭବତଃ ଯୁବବର୍ଗଙ୍କୁ ଶୀର୍ଷକୁ ଛାଡ଼ିବାରେ କୁଣ୍ଠିତ କିଛି ପ୍ରବୀଣ ବ୍ୟକ୍ତିଙ୍କ ଏଭଳି ଚିନ୍ତାଧାରା ପିଢ଼ି ପରେ ପିଢ଼ି ଗଡ଼ି ଚାଲିଛି। କିନ୍ତୁ ଅତୀତକୁ ଦେଖିଲେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଥିଓଡର ରୁଜ୍‌ଭେଲ୍ଟ, ୱିଲିୟମ ମାକ୍‌ନଲେ, ଜନ୍ ଏଫ୍. କେନେଡିଙ୍କ ଭଳି ଯୁବ ନେତୃତ୍ୱ ସେଠାରେ ବୈପ୍ଲବିକ ପରିବର୍ତ୍ତନ ଆଣିପାରିଥିଲେ। ତେବେ ସେମାନଙ୍କଠାରୁ ଆହୁରି କମ୍ ବୟସରେ ଦେଶର ଶାସନ ମୁଖ୍ୟ ହେବାରେ ମହିଳାମାନେ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସଦ୍ୟ ଯାହାଙ୍କ ନାମ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଛି, ସେ ହେଉଛନ୍ତି ଫିନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ସାନା ମରିନ୍। ମାତ୍ର ୩୪ ବର୍ଷ ବୟସରେ ସେ ନିଜ ଦେଶ ତଥା ବିଶ୍ୱର ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ସୋସିଆଲ ଡେମୋକ୍ରାଟ୍ ସାନା ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜସିଣ୍ଡା ଆର୍ଡର୍ନ(୩୯) ଏବଂ ୟୁକ୍ରେନ ପ୍ରଧାନମନ୍ତ୍ରୀ ଓଲେକ୍ସି ହଙ୍କାରୁକ୍ (୩୫)ଙ୍କ ଯୁବ ଶାସକ କ୍ଲବରେ ସାମିଲ ହେବା ସହ ନିଜକୁ ଆଉ ପାଦେ ଆଗେଇ ନେଇପାରିଛନ୍ତି। ସର୍ବକନିଷ୍ଠା ପ୍ରଧାନମନ୍ତ୍ରୀ ହୋଇ ସାନା କେବଳ ନିଜ ପାଇଁ ନୁହେଁ, ଯୁବବର୍ଗଙ୍କୁ ଯୁବାବସ୍ଥାରେ ନେତୃତ୍ୱ ନେବା ପାଇଁ ଆହ୍ୱାନ ଦେଇ ପୃଥିବୀବ୍ୟାପୀ ଚହଳ ପକାଇଛନ୍ତି।

ସମାନତା ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଥିବା ସାନା ୨୦୧୨ରେ ଫିନ୍‌ଲାଣ୍ଡ ରାଜନୀତିରେ ସକ୍ରିୟ ପଦାର୍ପଣ କରିଥିଲେ। ସେ ୧୦ ଡିସେମ୍ବର ୨୦୧୯ରେ ଫିନ୍‌ଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଦେଶର ତୃତୀୟ ମହିଳା ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ମଧ୍ୟ ଲାଭ କରିଛନ୍ତି। ଫିନ୍‌ଲାଣ୍ଡର ସୋସିଆଲ ଡେମୋକ୍ରାଟିକ୍ ପାର୍ଟି (ଏସ୍‌ଡିପି)ର ଏହି ନେତ୍ରୀ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ସେଠାକାର ପରିବହନ ଓ ଯୋଗାଯୋଗ ମନ୍ତ୍ରୀ ଦାୟିତ୍ୱରେ ଥିଲେ। ପୋଷ୍ଟାଲ ଷ୍ଟ୍ରାଇକ୍‌କୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବା ପରେ ପ୍ରଧାନମନ୍ତ୍ରୀ ଥିବା ଏଣ୍ଟି ରିନି ତାଙ୍କ ସହଯୋଗୀ ସେଣ୍ଟର ପାର୍ଟିର ବିଶ୍ୱାସ ହରାଇବା ପରେ ପଦରୁ ଇସ୍ତଫା ଦେଇଥିଲେ। ପରେ ସାନାଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଛି।

ସାନା ୨୦୦୬ରେ ସୋସିଆଲ ଡେମୋକ୍ରାଟିକ ୟୁଥ୍‌ରେ ଯୋଗଦେଇ ୨୦୧୦ରୁ ୨୦୧୨ ଯାଏ ଏହାର ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮ରେ ସେ ପ୍ରଥମେ ମ୍ୟୁନିସିପାଲିଟି ନିର୍ବାଚନ ଲଢ଼ି ହାରି ଯାଇଥିଲେ। କିନ୍ତୁ ୨୦୧୨ରେ ସେ ସିଟି କାଉନସିଲ ଅଫ୍ ଟାମ୍ପେରେକୁ ୨୭ ବର୍ଷ ବୟସରେ ନିର୍ବାଚିତ ହୋଇ ତାଙ୍କ ରାଜନୈତିକ ଜୀବନରେ ସଫଳ କ୍ୟାରିୟରର ଅୟମାରମ୍ଭ କରିଥିଲେ। ସେ ୨୦୧୩ ରୁ ୨୦୧୭ ଯାଏ ସିଟି କାଉନ୍‌ସିଲର ଅଧ୍ୟକ୍ଷା ରହିଥିଲେ। ସେ କାଉନସିଲ ଅଫ୍ ଟାମ୍ପେରେ ରିଜିଅନ ଆସେମ୍ବ୍ଲିର ସଦସ୍ୟ ରହିଛନ୍ତି। ୨୦୧୩ରୁ ୨୦୧୬ ଯାଏ ସାନା ପିରକ୍କାନମ୍ମା ରିଜିଓନାଲ କାଉନ୍‌ସିଲର ସଦସ୍ୟ ରହିଥିଲେ। ୨୦୧୪ରେ ସୋସିଆଲ ଡେମୋକ୍ରାଟିକ ପାର୍ଟିର ଦ୍ୱିତୀୟ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୫ରେ ୩୦ ବର୍ଷ ବୟସରେ ଫିନ୍‌ଲାଣ୍ଡର ସାଂସଦ ଓ ଏହାର ଚାରି ବର୍ଷ ପରେ ସେ ପୁଣି ନିର୍ବାଚିତ ହୋଇ ୬ ଜୁନ୍ ୨୦୧୯ରେ ସେଠାକାର ପରିବହନ ଏବଂ ଯୋଗାଯୋଗ ମନ୍ତ୍ରୀ ହୋଇପାରିଥିଲେ। ସାନା ୫ ଦଳିଆ ମେଣ୍ଟ ସରକାରର ନେତୃତ୍ୱ ନେଉଛନ୍ତି। ତାଙ୍କ କ୍ୟାବିନେଟ୍‌ରେ ୧୯ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣ ମହିଳା।

୧୬ ନଭେମ୍ବର ୧୯୮୫ରେ ଜନ୍ମିତ ସାନା ଟାମ୍ପେରେକୁ ଆସିବା ପୂର୍ବରୁ ଏସ୍‌ପୋ ଓ ପିର୍‌କ୍କଲ୍ଲାରେ ରହୁଥିଲେ। କିଶୋରୀ ବୟସରେ ତାଙ୍କ ପିତାମାତାଙ୍କର ବିଚ୍ଛେଦ ହୋଇଯାଇଥିଲା। ପରେ ତାଙ୍କ ପରିବାରକୁ ଆର୍ଥିକ ସମସ୍ୟା ଘୋଟି ଆସିଥିଲା। ପିତା ଓ ମାତାଙ୍କ ବିଚ୍ଛେଦ ପରେ ସାନା ତାଙ୍କ ମା' ଓ ମା'ଙ୍କ ନୂଆ ଫିମେଲ ପାର୍ଟନରଙ୍କ ପାଖରେ ବଢ଼ିଥିଲେ। ସେ ୨୦୦୪ରେ ପିର୍‌କ୍କଲ୍ଲା ହାଇସ୍କୁଲ ଶିକ୍ଷା ଓ ୨୦୧୭ରେ ଟାମ୍ପେରେ ବିଶ୍ୱବିଦ୍ୟାଳୟରୁ ଆଡ୍‌ମିନିଷ୍ଟ୍ରେଟିଭ ସାଇନ୍ସରେ ସ୍ନାତକୋତ୍ତର ହାସଲ କରିଥିଲେ। ସେ ହେଉଛନ୍ତି ତାଙ୍କ ପରିବାରର ପ୍ରଥମ ମହିଳା, ଯିଏକି ପ୍ରଥମେ ବିଶ୍ୱବିଦ୍ୟାଳୟ ମାଟି ମାଡ଼ିଥିଲେ। ଏକ ରେନ୍‌ବୋ ଫ୍ୟାମିଲିରୁ ଆସିଥିବା ସାନାଙ୍କ ସଂସାର କହିଲେ ସ୍ୱାମୀ ମାର୍କୁସ୍ ରିକ୍ୟୁନେନ୍ ଓ କନ୍ୟା ଏମ୍ମା।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ଲାଷ୍ଟିକ୍ ପ୍ରଦୂଷଣ କମ୍ କରିବା ଲାଗି ଡେରାଡୁନ ସ୍ମାର୍ଟସିଟି ଲିଃ (ଡିଏସ୍‌ସିଏଲ୍) ଅପଣାଇଥିବା ନିଆରା ଉପାୟ ପ୍ରଶଂସନୀୟ। ଡିଏସ୍‌ସିଏଲ୍ ଏଥିପାଇଁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆରମ୍ଭ କରିଛି। ଏହା ମାଧ୍ୟମରେ 'ପ୍ଲାଷ୍ଟିକ୍ ୱାପ୍‌ସି ଅଭିଯାନ'କୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ଫେରାଇଦେବା ଲାଗି ସଚେତନ କରୁଛି। ଏଥିରେ ଡେରାଡୁନର ନାଗରିକମାନଙ୍କ ଦ୍ୱାରା ଗଠିତ 'ଗତି' ଅନୁଷ୍ଠାନ ସହଯୋଗ କରୁଛି। ଡେରାଡୁନ୍‌ର ୧୦୦ଟି ୱାର୍ଡ ମଧ୍ୟରୁ ୧୦ଟିରେ ଥିବା ୨୦ଟି ସରକାରୀ ସ୍କୁଲ୍ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ପ୍ରତି ସ୍କୁଲ୍‌ର ଜଣେ କର୍ମଚାରୀଙ୍କୁ ସେହି ସ୍କୁଲ୍‌ର 'ପ୍ଲାଷ୍ଟିକ ଯୋଦ୍ଧା' ଭାବେ ନିଯୁକ୍ତି ଦିଆଯାଉଛି। ଏହାବାଦ୍ ୨୦ଟି ସ୍କୁଲ୍‌ର ପ୍ରତି ଶ୍ରେଣୀରୁ ଜଣେ କରି ମୋଟ ୧୬୮ ଜଣ 'ପ୍ଲାଷ୍ଟିକ୍ ପ୍ରହରୀ'ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ପିଲାମାନେ ଘର, ପଡ଼ୋଶୀ ଓ ଦୋକାନ ଆଦିରୁ ଥରେ ବ୍ୟବହୃତ ପ୍ଲାଷ୍ଟିକ୍ ସଂଗ୍ରହ କରୁଛନ୍ତି। ସବୁ ପିଲା ମୋଟ ୫୫୫ କିଲୋ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିସାରିଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟରୁ ଡିଜେଲ୍ ଓ ପେଟ୍ରୋଲ୍ ପ୍ରସ୍ତୁତ କରୁଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ପେଟ୍ରୋଲିୟମ୍ ସହ ଏହି ଅଭିଯାନ ହାତ ମିଳାଇଥିବା ଜଣାପଡ଼ିଛି।

## ଚିରନ୍ତନୀ

ତୁମେଟି ଚାଲିବା ଜାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ
ସେ ଯେଉଁ ଆଘାତେ ଥରି ଉଠେ ତବ ପ୍ରାଣ,
ବାଜେ ନାହିଁ ସେ ତ ପଶୁପକ୍ଷୀ ତରୁପରେ
ବାଜି ଉଠେ ଯାହା ମଣିଷ କୁଡିଆ ଘରେ।
(ତୁମେଟି ଚାଲିବା ଜାଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଡିସେମ୍ବର ୧୯୯୪

- କର୍ନାଟକ ରାଜ୍ୟ କଂଗ୍ରେସ ସଭାପତି ଭି. କ୍ରିଷ୍ଣାରାଓଙ୍କ ଇସ୍ତଫା।
- ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଜୀବନ ଉପରେ ଲିଖିତ ପୁସ୍ତକ 'ବିଜୁ ପଟ୍ଟନାୟକ–ଏ ପଲିଟିକାଲ ବାୟୋଗ୍ରାଫି' ଉନ୍ମୋଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍ଥିକ ଅସମାନତାରେ ଭାରତ ଆଗୁଆ

ମହାଶୟ,

ବିଶ୍ୱ ସ୍ତରରେ ୧ ପ୍ରତିଶତ ଧନୀଙ୍କ ପାଖରେ ୫୦ ପ୍ରତିଶତ ସମ୍ପତ୍ତି ଥିବାବେଳେ ଭାରତରେ ୧ ପ୍ରତିଶତ ଧନୀଙ୍କ ପାଖରେ ୫୮ ପ୍ରତିଶତ ସମ୍ପତ୍ତି ରହିଛି। ଏହାଛଡା ୨୦୧୭ରେ ଭାରତରେ ସୃଷ୍ଟି ହୋଇଥିବା ବର୍ଦ୍ଧିତ ସମ୍ପତ୍ତିର ୭୩ ପ୍ରତିଶତ ୧ ପ୍ରତିଶତ ଧନୀଙ୍କ ପାଖକୁ ଯାଇଥିବା ବେଳେ ୯୯ ପ୍ରତିଶତ ଲୋକଙ୍କ ପାଖକୁ ୨୭ ପ୍ରତିଶତ ସମ୍ପତ୍ତି ଯାଇଛି। ଏହି ଅସମାନତା କିଛିବର୍ଷ ଧରି ବଢିବାରେ ଲାଗିଛି। ଏହା ଚାଲୁ ରହିଲେ ସମସ୍ତ ପ୍ରକାର ସାମାଜିକ ବିଶୃଙ୍ଖଳା, ଅସ୍ଥିରତା ଓ ଅପରାଧପ୍ରବଣତା ବୃଦ୍ଧିପାଇବ। ଏଣୁ ଏହି ବିପଜ୍ଜନକ ଆର୍ଥିକ ଅସମାନତା ଦୂର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସ୍ୱତନ୍ତ୍ର ଯୋଜନା ହାତକୁ ନେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦିଆଯାଉ

ଓଡ଼ିଶା ସରକାରଙ୍କ କାଳିଆ ଯୋଜନା ବିଷୟରେ ଗତ କିଛିଦିନ ଧରି ଅଧିକ ଚର୍ଚ୍ଚା ହେଉଥିବା ଦୃଷ୍ଟିଗୋଚର ହେଉଛି। ଦାରିଦ୍ର୍ୟ ଓ ଅନଗ୍ରସରତାର ସୁଯୋଗ ନେଇ ସାରା ରାଜ୍ୟରେ ବର୍ତ୍ତମାନ ଏକ ପ୍ରକାର ତୁଷ୍ଟୀକରଣ ରାଜନୀତି ମୁଣ୍ଡ ଟେକୁଛି। ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ, ଋଣଛାଡ, ରିହାତି ଇତ୍ୟାଦିକୁ ନେଇ ରାଜନୈତିକ ଦଳ ମଧ୍ୟରେ ପ୍ରତିଯୋଗିତା ଲାଗିରହିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଦେଶକୁ ଦେବାଳିଆ କରିବ ଓ ଲୋକମାନଙ୍କୁ ପରମୁଖାପେକ୍ଷୀ କରିବ। ଲୋକଙ୍କ ଭିତରେ ଯେପରି ଆତ୍ମନିର୍ଭରଶୀଳତା ବୃଦ୍ଧି ପାଏ, ସେ ଦିଗରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏହି କ୍ଷେତ୍ରରେ ଯୁବଗୋଷ୍ଠୀର ମଧ୍ୟ ଗୁରୁଦାୟିତ୍ୱ ରହିଛି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୋର୍ଟକୁ ଆଣିବା ବାଟରେ କଏଦୀଙ୍କ ଫେରାର ଉଦ୍ୟମ

**ବରଗଡ଼ ଅଫିସ୍,୧୪।୧୨**

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନାର ଏକ ଚୋରି ମାମଲାରେ ସୋହେଲା ସବଜେଲରେ ଥିବା ଜଣେ ଅଭିଯୁକ୍ତ ସୁଶୀଲ ମହାନନ୍ଦଙ୍କୁ ଗୁରୁବାର ବରଗଡ଼ କୋର୍ଟକୁ ହାଜର କରିବା ପାଇଁ ଅଣାଯାଉଥିବାବେଳେ ସେ କୌଶଳକ୍ରମେ ଖସି ପଳାଇଥିଲେ ଏବଂ ଖୋଜାଖୋଜି କରି ପୋଲିସ ପୁଣି ତାଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଗତ ୧୨ତାରିଖରେ ପୋଲିସ ଅଭିଯୁକ୍ତ ସୁଶୀଲଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିବା ପାଇଁ ଏକ ବୋଲେରୋରେ ଆଣୁଥିଲା। ବରଗଡ଼ ସହରର ଭଟଲି ଛକ ରାସ୍ତା ଉପରେ ଥିବା ଏକ ହମ୍ପସରେ ଗାଡ଼ିର ବେଗ କମିଯିବା ପରେ ସୁଶୀଲ କୌଶଳକ୍ରମେ ଗାଡ଼ିରୁ ଡେଇଁ ଖସି ପଳାଇଥିଲେ । ପୋଲିସ ଏଏସଆଇ କେ. ବିଶ୍ୱାଳ, ଟି.ଡି ବରିହା, ଏସଆଇ ଅନୁପ ବାରିକ ପ୍ରମୁଖ ତାଙ୍କୁ ପିଛା କରି ବିଶିପଡ଼ା ନିକଟରୁ ଧରିଥିଲେ । ବରଗଡ଼ ଟାଉନ ଥାନା ପୋଲିସ ଆଉ ଏକ ମାମଲା(ନଂ.୫୭୦/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା ଏବଂ ଏହାପରେ ପୁଣି ସେ ସବ୍‌ଜେଲକୁ ଯାଇଥିଲେ ।

■ ମହାନଦୀ ଜଳ ବିବାଦ

# ଫେବୃୟାରୀକୁ ଘୁଞ୍ଚିଲା ଶୁଣାଣି

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

**ଜାନୁୟାରୀରେ ୨ୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ**



ମହାନଦୀ ଜଳ ବଣ୍ଟନ ବିବାଦ ଶୁଣାଣି ଆସନ୍ତା ଫେବୃୟାରୀ ପହିଲାକୁ ଘୁଞ୍ଚିଛି। ମହାନଦୀ ଟ୍ରିବ୍ୟୁନାଲ ଶନିବାର ଓଡ଼ିଶା–ଛତିଶଗଡ ମଧ୍ୟରେ ଜଳ ବିବାଦ ସମ୍ପର୍କିତ ମାମଲାର ଶୁଣାଣି କରିବା ସହ ଜବାବ ଦାଖଲ ପାଇଁ ଓଡ଼ିଶାକୁ ୪ ସପ୍ତାହ ସମୟ ଦେଇଛନ୍ତି। ଛତିଶଗଡ ପକ୍ଷରୁ ଦାଖଲ ତଥ୍ୟ ଉପରେ ପକ୍ଷ ରଖିବା ପାଇଁ ଓଡ଼ିଶାକୁ ଏହି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଜଷ୍ଟିସ ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଶୁଣାଣି ପୂର୍ବରୁ ଉଭୟ ପକ୍ଷ ଆବଶ୍ୟକ ତଥ୍ୟ ଦାଖଲ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖଣ୍ଡପୀଠରେ ଜଷ୍ଟିସ୍ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ୍ କୌର ରହିଛନ୍ତି। ଉଭୟ ପକ୍ଷ ମଧ୍ୟରେ ତଥ୍ୟର ଆଦାନପ୍ରଦାନ ନେଇ ଟ୍ରିବ୍ୟୁନାଲ ପକ୍ଷରୁ ଦୁଇଜଣ ମଧ୍ୟସ୍ଥଙ୍କୁ ନିଯୁକ୍ତ କରାଯାଇଛି। ଦୁଇପକ୍ଷର କାଉନ୍‌ସେଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ଉଭୟ ପକ୍ଷରୁ ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ସମାପ୍ତ ହୋଇଛି। ଆସନ୍ତା ଜାନୁୟାରୀରେ ଓଡ଼ିଶା ଓ ଛତିଶଗଡ଼ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ କରାଯିବ। ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା କହିଛନ୍ତି ଯେ, ଆସନ୍ତା ଜାନୁୟାରୀ ୪ରେ ଛତିଶଗଡର ଏକ ବିଶେଷଜ୍ଞ ଦଳ ଓଡ଼ିଶା ଆସିବେ। ଅନୁରୂପଭାବେ ଓଡ଼ିଶାର ଏକ ଟିମ୍ ଜାନୁୟାରୀ ୧୬ରେ ଛତିଶଗଡ ଗସ୍ତ କରିବେ। କ୍ଷେତ୍ର ପରିଦର୍ଶନ କରି ଏହି ଦଳ କେଉଁ ସ୍ଥାନରେ ନଦୀ ଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଉଛି, ତାହାର ସରଜମିନ ଅନୁଧ୍ୟାନ କରିବେ ବୋଲି ପରିଜା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୩୦ରୁ ନଭେମ୍ବର ୨ ମଧ୍ୟରେ ଓଡ଼ିଶାର ଏକ ବିଶେଷଜ୍ଞ ଦଳ ଛତିଶଗଡ ଯାଇ ସେଠାରେ ମହାନଦୀ ଉପରେ ଗଢି ଉଠିଥିବା ଛୋଟବଡ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। ଅନୁରୂପଭାବେ ଛତିଶଗଡର ଏକ ଟିମ୍ ଗତ ନଭେମ୍ବର ୧୭ରୁ ୧୯ ମଧ୍ୟରେ ଓଡ଼ିଶା ଗସ୍ତ କରିସାରିଛି। ଛତିଶଗଡ ପକ୍ଷରୁ ଓଡ଼ିଶାରେ ବୃଷ୍ଟିପାତ ସମ୍ପର୍କିତ ତଥ୍ୟ ମଗାଯାଇଛି। ଓଡ଼ିଶା ପକ୍ଷରୁ ତାହାର ଉତ୍ତର ରଖାଯିବ ବୋଲି ମଧ୍ୟ ଜଣାପଡିଛି। ସେହିଭଳି ମହାରାଷ୍ଟ୍ରର କାଉନ୍‌ସେଲ ଆଡଭୋକେଟ୍ ଦୀପକ ନରଗାକର କହିଛନ୍ତି ଯେ, ଓଡ଼ିଶା ଦ୍ୱାରା କରାଯାଇଥିବା ଅନ୍ତରୀଣ ଆବେଦନ ସମ୍ପର୍କିତ କାର୍ଯ୍ୟ ସରିଛି। ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ପାଇଁ ଟ୍ରିବ୍ୟୁନାଲ ଚେଷ୍ଟା କରୁଛନ୍ତି।

### ଶୀତ ଅବକାଶ ପରେ ପୋଲାଭରମ୍ ଶୁଣାଣି

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀ ଉପରେ ନିର୍ମିତ ଇନ୍ଦ୍ରସାଗର ପୋଲାଭରମ୍ ବହୁମୁଖୀ ପ୍ରକଳ୍ପକୁ ନେଇ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ଏହି ମାମଲା ଉପରେ ସୁପ୍ରିମକୋର୍ଟରେ ଶୀତକାଳୀନ ଛୁଟି ପରେ ଶୁଣାଣି ହୋଇପାରେ। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ। ପୋଲାଭରମ୍ ସମ୍ପର୍କିତ ମୂଳ ମାମଲା ଏବଂ ଆନୁଷଙ୍ଗିକ ବିଷୟ ଉପରେ ଅଦାଲତ ନିଜର ରାୟ ଶୁଣାଇବେ। ଏହି ମାମଲାଟିକୁ ଶୁଣାଣି ପାଇଁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରାଯାଇଛି। ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍ ଏହାର ଶୀଘ୍ର ଶୁଣାଣି ପାଇଁ ଅନୁରୋଧ କରିଥିଲେ। ଚଳିତ ମାସ ୧୯ରୁ ଆସନ୍ତା ଜାନୁୟାରୀ ୫ ପର୍ଯ୍ୟନ୍ତ ସର୍ବୋଚ୍ଚ ଅଦାଲତର ଶୀତକାଳୀନ ଅବକାଶ ହେବ।

# ଖଣି ପଥରରେ ହେବ ପୁରୀ ଐତିହ୍ୟର ବିକାଶ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଖଣ୍ଡୋଲାଇଟ ଖଣି ପଥରରେ ହେବ ପୁରୀ ଶ୍ରୀମନ୍ଦିର ଐତିହ୍ୟର ବିକାଶ। ଏଥିପାଇଁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଓଡିଶା ଖଣି ନିଗମ(ଓଏମ୍‌ସି)କୁ ୬ଟି ଖଣ୍ଡୋଲାଇଟ ଖଣି ଦେବାକୁ ଶନିବାର ବିଜ୍ଞପ୍ତି ପ୍ରକାଶ କରିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯାଜପୁର ଜିଲାରେ ୩, କଟକ ୧ ଏବଂ ଖୋର୍ଦ୍ଧା ଜିଲାରେ ଥିବା ୨ଟି ପଥର ଖଣିକୁ ଓଏମ୍‌ସିକୁ ପ୍ରଦାନ କରାଯାଇଛି। ଓଡିଶା ଖଣି ନିଗମ ଦ୍ୱାରା ଏହି ଖଣିଗୁଡିକରୁ ଉତ୍ତୋଳନ ହେବାକୁ ଥିବା ଖଣିଜ ପଦାର୍ଥକୁ ପୂର୍ତ୍ତ ବିଭାଗ ଓ ଏହାଦ୍ୱାରା ମନୋନୀତ ଅନ୍ୟ ଏଜେନ୍ସିକୁ ଯୋଗାଇଦିଆଯିବ। ଏହି ଖଣିଜ ପଦାର୍ଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଐତିହ୍ୟର ବିକାଶ ପାଇଁ ଆରମ୍ଭ କରାଯାଇଥିବା ଅଗମେଣ୍ଟେଶନ ଅଫ୍ ବେସିକ ଆମେନିଟିଜ୍ ଆଣ୍ଡ ଡେଭେଲପମେଣ୍ଟ ଅଫ୍ ହେରିଟେଜ ଆଣ୍ଡ ଆର୍କିଟେକ୍ଟର (ଅବଢା) ଯୋଜନାରେ ବ୍ୟବହାର କରାଯିବ। ଖଣ୍ଡୋଲାଇଟ ପଥର ଯୋଗାଣ ପାଇଁ ପୂର୍ତ୍ତ ବିଭାଗ, ଶ୍ରୀ ମନ୍ଦିର ପ୍ରଶାସନ ଏବଂ ଓଏମ୍‌ସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରୀତ ହୋଇଛି। ଯାଜପୁର ଜିଲାର ଚନ୍ଦିଆ, ଶୁଖୁଆପଡା ଓ ତେଲିଗଡ, କଟକ ଜିଲାର ଗୋବିନ୍ଦପୁର ଏବଂ ଖୋର୍ଦ୍ଧା ଜିଲାର କୁମ୍ଭରୁପଡା ଏବଂ ନାରାୟଣ ଗଡର କୁଣ୍ଡାକୁଣ୍ଡି କୁଣ୍ଡାପଥର ଖଣି ରହିଛି। ଏହି ଖଣିରୁ ବାହାରୁଥିବା ଖଣ୍ଡୋଲାଇଟ ପଥର ଛଡା ଅନ୍ୟ ଖଣିଜ ପଦାର୍ଥକୁ ଓଏମ୍‌ସି ଆଇନ ଅନୁଯାୟୀ ବିକ୍ରି କରି ପାରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨୦୧୭ ମେ ୧୮ ତାରିଖରେ ପୁରୀ ଶ୍ରୀଜଗନ୍ନାଥ ଐତିହ୍ୟର ବିକାଶ କରିବା ପାଇଁ ଅବଢା ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ହବିଷ୍ୟାଳିଙ୍କ ପାଇଁ ବିଶ୍ରାମାଗାର, ପୁରୀର ବିଭିନ୍ନ ସ୍ଥାନରେ ରାସ୍ତାର ଉନ୍ନତୀକରଣ ଏବଂ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଅବଢା ଯୋଜନାରେ ଅନେକଗୁଡିକ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ବାତ୍ୟା ଫନୀ ଯୋଗୁ ପୁରୀ ସହର ଛାରଖାର ହୋଇଯାଇଛି। ବାତ୍ୟା ପରେ ପୁରୀ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରର ଐତିହ୍ୟକୁ ବିଶ୍ୱସ୍ତରୀୟ କରିବାକୁ ଘୋଷଣା କରିଥିଲେ। ଏ ନେଇ ୨୦୧୯ ଅକ୍ଟୋବର ୨୨ ତାରିଖରେ ରାଜ୍ୟ କ୍ୟାବିନେଟରେ ୩,୨୦୮ କୋଟି ଟଙ୍କାର ଅବଢା ଯୋଜନାକୁ ଅନୁମୋଦନ କରାଯାଇଥିଲା।

**ଓଏମ୍‌ସିକୁ ୬ ଖଣି ଦେଲା ଖଣି ଓ ଇସ୍ପାତ ବିଭାଗ**

# ଅପହରଣ କରି ମୁଣ୍ଡ ଜାମିନ, ୧୧ ଗିରଫ





ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ହାଜର କରାଯାଇଛି(ବାମ)। ଜବତ ମୋବାଇଲ, ଖେଳଣା ବନ୍ଧୁକ।

**ବରଗଡ଼ ଅଫିସ୍,୧୪।୧୨**

ବରଗଡ଼ ଜିଲା ପଦ୍ମପୁର ଥାନା ଅଞ୍ଚଳରୁ ଗୁରୁବାର ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପୁଅଙ୍କ ସମେତ ୩ ଜଣଙ୍କୁ ଅପହରଣ ଏବଂ ମୁଣ୍ଡଜାମିନ ରଖି ଟଙ୍କା ଦାବି କରିବା ଘଟଣାର ପର୍ଦ୍ଦାଫାଶ ହୋଇଛି। କଫ୍ ସିରପକୁ ନେଇ ଉପୁଜିଥିବା ବିବାଦରୁ ସେହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଏହି ଘଟଣାରେ ଅପହୃତଙ୍କୁ ଉଦ୍ଧାର କରିଥିବାବେଳେ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରପାଲିର ସୋନୁ ଓରଫ ଶେଖ ଅନସର(୩୨), କାଳିଆ ବାଗ(୩୫), ସୁରଜ ଓରଫ ସୁରତ କୁମାର ଦାଶ(୧୯), ବରପାଲି ଥାନା ଡୁମ୍ବେରମୁଣ୍ଡାର ଜୟ ରଫ ସଞ୍ଜୟ ପ୍ରଧାନ(୩୧), ବରପାଲି ଓଡ଼ିଆପଡ଼ାର ରାଜୁ ମେହେର(୨୪), ସୋହେଲା ଉପରପଡ଼ାର ଜିତେନ୍ଦ୍ର ସିଂ ଠାକୁର(୩୨), ବରଗଡ଼ ସଦର ଥାନା ଅନ୍ତର୍ଗତ ପିପିଲିପାଲିର ଦ୍ୱାରିକା ପ୍ରସାଦ ସାହୁ(୩୦), ଜଗପତିସାହୁ(୨୬), ଡୁମେରପାଲିର ପ୍ରଦୀପା ସାହୁ(୩୫), ସାହାଜବାହାଲର ସତ୍ୟମ ଦୋରା(୨୫) ଏବଂ ବିଜେପୁର ଥାନା ଜମିଦାରପଡ଼ାର ଗୁଜର ଓରଫ ରଞ୍ଜନ ପ୍ରଧାନ(୪୦)। ତେବେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତଙ୍କ ପାଖରୁ ୩ଟି ୪ଚକିଆ ଗାଡ଼ି, ୨ଟି ୨ଚକିଆ ଗାଡ଼ି, ୧୧ଟି ମୋବାଇଲ ଫୋନ ଏବଂ ଏକ ଖେଳଣା ବନ୍ଧୁକ ଜବତ ହୋଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୨୬୯/୧୯) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ଶନିବାର ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ଗତ ୧୨ତାରିଖରେ ଅଭିଯୁକ୍ତ ଜୟ ଏବଂ ଦ୍ୱାରିକା ଫୋନରେ ଡାକିବାରୁ ପଦ୍ମପୁର ଥାନା ଚାରପାଲି ଗ୍ରାମର ଅବସରପ୍ରାପ୍ତ ପୋଲିସ ଅଧିକାରୀ ଉଦୟନାଥ ସେଠୀଙ୍କ ପୁଅ ଅମର ପ୍ରସାଦ(୨୨) ତାଙ୍କ ଦୁଇ ସାଙ୍ଗ ସୁଶାନ୍ତ ବାଗ(୧୮) ଏବଂ କ୍ଷୀରୋଦ ସାହୁ(୨୬)ଙ୍କ ସହିତ ବରିହାପାଲି ଛକରେ ଏକ ମାରୁତି ସୁଇଫ୍ଟ କାର୍ (ନଂ.ଓଆର୦୮ଡି/୦୭୮୬) ଯୋଗେ ସେଠାକୁ ଯାଇଥିଲେ । ଅପରାହ୍ନ ୨ଟାରେ ଅନ୍ୟ ୨ଅଭିଯୁକ୍ତ ସତ୍ୟମ ଓ ସୁରଜ ଏକ ବାଇକ୍‌ରେ, ଦ୍ୱାରିକା, ଗଜପତି, ପ୍ରଦୀପ, ରଞ୍ଜନ ଏକ ମାରୁତି ୱାଗନର କାର୍ (ନଂ.ଓଡ଼ି୧୭କ୍ୟୁ/୬୪୪୬), ସୋନୁ, ଜୟ, କାଳିଆ ଓ ଫେରାର ଅଭିଯୁକ୍ତ ମୁଟୁ ଛତ୍ରିଆ ଅନ୍ୟ ଏକ ମହିନ୍ଦ୍ରା ମାରାଜୋ କାର୍(ନଂ.ଓଡ଼ି୧୭ଏସ୍/୪୬୫୬) ଯୋଗେ ସେଠାକୁ ପହଞ୍ଚିଥିଲେ। ଏହାପରେ ସମସ୍ତ ଅଭିଯୁକ୍ତ ଅମର, ସୁଶାନ୍ତ ଓ କ୍ଷୀରୋଦଙ୍କୁ ଜୋର ଜବରଦସ୍ତ ସେମାନଙ୍କ ଗାଡ଼ିରେ ବିଜେପୁର ଥାନା ମାନପୁର ଅଞ୍ଚଳକୁ ଉଠାଇ ନେଇ ସେମାନଙ୍କ କବ୍‌ଜାରେ ରଖିଥିଲେ। ପରେ ସେଠାକୁ ଅନ୍ୟ ଦୁଇ ଅଭିଯୁକ୍ତ ରାଜୁ ଓ ଜିତେନ୍ଦ୍ର ପହଞ୍ଚିଥିଲେ। ଏହାପରେ ଅଭିଯୁକ୍ତମାନେ ସେମାନଙ୍କ ମୁଣ୍ଡଜାମିନ ରଖି କ୍ଷୀରୋଦଙ୍କ ମୋବାଇଲରୁ ତାଙ୍କ ବାପା ଭରତ ଏବଂ ଅମରଙ୍କ ବାପା ଉଦୟନାଥଙ୍କୁ ଫୋନ କରି ଯଥାକ୍ରମେ ୨ଲକ୍ଷ ଏବଂ ଦେଢ଼ ଲକ୍ଷ ଟଙ୍କା ଦାବି କରିଥିଲେ। ଘଟଣାକୁ ନେଇ ଅପହୃତଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ବିଜେପୁର, ବରପାଲି ଏବଂ ପଦ୍ମପୁର ଥାନା ଅଧିକାରୀଙ୍କୁ ନେଇ ୩ଟି ଟିମ୍ ଗଠନ କରାଯାଇଥିଲା ଏବଂ ଘଟଣା ଦିନ ହିଁ ଅପହୃତଙ୍କୁ ଉଦ୍ଧାର କରାଯିବା ସହିତ ୧୧ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ପି ସାହୁ କହିଥିଲେ। ନକଲି (ପାଣି ମିଶ୍ରିତ) କଫ୍ ସିରପ୍ ଯୋଗାଣକୁ ନେଇ କ୍ଷୀରୋଦ ଓ ଜୟଙ୍କ ମଧ୍ୟରେ ବିବାଦ ରହିଥିଲା ଏବଂ ତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଥିଲେ। ଅନ୍ୟପଟେ ପୋଲିସ କିଛି ପରିମାଣର କଫ ସିରପ୍ ଜବତ କରିଥିବାବେଳେ କ୍ଷୀରୋଦଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରୁଥିବା ଜଣାପଡ଼ିଛି।

■ କଫ ସିରପ୍ ବିବାଦରୁ ହୋଇଥିଲା ଅପହରଣ

■ ଅପହୃତଙ୍କ ମଧ୍ୟରେ ପୋଲିସ ଅଧିକାରୀଙ୍କ ପୁଅ

■ ଚାରି, ଦୁଇ ଚକିଆ ଗାଡ଼ି, ଖେଳଣା ବନ୍ଧୁକ ଜବତ

**ଡକାୟତ ଯୋଜନା ବେଳେ ପୋଲିସ ଚଢ଼ାଉ**

# ୩ ପିଏଲ୍‌ଏଫ୍‌ଆଇ ସଦସ୍ୟ ଗିରଫ

**ଦେବଗଡ,୧୪।୧୨(ଡି.ଏନ.ଏ.)**





ଖବରଦାତା ସମ୍ମିଳନୀରେ ଦେବଗଡ ଏସ୍.ପି.ରାହୁଳ ଜୈନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଉଛନ୍ତି (ବାମ)ଦେଶୀ ପିସ୍ତଲ,ଚାଇନା ନିର୍ମିତ ସେମି ଅଟୋମେଟିକ ପିସ୍ତଲ, ୭ଗୁଳି ଓ ଗୋଟିଏ ଖଣ୍ଡା ଓ ୩ଟି ମୁଖା

ଗୁରୁବାର ରାତିରେ ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ଆମ୍ବଗାଁ ହାଇସ୍କୁଲର ପୁରୁଣା ଛାତ୍ରାବାସ ନିକଟରେ ସଶସ୍ତ୍ର ଡକାୟତି ପାଇଁ ଯୋଜନା କରୁଥିବାବେଳେ ବାରକୋଟ ଥାନା ପୋଲିସ ୩ଜଣ ପିଏଲଏଫ୍‌ଆଇ ସଦସ୍ୟଙ୍କୁ ଗିରଫ କରିଛି । ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଟୋରପା ଜିଲା ଖୁଣ୍ଟି ଥାନାଞ୍ଚଳର ମଣ୍ଟୁ ଓରଫ୍ ଯୋଗେଶ୍ୱର ସିଂ(୩୦)ଓ ସିମଡେଗା ଜିଲା ଜଲଦେଗା ଥାନାଞ୍ଚଳର ମୁନା ଓରଫ୍ ମନୋଜ କାଣ୍ଡୁଲାନା (୨୩) ଏବଂ ସୁନ୍ଦରଗଡ ଜିଲା ବଣାଇଁଗଡ ଥାନାଞ୍ଚଳର ପଣ୍ଡୁଆ ଗ୍ରାମର ଦିଲ୍ଲୀପ କେଶରୀ (୩୨) । ସେମାନଙ୍କ ପାଖରୁ ୨ଟି ଦେଶୀ ପିସ୍ତଲ,ଗୋଟିଏ ଚାଇନା ନିର୍ମିତ ସେମି ଅଟୋମେଟିକ ପିସ୍ତଲ, ୭ଗୋଟି ଜୀବନ୍ତ ଗୁଳି ଓ ଗୋଟିଏ ଖଣ୍ଡା ଓ ୩ଟି ମୁଖା ଜବତ କରିଛି । ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ଗିରଫ କରିବାପାଇଁଉଦ୍ୟମ ଜାରି ରହିଛିବୋଲି ଜିଲା ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦେବଗଡ ଏସ୍.ପି.ରାହୁଳ ଜୈନ ସୂଚନା ଦେଇଛନ୍ତି । ଗତ ୧୨ ତାରିଖ ରାତ୍ରି ପ୍ରାୟ ୧୧ଟା ସମୟରେ ଉପରୋକ୍ତ ଯୁବକମାନେ କୌଣସି ସ୍ଥାନରେ ଡକାୟତି ପାଇଁ ଆମ୍ବଗାଁ ହାଇସ୍କୁଲର ପୁରୁଣା ଛାତ୍ରାବାସ ନିକଟରେ ଯୋଜନା କରୁଥିଲେ । ପୋଲିସ କୌଣସି ସୂତ୍ରରୁ ସୂଚନା ପାଇବା ପରେ ବାରକୋଟ ଥାନା ଆଇଆଇସି ଚିତ୍ତ ରଞ୍ଜନ ବେହେରା ଓ ସବ୍‌ଇନ୍ସପେକ୍ଟର ଦେବଶିଷ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ୩ ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କୁ ଗିରଫ କରିଥିଲା । ଅନ୍ୟ ୨ ଡକାୟତ ଫେରାର ହୋଇଯାଇଥିଲେ । ଗିରଫ ପିଏଲ୍‌ଏଫ୍‌ଆଇ ସଦସ୍ୟମାନଙ୍କ ମଧ୍ୟରୁ ମନୋଜ କାଣ୍ଡୁଲାନାଙ୍କ ନାମରେ ପୂର୍ବରୁ ହତ୍ୟା , ଡକାୟତି ଓ ବ୍ୟାଙ୍କଲୁଟ ମାମଲା ରହିଥିବା ବେଳେ ଯୋଗେଶ୍ୱର ଓ ,ଦିଲ୍ଲୀପଙ୍କ ସମେତ ଫେରାର ଦୁଇଜଣଙ୍କ ନାମରେ ଝାଡ଼ଖଣ୍ଡ ରାଜ୍ୟ ସମେତ ଓଡିଶାର ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଏସ୍.ପି. ଜୈନ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ଦେବଗଡ ଏସଡିପିଓ ସୁଲେମାନ ଏକ୍କା, ବାରକୋଟ ଥାନା ଆଇଆଇସି ଚିତ୍ତ ରଞ୍ଜନ ବେହେରା ଓ ସବ ଇନ୍ସପେକ୍ଟର ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଡେଙ୍ଗୁରେ ନାବାଳିକା ମୃତ

**ସଜନାଗଡ଼, ୧୪।୧୨(ଡି.ଏନ.ଏ.)**

ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀଙ୍କ ଭାଣିଜୀଙ୍କ ଝିଅ ସ୍ୱାତୀ ମିଶ୍ର (୧୪)ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲାର ଗଡ଼ିଆ ଅଞ୍ଚଳର ଦୀନେଶ ମିଶ୍ର ସପରିବାର ମହାରାଷ୍ଟ୍ରର ପୁଣେରେ ବସବାସ କରିଆସୁଥିବା ବେଳେ ତାଙ୍କର ଝିଅ ସ୍ୱାତୀ ପୁଣେର କଠାରୀ ଇନ୍‌ଟରସେନ୍‌ନାଲ ସ୍କୁଲ୍‌ରେ ୯ମ ଶ୍ରେଣୀରେ ପଢୁଥିଲେ। ସେ ଜଣେ ଭଲ ଆଥଲେଟ୍ ଭାବେ ପରିଚିତ ହୋଇ ବହୁ ପୁରସ୍କାର ପାଇଥିଲେ। ତେବେ ଏକ ସପ୍ତାହ ଧରି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।


**ADMISSION NOTICE**

**ADVANCED DIPLOMA IN COMPUTER HARDWARE & NETWORK MANAGEMENT** (NSQF Complied Course - LEVEL - 6)

**Duration** : **Six Months (Starting 13.01.2020)**

**Eligibility** : B.Sc / Degree / Diploma in any discipline. Final year students expecting results before start of course can also apply.

**Fees** : **Rs.34,500/-** ( to be paid in two equal installments).

**COURSE CONTENT**

• Computer Fundamental • SMPS • Microprocessor • Support Chips • Mother Board, Removable Drive • Hard Disk • Memory • BIOS • Assembling PC • Installing of Operating System • Display Device • Trouble Shooting • Networking Concepts (Type, Design, Cabling) • Peer to Peer • Client Server • Windows 2016 Server (Web) • Linux RHEL 7.0 • Trouble Shooting • CCNA (All 4 Modules)

**How to apply** : Application are to be submitted in plain paper alongwith Bio-data, copies of marksheet & certificates, two passport size color photographs & fee payment online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee.

Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhar Card. Caste Certificate & Aadhar Card in original from competent authority is to be produced for verification at the time of admission which may be re-verified from the Issuing Authority.

***For details contact : Training In-Charge, Mob.9861939570***

**CENTRAL TOOL ROOM & TRAINING CENTRE**

(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- 7788836660, Fax : (0674) 3011750
E-mail : cttc@cttc.gov.in, Website: www.cttc.gov.in



**ବିଜ୍ଞାପନ ସଂଖ୍ୟା-୩୨୬୫** **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦେଓଗାଁ** **ତା୧୨।୧୨।୧୯**

ଏତଦ୍ୱାରା ଦେଓଗାଁ ବ୍ଲକ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ୧୬।୧୨।୨୦୧୯ରୁ ୧୮।୦୨।୨୦୨୦ ପର୍ଯ୍ୟନ୍ତ, ଜାତୀୟ ସାମାଜିକ ସୁରକ୍ଷା ଯୋଜନା ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର "ସାମାଜିକ ସମୀକ୍ଷା ଓ ଗ୍ରାମସଭା" ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଧାର୍ଯ୍ୟ ତାରିଖରୁ ଆରମ୍ଭ ହେବ। ତେଣୁ ସମସ୍ତ ନାଗରିକ ତଥା କୁଶଳୀ-ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଏବଂ ଗୋଷ୍ଠୀର ସଭ୍ୟ ସାମାଜିକ ସମୀକ୍ଷାର ଧାରାରେ ସହଯୋଗ କରି ବହୁ ସଂଖ୍ୟାରେ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଅନୁରୋଧ।

**ସାମାଜିକ ସମୀକ୍ଷା ଓ ଗ୍ରାମସଭା କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ତାରିଖ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ତାରିଖ | ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ | ଗ୍ରାମସଭାରେ ଉପସ୍ଥିତ ରହିବାକୁ ଥିବା କର୍ମଚାରୀ |
|---|---|---|---|---|---|---|
| ୧ | ଅର୍ଜୁନପୁର, କୁଲତାପଡ଼ା, ଉଡ଼ାର, ମକୁନ୍ଦପୁର, ବଡ଼ବାହାଲ | ତା୧୬।୧୨। ୨୦୧୯ରୁ ତା୧୯।୧୨।୨୦୧୯ | ତା୨୦।୧୨। ୨୦୧୯ରୁ ତା୨୭।୧୨।୨୦୧୯ | ତା୨୭।୧୨। ୨୦୧୯ | ତା୨୬।୦୩।୨୦୨୦ | ପିଇଓ, ଜିଆରଏସ୍, ଜେଇ, ଜିପିଟିଏ, ନୋଡାଲ୍ ଅଫିସର |
| ୨ | ଗୌଡ଼ଗୋଠ, ଉପରଝର, ସାଲେପାଲି, ଗୁଡ଼ଖାପଲା, ମହଲେଇ | ତା୩୦।୧୨। ୨୦୧୯ରୁ ତା୦୩।୦୧।୨୦୨୦ | ତା୦୪।୦୧। ୨୦୨୦ରୁ ତା୧୦।୦୧।୨୦୨୦ | ତା୧୦।୦୧। ୨୦୨୦ | | |
| ୩ | ଜରାସିଂହା, ଦେଓଗାଁ, ହାତୀସରା, କୁତୁର୍ଲା, ସିକୁଆଁ | ତା୧୩।୦୧। ୨୦୨୦ରୁ ତା୧୬।୦୧।୨୦୨୦ | ତା୧୮।୦୧। ୨୦୨୦ରୁ ତା୨୪।୦୧।୨୦୨୦ | ତା୨୪।୦୧। ୨୦୨୦ | | |
| ୪ | ବଡ଼ବନ୍ଧ, ଧଣ୍ଡାମାଳ, ଗାଇବାହାଲ, ସାରସମାଲ, ଦେଷଣ୍ଡ | ତା୨୭।୦୧। ୨୦୨୦ରୁ ତା୩୦।୦୧।୨୦୨୦ | ତା୩୧।୦୧। ୨୦୨୦ରୁ ତା୦୬।୦୨।୨୦୨୦ | ତା୦୬।୦୨। ୨୦୨୦ | | |
| ୫ | ବନ୍ଧପଡ଼ା, ବ୍ରାହ୍ମଣୀଯୋର, ଲଣ୍ଡାପଥର, ରାମଚନ୍ଦ୍ରପୁର, ଡୁମେରପିଟା, ସିଂହାମୁଣ୍ଡା | ତା୦୮।୦୨। ୨୦୨୦ରୁ ତା୧୧।୦୨।୨୦୨୦ | ତା୧୨।୦୨। ୨୦୨୦ରୁ ତା୧୮।୦୨।୨୦୨୦ | ତା୧୮।୦୨। ୨୦୨୦ | | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ ବ୍ଲକ



**ZILLA SWASTHYA SAMITI, NUAPADA**
**OFFICE OF THE CHIEF DISTRICT MEDICAL OFFICER, NUAPADA (CORPUS FUND)**
E-mail: nhmnuapada@gmail.com
Phone: (06678)- 223346

**Adv No: 2929 / DPMU/ NHM/ 2019 Date: 12.12.2019**

**REQUIREMENT OF SPECIALIST DOCTORS**
**in**
**O & G/Paediatrics/Medicine/Anaesthesia/Orthopedics/Surgery Psychiatry/Skin & VD/ Radiologist**

**No.E-578:-** Zilla Swasthya Samiti, Nuapada invites applications from interested specialist doctors on Full Time basis under Corpus Fund. Interested specialist doctors can download the application format & vacancy details from www.nuapada.nic.in and can attend in the office of the undersigned application along with all certificates in any working day from 1st to 15th of every month. For detailed enquiry interested specialist doctors can contact in 9439989988/ 9439989500. The remuneration for all the above category of post is provisionally fixed as Rs. 1,50,000/- which is negotiable. The minimum age for all post is 21 years and maximum age limit is 070 years.

10055/11/0007/1920 **Sd./- CDM & PHO, Nuapada**



**ନିଯୁକ୍ତି ମେଳା-ରାୟଗଡ଼-୨୦୧୯**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆସନ୍ତା ତା୧୮।୧୨।୨୦୧୯ରିଖ (ବୁଧବାର) ଦିନ ଜି.ସି.ଡି ହାଇସ୍କୁଲ ପଡିଆ, ରାୟଗଡ଼ଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଉକ୍ତ ମେଳାରେ ସମସ୍ତ ଶିକ୍ଷା ଯୋଗ୍ୟତାର ପ୍ରମାଣପତ୍ର, ଆଧାରଗାର୍ଡ, ପାସ୍‌ଫୋଟ ଏବଂ ସହି ନକଲ ସହ ସକାଳ ୧୦ଘଟିକାଠାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଏବଂ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍ ଓ ତଦୁର୍ଦ୍ଧ୍ୱ ଥିବା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ମେଳାରେ ଯୋଗଦେବା ପାଇଁ ଅନୁରୋଧ କରାଯାଉଅଛି। ବେସରକାରୀ ଅନୁଷ୍ଠାନରେ ଖାଲିଥିବା ପଦବୀ ଏବଂ ତାଲିମ ସୁବିଧାର ସବିଶେଷ ବିବରଣୀ ପାଇଁ ବ୍ଲକ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ବିଦ୍ର.- ପ୍ରକାଶଥାଉକି ଏହି ସୁଯୋଗ ସରକାରୀ ଚାକିରି ନିମନ୍ତେ ଉଦ୍ଦିଷ୍ଟ ନୁହେଁ।**

**ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, ରାୟଗଡ଼**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RAIRANGPUR (R&B) DIVISION**

**E- mail ID- eerbrairangpur@yahoo.co.in**

**No.B-424:-** **e-procurement Notice**

**Bid identification No. E.E. 17 of 2019-20**

| | | | |
|---|---|---|---|
| 1. | The Executive Engineer, Rairangpur (R&B) Division on behalf of Governor of Odisha invites single cover percentage rate bid in ONLINE MODE for Road works from eligible contractors as detailed below. | | |
| 2. | Nature of work | : | Road work |
| 3. | No of works | : | 12 Nos. |
| 4. | Estimated cost put to tender | : | Rs. 17,25,600/- to Rs. 5,35,900/- |
| 5. | Class of contractor | : | D&C Class |
| 6. | Date & Time of sale & receipt of Bids | : | 10.00 AM of 21.12.19 to 4.00 P.M of 30.12.19 |
| 7. | Date of opening of Bid | : | 31.12.19 at 11.00 A.M |
| 8. | The bidders have to participate in ON LINE bidding only. Further details can be seen from the Website **http://tendersorissa.gov.in**. | | |

**Sd./- Executive Engineer,**
**Rairangpur (R&B) Division**

**34041/11/0009/1920**



**OFFICE OF THE CHIEF DIST. MEDICAL & PUBLIC HEALTH OFFICER, RAYAGADA**

(Dist. Head Quarter Hospital campus,
Tele Phone No. 06856-235603, Mail ID: cdmorayagada@gmail.com)
Adv. No. 7698 / 2019 Acct.(Med.), dated, Rayagada the 12th Dec. 2019

**Tender Call Notice for supply of Diet to the Indoor patients**

**No. E-575:-** Sealed tenders are invited from the interested Diet preparation and catering firms / agencies to prepare and distribute therapeutic and non-therapeutic diet to indoor patients of DHH Rayagada for the period from 01.02.2020 to 31.03.2021. The tender documents detail terms and conditions can be downloaded from the website www.rayagada.nic.in. The required documents are to be sent to the Chief District Medical & Public Health Officer, Rayagada by Speed Post or Regd. Post only by superscribing on the top of the envelope "Tender for supply of Diet to DHH Rayagada". The last date of receipt of tender documents is on 30.12.2019 by 12 Noon and the date of opening of Tenders will be intimated to the agencies / firms by mail, Phone. The authority reserves the right to modify / cancel or reject any or all tenders without assigning any reason thereof.

***Sd/- Dr. Artabandhu Nayak***
***Chief District Medical & Public Health Officer***
***Rayagada***

10035/11/0015/1920



ଫିଲ୍ମ 'ୱାଣ୍ଟେଡ୍'ର ଦୀର୍ଘ ୯ ବର୍ଷ ପରେ ସଲ୍‌ମାନ ଖାନ୍ ଅଭିନୀତ ଫିଲ୍ମ 'ରାଧେ'ରେ ମୋତେ ଅଭିନୟ କରିବାର ସୁଯୋଗ ମିଳିଛି। ଆମ ଦୁହିଁଙ୍କ ସମ୍ପର୍କ ବହୁତ ଭଲ।
-ଗୋବିନ୍ଦ ନାମ୍‌ଦେବ,
ବଲିଉଡ୍ ଅଭିନେତା

# ଭାରତର ଭବିଷ୍ୟତ ଉଜ୍ଜ୍ୱଳ



**ଟୋକିଓ:** ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ ଗୃହୀତ ହେବା ପରେ ଉତ୍ତରପୂର୍ବ ରାଜ୍ୟରେ ଦେଖାଦେଇଛି ବ୍ୟାପକ ହିଂସା। କେବଳ ଏତିକି ନୁହେଁ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ବେକାରି, ତୈଳଦର ବୃଦ୍ଧି ଭଳି ସମସ୍ୟାକୁ ନେଇ କେନ୍ଦ୍ର ବିରୋଧୀ ଅସନ୍ତୋଷ ତେଜିବାରେ ଲାଗିଛି। ଏସବୁ ସତ୍ତ୍ୱେ ଭାରତରେ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆଶାବାଦୀ ଅଛନ୍ତି ଯୁବପିଢ଼ି। ଏବେକାର ସମସ୍ୟା ସାମୟିକ। ଆଗାମୀ ଦିନରେ ଦେଶ ପୁଣିଥରେ ବିକାଶର ଟ୍ରାକ୍‌କୁ ଫେରିବ ଏବଂ ସେମାନଙ୍କ ଭବିଷ୍ୟତ ବର୍ତ୍ତମାନର ସମୟଠାରୁ ଅଧିକ ସୁରକ୍ଷିତ ଓ ଉଜ୍ଜ୍ୱଳ ହେବ ବୋଲି ସେମାନେ ଆଶା ବାନ୍ଧିଛନ୍ତି। ଜାପାନର ନିପ୍ପନ ଫାଉଣ୍ଡେଶନ ପକ୍ଷରୁ ଭାରତ, ଚାଇନା, ଜାପାନ, ଆମେରିକା, ବ୍ରିଟେନ, ଇଣ୍ଡୋନେସିଆ, ଭିଏତ୍‌ନାମ, ଜର୍ମାନୀ ଏବଂ ଦକ୍ଷିଣ କୋରିଆରେ ୧୮ ବର୍ଷୀୟ ୯୦୦୦ ଯୁବତୀଯୁବକଙ୍କୁ ନେଇ ସର୍ଭେ କରାଯାଇଥିଲା। ଏଥିରୁ ଏପରି ତଥ୍ୟ ପଦାକୁ ଆସିଛି।

ଦେଶର ଭବିଷ୍ୟତକୁ ନେଇ ଭାରତୀୟ ଯୁବପିଢ଼ି ବିକଶିତ ଦେଶ ତୁଳନାରେ ଅଧିକ ଆଶାବାଦୀ। ଦେଶରେ ଆଗାମୀ ଭବିଷ୍ୟତ ଅଧିକ ଉତ୍ତମ ହେବ ବୋଲି ସେମାନେ ଅନୁଭବ କରୁଛନ୍ତି। କେବଳ ଏତିକି ନୁହେଁ, ସାମାଜିକ ସମସ୍ୟାର ସମାଧାନ ଲାଗି ସେମାନେ ମାନସିକସ୍ତରରେ ପ୍ରସ୍ତୁତ। ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଲାଗି ସେମାନେ ପାରୁପର୍ଯ୍ୟନ୍ତ ଉଦ୍ୟମ କରିବେ ବୋଲି କହିଛନ୍ତି। ଭାରତର ୭୮% ଯୁବପିଢ଼ି କହିଛନ୍ତି ଦେଶରେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ହେଲେ ଜାପାନରେ ଏହି ଅନୁପାତ ଅତ୍ୟନ୍ତ ନିରୁତ୍ସାହଜନକ। ଏଠାରେ ମାତ୍ର ୧୦% ଯୁବବର୍ଗ ନିଜ ଦେଶରେ ଭବିଷ୍ୟତ ସୁରକ୍ଷିତ ବୋଲି ମତ ଦେଇଛନ୍ତି। ସେହିପରି ଚାଇନାରେ ଏହି ଅନୁପାତ ବେଶ୍ ଉତ୍ସାହଜନକ ରହିଥିଲା। ଏଠାରେ ୯୬% ଯୁବପିଢ଼ି ଦେଶରେ ଭବିଷ୍ୟତକୁ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଥିଲେ। ଚାଇନାର ମାତ୍ର ୦.୧% ଯୁବତୀଯୁବକ ଦେଶର ଅବସ୍ଥା ଖରାପ ବୋଲି ମତ ଦେଇଥିଲେ। ଆମେରିକାରେ ୩୦% ଯୁବବର୍ଗ ସେମାନଙ୍କ ଭବିଷ୍ୟତକୁ ନେଇ ସନ୍ତୁଷ୍ଟ ଅଛନ୍ତି। ସମାନ ପରିମାଣର ଯୁବତୀଯୁବକ ଦେଶର ଭବିଷ୍ୟତ ଅନ୍ଧକାର ବୋଲି ସ୍ପଷ୍ଟ ମତ ରଖିଥିଲେ।

ସର୍ଭେରେ ସାମାଜିକ ସମସ୍ୟା ଏବଂ ଏହାର ସମାଧାନକୁ ନେଇ ପ୍ରଶ୍ନ କରାଯାଇଥିଲା। ଏଥିରେ ୮୬% ଭାରତୀୟ କହିଥିଲେ ସେମାନେ ସାମାଜିକ ସମସ୍ୟାର ସମାଧାନ ଚାହାନ୍ତି। ଏଥିଲାଗି ସେମାନେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ। ପ୍ରଚଳିତ ଖରାପ ବ୍ୟବସ୍ଥା ବନ୍ଦ ହେଉ ବୋଲି ସେମାନେ ଚାହାନ୍ତି।

ଅପରପକ୍ଷେ ପୃଥିବୀର ତୃତୀୟ ସର୍ବବୃହତ୍ ଅର୍ଥନୀତି ବୋଲି ଦାବି କରୁଥିବା ଜାପାନର ଯୁବପିଢ଼ିଙ୍କ ମଧ୍ୟରେ ଏପରି ଭାବନା କମ୍ ଦେଖିବାକୁ ମିଳିଥିଲା। ମାତ୍ର ୨୦% ଯୁବକ ପ୍ରଚଳିତ ବ୍ୟବସ୍ଥା ବିରୋଧୀ ସ୍ୱର ଉଠାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେହିପରି ଦକ୍ଷିଣ କୋରିଆରେ ମଧ୍ୟ ଏହି ପ୍ରଶ୍ନର ଉତ୍ତରକୁ ନେଇ ଯୁବତୀଯୁବକଙ୍କ ମଧ୍ୟରେ ନିରାଶ ଭାବ ଦେଖାଦେଇଥିଲା। ସମାଜ ପ୍ରତି ଦାୟିତ୍ୱବୋଧକୁ ନେଇ ଚାଇନା ଏବଂ ଭାରତରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚାଇନାର ୯୬% ଏବଂ ଭାରତ ୯୨% ଯୁବପିଢ଼ି କହିଛନ୍ତି, ସେମାନଙ୍କ ବ୍ୟକ୍ତିଗତ ଜୀବନ ପ୍ରତି ଯେତିକି କର୍ତ୍ତବ୍ୟ ରହିଛି, ସମାଜ ପ୍ରତି ମଧ୍ୟ ସେତିକି ଦାୟିତ୍ୱବୋଧ ରହିଛି। ୮୪% ଭାରତୀୟ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ଇଚ୍ଛୁକ ବୋଲି କହିଥିଲେ। କଥାବାର୍ତ୍ତା ମାଧ୍ୟମରେ ବଡ଼ ସମସ୍ୟାଗୁଡ଼ିକର ସମାଧାନ ହେଉ ବୋଲି ସେମାନେ ଚାହାନ୍ତି।

**୭୮% ଯୁବପିଢ଼ିଙ୍କ ମତ**

# କମାଣ୍ଡରଙ୍କୁ ସାଲ୍ୟୁଟ୍ କଲା ସେନା କୁକୁର



ସୋସିଆଲ୍ ମିଡ଼ିଆରେ ଭାଇରାଲ

**ଶ୍ରୀନଗର:** ଏବେ ସୋସିଆଲ୍ ମିଡ଼ିଆରେ ଭାରତୀୟ ସେନାରେ ନିୟୋଜିତ ଥିବା କୁକୁର ମେନକାର ଫଟୋ ଭାଇରାଲ ହେବାରେ ଲାଗିଛି। ଫଟୋଟି ଜୁଲାଇ ୧ ଅମରନାଥ ଯାତ୍ରା ସମୟରେ ଉଠାଯାଇଥିବା କୁହାଯାଉଛି। ସେନା କୁକୁର ମେନକା ନିଜ କାମରେ ବ୍ୟସ୍ତ ଥିବାବେଳେ ୧୫ କପର୍ସ କମାଣ୍ଡର ଲ୍ୟୁଟ୍‌ନାଟ୍ ଜେନେରାଲ ଭ କେ.ଜେ.ଏସ୍. ଧିଲୋନ୍ ସେଠାରେ ପହଞ୍ଚିଥିଲେ। କମାଣ୍ଡରଙ୍କୁ ଦେଖି ମେନକା ସାଲ୍ୟୁଟ୍ କରିଥିଲା। ଏହାର ଉତ୍ତରରେ ଧିଲୋନ୍ ମଧ୍ୟ ସାଲ୍ୟୁଟ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଧିଲୋନ୍ ଏନେଇ ଟୁଇଟ୍ ମଧ୍ୟ କରିଥିଲେ। ସେ କହିଥିଲେ ମେନକା ଭଳି ସେନା କୁକୁରଙ୍କ ଦ୍ୱାରା ବିସ୍ଫୋରକ ସମ୍ପର୍କରେ ଜଣାପଡ଼ିଥାଏ। ଫଳରେ ବହୁ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇ ପାରିଥାଏ।

# ଶୀତଦିନେ ଖାଆନ୍ତୁ ପ୍ରଚୁର ମାଛ

**ନୂଆଦିଲ୍ଲୀ:** ମାଛ ଖାଇବା ଶରୀର ପାଇଁ ଭଲ। ଶୀତଦିନେ ମାଛ ଖାଇଲେ ଅନେକ ଫାଇଦା ମିଳିଥାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ। ଏସବୁ ଶରୀରକୁ ଅନେକ ପ୍ରକାରର ରୋଗରୁ ରକ୍ଷା କରିଥାଏ। ଶୀତ ଦିନେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାର ସଂକ୍ରମଣରୁ ରକ୍ଷା ମିଳେ। ମାଛ ଶୀତଦିନେ ଶରୀର ତାପମାତ୍ରାକୁ ନିୟନ୍ତ୍ରିତ କରିଥାଏ। ମାଛ ଖାଇଲେ ସ୍ତନ ଏବଂ ପ୍ରୋଷ୍ଟେଟ୍ କର୍କଟ ହେବାର ଆଶଙ୍କା କମିଯାଇଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି। ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍-ଡି' ଭରପୂର ମାତ୍ରାରେ ରହିଥାଏ। ଯାହା ଶରୀରକୁ ବହୁ ରୋଗରୁ ରକ୍ଷା କରେ। ଏହା ଶରୀରର ଟ୍ରାଇଗ୍ଲିସେରାଇଡ୍‌ସ୍ତରକୁ ହ୍ରାସ କରିଥାଏ। ଫଳରେ ହାର୍ଟଆଟାକ୍ ଆଶଙ୍କା କମ୍ ହୋଇଥାଏ। ମାଛ ଯୋଗୁ ମସ୍ତିଷ୍କ କ୍ରିୟାଶୀଳ ରହିଥାଏ। ଫଳରେ ମାନସିକ ବିକାର ହେବାର ଆଶଙ୍କା କମ୍ ହୋଇଥାଏ। ମାଛରେ ଥିବା ପ୍ରୋଟିନ୍ ମସ୍ତିଷ୍କରେ ନୂଆ କୋଷିକା ତିଆରି କରେ। ଏହାଦ୍ୱାରା ସ୍ମରଣ ଶକ୍ତି ବଢ଼ିଥାଏ। ମାଛ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।



# ନର୍ଗିସ୍‌ଙ୍କ ଲାଗି ଦେହରେ ସିଗାରେଟ୍ ଚେଙ୍କ ଦେଇଥିଲେ ରାଜ୍ କପୁର



**ମୁମ୍ବାଇ:** ବଲିଉଡ୍‌ର କିମ୍ବଦନ୍ତୀ ପୁରୁଷ ରାଜ୍ କପୁରଙ୍କ ୯୫ ତମ ଜନ୍ମ ବାର୍ଷିକୀ ଶନିବାର ପାଳିତ ହେଉଛି। ସେ ୧୯୨୪ ଡିସେମ୍ବର ୧୪ରେ ପେଶାୱରରେ ଜନ୍ମଗ୍ରହଣ କରିଥିଲେ। ୧୦ ବର୍ଷ ବୟସରୁ ସେ ଆରମ୍ଭ କରିଥିଲେ ନିଜର ଫିଲ୍ମ ଯାତ୍ରା। ୨୪ ବର୍ଷ ବୟସରେ ସେ ନିର୍ଦ୍ଦେଶକ ଭାବେ ଫିଲ୍ମ 'ଆଗ୍' ନିର୍ମାଣ କରିଥିଲେ। ତାଙ୍କ ଜୀବନରେ ଥିଲା ୩ଟି ଦୁର୍ବଳତା। ଏସମ୍ପର୍କରେ ଋଷି କପୁର ନିଜ ଆତ୍ମ ଜୀବନୀ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରେ ପ୍ରଥମ ଦୁର୍ବଳତା ଅଭିନେତ୍ରୀ ନର୍ଗିସ୍ ଥିବାବେଳେ ଦ୍ୱିତୀୟ ଦୁର୍ବଳତା ସିନେମା ଏବଂ ତୃତୀୟ ଦୁର୍ବଳତା ଥିଲା ମଦ୍ୟପାନ। ନର୍ଗିସ୍‌ଙ୍କୁ ରାଜ୍ କପୁର ବହୁତ୍ ଭଲ ପାଉଥିଲେ। ଏହି ଯୋଡ଼ି ୯ ବର୍ଷ ମଧ୍ୟରେ ୧୪ଟି ଫିଲ୍ମରେ ଅଭିନୟ କରିଥିଲେ। ଆର.କେ.ଷ୍ଟୁଡିଓ ଲୋଗୋରେ ନର୍ଗିସ୍‌ଙ୍କୁ ସଂଯୁକ୍ତ କରାଯାଇଥିଲା। ତେଣୁ ତାଙ୍କୁ ଇନ୍ ହାଇସ୍ ହିରୋଇନ୍ ବୋଲି କୁହାଯାଉଥିଲା। ୧୯୫୬ରେ ରିଲିଜ୍ ହୋଇଥିବା ଫିଲ୍ମ 'ଚୋରି ଚୋରି' ରାଜ୍ କପୁର ଏବଂ ନର୍ଗିସ୍ ଯୋଡିଙ୍କର ଶେଷ ଫିଲ୍ମ ଥିଲା। ନର୍ଗିସ୍‌ଙ୍କ ବିବାହ ଖବର ଶୁଣି ରାଜ୍ କପୁର ସାଙ୍ଗମାନଙ୍କ ଆଗରେ ଜୋର୍‌ରେ କାନ୍ଦିବା ସହିତ ଏହା ସ୍ୱପ୍ନ କି ସତ୍ୟ ଜାଣିବା ପାଇଁ ନିଜ ଦେହରେ ସିଗାରେଟ୍ ଚେଙ୍କ ଦେଇଥିଲେ। ୧୯୮୮ ଜୁନ୍ ୨ରେ ରାଜ୍ କପୁର ଦେହତ୍ୟାଗ କରିଥିଲେ।

# ଏରୋବ୍ରିଜ୍‌ରେ ୯ ଘଣ୍ଟା ବିତାଇଲେ ଇଣ୍ଡିଗୋ ଯାତ୍ରୀ

**ନୂଆଦିଲ୍ଲୀ:** ଲକ୍ଷ୍ନୌରୁ ହାଇଦ୍ରାବାଦ ଯାଉଥିବା ଏକ ବିମାନର ବିଳମ୍ବ ଯୋଗୁ ଏହାର ୧୦୦ ଯାତ୍ରୀ ହଟହଟା ହୋଇଛନ୍ତି। ଏହି ଇଣ୍ଡିଗୋ ବିମାନ ଗୁରୁବାର ରାତି ୯.୧୫ରେ ଲକ୍ଷ୍ନୌସ୍ଥିତ ଚୌଧୁରୀ ଚରଣ ସିଂ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡାଣ ପାଇଁ ସମୟ ରହିଥିଲା। ମାତ୍ର ବିମାନଟି ଶୁକ୍ରବାର ସକାଳେ ଛାଡ଼ିଥିଲା। ଦିଲ୍ଲୀରେ ଖରାପ ପାଗ ଯୋଗୁ ଏହି ଅସୁବିଧା ହୋଇଥିବା ଜଣାପଡ଼ିଛି। ତେବେ ହାଇଦ୍ରାବାଦ ଯାତ୍ରା ପାଇଁ ଅପେକ୍ଷା କରିଥିବା ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏୟାର୍‌ପୋର୍ଟ ଏରୋବ୍ରିଜ୍‌ରେ ୯ଘଣ୍ଟା କାଟିବାକୁ ବାଧ ହୋଇଥିଲେ। ଏହି ବିମାନ ଗୁରୁବାର ରାତି ୧୧.୧୫ରେ ହାଇଦ୍ରାବାଦରେ ପହଞ୍ଚିବା ବଦଳରେ ଶୁକ୍ରବାର ସକାଳ ୮.୧୯ରେ ପହଞ୍ଚିଥିଲା। ଫଳରେ ୧୩୨ ଯାତ୍ରୀଙ୍କ ମଧ୍ୟରୁ କେତେକ ଯାତ୍ରୀ ହୋଟେଲ୍‌ରେ ରାତ୍ରିଯାପନ କରିଥିବାବେଳେ ଅନ୍ୟମାନେ ଏରୋବ୍ରିଜ୍‌ରେ ରାତି ବିତାଇଥିଲେ। ଏ ସମ୍ପର୍କରେ ଜଣେ ଯାତ୍ରୀ କହିଥିଲେ ଯେ, ଏୟାର୍‌ଲାଇନ୍ ବାରମ୍ବାର ବିମାନ ଛାଡ଼ିବାର ସମୟ ବଦଳାଉଥିଲା। ଶେଷରେ ବିଳମ୍ବିତ ରାତି ୨ଟାରେ ସେମାନଙ୍କୁ ଏରୋବ୍ରିଜ୍‌କୁ ନିଆଯାଇଥିଲା। ଏୟାର୍‌ଲାଇନ୍ ପକ୍ଷରୁ କୌଣସି ଅପ୍‌ଡେଟ୍ ମଧ୍ୟ ମିଳୁ ନ ଥିଲା। ଫଳରେ ଯାତ୍ରୀମାନେ ପରିସ୍ରା କରିବା ପାଇଁ ମଧ୍ୟ ଯାଇ ନ ପାରି ପାଟିତୁଣ୍ଡ କରିଥିଲେ। ଏହାପରେ ସେମାନଙ୍କୁ ବୋର୍ଡିଂ ଏରିଆକୁ ଯିବାକୁ ଅନୁମତି ଦିଆଯାଇଥିଲା। ଯାତ୍ରୀ ଜଣକ ଏୟାରଲାଇନ୍ କର୍ତ୍ତୃପକ୍ଷଙ୍କ ପରିଚାଳନାକୁ ନିନ୍ଦା କରିଥିଲେ। ତେବେ ଏୟାରପୋର୍ଟ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଯାତ୍ରୀମାନଙ୍କୁ ବୋର୍ଡିଂ ଏରିଆରେ ଅପେକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ସେମାନେ ଏରୋବ୍ରିଜ୍ ଛାଡ଼ିବାକୁ ହିଁ ପ୍ରସ୍ତୁତ ନ ଥିଲେ।



# ଆଲ୍‌ଝିମରକୁ ରୋକିବ ବ୍ରେନ୍ ପ୍ରୋଟିନ୍

**ଟରଣ୍ଟୋ:** ମାନବ ମସ୍ତିଷ୍କରେ ଶ୍ୱେତ ରକ୍ତକଣିକାକୁ ସଂଚାଳନ କରୁଥିବା ଏକ ପ୍ରକାର ପ୍ରୋଟିନ୍‌ର ସନ୍ଧାନ ପାଇଛନ୍ତି ବୈଜ୍ଞାନିକମାନେ। ଏହି ପ୍ରୋଟିନ ଆଲ୍‌ଝିମରକୁ ରୋକିବାରେ ସହାୟକ ହେବ ବୋଲି କୁହାଯାଉଛି। ଏହି ଗବେଷଣା ସମ୍ବନ୍ଧୀୟ ତଥ୍ୟ ଜର୍ନାଲ ଅଫ୍ କମ୍ୟୁନିକେଶନ୍ସ ବାୟୋଲୋଜିରେ ପ୍ରକାଶ ପାଇଛି। ଉକ୍ତ ପ୍ରୋଟିନର ନାମ ରଖାଯାଇଛି ସିଡି୩୩। ମସ୍ତିଷ୍କରେ ଥିବା ରୋଗପ୍ରତିରୋଧକ କୋଷିକା ମାଇକ୍ରଗ୍ଲିୟା ଆଲଝିମର୍‌ରେ ମୁଖ୍ୟ ଭୂମିକା ନେଇଥାଏ ବୋଲି କାନାଡ଼ାର ଏଡ଼ମଣ୍ଟନସ୍ଥିତ ଆଲବର୍ଟା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ମାଥ୍ୟୁ ମ୍ୟାକଲେ କହିଛନ୍ତି। ଏହି କୋଷିକା ଆଲଝିମର ଲାଗି କ୍ଷତିକାରକ କିମ୍ବା ରକ୍ଷାକର୍ତ୍ତା ସାଜିଥାଏ। ସିଡି୩୩ ପ୍ରୋଟିନ୍ ମାଇକ୍ରୋଗ୍ଲିୟା କାର୍ଯ୍ୟରେ ପରିବର୍ତ୍ତନ ଆଣି ତାକୁ ରକ୍ଷାକର୍ତ୍ତା ସ୍ଥିତିକୁ ଆଣିବାରେ ମୁଖ୍ୟ ଭୂମିକା ନେଉଛି ବୋଲି ମ୍ୟାକଲେ କହିଛନ୍ତି। ସିଡି୩୩ ଏବଂ ଆଲଝିମର ମଧ୍ୟରେ ଥିବା ସମ୍ପର୍କକୁ ଗଭୀର ଭାବେ ଅନୁଧ୍ୟାନ କରାଯାଉଛି। କିପରି ମାଇକ୍ରଗ୍ଲିୟାକୁ କ୍ଷତିକାରକ ସ୍ଥିତିରୁ ଆଲଝିମର ବିରୋଧରେ ଲଢ଼ିବାର ସ୍ଥିତିକୁ ଅଣାଯାଇପାରିବ ତା'ର ଚିକିତ୍ସା ପଦ୍ଧତି ଉପରେ ବିପରୀକ୍ଷା କରାଯବା ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଏହି ସଫଳତା ବିଶ୍ୱରେ ୪୪ ମିଲିୟନ ଆଲଝିମର ପୀଡିତଙ୍କ ଲାଗି ନିଶ୍ଚିତ ଭାବେ ଏକ ଭଲ ଖବର।।



# ବିବାହରେ ପିଆଜ,ରସୁଣ ମାଳ ଅଦଳବଦଳ

**ବାରାଣସୀ:** ବିବାହରେ କନ୍ୟା-ବର ଫୁଲମାଳ ଅଦଳବଦଳ କରି ପରସ୍ପରକୁ ବରଣ କରିଥାନ୍ତି। ତେବେ ଉତ୍ତରପ୍ରଦେଶ ବାରାଣସୀରେ କନ୍ୟା-ବର ଜୟମାଳା ପରମ୍ପରା ସମୟରେ ପରସ୍ପରକୁ ପିଆଜ ଏବଂ ରସୁଣ ମାଳା ଅଦଳ ବଦଳ କରିଛନ୍ତି। ସେହିପରି ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ଅତିଥି କନ୍ୟା-ବରଙ୍କୁ ପିଆଜ ଓ ରସୁଣ ଉପହାର ଦେଇଛନ୍ତି। ପିଆଜ ଏବଂ ରସୁଣ ଦାମ ବଢ଼ିଥିବାରୁ ଏଭଳି କରାଯାଇଥିବା କୁହାଯାଉଛି। ବାରାଣସୀରେ ପିଆଜ ଦାମ କିଲୋପିଛା ୧୨୦ ଟଙ୍କା ଥିବାବେଳେ ରସୁଣ ଦାମ ୨ଶହ ଟଙ୍କା ରହିଛି। ଏହାଦ୍ୱାରା ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣୁ ପ୍ରତିବାଦ ଜଣାଇବା ପାଇଁ ଏପରି କରାଯାଇଛି। ଏବେ ଏହାର ଫଟୋ ଓ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ଭୂମିଙ୍କ ହ୍ୟାଟ୍ରିକ୍ ସଫଳତା



ଭୂମି ପେଡ୍‌ନେକର

**ମୁମ୍ବାଇ:** ବଲିଉଡ୍ ନାୟିକା ହେମାମାଳିନୀ, ରେଖା ଓ ଶ୍ରୀଦେବୀଙ୍କୁ ବଡ ପରଦାରେ ଯେଉଁ ସଫଳତା ମିଳିଥିଲା ତାହା ବୋଧହୁଏ ଏପର୍ଯ୍ୟନ୍ତ ଅନ୍ୟ କୌଣସି ଅଭିନେତ୍ରୀଙ୍କୁ ମିଳିନାହିଁ ବୋଲି କୁହାଯାଏ। ହେଲେ ଏହି ସଫଳତା ଏବେ ନାୟିକା ଭୂମି ପେଡ୍‌ନେକରଙ୍କୁ ମିଳିଛି ବୋଲି କୁହାଯାଉଛି। କାରଣ ପରଦାରେ ଏବେ ହ୍ୟାଟ୍ରିକ୍ ମାରିଛନ୍ତି ଭୂମି। ଏକାଥରେ ତାଙ୍କର ୩ଟି ଫିଲ୍ମ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଭୂମିଙ୍କ ଅଭିନୀତ 'ବାଲା', 'ସାଣ୍ଡ୍ କି ଆଖେଁ' ଓ 'ପତି ପତ୍ନୀ ଔର ୱ୍' ତାଙ୍କ ପାଇଁ ଏହି ସଫଳତା ଆଣି ଦେଇଛି। ଏହାକୁ ନେଇ ନିକଟରେ ଭୂମି କହିଛନ୍ତି ଏହା କେବଳ ଦର୍ଶକଙ୍କ ଭଲପାଇବା ଯୋଗୁ ସମ୍ଭବ ହୋଇଛି। ନବାଗତା ହିସାବରେ ଭୂମିଙ୍କୁ ପ୍ରଥମଥର ଲାଗି ଏହି ସଫଳତା ମିଳିଛି ବୋଲି କୁହାଯାଉଛି।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ସଫେଇ କାର୍ଯ୍ୟକ୍ରମରେ ସାମିଲ ହେଲେ ସିଆରପିଏଫ୍ ଯବାନ

ନାକଟିଦେଉଳ,୧୪।୧୨(ଡି.ଏନ.ଏ.)

ପରିବେଶ ପ୍ରଦୂଷଣ ବର୍ତ୍ତମାନ ଚିନ୍ତା ବଢ଼ାଇଛି। ଏଣୁ ସୁସ୍ଥ ପରିବେଶ ଲାଗି ସବୁସ୍ତରରେ ଏବେ ଉଦ୍ୟମ କରାଯାଉଛି। ସରକାରୀ ଓ ବେସରକାରୀ ଭାବେ ସଭାସମିତି କରାଯାଉଛି। ରାଜକୋଷରୁ ଟଙ୍କା ମଧ ଖର୍ଚ୍ଚ ହେଉଛି। ଏଥିପାଇଁ ଗାଁ କଲ୍ୟାଣ ସମିତି ମଧ ଦାୟିତ୍ୱ ନିର୍ବାହ କରୁଛି। ତଥାପି ଲୋକେ ଏଣେତେଣେ ଅଳିଆ ଆବର୍ଜନା ଫିଙ୍ଗୁଛନ୍ତି। ଏହି କ୍ରମରେ ସ୍ଥାନୀୟ ନାକଟିଦେଉଳସ୍ଥିତ ସି-୧୨ ସିଆରପିଏଫ୍ ବାଟାଲିୟନ ପକ୍ଷରୁ ଆରମ୍ଭ ହୋଇଥିବା ସଫେଇ ଅଭିଯାନ ଶେଷ ହୋଇଛି। ସିଆରପିଏଫ୍‌ର କମାଣ୍ଡର ତଥା ଇନ୍‌ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଶୀ ଏବଂ ଇନ୍‌ସପେକ୍ଟର ଏସ.ସି. ପଟେଲଙ୍କ ନେତୃତ୍ୱରେ ଯବାନମାନେ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ନାକଟିଦେଉଳ ଉଚ୍ଚପ୍ରାଥମିକ ସ୍କୁଲ, ଡାକ୍ତରଖାନା, ଶିବ ମନ୍ଦିର, ବସଷ୍ଟାଣ୍ଡ ଏବଂ ସିଆରପିଏଫ ପରିସରକୁ ସଫେଇ କରାଯାଇଥିଲା । ଘର, ରାସ୍ତାଘାଟ, ଧର୍ମ ସଂସ୍ଥାନ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ଲୋକଙ୍କୁ ମଧ ସଚେତନ କରିଛନ୍ତି।

ଟିକିଲିପଡ଼ା ସରକାରୀ ବାଳିକା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ

# ଅଭାବ, ଅସୁବିଧାର ଲମ୍ବା ତାଲିକା

ଜମନକିରା, ୧୪।୧୨ (ଡି.ଏନ.ଏ.)

ଜମନକିରା ବ୍ଲକ୍ ଟିକିଲିପଡ଼ା ସରକାରୀ (ଏସ୍‌ଏସ୍‌ଡ଼ି) ବାଳିକା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବହୁ ସମସ୍ୟା ଦେଇ ଗତି କରୁଛି। ୨୦୧୩ରୁ ଏହି ସରକାରୀ ବାଳିକା ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ଅଞ୍ଚଳବାସୀଙ୍କ ଉଦ୍ୟମରେ ଆରମ୍ଭ ହୋଇଛି। ଏଠାରେ ଷଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୫୮ ଜଣ ଛାତ୍ରୀ ପାଠ ପଢୁଛନ୍ତି। ଏମାନଙ୍କ ପାଇଁ ଛାତ୍ରୀ ନିବାସ ନାହିଁ। ୧୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସରେ ଛାତ୍ରୀମାନେ ରହୁଛନ୍ତି। ହେଲେ ନିଜସ୍ୱ ଛାତ୍ରୀ ନିବାସ ନ ଥିବାରୁ ଛାତ୍ରୀ କିପରି ରହୁଥିବେ ତାହା ସହଜରେ ଅନୁମେୟ। ଅନ୍ୟପକ୍ଷେ ଶ୍ରେଣୀ କୋଠରୀଗୁଡ଼ିକ ବହୁତ ଛୋଟ। ଏଣୁ ଛାତ୍ରୀମାନେ ଗୁଞ୍ଜି ଗୁଞ୍ଜି ହୋଇ ବସୁଛନ୍ତି। ପଛରେ ବସୁଥିବା ବାଳିକାମାନଙ୍କୁ କଳାପଟା ଦେଖା ଯାଉନାହିଁ। କୁଚିଣ୍ଡା ଆଇଟିଡିଏ ପକ୍ଷରୁ ଅଳ୍ପ କିଛି ବେଞ୍ଚ ଓ ଡେସ୍କର ବ୍ୟବସ୍ଥା କରାଯାଇଛି। ହେଲେ ଅଧିକ ଛାତ୍ରୀ ଖଟରେ ବସି ପାଠ ପଢୁଛନ୍ତି। ଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ପାନୀୟ ଜଳ ପାଇଁ ସ୍କୁଲରେ ବର୍ଷେ ହେବ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମେଶିନ ଲଗାଯାଇଛି। ହେଲେ ତାହା ବ୍ୟବହାର କରାଯାଇ ପାରୁନାହିଁ। କାରଣ ସେହି ସ୍ଥାନରେ ପାଇଖାନା ଓ ପରିଶ୍ରାଗାର ରହିଛି। ପାଣି ନିଷ୍କାସନ ଠିକ୍‌ରେ ହୋଇପାରୁ ନ ଥିବା ଯୋଗୁ ଗନ୍ଧରେ ନାକ ଫାଟି ଯାଉଛି। ଏଣୁ ଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ସେଠାକୁ ଯାଇ ପାରୁନାହାନ୍ତି। ଖେଳ ସାମଗ୍ରୀ ମିଳିଥିବା ବେଳେ ଖେଳିବା ପାଇଁ ଖେଳପଡ଼ିଆ ନାହିଁ। ଛାତ୍ରୀ ରହୁଥିବା ସ୍ଥାନଟି ପାଚେରି ଉଚ୍ଚ ହୋଇ ନ ଥିବାରୁ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏଥିସହ ବିଜୁଳି ବ୍ୟବସ୍ଥା ମଧ୍ୟ ଠିକ୍ ନ ଥିବା ଯୋଗୁ ରାତିରେ ଛାତ୍ରୀମାନେ ଆହୁରି ଅଧିକ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ବିଦ୍ୟାଳୟରେ ମୋଟ ୫ଟି ଶ୍ରେଣୀର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଆହୁରି ଶିକ୍ଷକ ଆବଶ୍ୟକ। ତେବେ ଏ ସଂକ୍ରାନ୍ତରେ ସମ୍ବଲପୁର ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ଦାଶ କହିଛନ୍ତି ଯେ, ଜାନୁଆରୀ ଭିତରେ ଶିକ୍ଷକ ନିଯୁକ୍ତି କରାଯିବ। ଅନ୍ୟାନ୍ୟ ସମସ୍ୟା ନେଇ କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସମ୍ଭବ ହୋଇ ନାହିଁ। କନିଷ୍ଠଯନ୍ତ୍ରୀ ଅନିଲ କୁମାର ପାଢ଼ୀଙ୍କୁ ପଚାରିବାରୁ ସମସ୍ୟା ସମାଧାନ ଦିଗରେ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।



ଜମନକିରା ବ୍ଲକ୍ ଟିକିଲିପଡ଼ା ସରକାରୀ (ଏସ୍‌ଏସ୍‌ଡ଼ି) ବାଳିକା ସେବାଶ୍ରମ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ବେଞ୍ଚ ଡେସ୍କ ଅଭାବରୁ ଖଟ ଉପରେ ବସି ପଢୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଲିଆ ବୋଇଲା ପାଟଳାରେ**
**ଦେଖ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି ।**

ଖଲିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା'ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭୂଷଣ ପରିସରରେ ମକ୍‌ଡ୍ରିଲ

ସମ୍ବଲପୁର, ୧୪।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଠେଲକୋଲିସ୍ଥିତ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀ ପରିସରରେ ମକଡ୍ରିଲ କରାଯାଇଛି । କମ୍ପାନୀର ଜରୁରିକାଳୀନ ପରିଚାଳନା ବିଭାଗ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଜନସାଧାରଣ ଜରୁରିକାଳୀନ ପରିସ୍ଥିତିରେ କିପରି ମୁକାବିଲା କରିପାରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ଅଗ୍ନି ଓ ସୁରକ୍ଷା ବିଭାଗ ବରିଷ୍ଠ ଜେନେରାଲ ମ୍ୟାନେଜର ଏସ.ପି. ମହାକୁଡ ସ୍ୱାଗତ ଭାଷଣ ଦେଇଥିଲେ । ଫ୍ୟାକ୍ଟ୍ରି ଓ ବଏଲର ଯୁଗ୍ମ ନିର୍ଦ୍ଦେଶକ ଅନୀଲ କୁମାର ନନ୍ଦଙ୍କ ପରିଚାଳନାରେ ମକଡ୍ରିଲ ହୋଇଥିଲା। ଏଥିରେ ପୋଲିସ, ସମ୍ବଲପୁର ଓ ରେଙ୍ଗାଲି ଅଗ୍ନିଶମ ବିଭାଗ ଅଧିକାରୀ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବିଡିଏସ ଗୌତମ ଗ୍ୟାସ ପାଇପରେ ନିଆଁ ଲାଗିଲେ କିପରି ନିର୍ବାପିତ କରାଯିବ ସେ ବିଷୟରେ କହିଥିଲେ । ନିରଞ୍ଜନ ମହାପାତ୍ର, ବି.ଆର. ପ୍ରସନ୍ନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଅଗ୍ନି ଓ ସୁରକ୍ଷା ବିଭାଗର ବରିଷ୍ଠ ମ୍ୟାନେଜର ପି.କେ. ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀ ପରିସରରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା ।

# ଫାୟାର ଫାଇଟର ନାକଟିଦେଉଳ ଚାମ୍ପିୟନ

ନାକଟିଦେଉଳ,୧୪।୧୨ (ଡି.ଏନ.ଏ.)

**ବିନ୍ଧାସ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ନାକଟିଦେଉଳ କଲେଜ ଖେଳ ପଡିଆରେ ଗତ ୬ତାରିଖଠାରୁ ଚାଲିଥିବା ବିନ୍ଧାସ କପ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଫାୟାର ଫାଇଟର ନାକଟିଦେଉଳ ଏବଂ ନାରିନ ଫାଇଟର ମେଘପାଲ ମଧ୍ୟରେ ଆୟୋଜିତ ହୋଇଥିଲା । ଟସ୍ ଜିଣି ଫାୟାର ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ଉଇକେଟ ହରାଇ ୧୩୨ରନ ସଂଗ୍ରହ କରିଥିଲା। ଜବାବରେ ନାରିନ ଫାଇଟର ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଫାୟାର ଫାଇଟରର ଚନ୍ଦନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ସେହିପରି ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ନାରିନ ଫାଇଟରର ଓରାମ ଏବଂ ବେଷ୍ଟ ସିକ୍ସର ଭାବେ ଫାୟାର ପାଇଟରର ଅର୍ଜୁନଙ୍କୁ ପୁରସ୍କୃତ କରାଯାଇଥିଲା। ଡଇଁଚା ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା।। ଅତିଥି ଭାବେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଅମୂଲ୍ୟରତ୍ନ ମହନ୍ତ, ସ୍ଥାନୀୟ ତହସିଲଦାର ସୁକାନ୍ତ କୁମାର ନାୟକ ଏବଂ ବିନ୍ଧାସ କ୍ରିକେଟ କ୍ଲବର ପରାମର୍ଶଦାତା ନୃସିଂହ ଚରଣ ସାହୁ ପ୍ରମୁଖ ଯୋଗ ଦେଇ ବିଜେତା ଫାୟାର ଫାଇଟର ନାକଟିଦେଉଳ ଏବଂ ଉପବିଜେତା ନାରିନ ଫାଇଟର ମେଘପାଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସଞ୍ଜୀବ ମିର୍ଦ୍ଧା ଏବଂ ସୁମନ୍ତ ମୁଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ବିନ୍ଧାସ କ୍ରିକେଟ କ୍ଲବର ସୁମନ୍ତ ଧଳ, କାହ୍ନୁ ପ୍ରଧାନ, ସୌମ୍ୟ ରଞ୍ଜନ ସ୍ୱାଇଁ, ଅଭିଷେକ ସାହୁ, ଅରବିନ୍ଦ ପ୍ରଧାନ ଏବଂ ପୁରୁଷୋତ୍ତମ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

## ଗୋବିନ୍ଦପୁର ପୋଲିସ ଦ୍ୱାରା ଦୁଇ ଗିରଫ

ବାମରା, ୧୪।୧୨ (ଡି.ଏନ.ଏ)

ପୃଥକ୍ ୨ଟି ମାମଲାରେ ଗୋବିନ୍ଦପୁର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାମରା ଅନ୍ତର୍ଗତ ପଣ୍ଡରିପଥର ଗ୍ରାମର ସୁବ୍ରତ ଦାଶ ତାଙ୍କ ବାପା ମା'ଙ୍କୁ ଗାଳିଗୁଲଜ ଓ ମାଡପିଟ କରି ଆସୁଛନ୍ତି। ଏହାକୁ ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିବାରୁ ସୁବ୍ରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେହିଭଳି ଜଣେ ଯୁବତୀଙ୍କୁ ଅପହରଣ କରିବା ଅଭିଯୋଗରେ ସୀତାରାମ ଷଡଙ୍ଗୀ ନାମକ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରତାପ କୁମାର ରଣା ପ୍ରକାଶ କରିଛନ୍ତି।

ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଲେ ୯୨୦ ପ୍ରତିଯୋଗୀ

# କ୍ରୀଡ଼ା ମଣିଷକୁ ଶୃଙ୍ଖଳିତ କରିଥାଏ

ସମ୍ବଲପୁର, ୧୪।୧୨ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଶନିବାର ସମ୍ବଲପୁର ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୯୨୦ଜଣ ପ୍ରତିଯୋଗୀ ୧୪,୧୬, ୧୮, ୨୦ ବର୍ଷରୁ କମ୍ ଏବଂ ମହିଳା ଓ ପୁରୁଷ ବିଭାଗର ବିଭିନ୍ନ ଇଭେଣ୍ଟରେ ଭାଗ ନେଇଥିଲେ । ଉଦ୍‌ଘାଟନୀ ଦିବସରେ ୧୦୦, ୨୦୦, ୬୦୦, ୮୦୦, ୧୦୦୦, ୧୫୦୦, ୫୦୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍କସ୍ ଥ୍ରୋ, ପୁଟିଂ ଦ ସଟ୍, ଜ୍ୟାଭ୍‌ଲିନ ଥ୍ରୋ ଇଭେଣ୍ଟ ହୋଇଥିଲା । ପ୍ରୀତି ପୋଢ଼ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ । ୧୨୦ଜଣ ଅଫିସିଆଲ ଇଭେଣ୍ଟ ପରିଚାଳନା କରିଥିଲେ । ସମ୍ବଲପୁର ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ମଣିଷକୁ ଶୃଙ୍ଖଳିତ କରିଥାଏ । ବ୍ୟକ୍ତିତ୍ୱକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତି ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଆୟୋଜକ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଥ୍‌ଲେଟିକ ସମ୍ପାଦକ ସୁନ୍ଦରମଣି ବାରିକ ସୂଚନା ପ୍ରଦାନ କରିଥିବାବେଳେ ଉପସଭାପତି ଦିଲୀପ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ସଂଗଠକ ବିଶ୍ୱମ୍ଭର ବହିଦାର, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ଅଶୋକ କୁମାର ସାହୁ, ସୁନୀଲ କୁମାର ସାହୁ, ବିକାଶ ମିଶ୍ର, ସୁବୋଧ କୁମାର ସାହୁ, ସୟଦ ଜିନ୍ଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ବିଜୟ କୁମାର ପ୍ରଧାନ ଉଦଘାଟନୀ ଉତ୍ସବ ସଂଯୋଜନା କରିଥିବା ବେଳେ ମନୋରଞ୍ଜନ ପାଢ଼ୀ ଉଦଘୋଷକ ଥିଲେ । ଜଗବନ୍ଧୁ ବେହେରା, ସାହେବ ଖମାରୀ, ଚିତ୍ତରଞ୍ଜନ ପଣ୍ଡା, ବଦ୍ରିନାରାୟଣ ପୁରୋହିତ, ସୁଲୋଚନା ପଣ୍ଡା ମାର୍ଚ୍ଚପାଷ୍ଟ ପରିଚାଳନା କରିଥିଲେ । ସୀମାନ୍ତିକା ଦାଶଙ୍କ ନିର୍ଦ୍ଦେଶନାରେ ହୀରାକୁଦ କଲେଜ ଛାତ୍ରୀ ଶ୍ରୀତି ଦାଶ, ପ୍ରତୀକ୍ଷା ପାଣ୍ଡେ, ଆରତୀ ଟଣ୍ଡନ, ପ୍ରାଚିସ୍ମିତା ସେଠ, ଛାତ୍ର ପ୍ରକାଶ କାଲୋ, ଆକାଶ ଖଡିଆ, ଦିନେଶ ଖଡିଆ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ସମ୍ବଲପୁର ଆଥ୍‌ଲେଟିକ କ୍ଲବର ଜୟନ୍ତ ପିଙ୍ଗ, ଜିତ ମୁଖାର୍ଜୀ, ଶାଶ୍ୱତ ମହାପାତ୍ର, ରିଙ୍କି ସାହୁ, ଲିଙ୍କନ ଦୀପ, ମହମ୍ମଦ ସୋହେଲ, ସୁଦୀପ୍ତ ଡୁଙ୍ଗଡୁଙ୍ଗ, ତ୍ରିଶୂଳ ବାଗ, ମନୋରଞ୍ଜନ ବେହେରା ପ୍ରାତଃରେ ସମଲେଶ୍ୱରୀ ମନ୍ଦିରରୁ କ୍ରୀଡାଜ୍ୟୋତି ନେଇ ସହର ପରିକ୍ରମା କରିବା ପରେ ଷ୍ଟାଡିୟମରେ ପହଞ୍ଚି ମୁଖ୍ୟଅତିଥିଙ୍କ ହସ୍ତରେ ଅର୍ପଣ କରିଥିଲେ ।



ଶନିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ କ୍ରୀଡାବିତ୍‌ମାନେ କ୍ରୀଡା ଜ୍ୟୋତି ନେଉଛନ୍ତି ।



ଭିଏସଏସ୍ ଷ୍ଟାଡିୟମରେ ପ୍ରତିଯୋଗୀମାନଙ୍କ ମାର୍ଚ୍ଚପାଷ୍ଟ।



ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ମୁଖ୍ୟଅତିଥି ଲିଙ୍ଗରାଜ ପଣ୍ଡା କ୍ରୀଡାଜ୍ୟୋତି ସ୍ଥାପନ କରୁଛନ୍ତି ।



ଭିଏସ୍‌ଏସ୍ ଷ୍ଟାଡିୟମରେ ହୀରାକୁଦ କଲେଜ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

କୁଚିଣ୍ଡା ଏନ୍‌ଏସିର ଅପାରଗତା

## ପୁଣି ରାସ୍ତାରେ ଉଠା ଦୋକାନୀ

କୁଚିଣ୍ଡା, ୧୪।୧୨ (ଡି.ଏନ.ଏ.)

କୁଚିଣ୍ଡା ଏନ୍‌ଏସିର ଅପାରଗତା ଯୋଗୁ ଏବେ ରାସ୍ତା କଡରେ ପୁଣି ଉଠା ଦୋକାନୀ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଜନଗହଳି ପୂର୍ଣ୍ଣ ବସଷ୍ଟାଣ୍ଡ ସମ୍ମୁଖ ଉପଜିଲାପାଳଙ୍କ ସରକାରୀ ବାସଭବନ ଠାରୁ ଜେଲ ପର୍ଯ୍ୟନ୍ତ ତତ୍କାଳୀନ ଉପଜିଲାପାଳ ଚଞ୍ଚଳ ରାଣାଙ୍କ ସମୟରେ ଉଠା ଦୋକାନକୁ ଉଚ୍ଛେଦ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଭେଣ୍ଡିଂ ଜୋନ ଓ ସ୍ଥାୟୀ ଦୋକାନ ମାଧ୍ୟମରେ ସେମାନଙ୍କୁ ଥଇଥାନ କରି ରାସ୍ତା କଡକୁ ଜବରଦଖଲମୁକ୍ତ କରାଯାଇଥିଲା। ଏ ନେଇ ପ୍ରଶାସନ କି ପୋଲିସ କାହାରି ଦୃଷ୍ଟି ପଡୁନାହିଁ। ତେବେ ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର କହିଛନ୍ତି ଯେ, ରବିବାର ଭିତରେ ରାସ୍ତାର ଉଭୟ ପାର୍ଶ୍ୱ ଖାଲି କରିବାକୁ ଜବରଦଖଲକାରୀଙ୍କୁ କୁହାଯାଇଛି। ନ ହେଲେ ସୋମବାର ପୋଲିସ ସହାୟତାରେ କଠୋର ପଦକ୍ଷେପ ଗ୍ରହଣ କରାଯିବ।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ: ୫୦୦ ଚିତ୍ରକଳା ପ୍ରଦର୍ଶିତ

ସମ୍ବଲପୁର, ୧୪।୧୨ (ବ୍ୟୁରୋ)

କଳା ଓ କଳାକାର ପକ୍ଷରୁ ୨୫ତମ ଚିତ୍ରକଳା ପ୍ରଦର୍ଶନୀ ସମ୍ବଲପୁର କଳାପରିଷଦଠାରେ ଶନିବାର ଉଦ୍‌ଘାଟିତ ହୋଇଛି । ନବୀନ ଓ ପ୍ରବୀଣ ଚିତ୍ରଶିଳ୍ପୀଙ୍କ ୫ଶହ ଚିତ୍ରକଳା ଏଥିରେ ପ୍ରଦର୍ଶିତ ହୋଇଛି । ଚିତ୍ରଶିଳ୍ପୀ ଦିଲୀପ ସିଂଦେଓ, ନୃସିଂହ ଚରଣ ସାହୁ ଓ ଗୋପାଳ ସାହୁ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ପ୍ରଶାନ୍ତ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ନୂଆ ଜିଏସ୍‌ଟି ନିୟମ ଉପରେ ଆଲୋଚନା

ରାଉରକେଲା ଅଫିସ,୧୪। ୧୨-ଚାପ୍ଟର ଅଫ୍ କଷ୍ଟ ଆକାଉଣ୍ଟସ ରାଉରକେଲା ପକ୍ଷରୁ ସେକ୍ଟର- ୧୭ ସିଏମ୍‌ଏ ଭବନ ଠାରେ ଶନିବାର ସନ୍ଧ୍ୟାରେ ପ୍ରଫେସନାଲ ଡେଭଲପମେଣ୍ଟ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଏସ୍‌ଟି ଦେୟ ଓ ଏ ନେଇ ରହିଥିବା ସମସ୍ୟା ସମ୍ପର୍କିତ ଜିଏସ୍‌ଟି ନ୍ୟୁ ରିଟର୍ଣ୍ଣସ ଏଣ୍ଡ ଚାଲେଞ୍ଜେସ ଏହେଡ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଏସ୍‌ପି ଚିଫ୍ ଜେନେରାଲ ମ୍ୟାନେଜର(ଫାଇନାନ୍ସ, ଆକାଉଣ୍ଟସ) ପ୍ରବୀଣ ନିଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଏନ୍.କେ.ନନ୍ଦ, ଏସ୍‌ସି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଜିତ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜିଏସ୍‌ଟିର ନୂଆ ନିୟମ ଓ ଏନେଇ ରହିଥିବା ଚାଲେଞ୍ଜ ସମ୍ପର୍କରେ ଆଲୋକପାତ କରାଯାଇ ଥିଲା। ଏଥିରେ ଚାପ୍ଟରର ସମସ୍ତ କର୍ମକର୍ତ୍ତାଙ୍କ ସହ ୨୫ ଜଣ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

■ଏଚ୍‌ଆଇଭି ଆକ୍ରାନ୍ତ ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା

# ମା' ପେଟରେ ଆଖିବୁଜିଲା ଶିଶୁ

**ସାମାଜିକ କର୍ମୀଙ୍କ ହସ୍ତକ୍ଷେପରେ ୨୪ ଘଣ୍ଟା ପରେ ହେଲା ଅସ୍ତ୍ରୋପଚାର**

ବାରିପଦା ଅଫିସ,୧୪।୧୨

ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଥିବା ଜଣେ ଗର୍ଭବତୀ ଗର୍ଭକଷ୍ଟ ପାଉଥିଲେ ବି ଡାକ୍ତରମାନେ ତାଙ୍କୁ ଚିକିତ୍ସା ନ କରିବାରୁ ଗର୍ଭସ୍ଥ ଶିଶୁ ଦୁନିଆର ଆଲୋକ ଦେଖିବା ଆଗରୁ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଘଟିଥିବା ପଦାକୁ ଆସିଛି। ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଥିଲେ ବି ଅସ୍ତ୍ରୋପଚାର କରି ଏହାକୁ ବାହାର କରିବା ସକାଶେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ କେତେକ ସାମାଜିକ କର୍ମୀ ହସ୍ତକ୍ଷେପ କରିବାରୁ ପ୍ରାୟ ୨୪ ଘଣ୍ଟା ପରେ ଶନିବାର ସକାଳେ ଅସ୍ତ୍ରୋପଚାର କରି ଗର୍ଭସ୍ଥ ମୃତ ଶିଶୁକୁ ବାହାର କରାଯାଇଛି। ଜଣେ ଏଚଆଇଭି ଆକ୍ରାନ୍ତ ଗର୍ଭବତୀଙ୍କ ଚିକିତ୍ସା ପ୍ରତି ଏପରି ଅମାନବୀୟ ଅବହେଳା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ଉଲ୍ଲେଖନୀୟ ଯେ, ରାଇରଙ୍ଗପୁର ସବ୍‌ଡିଭିଜନ ଅଧୀନ ଜାମଦା ଅଞ୍ଚଳର ଏହି ମହିଳା ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ଗୁରୁବାର ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମହିଳା ଜଣକ ଏଚଆଇଭି ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ ଜାଣିବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ନେବାକୁ ପରାମର୍ଶ ଦେଇଥିଲେ। ପରେ ସେହି ରାତି ପ୍ରାୟ ୧୧ଟାରେ ତାଙ୍କୁ ଏଠାକୁ ଅଣାଯାଇଥିଲା। ଡାକ୍ତରମାନେ ତାଙ୍କୁ ଠିକ୍ ଭାବେ ଚିକିତ୍ସା ନ କରିବାରୁ ଶୁକ୍ରବାର ସକାଳେ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଡାକ୍ତରଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇବା ପରେ ଅସ୍ତ୍ରୋପଚାର କରି ମା' ପେଟରୁ ମୃତ ଶିଶୁକୁ କାଢ଼ିବା ଲାଗି ଆତ୍ମୀୟସ୍ୱଜନମାନେ କହିଥିଲେ। କିନ୍ତୁ କେହି କିଛି ଏ ଦିଗରେ ପଦକ୍ଷେପ ନେଇ ନ ଥିଲେ। ଘଣ୍ଟା ପରେ ଘଣ୍ଟା ବିତିବାରୁ ସମ୍ପୃକ୍ତ ସମ୍ପର୍କୀୟମାନେ ବ୍ୟସ୍ତ ହୋଇ ସମସ୍ତଙ୍କୁ ଗୁହାରି କରିଥିଲେ। ଶେଷରେ କେତେକ ସ୍ଥାନୀୟ ସାମାଜିକ କର୍ମୀ ହସ୍ତକ୍ଷେପ କରିବାରୁ ଦୀର୍ଘ ୨୪ ଘଣ୍ଟା ପରେ ଶନିବାର ସକାଳେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଚିକିତ୍ସା କାର୍ଯ୍ୟରେ ଅବହେଳା କରାଯିବା ନେଇ ମହିଳାଙ୍କ ଆତ୍ମୀୟ ସ୍ୱଜନ ଅଭିଯୋଗ କରିଥିଲେ ମଧ୍ୟ ମେଡିକାଲ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ। ଏ ସମ୍ପର୍କରେ ମେଡିକାଲ କଲେଜ ଅଧୀକ୍ଷକ ଡା. ବିଏନ ମହାପାତ୍ରଙ୍କୁ ପଚାରିବାରୁ ଚିକିତ୍ସା ଅବହେଳା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନାହିଁ, ତେବେ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଜଣେ ଏଚଆଇଭି ଆକ୍ରାନ୍ତ ଗର୍ଭବତୀଙ୍କ ପ୍ରତି ଚିକିତ୍ସାରେ ଅବହେଳା କରାଯିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଡଙ୍ଗା ବୁଡି ଜଣେ ନିଖୋଜ

**ଅଳ୍ପକେ ବର୍ତ୍ତିଲେ ୫ ଜଣ**

ଦେବଗଡ,୧୪।୧୨(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅନ୍ତର୍ଗତ ଗୋହିରା ଡ୍ୟାମ ଜଳଭଣ୍ଡାରରେ ହୁଲିଡଙ୍ଗା ବୁଡି ଜଣେ ଯୁବକ ନିଖୋଜ ହୋଇଥିବା ଜଣାପଡିଛି। ସେ ହେଲେ ଜଗନ୍ନାଥ ସିଂ(୪୫)। ଶୁକ୍ରବାର ରାତ୍ରି ପ୍ରାୟ ୯ଟା ସମୟରେ ତିଲେଇବଣି ବ୍ଲକ ତଥା ରିଆମାଳ ଥାନା ଅନ୍ତର୍ଗତ ବରଘାଟ ଗ୍ରାମର ଜଗନ୍ନାଥ ସିଂ,ନାରାୟଣ ଜାମକିଆଲ, ହରେନ ଜାମକିଆଲ,ବିଜୟ ସାହୁ,ମିଲୁ ସାହୁ ଓ ସମ୍ବଲପୁର ଜିଲା ଅର୍ଡାବାହାଲ ଗ୍ରାମର ପଦୁ ନନ୍ଦନ ନାମକ ୬ଜଣ ଯୁବକ ଏକ ହୁଲିଡଙ୍ଗା(ମାଛଧରା କାର୍ଯ୍ୟରେ ବ୍ୟବହାର ହେଉଥିବା ଅଣଓସାରିଆ ଡଙ୍ଗା)ରେ ଗୋହିରା ଡ୍ୟାମ ଜଳଭଣ୍ଡାରର ବହଳିଦାରପାଳ ନାଳଦେଇ ଠେଲକୋଗୁଡି ଗ୍ରାମକୁ ଯାଉଥିଲେ। ତେବେ ଜଳଭଣ୍ଡାର ମଝିରେ ଡଙ୍ଗାଟି ହଠାତ ବୁଡିଯିବାରୁ ଜଗନ୍ନାଥ ସିଂ ପାଣିରେ ପଡି ନିଖୋଜ ହୋଇଯାଇଥିବା ବେଳେ ୩ଜଣ ପାଣିରେ ପହଁରିପହଁରି ଜୀବନ ବଞ୍ଚାଇ ଠେଲକୋଗୁଡି ଗ୍ରାମକୁ ଚାଲିଯାଇଥିଲେ। ଅନ୍ୟ ୨ଜଣ ଜଳଭଣ୍ଡାର ମଧ୍ୟରେ ଥିବା ଏକ ଗଛକୁ ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଖି ରହିଥିବା ବେଳେ ପଛପଟୁ ଅନ୍ୟଏକ ଡଙ୍ଗାରେ ଆସୁଥିବା ଗ୍ରାମବାସୀ ମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଶନିବାର ପ୍ରତ୍ୟୁଷରୁ ଦେବଗଡ ଅଗ୍ନିଶମ ବାହିନୀ ଗୋହିରା ଡ୍ୟାମକୁ ଯାଇ ନିଖୋଜ ବ୍ୟକ୍ତିଙ୍କୁ ଖୋଜୁଥିବା ଜଣାପଡିଛି। ଅନ୍ୟପକ୍ଷରେ ନିଖୋଜଙ୍କୁ ଉଦ୍ଧାର ନିମନ୍ତେ ବମ୍ପରଡା ସ୍ଥିତ ଓଡ୍ରାଫ ଟିମର ମଧ୍ୟ ସହାୟତା ନିଆଯାଇଛି।

■ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ହିଂସା

## ରାଉରକେଲାରୁ ବହୁ ଟ୍ରେନ ବାତିଲ

ରାଉରକେଲା ଅଫିସ,୧୪।୧୨

ସମାନ ନାଗରିକତ୍ୱ ସଂଶୋଧନ ବିଲକୁ ନେଇ ପଶ୍ଚିମବଙ୍ଗରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। ଶନିବାର ହାୱଡା ତଥା କୋଲକାତାଗାମୀ ସମସ୍ତ ଟ୍ରେନକୁ ବାତିଲ କରି ଦିଆଯାଇଛି। ଟ୍ରେନ ଉପରକୁ ଆନ୍ଦୋଳନକାରୀଙ୍କ ପଥର ମାଡ କର୍ତ୍ତୃପକ୍ଷଙ୍କୁ ବିଚଳିତ କରିଛି। ସୁରକ୍ଷା ଦୃଷ୍ଟିରୁ ଅନେକ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାଉରକେଲା ଦେଇ ସମଲେଶ୍ୱରୀ ସହ ଅନ୍ୟ କେତେକ ଟ୍ରେନକୁ ବାତିଲ କରାଯାଇଥିବା ବେଳେ ଆଉ କେତେକ ଟ୍ରେନ ରୁଟ ପରିବର୍ତ୍ତନ କରି ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାକୁ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ପରିସ୍ଥିତି ଉପରେ ନଜର ରଖାଯାଇଛି। ଡାଇନ ଇସ୍ପାତ ଏକ୍ସପ୍ରେସକୁ ଟାଟାରେ ବାତିଲ କରାଯାଇଛି। ଗୀତାଞ୍ଜଳି ଓ ସାଲିମାର ଟ୍ରେନ ଆଜି ପହଞ୍ଚି ପାରି ନାହିଁ। ଲୋକମାନ୍ୟକୁ ମଧ୍ୟ ବାତିଲ କରାଯାଇ ଥିବାରୁ ଯାତ୍ରୀ ସମସ୍ୟାରେ ପଡିଛନ୍ତି। ଟ୍ରେନ ଅପେକ୍ଷାରେ ଅନେକ ଯାତ୍ରୀ ରାଉରକେଲା ରେଳ ଷ୍ଟେସନରେ ଅଟକି ରହିଛନ୍ତି। ଉପରିସ୍ଥ ନିର୍ଦ୍ଦେଶ ଓ ପରିସ୍ଥିତି ଉପରେ ଗାଡି ଚଳାଚଳ ନିର୍ଭର କରୁଛି ବୋଲି କହିଛନ୍ତି ଷ୍ଟେଶନ ମ୍ୟାନେଜର ଏସ୍.ମିଶ୍ର।



ରାଉରକେଲା ଉଦିତ୍‌ନଗର ଅଞ୍ଚଳରେ ମହିଳାମାନେ ଜାଳେଣିକାଠ ଧରି ଘରକୁ ଫେରୁଛନ୍ତି।

## ବ୍ଲକସ୍ତରୀୟ ଓଷ୍ଟା ଶିଶୁ ମହୋତ୍ସବ

ବାରକୋଟ, ୧୪।୧୨ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ବଳମ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବ୍ଲକ ସମ୍ପାଦକ କନ୍ତାରୁ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିଶୁ ଉତ୍ସବ ପାଳିତ ହୋଇଥିବା ବେଳେ ଏଥିରେ ବଳମ ସରପଞ୍ଚ ବର୍ଷାରାଣୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶଶିଭୂଷଣ ପ୍ରଧାନ, ସମ୍ମାନୀତ ଅତିଥି ଭାବେ କଣ୍ଢେଇ ସରପଞ୍ଚ ବିରଞ୍ଚି ବେହେରା, କଣ୍ଢେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧଦେବ ସାହୁ, ପ୍ରଧାନଶିକ୍ଷକ ଅକ୍ଷମ କୁମାର ବିଶ୍ୱାଳ, ବ୍ଲକ ସଭାପତି ଧରଣୀଧର ପ୍ରଧାନ ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ବିଚାରକ ଭାବେ କାର୍ଯ୍ୟ ତୁଳାଇଥିଲେ। ଓଷ୍ଟା ଶିଶୁ ଉତ୍ସବରେ ଯୋଗଦେବାକୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସଂଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବଳମ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଶେଷରେ ଗୌଡସୁଗୁଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଟିକେଶ୍ୱର ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

■ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧକରି ରେଳରୋକୋ

## ଓଡ଼ିଶାରେ ଟ୍ରେନ୍ ଚଳାଚଳ ପ୍ରଭାବିତ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଆନ୍ଦୋଳନ ଉଗ୍ର ରୂପ ନେଇଛି। ଆନ୍ଦୋଳନକାରୀ ଟ୍ରେନ୍‌କୁ ଟାର୍ଗେଟ କରି ହିଂସା ଘଟାଉଛନ୍ତି। ଫଳରେ ଓଡ଼ିଶା ସମେତ ୪ ରାଜ୍ୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଶେଷକରି ପଶ୍ଚିମବଙ୍ଗର ହାଓଡ଼ା-ଖଡ଼ଗପୁର ଅଞ୍ଚଳରେ ରେଳରୋକୋ ଓ ଆକ୍ରମଣ ଯୋଗୁ ଓଡ଼ିଶାରେ ରେଳ ସେବା ଗୁରୁତର ପ୍ରଭାବିତ ହୋଇଛି। ଯାତ୍ରୀ ଓ ରେଳ ସୁରକ୍ଷାକୁ ଗୁରୁତ୍ୱ ଦେଇ କିଛି ଟ୍ରେନକୁ ବାତିଲ୍, ଆଂଶିକ ବାତିଲ୍ ଓ ମାର୍ଗ ପରିବର୍ତ୍ତନ କରାଯାଇଛି। ଶନିବାର ହାଓଡ଼ା-ତିରୁପତି ହମ୍‌ସଫର ଏକ୍ସପ୍ରେସ, ହାଓଡ଼ା-ଏର୍ନାକୁଲମ ଅନ୍ତ୍ୟୋଦୟ ଏକ୍ସପ୍ରେସ, ହାଓଡ଼ା-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ, ହାଓଡ଼ା-ଯଶୋବନ୍ତପୁର ଦୂରନ୍ତୋ ଏକ୍ସପ୍ରେସ, ହାଓଡ଼ା-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ, ହାଓଡ଼ା-ପୁଣେ ଦୂରନ୍ତୋ ଏକ୍ସପ୍ରେସ, ହାଓଡ଼ା-ମୁମ୍ବାଇ ସିଏସ୍‌ଏମ୍‌ଟି ଗୀତାଞ୍ଜଳି ଏକ୍ସପ୍ରେସ, ହାଓଡ଼ା-ପୁରୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସ, ସନ୍ତ୍ରାଗଛି-ପୁରୀ ସ୍ପେଶାଲ, ହାଓଡ଼ା-ପୁରୀ ସାପ୍ତାହିକ ଓ ହାଓଡ଼ା-ପୁରୀ ପାସେଞ୍ଜରକୁ ହାଓଡ଼ାରୁ ବାତିଲ୍ କରାଯାଇଛି। ସେହିପରି ପୁରୀ ଷ୍ଟେଶନରୁ ଶନିବାର ପୁରୀ-ଦୀଘା ଏକ୍ସପ୍ରେସ ଓ ରବିବାର ପୁରୀ-ସନ୍ତ୍ରାଗଛି ପାସେଞ୍ଜର, ପୁରୀ-ଖୋର୍ଦ୍ଧା ପାସେଞ୍ଜର, ପୁରୀ-ହାଓଡ଼ା ଜଗନ୍ନାଥ ଏକ୍ସପ୍ରେସ, ପୁରୀ-ସନ୍ତ୍ରାଗଛି ପାସେଞ୍ଜର, ପୁରୀ-କାମାକ୍ଷା ଏକ୍ସପ୍ରେସ, ପୁରୀ-ହାଓଡ଼ା ଏକ୍ସପ୍ରେସ, ପୁରୀ-ସିଆଲ୍‌ଦା ଦୂରନ୍ତୋକୁ ବାତିଲ୍ କରାଯାଇଛି। ପୁରୀ-ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ ପୁରୀ ଓ ଖଡ଼ଗପୁର ମଧ୍ୟରେ ଚଳାଚଳ କରିବ। ଖଡ଼ଗପୁରରୁ ହାଓଡ଼ା ମଧ୍ୟରେ ଏହାର ଚଳାଚଳ ବାତିଲ୍ କରାଯାଇଛି। ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ଜନଶତାବ୍ଦୀ ଏକ୍ସପ୍ରେସ ଭୁବନେଶ୍ୱର-ମେଚେଡ଼ା ମଧ୍ୟରେ ଚଳାଚଳ କରିବ। ହାଓଡ଼ା ପର୍ଯ୍ୟନ୍ତ ଚଳାଚଳକୁ ବାତିଲ୍ କରାଯାଇଛି। ଅନ୍ୟପକ୍ଷରେ ରବିବାର ତିରୁପତି-ହାଓଡ଼ା ଏକ୍ସପ୍ରେସ ତିରୁପତିରୁ, ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ ଚେନ୍ନାଇରୁ, ଦୀଘା-ପୁରୀ ଏକ୍ସପ୍ରେସ ଦୀଘାରୁ, ସୋମବାର ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ ଯଶୋବନ୍ତପୁରରୁ, ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ ହାଇଦ୍ରାବାଦରୁ ଓ ମଙ୍ଗଳବାର ଏର୍ନାକୁଲମ-ହାଓଡ଼ା ଏକ୍ସପ୍ରେସ ଏର୍ନାକୁଲମରୁ ବାତିଲ୍ କରାଯାଇଛି।

## ୧୯ ଭାଜପା ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

**ଜିଲା ସଭାପତି ପଦବୀ ପାଇଁ ନାମାଙ୍କନ ଦାଖଲ**

ରାଉରକେଲା ଅଫିସ,୧୪। ୧୨



ଭାଜପା ମଣ୍ଡଳ ସଭାପତି ନିର୍ବାଚନ ଅବସରରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ମଣ୍ଡଳ ସଭାପତି ନିର୍ବାଚନ ସଭାପତି ଜଗବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଦଳୀୟ କାର୍ଯ୍ୟାଳୟ ସେକ୍ଟର-୩ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରାଜ୍ୟ ଭାଜପା ମହିଳା ସଭାନେତ୍ରୀ ପ୍ରଭାତି ପରିଡା ଓ ଜିଲା ପ୍ରଭାରୀ ସୁକେଶୀ ଓରାମ ଓ ହୃଷୀକେଶ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ୧୯ ମଣ୍ଡଳ ସଭାପତିଙ୍କ ସହ ପ୍ରତି ମଣ୍ଡଳରୁ ଜଣେ ଲେଖାଏ ଜିଲାପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଥିଲା। ଲାଠିକଟା ମଣ୍ଡଳ ସଭାପତି ଭାବେ ଅମ୍ରିତଲାଲ ଓରାମ ଓ ପ୍ରତିନିଧି ବିମଳ ବିନ୍ଧାଣୀ, ଷ୍ଟିଲ ଟାଉନସିପ(ପୂର୍ବ) ପାଇଁ ମନୋଜ ସେନାପତି ଓ ପରେଶ ମିଶ୍ର, ଷ୍ଟିଲ ଟାଉନସିପ (ପଶ୍ଚିମ) ବସନ୍ତ ସାମଲ ଓ ଅକ୍ଷୟ ଦାସ, ଫର୍ଟିଲାଇଜର ଟାଉନସିପ ନିମନ୍ତେ ସନ୍ତୋଷ ଦାସ ଓ ରମାକାନ୍ତ ଜେନାଙ୍କ ନାମ ଘୋଷଣା କରାଯାଇ ଥିଲା। ସେହିଭଳି ବୀରମିତ୍ରପୁର ପାଇଁ ଜୟନ୍ତ ଦାସ, ପ୍ରଦୀପ ପଣ୍ଡା, ବିଶ୍ରା ପାଇଁ କୁଳଦୀପ କଚ୍ଛପ ଓ ଗାନ୍ଧୁ ଓରାମ, ଝିରପାଣି ପାଇଁ ବିର୍ଶା ଓରାମ ଓ ଜବାହର ମହାଲି, ନୂଆ ଗାଁ(କ) ନିମନ୍ତେ ପ୍ରସନ୍ନ ଦାସ ଓ ଇଦ୍ରିସ କୁଲା, ନୂଆ ଗାଁ (ଖ) ସଭାପତି ରୂପେ ଜଗତ ପାଲ ଓ ସଭ୍ୟ କିଶୋର ଭୁକ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ରାୟବଗା ପାଇଁ ଭୋଳାନାଥ ସାହୁ ଓ ଅମରଜିତ ସାହୁ ରହିଥିବା ବେଳେ କୁଆଁରମୁଣ୍ଡା ନିମନ୍ତେ ଦିଲୀପ ପଟେଲ ଓ ମନୋଜ ବାର୍ଲା, ରାଉରକେଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଭିଲ ଟାଉନସିପ ମଣ୍ଡଳ ସଭାପତି ଭାବେ ଅବୋଧ ରାୟଙ୍କୁ ନିଯୁକ୍ତ କରାଯାଇ ଥିବା ବେଳେ ସଭ୍ୟ କୈଳାସ ରାଉତ, ବାସନ୍ତୀ ମଣ୍ଡଳ ପାଇଁ ହିରୋଜ ରାୟ ଓ ରଞ୍ଜୁ ସିଂ, ବନ୍ଧମୁଣ୍ଡା ମଣ୍ଡଳ ପାଇଁ ଆଇ ରମେଶ ରାଜା ଓ ସଭ୍ୟ ସୁବାସ ପଣ୍ଡା, ମିଡ ଟାଉନ ମଣ୍ଡଳ ସଭାପତି ଓ ସଭ୍ୟ ଭାବେ ହରବିନ୍ଦର ସିଂ ଓ ଜିତେନ୍ଦ୍ର ଅଗ୍ରୱାଲଙ୍କୁ ନିର୍ବାଚିତ କରାଯାଇଛି। ଛେଣ୍ଡ ମଣ୍ଡଳ ଦାୟିତ୍ୱରେ ପ୍ରଶାନ୍ତ ପଣ୍ଡା ଓ ରମେଶ ମୁଣ୍ଡାରୀ, କୋଏଲନଗର ମଣ୍ଡଳ ନିମନ୍ତେ ଶକ୍ତେଶ୍ୱର ପାତ୍ର ସଭାପତି ରହିଥିବା ବେଳେ ସଭ୍ୟ ସରୋଜ ଦାସ, କାଲୁଙ୍ଗା ମଣ୍ଡଳ ପାଇଁ ଦାଶରଥି କିଶାନ ଓ ଆସିଫ ଇକବାଲଙ୍କ ନାମ ଘୋଷଣା କରାଯାଇଥିଲା। ବିରକେରା ମଣ୍ଡଳ ସଭାପତି ଭାବେ ରାମ ଦୀପ ଓ ସଭ୍ୟ ଦାମୁ ତିର୍କୀଙ୍କୁ ଚୟନ କରାଯାଇଛି। ଏଥିରେ ଜିଲା ସଭାପତି ପ୍ରାର୍ଥୀ ଭାବେ ଜଗବନ୍ଧୁ ବେହେରା, ନିହାର ରାୟ, ତପନ ସ୍ୱାଇଁ, ସୁବ୍ରତ ପଟ୍ଟନାୟକ, ଲତିକା ପଟ୍ଟନାୟକ ଓ ଦେବେନ୍ଦ୍ର ବୀରଗଣ୍ଡିଆ ନିଜ ପ୍ରାର୍ଥୀପତ୍ର ନିର୍ବାଚନ ଅଧିକାରୀ ପରିଡାଙ୍କ ନିକଟରେ ଦାଖଲ କରିଛନ୍ତି।

## ୫ ଦଫା ଦାବି ନେଇ ଷ୍ଟେଶନ ମ୍ୟାନେଜରଙ୍କ ସହ ଆଲୋଚନା

ରାଉରକେଲା ଅଫିସ,୧୪।୧୨

୮-ରେଳ ଷ୍ଟେଶନ ସମ୍ମୁଖରେ କର୍ତ୍ତୃପକ୍ଷ ମାଗଣା ପାର୍କିଂ ବ୍ୟବସ୍ଥା କରନ୍ତୁ। ବାରମ୍ବାର ଭୁବନେଶ୍ୱର ରାଉରକେଲା ଇଣ୍ଟସିଟି ବିଳମ୍ବରେ ପହଞ୍ଚୁଛି। ଏନେଇ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ମାତ୍ର ୫ ମିନିଟ ପର୍ଯ୍ୟନ୍ତ ଟ୍ରେନ ରଖିବାକୁ ଷ୍ଟେଶନରେ ସୁଯୋଗ ଦିଆଯାଉ ନାହିଁ। ଏନେଇ ଶନିବାର କଂଗ୍ରେସ ଦଳର ଯୁବ ନେତା ମଝିଆ ପ୍ରଧାନଙ୍କ ନେତୃତରେ ଏକ ପ୍ରତିନିଧି ମଣ୍ଡଳୀ ଷ୍ଟେଶନ ମ୍ୟାନେଜରଙ୍କୁ ସାକ୍ଷାତ କରି ଏହି ଆପତ୍ତି କରିଛନ୍ତି। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ୫ ଦଫା ଦାବି ପୂରଣ ନେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଷ୍ଟେଶନ ସମ୍ମୁଖରେ ଗାଡି ରଖୁଥିବା ଯାତ୍ରୀଙ୍କ ଉପରେ କିଛି ଅସାମାଜିକ ଯୁବକଙ୍କ ଦୁର୍ବ୍ୟବହାରକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇଥିଲା। ଶାନ୍ତି ଶୃଙ୍ଖଳାରେ ଯାତ୍ରୀ କିଭଳି ପାର୍କିଂ କରିବେ ଓ ଉପଯୁକ୍ତ ସମୟ ସାରଣୀ ଅନୁଷାରେ ଇଣ୍ଟରସିଟି ରାଉରକେଲାରେ ପହଞ୍ଚିବ ସେ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ପ୍ରତିନିଧି ଦଳରେ ଯୁବ ନେତା ପ୍ରଧାନଙ୍କ ସହ ସୋମନାଥ ପଣ୍ଡା, ଦେବକାନ୍ତ ନାୟକ, ବାସୁ ବାନାର୍ଜୀ, ପ୍ରଦୀପ ମହାପାତ୍ର, ନିହାର ଦାସ, ବିଜୟ ପୁରୋହିତ, ଦେବଦତ୍ତ ମିଶ୍ର, ସୁନୀଲ ମହାନ୍ତ, ହିତେଶ ଦେହୁରୀ, ଦେବାଶିଷ ପ୍ରଧାନ, କମଳ ଗୋଛାୟତ, କାହ୍ନୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ଯୁବ ନେତା ମଝିଆ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଷ୍ଟେଶନ ମ୍ୟାନେଜରଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି।

## ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ବିଭାଗୀୟ ସେମିନାର



ବିଭାଗସ୍ତରୀୟ ସେମିନାର ପ୍ରତିଯୋଗିତାରେ ଉପସ୍ଥିତ ଅଧ୍ୟାପକ।

ସୁନ୍ଦରଗଡ, ୧୪।୧୨ (ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଛାତ୍ର ସଂସଦ ଆନୁକୂଲ୍ୟରେ ଶନିବାର ବିଭାଗସ୍ତରୀୟ ସେମିନାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ମହାବିଦ୍ୟାଳୟର ୧୧ଟି ବିଭାଗର ୧୯ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି ସେମିନାରରେ ଉଦ୍ଭିଦ ବିଜ୍ଞାନ ବିଭାଗରେ ବିଦ୍ୟୁତ୍‌ପ୍ରଭା ବେହେରା ଓ ପୁଷ୍ପାଞ୍ଜଳି ମଲ୍ଲିକ ଯଥାକ୍ରମେ କାଲାମ ସିଟି ଇନ୍ ୨୦୭୦ ଓ ଓମେନ୍ ସେଫ୍ଟି ଇନ ଇଣ୍ଡିଆ, ପ୍ରାଣୀବିଜ୍ଞାନ ବିଭାଗରେ ଗାୟତ୍ରୀ ପ୍ରିୟଦର୍ଶିନୀ ଓ ସ୍ୱାଗତିକା ପଟେଲ ଯଥାକ୍ରମେ ପ୍ଲାଜମା ମେମ୍ବ୍ରେନ୍ ଓ ବାୟୋଲୋଜି ଅଫ୍ କ୍ୟାନସର, ଭୂତତ୍ତ୍ୱ ବିଜ୍ଞାନରେ ଦେବସ୍ମିତା ମିଶ୍ର, ଅର୍ପିତା ପାଣିଗ୍ରାହୀ ଓ ଅଲ୍ଲୀ ମହମ୍ମଦ ଯଥାକ୍ରମେ ଗୋଲଡେନ୍ ନମ୍ବର ଓ ଲାଇଫ୍ ଇନ୍ ଉମ୍ବ ବିଷୟ ଉପରେ ସେମିନାର ଉପସ୍ଥାପନ କରିଥିଲେ। ସେହିପରି ବାଣିଜ୍ୟ ବିଭାଗରେ ପ୍ରିୟଙ୍କା ସିଂ ଓ ନବନୀତା ଦାସ କଂଜ୍ୟୁମର ବିହେବିୟର, ଗଣିତ ବିଭାଗରେ ତନ୍ମୟୀ ନାଏକ ଓ ସୋନୁ ନିଗମ ନାଏକ ଗ୍ରାଫ୍‌ଥିଓରୀ, ରସାୟନ ବିଭାଗରେ ଅଙ୍କିତା ନାଏକ ଓ ଅର୍ପିତା ପାଣିଗ୍ରାହୀ, ଇମୋଟାନ୍ସ ଅଫ ପିଏଚ୍, ଇତିହାସ ବିଭାଗରେ ଜ୍ୟୋତି ପ୍ରଭା ମାଝୀ ଲେଟର ବେଦିକ ଏଜ୍, ଓଡିଆ ବିଭାଗରେ ମନୋରମା ସାହୁ ଫକୀର ମୋହନ ସେନାପତିଙ୍କ ରେବତୀ ଏକ ଅଧ୍ୟୟନ, ଇଂରାଜୀ ବିଭାଗରେ ଆକାଂକ୍ଷା ପ୍ରଧାନ ଓ ନିବେଦିତା ପଟ୍ଟନାୟକ ଯଥାକ୍ରମେ ଇଂଲିଶ ଏ ଗ୍ଲୋବାଲ ଲାଙ୍ଗୁଏଜ୍ ଓ ଇଂଲିଶ ଦ ପ୍ରିଡେଟର, ପଦାର୍ଥ ବିଜ୍ଞାନ ବିଭାଗରେ ଅଲିଭା ଷଣ୍ଢ ଓ ସ୍ୱରାଜ ପରିଡା ରୋବଟିକ ଓ ରାଜନୀତି ବିଜ୍ଞାନ ବିଭାଗରେ ସୌରଭ କୁମାର ହୋତା ଆର୍ଟିକେଲ ୩୭୦ ବିଷୟରେ ସେମିନାର ଉପସ୍ଥାପନା କରିଥିଲେ। ଏହି ସେମିନାରରେ ଅଧ୍ୟାପକ ଆଲୋକ ଚୌଧୁରୀ, ଗଣେଶ ତ୍ରିପାଠୀ, ସରୋଜ ପୂଜାରୀ ବିଚାରକ ଭାବେ ରହିଥିଲେ। ପ୍ରାଧ୍ୟାପକ ଡ. ଲଳିତ ରଞ୍ଜନ ସାହୁ, ମହାବିଦ୍ୟାଳୟ ଛାତ୍ର ସଂସଦର ଉପଦେଷ୍ଟା ଡ. କୁମୁଦିନୀ ରାଉତରାୟ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

■ରାଉରକେଲା ସରକାରୀ ଡାକ୍ତରଖାନା

# କୁକୁର କାମୁଡ଼ା ଇଞ୍ଜେକ୍ସନ ନ ମିଳିବାରୁ ଧାରଣା

ରାଉରକେଲା ଅଫିସ,୧୪।୧୨




ଜନସାଧାରଣ ଶନିବାର ରାଉରକେଲା ସରକାରୀ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି।

ରାଉରକେଲା ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ଉତ୍ପାତ ବଢିବାରେ ଲାଗିଛି। ହେଲେ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏନେଇ ଶନିବାର ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କୁକୁର କାମୁଡ଼ାର ଶିକାର ହୋଇଥିବା ଜଣେ ବାଳକଙ୍କ ସାଙ୍ଗରେ ଆସିଥିବା ସମ୍ପର୍କୀୟଙ୍କୁ ଆର୍‌ଜିଏଚ୍ ହସ୍ପିଟାଲ ପକ୍ଷରୁ ଇଞ୍ଜେକ୍ସନ ନ ଥିବା କୁହାଯାଇଥିଲା। ଏନେଇ ଘଟଣାସ୍ଥଳରେ ବଚସା ପରିସ୍ଥିତି ହୋଇଥିଲା। ଉତ୍ୟକ୍ତ ଲୋକେ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସମାଲୋଚନା କରିଥିଲେ। କେତେକ ମେଡିସିନ ଷ୍ଟୋରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଧାର୍ଯ୍ୟ ଦରଠାରୁ ୩ଗୁଣା ଅଧିକ ଦାମରେ ବିକ୍ରି କରାଯାଉଛି। ଫଳରେ ଗରିବ ଲୋକ ଏହା କିଣି କରିପାରୁ ନ ଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ହସ୍ପିଟାଲରେ ୧୦ରୁ ୧୫ ଦିନ ହେଲା କୁକୁର କାମୁଡା ଇଞ୍ଜେକ୍ସନ ମିଳୁନାହିଁ। ଆବଶ୍ୟକ ସ୍ଥଳେ ଲୋକେ ଚୋରାରେ ବିକ୍ରି ଚାଲିଥିବା ଇଞ୍ଜେକ୍ସନ ପାଇବାକୁ ନାକେଦମ ହେଉଛନ୍ତି। ଏଭଳିସ୍ଥିତିରେ ମେଡିକାଲ କର୍ତ୍ତୃପକ୍ଷ ଅସହାୟତା ପ୍ରକାଶ କରିଛନ୍ତି। ଉପରୁ ସପ୍ଲାଇ ଆସୁ ନ ଥିବାରୁ ଏଭଳି ସଙ୍କଟ ସୃଷ୍ଟି ହୋଇଛି ବୋଲି ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଦୀନବନ୍ଧୁ ପଣ୍ଡା କହିଛନ୍ତି। ଇଜେକ୍ସନ ଆସିବା ପରେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏହାର ସୁଯୋଗ ନେଇ କେତେକ ଘରୋଇ ମେଡିକାଲ ଓ ଷ୍ଟୋର ମାଲିକ କୃତ୍ରିମ ଅଭାବ ସୃଷ୍ଟି କରି ମୁନାଫା ଉଠାଇବାକୁ ପଛାଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୫ ଡିସେମ୍ବର, ୨୦୧୯



ମଦ୍ୟପାନ ଯେକୌଣସି ଦୁଷ୍କର୍ମ ପାଇଁ ପଥ ପରିଷ୍କାର କରିଦିଏ।
- ଫ୍ରାନ୍ସିସ୍ କ୍ୱାର୍ଲସ



## ସଂକ୍ଷେପରେ



### କ୍ରୀଡ଼ାବିତ୍ କାର୍ତ୍ତିକେଶ୍ୱର ପ୍ରଧାନଙ୍କ ପରଲୋକ

ସମ୍ବଲପୁର, ୧୪।୧୨ (ବ୍ୟୁରୋ)
ପୁରୁଖା କ୍ରୀଡାବିତ ତଥା ସଂସ୍କୃତି ସଂଗଠକ କାର୍ତ୍ତିକେଶ୍ୱର ପ୍ରଧାନଙ୍କ ୫୬ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି । ଦୀର୍ଘ ଦିନରୁ ସେ ଅସୁସ୍ଥ ଥିଲେ। ବୁର୍ଲାସ୍ଥିତ ଏକ ନର୍ସିଂହୋମରେ ସେ ଚିକିତ୍ସିତ ହେଉଥିଲେ। ରାଜଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପରଲୋକରେ ବିଭିନ୍ନ ଅନୁଷ୍ଠାନରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।

### ସମ୍ବଲପୁର ମହୋତ୍ସବ ସପ୍ତମ ରଜନୀ

# କେନ୍ ରସିଆ ନେଇ ଗଲାରେ ମୋର୍ ଗୁଡର୍ ପଏଁରି

ସମ୍ବଲପୁର, ୧୪।୧୨ (ବ୍ୟୁରୋ)

ସମ୍ବଲପୁର ମହୋତ୍ସବର ଶନିବାର ସପ୍ତମ ରଜନୀରେ ଶିଶୁ ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଛି। କେନ୍ ରସିଆ ନେଇ ଗଲାରେ ମୋର ଗୁଡର୍ ପଏଁରି...., ପଖାନ ଉପରେ ଝରନ୍ ପାନି, ଝରି ଦିଶେ ଝଲମଲ.... ଗୀତର ତାଳରେ କଳାକାରଙ୍କ ନୃତ୍ୟ ମନକୁ ଛୁଇଁଥିଲା। କାଞ୍ଚନ ଲୁହା ଲାବଣି ଓ ବିହୁ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଢୋଲ୍ ବାଦ୍ୟ ଲାଗି ପରମାନନ୍ଦ ସ୍ୱାଇଁଙ୍କୁ ଉର୍କୁଲୁ ଭରାସାଗର ସମ୍ମାନ ପ୍ରଦାନ କରାଯାଇଥିଲା। ସାମାଜିକ ଅନୁଷ୍ଠାନ ସ୍ୱଇଚ୍ଛାର କର୍ମକର୍ତ୍ତା ଓ ସରସତିଆ ମିଷ୍ଟାନ୍ନ କାରିଗର ମଞ୍ଜୁ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, ଏସ୍‌ଡିଏର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ବିଜେଡି ଯୁବ ନେତା ସଞ୍ଜିତ କୁମାର ମହାନ୍ତି ଓ ସିଦ୍ଧାର୍ଥ ସାହା, ଡ. ରଜତ କୁଜୁର, ଭାଜପା ଯୁବ ନେତା ଅଶ୍ୱିନୀ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସିମାନ୍ତିକା ଦାଶଙ୍କ ନିର୍ଦ୍ଦେଶନାରେ ଉଡାନ କଳାକାର, ନୃତ୍ୟଗୁରୁ ଅସୀମ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସାଇଶିକ୍ଷା ପରିଷଦ ପ୍ରଶିକ୍ଷାର୍ଥୀ, ନୃତ୍ୟ ଗୁରୁ ଦୁର୍ଗା ଦାଶଙ୍କ ନିର୍ଦ୍ଦେଶନାରେ ରଙ୍ଗଫରୁଆ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମ୍ବଲପୁରୀ ପୋଷାକର ଫେଶନ ଶୋ ହୋଇଥିଲା ।






ଶନିବାର ସମ୍ବଲପୁର ମହୋତ୍ସବ ମଞ୍ଚରେ ସାଇଶିକ୍ଷା ପରିଷଦ ଓ ଉଡାନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଶିକ୍ଷକ ଅଟକ

ଲଖନପୁର,୧୪।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଞ୍ଚଳର ଏକ ହାଇସ୍କୁଲ୍‌ର ଜଣେ ଶିକ୍ଷକ ସେହି ସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ଦୁର୍ବ୍ୟବହାର କରଥିବା ସମ୍ପୃକ୍ତ ଛାତ୍ରୀ ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପଶିବା ପରେ ପ୍ରଧାନ ଶିକ୍ଷକ ନିକଟସ୍ଥ କଣ୍ଢେଇକେଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ରେଙ୍ଗାଲି ଥାନାରେ ଏକ ମାମଲା (ନଂ.୧୭୧/୧୯)ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ୨ଦିନ ହେଲା ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ଛାତ୍ରୀଙ୍କୁ ପୋଲିସ ଝାରସୁଗୁଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୧୬୪ଧାରାରେ ବୟାନ ରେକର୍ଡ କରାଯାଇଛି । ରବିବାର ପୀଡିତା ଛାତ୍ରୀଙ୍କ ଡାକ୍ତରୀମାଇନା କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇ କହିଛନ୍ତି ଯେ, ଘଟଣା ସମ୍ପର୍କରେ ତାଙ୍କୁ ପ୍ରଧାନ ଶିକ୍ଷକ ଜଣାଇ ନାହାନ୍ତି। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ କହିଛନ୍ତି ଯେ, ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ତାଙ୍କୁ ଫୋନ୍ ଯୋଗେ କହିଥିଲେ। ଲିଖିତ ଅଭିଯୋଗ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ କୁହାଯାଇଥିଲା। ସେ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ନ କରି ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହା ଉପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ବିଭାଗୀୟ ତଦନ୍ତ କରାଯାଇ ମଧ୍ୟ ସମ୍ପୃକ୍ତ ସହକାରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଗତ ୩୦ତାରିଖରେ ଛାତ୍ରୀ ଜଣଙ୍କ ପ୍ରଧାନ ଶିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କୁ ମୌଖିକ ଭାବେ ଅବଗତ କରାଇଥିଲେ। ହେଲେ ଜିଲା ଶିକ୍ଷା ଅଧିକାରୀ କୌଣସି ପଦକ୍ଷପ ଗ୍ରହଣ ନ କରି ଘଟଣାକୁ ହାଲୁକା ଭାବେ ନେଇ ନିରବ ରହିଥିଲେ। ଏଣୁ ସ୍କୁଲରେ ଶୁକ୍ରବାର ଏକ ବୈଠକ ବସିଥିଲା। ଅଭିଭାବକ ଓ ପୀଡିତାଙ୍କ ପରିବାର ପ୍ରଧାନ ଶିକ୍ଷକଙ୍କୁ ବୈଠକରେ କୈଫିୟତ ମାଗିଥିଲେ। ପ୍ରଧାନ ଶିକ୍ଷକ କିନ୍ତୁ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏଣୁ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ସମ୍ପୃକ୍ତ ଶିକ୍ଷକଙ୍କୁ ଉତ୍ତ୍ୟକ୍ତ ଲୋକେ ମାର୍‌ପିଟ୍ କରିବା ପାଇଁ ଉଦ୍ୟମ କରିବାରୁ ସେ ଶ୍ରେଣୀ କୋଠରୀରେ ଜୀବନ ରକ୍ଷା ପାଇଁ ପଶିଯାଇଥିଲେ। ଖବର ପାଇ କଣ୍ଢେଇକେଲା ଫାଣ୍ଡି ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା।

### ପ୍ରଦୀପ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା

## ଆଜି ଫାଇନାଲ ମ୍ୟାଚ୍

ବ୍ରଜରାଜନଗର,୧୪।୧୨(ଡି.ଏନ.ଏ)

ସ୍ଥାନୀୟ ଖଲିଆକାନୀ କ୍ରିକେଟ ପଡିଆରେ ଚାଲିଥିବା ପ୍ରଦୀପ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ଶନିବାର ୩ଟି ମ୍ୟାଚ ଖେଳା ଯାଇଛି। ପ୍ରଥମ ମ୍ୟାଚ ଖଲିଆକାନୀ ଓ ଏକତାଳି ମଧ୍ୟରେ ଖେଳା ଯାଇଥିଲା । ଦ୍ୱିତୀୟ ମ୍ୟାଚ ପିପିଲିକାନୀ ଓ ମାଲଦା ମଧ୍ୟରେ ଖେଳା ଯାଇଥିଲା। ଏଥିରେ ମାଲଦା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କ୍ୱାର୍ଟର ଫାଇନାଲ ହିସାବରେ ଖଲିଆକାନୀ ଓ ମାଲଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମାଲଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ମଧ୍ୟରେ ୫୦ ରନ୍ କରିଥିଲା। ଯବାବରେ ଖଲିଆକାନୀ ୩ ଉଇକେଟ ହରାଇ ୫୧ ରନ୍ କରି ବିଜୟୀ ହୋଇଥିଲା। ରବିବାର ଫାଇନାଲ ମ୍ୟାଚ ଖେଳାଯିବ।

# କ୍ରୀଡ଼ାକ୍ଷେତ୍ରରେ ବେଦାନ୍ତ ପୁରସ୍କୃତ




ଝାରସୁଗୁଡା ବେଦାନ୍ତ କମ୍ପାନୀ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି ।

ସମ୍ବଲପୁର, ୧୪।୧୨ (ବ୍ୟୁରୋ)

ଝାରସୁଗୁଡା ବେଦାନ୍ତ କମ୍ପାନୀକୁ କ୍ରୀଡାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଫିକ୍କି ଇଣ୍ଡିଆ ସ୍ପୋର୍ଟ୍ସ ଆୱାର୍ଡ-୨୦୧୯ ପ୍ରଦାନ କରାଯାଇଛି ।ଡିସେମ୍ବର ୧୧ ତାରିଖ ଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କଠାରୁ ବେଦାନ୍ତ କମ୍ପାନୀର କ୍ରୀଡା ବିଭାଗ ଅଧ୍ୟକ୍ଷ ଅନନ୍ୟ ଅଗ୍ରୱାଲ ଏହି ପୁରସ୍କାର ଗ୍ରହଣ କରିଥିଲେ । ବେଦାନ୍ତ ଦେଶର ସାମାଜିକ ଓ ଆର୍ଥିକ ଉନ୍ନତି, ଯୁବ ଶକ୍ତିର ବିକାଶ, ନାରୀ ସଶକ୍ତୀକରଣ ଓ ସୁସ୍ଥ ଜୀବନ ଶୈଳୀର ଉନ୍ନତୀକରଣ ସହ କ୍ରୀଡା କ୍ଷେତ୍ରର ବିକାଶ ଲାଗି କାର୍ଯ୍ୟ କରିଆସୁଛି । ଏହି କ୍ରମରେ ରାଜସ୍ଥାନର ଜିଙ୍କ ଫୁଟବଲ ଏକାଡେମୀ ଓ ଗୋଆର ସେସା ଫୁଟବଲ ଏକାଡେମୀ ମାଧ୍ୟମରେ ୨୫୦୦ ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି । ସେହିପରି ଦିବ୍ୟାଙ୍ଗ କ୍ରୀଡାବିତ, ତୀରନ୍ଦାଜ ଓ ବିଭିନ୍ନ ମାରାଥନରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି । ଅନ୍ତଃରାଷ୍ଟ୍ରୀୟ ସ୍ତରରେ ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ହାସଲ କରିଛି । ତେଣୁ ଏହି ପୁରସ୍କାର ଆମକୁ ଆହୁରି ଉତ୍ସାହିତ କରିବ ବୋଲି କମ୍ପାନୀର କ୍ରୀଡା ବିଭାଗ ଅଧ୍ୟକ୍ଷ ଅନନ୍ୟ ଅଗ୍ରୱାଲ କହିଛନ୍ତି ।

# ରେଢ଼ାଖୋଲ ସିଭିଲ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରେଢାଖୋଲ,୧୪।୧୨(ଡି.ଏନ.ଏ)

ରେଢାଖୋଲ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡ ଯୋଗ ଦେଇ ବିଭିନ୍ନ ମାମଲାର ଆପୋସ ସମାଧାନ କରିଥିଲେ। ଏସ୍‌ଡିଜେମଙ୍କ ଅଦାଲତରେ ଏକ ଦେୱାନି ମାମଲାର ସମାଧାନ ହୋଇଥିବାବେଳେ ସବ୍‌ଜଜ୍‌ଙ୍କ ଅଦାଲତରେ ଏକ ଟଙ୍କା ଭରଣା (ମନିସୁଟର) ମାମଲାର ସମାଧାନ କରାଯାଇ ୨ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଜନକ କୁମାର ବାଗ ଓ ପ୍ରେମଚାନ୍ଦ କୁଲୁ ସହଯୋଗ କରିଥିଲେ। ସେହିପରି ୟୁନିୟନ ବ୍ୟାଙ୍କର ୭ଟି ଋଣ ସମ୍ପର୍କିତ ମାମଲାର ସମାଧାନ କରାଯାଇ ୩ଲକ୍ଷ ୯୭ହଜାର ୬୯ଟଙ୍କା ଆଦାୟ କରାଯାଇଥିଲା। ୟୁନିୟନ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ପ୍ରଦୀପ କୁମାର ସାହୁ, ବ୍ରାଞ୍ଚ ମ୍ୟାନେଜର ନୀହାର ରଞ୍ଜନ କିସାନ, ଜନ୍ମେଜୟ ମହାନ୍ତି, ସଂଗ୍ରାମ ପଣ୍ଡା, ସହକାରୀ ମ୍ୟାନେଜର ସୁମିତ କୁମାର ଧର ପ୍ରମୁଖ ଯୋଗ ଦେଇଥିଲେ।




ରେଢାଖୋଲ ସିଭିଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିଙ୍କ ସମେତ ଅନ୍ୟମାନେ।

### ଜ୍ୟୋତିବିହାରରେ ପାନୀୟ ଜଳ ସମସ୍ୟା ଦୂର ହେବ

# ମ୍ୟୁଜିୟମ ନିର୍ମାଣ ଦାବି

ସମ୍ବଲପୁର,୧୪।୧୨(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର) ସମ୍ମିଳନୀ କକ୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଳପତି ଦୀପକ ବେହେରା, ରେଜିଷ୍ଟ୍ରାର, ସଞ୍ଜିତ ସାହୁ, ପ୍ରଫେସର ପି.କେ. ବେହେରା, ପ୍ରଫେସର ପ୍ରଦୀପ ନାଏକ, ପ୍ରଫେପର ଅରୁଣ ଆଚାର୍ଯ୍ୟ, ପ୍ରଫେସର ରାଜୀବ ପାଢୀ, ପ୍ରଫେସର ସୂର୍ଯ୍ୟନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରାବାସଗୁଡିକରେ ପାନୀୟଜଳ ସମସ୍ୟା ଦୂର କରିବା, ଗଙ୍ଗାଧର ମେହେର, ଭୀମ ଭୋଇ, ବୀର ସୁରେନ୍ଦ୍ର ସାଏଙ୍କ ଭଳି ବୀର ପୁରୁଷମାନଙ୍କୁ ଜାଣିବା ପାଇଁ ଏକ ମ୍ୟୁଜିୟମ ନିର୍ମାଣ କରିବାକୁ ଏଥିରେ ଦାବି କରାଯାଇଛି। ପରେ ଅଧ୍ୟକ୍ଷ ଚୌହାନ ଲ୍ୟାବ୍ ଓ କ୍ଲାସରୁମ୍ ବୁଲି ସମସ୍ୟା ଦେଖିଥିଲେ। ସେହପରି ଡେବ୍ରିଗଡ ଅଭୟାରଣ୍ୟ କାର୍ଯ୍ୟାଳୟକୁ ଯାଇ ପରିଷଦ ପକ୍ଷରୁ କ'ଣ ଉନ୍ନୟନ କାମ କରି ହେବ ସେ ନେଇ ବନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ଲାବୋରେଟୋରିରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ, କୁଳପତି ଦୀପକ ବେହେରା ଓ ଅନ୍ୟମାନେ ।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ



ଦେବଗଡ଼,୧୪।୧୯(ଡି.ଏନ୍.ଏ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ତିଲେଇବଣି ବ୍ଲକ ଶାଖା ପକ୍ଷରୁ ଟାଇଁସର ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି । ଓଷ୍ଟା ତିଲେଇବଣି ବ୍ଲକ ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କମାର ବ୍ରହ୍ମା ଶୁଭାରମ୍ଭ କରିଥିଲେ । ତିଲେଇବଣି ବ୍ଲକର ସମସ୍ତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ଗଳ୍ପଲିଖନ, କବିତା ରଚନା, ଚିତ୍ରାଙ୍କନ, ଆବୃତ୍ତି, କଣ୍ଠ ସଂଗୀତ, ସାଧାରଣ ଜ୍ଞାନ, ଜଣାଅଜଣା,ଏକକ ଅଭିନୟ ଏବଂ ଏକକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଓଷ୍ଟା, ତିଲେଇବଣି ବ୍ଲକ ସଭାପତି ଜ୍ଞାନ ରଞ୍ଜନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ଦେବଗଡ ଜିଲା ଶାଖା ସମ୍ପାଦକ ହେମନ୍ତ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ତିଲେଇବଣି ବ୍ଲକ ଉପସଭାପତି ସଫିକୁଦ୍ଦିନ ଖାନ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ବ୍ରହ୍ମା ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ ।

# ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୪।୧୨(ଡ଼ି.ଏନ୍.ଏ.)

ଦେବଗଡ ଜିଲା ତିଲେଇବଣି ବ୍ଲକ ସୁନାମୁଣ୍ଡା ଚିନ୍ମୟ ବିଦ୍ୟାଳୟରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ଼.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ତମାଖୁ ବ୍ୟବହାର ଜନିତ ଅପକାରିତା ବିଷୟରେ କହିଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଷ୍ଟମ ଶ୍ରେଣୀର ଛାତ୍ରୀ କାନ୍ତା ସିଂ ପ୍ରଥମ, ଛାତ୍ର ଅଦିତୀ ମହାପାତ୍ର ଦ୍ୱିତୀୟ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀ ମୁସ୍‌କାନ୍ ଯାଦବ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଅଧ୍ୟକ୍ଷ ବିନୟ କୁମାର ନାୟକ, ସ୍ୱାସ୍ଥ୍ୟ ସମିତିର ଏସ୍.ଏନ୍.ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ବାରକୋଟ, ୧୪।୧୨ (ଡି.ଏନ.ଏ)

ଦେବଗଡ଼ ଜିଲା ଦେବଗଡ଼ ଥାନା ଅନ୍ତର୍ଗତ କଣ୍ଢଳ ଗ୍ରାମଠାରେ ୪୯ ନମ୍ବର ଜାତୀୟ ରାଜପଥ ଉପରେ ଶନିବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣା ଘଟି ରମାକାନ୍ତ ରାଉତ (୨୩) ଏବଂ କନ୍ଦରପ ସାହୁ (୬୨) ନାମକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। କଣ୍ଢଳ ଗ୍ରାମର ଗିରିଧାରି ରାଉତଙ୍କ ପୁଅ ରମାକାନ୍ତ ନିଜ ବାଇକ ନଂ. ଓଡି ୨୮ ଏ- ୨୫୩୧ ଯୋଗେ ଦ୍ରୁତଗତିରେ ଦେବଗଡ ପଟକୁ ଯାଉଥିବା ବେଳେ କଣ୍ଢଳ ତାରିଣୀ ଛକ ବସଷ୍ଟାଣ୍ଡ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣା ସ୍ଥଳରେ ଉଭୟେ ଛିଟିକି ପଡି ଗୁରୁତର ହୋଇଥିଲେ । ଉଭୟଙ୍କୁ ପ୍ରଥମେ କଣ୍ଢଳ ସ୍ଥିତ ଏକ କ୍ଲିନିକ ନେଇ ପ୍ରାଥମିକ ଚିକିତ୍ସା ପରେ ଦେବଗଡ ପଠାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଉଭୟେ ମୃତ୍ୟୁବରଣ କରିଥିଲେ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଶଜନା ଗଛରୁ ପଡ଼ି ଯୁବକ ମୃତ

**ଲହୁଣୀପଡା, ୧୪।୧୨ (ଡି.ଏନ.ଏ)**– ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଛିଡି ଗ୍ରାମର ଜଣେ ଯୁବକ ଶନିବାର ସକାଳ ପ୍ରାୟ ୮ଟା ବେଳେ ସୁଜନା ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ଛିଡି ଗ୍ରାମର ଚରଣ ଗୁରୁଡିଆ (୨୪) ଶନିବାର ସକାଳ ପ୍ରାୟ ୮ଟା ବେଳେ ନିଜ ବାଡିରେ ଥିବା ସୁଜନା ଗଛକୁ ଚଢ଼ିଥିଲା ବେଳେ ସୁଜନା ଗଛର ଡାଳ ଭାଙ୍ଗି ଯାଇଥିଲା । ଫଳରେ ଚରଣ ତଳେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଚାନ୍ଦିପୋଷ ଥାନାକୁ ସୂଚନା ଦେଇଥିଲେ । ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଟିପ୍ପର ପଶିଲା ଜଳାଶୟରେ : ଅଳ୍ପକେ ବର୍ତ୍ତିଲେ ଚାଳକ ଖଲାସି

**ଲହୁଣୀପଡା, ୧୪।୧୨ (ଡି.ଏନ.ଏ)**- ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା-କଲେଇପୋଷ ରାସ୍ତା କଲେଇପୋଷ ନିକଟସ୍ଥ ଜଳାଶୟରେ ଭାରସାମ୍ୟ ହରାଇ ଏକ ଟିପ୍ପର ଖସିପଡିଥିବା ବେଳେ ଅଳ୍ପକେ ଚାଳକ ଓ ଖଲାସି ବର୍ତ୍ତି ଯାଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁସାରେ ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଓଆର୍ ୧୪ଏନ- ୪୦୪୧ ଟିପ୍ପର ଲହୁଣୀପଡା ପଟେ ଆସୁଥିବା ବେଳେ ଶନିବାର ସକାଳ ପ୍ରାୟ ୭ରୁ ୮ ମଧ୍ୟରେ କଲେଇପୋଷ ନିକଟସ୍ଥ ଜଳାଶୟରେ ଭାରସାମ୍ୟ ହରାଇ ପାଣି ଭିତରକୁ ପଶି ଯାଇଥିଲା । ସ୍ଥାନୀୟ ଲୋକ ଚାଳକ ଓ ଖଲାସିଙ୍କୁ ଗାଡିରୁ ଉଦ୍ଧାର କରିଥିଲା ବେଳେ ଉଭୟ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।






ସାନରକ୍ସିସ୍ଥିତ କୁଶଳ ତିର୍କୀ ମିନିଷ୍ଟାଡିୟମ ଠାରେ ବିଶାଳ ଶ୍ରମିକ ସମାବେଶ ଓ ସମାବେଶରେ ମଞ୍ଚାସୀନ ନେତା, ବିଧାୟକ।

### ସାନରକ୍ସିଠାରେ ସୁନ୍ଦରଗଡ଼ ଖାଦାନ ମଜଦୁର ୟୁନିୟନର ଶ୍ରମିକ ସମାବେଶ

# ଆଦିବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରା ନ ଯାଉ

**ଲହୁଣୀପଡା,୧୪।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ସାନରକ୍ସିସ୍ଥିତ କୁଶଳ ତିର୍କୀ ମିନିଷ୍ଟାଡିୟମ ଠାରେ ସିଆଇଟିୟୁ ଅନୁବନ୍ଧିତ ଶ୍ରମିକ ସଙ୍ଗଠନ ସୁନ୍ଦରଗଡ ଖାଦାନ ମଜଦୁର ୟୁନିୟନର ଶନିବାର ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟାସାହି, ରକ୍ସି, ବିମଳାଗଡ, ରେଡା, ଚାନ୍ଦିପୋଷ, ବାରସୁଆ ପ୍ରଭୃତି ୬ଟି ପ୍ରାଇଭେଟ ଲୋଡିଂ ସାଇଡିଂର ୫ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଯୋଗଦେଇଥିଲେ। ବଣାଇ ବିଧାୟକ ତଥା ୟୁନିୟନର ସଭାପତି ଲକ୍ଷ୍ମଣ ମୁଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଜେଡି-ଭାଜପା ସରକାରଙ୍କ ବିଭିନ୍ନ ଜନବିରୋଧୀ ଯୋଜନା ବିରୁଦ୍ଧରେ ବକ୍ତବ୍ୟ ରଖିଥିଲେ। କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ପେସା ଆଇନ ନାମରେ ଗରିବ, ଆଦିବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ସ୍ଥାନୀୟ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ହେଉଥିବା ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କହିଥିଲେ। ଆଦିବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରା ନ ଯାଉ ବୋଲି ସେ କହିଥିଲେ। ପେସା ବାଲାଙ୍କ ଏପରି ହୀନ କାର୍ଯ୍ୟକୁ ଶ୍ରମିକ ସଙ୍ଗଠନ ସିଆଇଟିୟୁ ପକ୍ଷରୁ ଦୃଢ ହସ୍ତରେ ଦମନ କରାଯିବ ବୋଲି ସେମାନଙ୍କୁ ଚେତାବନୀ ଦେଇଥିଲେ। ୟୁନିୟନର ସାଧାରଣ ସମ୍ପାଦକ ତଥା ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଅଧିକାର, ମଜୁରି ବୃଦ୍ଧି, ପିଏଫ ପ୍ରଦାନ ସମେତ ଲୋଡିଂ ସାଇଡିଂଗୁଡିକରେ ପର୍ଯ୍ୟାପ୍ତ ର୍ୟାକ ଯୋଗାଇ ଦେବାକୁ ଶ୍ରମିକ ସମାବେଶରେ ଦାବି କରିଥିଲେ। ପେସା ବାଲାଙ୍କ ବିଭିନ୍ନ ପ୍ରକାର ପଥରଗାଡି କାର୍ଯ୍ୟକୁ ନିନ୍ଦା କରିବା ସହିତ ଟ୍ରେଡ ୟୁନିୟନ କାର୍ଯ୍ୟରୁ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ। ସିଆଇଟିୟୁ ଜିଲା ଉପସଭାପତି ବନମାଳୀ ଧୁପାଳ ଶ୍ରମିକମାନଙ୍କ ଏକଜୁଟ ହୋଇ ରହିଥିବା ସହିତ ଦେଶ ବିଦେଶରେ ଶ୍ରମିକମାନେ କିପରି ନିର୍ଯାତିତ ହେଉଛନ୍ତି ସେ ବିଷୟରେ ସୂଚନା ଦେଇଥିଲେ। ଏହା ସହିତ ସମ୍ବିଧାନରେ ପେସାର ପ୍ରକୃତ ମୂଲ୍ୟବୋଧ ଉପରେ ଶ୍ରମିକମାନଙ୍କୁ ଉଦବୋଧନ ଦେଇଥିଲେ। ଶେଷରେ ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ସିଆଇଟିୟୁର ଇତିହାସ ବୃତ୍ତାନ୍ତ ବର୍ଣ୍ଣନା କରିବା ସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ଉପରେ ଆଲୋଚନା କରିଥିଲେ। ତା ବିରୋଧରେ ଆସନ୍ତା ଜାନୁଆରୀ ୬ରୁ ୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସ୍ତରରେ ୬ଟି ଲୋଡିଂ ସାଇଡିଂରେ ଧର୍ମଘଟ ଏବଂ ୮ରେ ସମଗ୍ର ଭାରତରେ ଧର୍ମଘଟରେ ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ। ଏଥିରେ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିମାନ ମାଇତି, ବୟୋଜ୍ୟୋଷ୍ଠ ସଭ୍ୟ ଅଭୟ କୁମାର ଚୌଧୁରୀ, ୟୁନିୟନର ସାଧାରଣ ସମ୍ପାଦକ ଲିଲ ମୋହନ ଗୋପ, ଆନନ୍ଦ ମାସୀ ହରୋ, କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ହଜାର ହଜାର ଶ୍ରମିକ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ଶ୍ରମିକ ନେତୃବୃନ୍ଦଙ୍କ ସହିତ ରକ୍ସିସ୍ଥିତ ୟୁନିୟନ କାର୍ଯ୍ୟାଳୟଠାରୁ ୨୧୫/୫୨୦ ନମ୍ବର ଜାତୀୟ ରାଜପଥର ମୁଖ୍ୟ ରାସ୍ତାରେ ଏକ ବିରାଟ ଶୋଭାଯାତ୍ରାରେ ଆସି ରକ୍ସି ରେଳ ଫାଟକ ନିକଟରେ ପହଞ୍ଚିଥିଲେ। ସେଠାରୁ ଶ୍ରମିକ ନେତୃବୃନ୍ଦଙ୍କୁ କୁଶଳ ତିର୍କୀ ମିନିଷ୍ଟାଡିୟମକୁ ପାଛୋଟି ନିଆଯାଇଥିଲା। ସେଠାରେ ମହିଳା ଶ୍ରମିକମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭା ଶେଷରେ ଶ୍ରମିକମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଗୋପୀନାଥ ମହାନ୍ତ, ପ୍ରଭାତ କୁମାର ପଣ୍ଡା, ହରିଶ୍ଚନ୍ଦ୍ର ରାୟ, ସୁଶିଳା ମୁଣ୍ଡା, ଅନିଲ ବାର୍ଲା, ମନୋହର ବାଡ୍ରା, ଓମନ୍ତ କୁମାର ମହାନ୍ତ, ନେଲସନ ମୁଣ୍ଡା, ମନୋଜ ପୂର୍ତ୍ତି, ଗାଙ୍ଗୀ ସଏ, ଝିଙ୍ଗି ମୁଣ୍ଡା, ଲକ୍ଷ୍ମଣ ମୁଣ୍ଡା, ଖୁଦିଆ ଓରାମ, ରବି ଓରାମ, ମହେନ୍ଦ୍ର କୁମାର ସିଂ, ଡୁରୀ ମୁଣ୍ଡା, ରୟାନ କାଣ୍ଡୁଲନା, ରାଜେନ୍ଦ୍ର ସିଂ, ଶାନ୍ତି ନନ୍ଦ ତିଗା, ବିଚା ଓରାମ, ଦୁଲାଲ ସିଂ, ଯୋଗେଶ୍ୱର ମୁଣ୍ଡା, ଦିଲୀପ କୁମ୍ଭାର ଗାମିଆ ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ମୋଟାଏ ମୁଣ୍ଡା, ବିରେନ ମୁଣ୍ଡା, ସରସ୍ୱତୀ ମୁଣ୍ଡା, ଇଲିଆସର ମୁଣ୍ଡା, ପଞ୍ଚମ ପୂର୍ତ୍ତି, ବାସିଲ ମୁଣ୍ଡା, ମନୋଜ ବେହେରା, ଶୁକ୍ରୁଲାଲ ଗୋପ, ହାନା ଓରାମ, ସୁଦର୍ଶନ ମୁଣ୍ଡା, ରାଇସିଂ ମୁଣ୍ଡା, କହ୍ନେଇ ଚରଣ ମହାନ୍ତି, ସୁଶିଲ ମୁଣ୍ଡା, ମିଚେଲ ମୁଣ୍ଡା, ଧରମ ପ୍ରକାଶ ଧାନଓ୍ୱାର, ମାର୍ଶା କମଲ, ଭାଦୁ ସିଂ, ଜିତୁ ସିଂ, ହୋରମନ ଟପ୍ପୋ, ଲକ୍ଷୀରାମ ମୁଣ୍ଡାରୀ, କିଶୋର ସିଂ, ଗୋଲାପ ସିଂ, ବାଲକୁ ସିଂ, ରବର୍ଟ କିଷାନ, ଆସିସାନ ମୁଣ୍ଡା, ସିମନ ମୁଣ୍ଡା, ବିଜୟ ଓରାମ, ଲାଖ ଓରାମ, ରାମଚନ୍ଦ୍ର ଓରାମ, ସୁମିତ୍ରା ଓରାମ, ବାନ୍ଧନା ଓରାମ, ସିପ୍ରିୟାନ ମୁଣ୍ଡା, ପ୍ରେମଶୁକ କାଣ୍ଡୁଲନା, ଲୋକନାଥ ସିଂ, ଜିତେନ୍ଦ୍ର ସିଂ, ଏଡଓ୍ୱାର୍ଡ ଲୁଗୁନ, ଡମନ ମୁଣ୍ଡା, ଚନ୍ଦ୍ରିକା ସିଂ, ମଧୁସୂଦନ ମୁଣ୍ଡା ପ୍ରମୁଖ ଶ୍ରମିକ ନେତା ଉପସ୍ଥିତ ରହିସମାବେଶରେ ସାମିଲ ହୋଇଥିଲେ।




ଛଟେନପାଲି ଟ୍ରାଫିକ୍ ସଚେତନତା ଶିବିରରେ ପୋଲିସ ଅଧିକାରୀ, ଅନ୍ୟମାନେ ଉପସ୍ଥିତ।

## ଛଟେନପାଲିରେ ପୋଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା ଶିବିର

**ଲେଫ୍ରିପଡା,୧୪।୧୨(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଛଟେନପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଲେଫ୍ରିପଡା ପୋଲିସ ପକ୍ଷରୁ ଟ୍ରାଫିକ୍ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଲେଫ୍ରିପଡା ଥାନା ଅଧିକାରୀ କାଶୀନାଥ ବାରିକ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ଟ୍ରାଫିକ୍ ନିୟମ ମାନି ଚଳିବା, ଗାଡି ଚାଳନା ସମୟରେ ନିଶାଠାରୁ ଦୂରେଇ ରହିବା, ମୋବାଇଲ ବ୍ୟବହାର ନ କରିବା ଏବଂ ହେଲମେଟ୍ ବ୍ୟବହାର କରିବା ଇତ୍ୟାଦି ବିଭିନ୍ନ ଦିଗରେ ସଚେତନତା କରିଥିଲେ। ସଚେତନତା ଶିବିରରେ ଛାତ୍ରୀଛାତ୍ର ନିଜ ପରିବାରର ବ୍ୟକ୍ତି ବିଶେଷମାନଙ୍କୁ ଏହି ଦିଗରେ ସଚେତନ କରିବା ପାଇଁ ଆହ୍ୱାନ କରାଯାଇଥିଲା। ପୋଲିସ ପକ୍ଷରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟଉପକରଣ ବଣ୍ଟନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ମଗର, ସୁଶାନ୍ତ ସେଠ୍ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସମେତ ଗ୍ରାମର ଭଦ୍ରବ୍ୟକ୍ତିଗଣ ଉପସ୍ଥିତ ରହିଥିଲେ।

### ସାହାଣୀ କପ୍ ଫୁଟବଲ ଚାମ୍ପିୟନ ସୁନ୍ଦରଗଡ ଦଳକୁ ଭବ୍ୟ ସମ୍ବର୍ଦ୍ଧନା

## ୬୦ ବର୍ଷ ପରେ ସାହାଣୀ କପ୍ ବିଜୟ ନେଇ ଖୁସିର ଲହର

**ସୁନ୍ଦରଗଡ଼, ୧୪।୧୨ (ଡି.ଏନ୍.ଏ)**

ବରଗଡ ଠାରେ ଅନୁଷ୍ଠିତ ୭୦ ତମ ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଚାମ୍ପିୟନ ହୋଇ ଫେରିବା ପରେ ଏହି ଫୁଟବଲ ଦଳକୁ ସୁନ୍ଦରଗଡବାସୀଙ୍କ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦୀର୍ଘ ୬୦ବର୍ଷ ପରେ ସୁନ୍ଦରଗଡ ଜିଲା ଦଳ ସାହାଣୀ କପ୍‌ରେ ଚାମ୍ପିୟନ ହୋଇଥିବା ନେଇ ଏଠାରେ ଆନନ୍ଦର ଲହରୀ ଖେଳି ଯାଇଛି। ସୁନ୍ଦରଗଡ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ଯୋଗେଶ ସିଂ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ଭୋଳ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ ଖେଳାଳିଙ୍କୁ ଫୁଲମାଳ ପିନ୍ଧାଇ ଗୋଲାପ ପୁଷ୍ପ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲାର ସୁନ୍ଦରଗଡ ଓ ରାଉରକେଲା ଦଳ ଯଥାକ୍ରମେ ଚାମ୍ପିୟନ ଓ ରନର୍ସ ଅପ୍ ହୋଇଥିବାରୁ ଏହା ଜିଲାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଥିଲେ। ହକି ପାଇଁ ଆନ୍ତର୍ଜାତିକ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସୁନ୍ଦରଗଡ ଏବେ ଫୁଟବଲରେ ଅନ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗତ ବର୍ଷ ସୁନ୍ଦରଗଡ ଜିଲା ଦଳ ୪୭ ବର୍ଷ ପରେ ସାହାଣୀ କପ୍ ଫାଇନାଲକୁ ପ୍ରବେଶ କରି ରନର୍ସ ଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ବିଜୟୀ ଦଳ ପ୍ରତ୍ୟାବର୍ତ୍ତନ ବେଳେ ରାସ୍ତାରେ କୁଣ୍ଡୁକେଲା ଆଥଲେଟିକ ଆସୋସିଏସନ ତରଫରୁ ପ୍ରଶାନ୍ତ ପଟେଲଙ୍କ ନେତୃତ୍ୱରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମସ୍ଵିକାନୀଠାରେ ଜାତୀୟ ରେଫରୀ ଦୁର୍ଗା ମାଧବ ନାଏକଙ୍କ ନେତୃତ୍ୱରେ ଫୁଟବଲପ୍ରେମୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଭେଡାବାହାଲ ଠାରେ ମଧ୍ୟ ଜନସାଧାରଣଙ୍କ ତରଫରୁ ପୁଷ୍ପମାଲ୍ୟ ଦେଇ ଖେଳାଳିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୁନ୍ଦରଗଡ ସହରର ପ୍ରବେଶ ପଥରେ ସୁସଜ୍ଜିତ ୨ଟି ଖୋଲା ଜିପ୍‌ରେ ଖେଳାଳିଙ୍କୁ ରାଲିରେ ପାଛୋଟି ଅଣାଯାଇଥିଲା। ପାରିଜାତ ପାର୍କ ଛକରେ ସାଇକ୍ରୀଡା ଛାତ୍ରାବାସର ଅଧିକାରୀ ଉମାକାନ୍ତ ରାଓ, ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ, ଜିଲା କ୍ରୀଡା ସଂସଦର ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ବୀରମିତ୍ର କାଲୋ, ବିମଲ ବୋଷ, ଜୟଦେବ ପାତ୍ରଙ୍କ ସମେତ ଶତାଧିକ କ୍ରୀଡାପ୍ରେମୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ରଙ୍ଗାଢିପା ଛକରେ ଜୟଦୁର୍ଗା କ୍ଲବ ପକ୍ଷରୁ ସାମାଜିକ କର୍ମୀ ସୁରୁ ମିଶ୍ର, ସରୋଜ ନାଏକ, ଡା. ହିମାଂଶୁ ଷଡଙ୍ଗୀ, ଗୋପାଳ ଚନ୍ଦନ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜଣାଇଥିଲେ। ପଞ୍ଚମୁଖୀ ହନୁମାନ ଛକ ଠାରେ ଇକବାଲ ସିଂଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିବେକାନନ୍ଦ ଛକ ଠାରେ ସତ୍ୟ ନାରାୟଣ ସାହୁ, ବିଶ୍ୱଜିତ ପଟ୍ଟନାୟକ, କାଳୀପଦ ସାମଲ ପ୍ରମୁଖ ଖେଳାଳୀଙ୍କୁ ସ୍ୱାଗତ କରିଥିଲେ।

### ଫଟୋରେ ଖବର



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମସ୍ଥିତ ହାଇସ୍କୁଲ ପାଚେରୀକୁ ଶୁକ୍ରବାର ଭୋର ୬ଟାରେ ହାତୀପଲ ଭାଙ୍ଗି ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଲେଫ୍ରିପଡା,୧୪।୧୨(ଡି.ଏନ.ଏ):** ଲେଫ୍ରିପଡା ଥାନା ଅନ୍ତର୍ଗତ ସୁରୁଗୁଡା ମିଲୁପଡାଠାରେ ଶୁକ୍ରବାର ରାତ୍ରିରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଲେଫ୍ରିପଡା ଥାନା ଅନ୍ତର୍ଗତ ଗିରିଙ୍ଗକେଲା ଗ୍ରାମର ଜୀବନ କିଶୋର ଏକ୍କା(୩୨)। ସୂଚନା ଅନୁଯାୟୀ ଯୁବକ ଜଣକ ଏକ ବାଇକ୍(ଓଡି-୧୬ଏଫ୍-୧୪୩୫) ଯୋଗେ ଏମ୍‌ସିଏଲ ଆଡକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଖବରପାଇ ଲେଫ୍ରିପଡା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ୍ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ସୁନ୍ଦରଗଡ ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଯୁବକ ଜଣକ ଠିଆ ହୋଇଥିବା ଗାଡିରେ ନିଜେ ପଛଆଡୁ ଧକ୍କା ଦେଇଥିବା ପୋଲିସ କହୁଥିବା ବେଳେ ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ ଅଜଣା ଗାଡି ଦୁର୍ଘଟଣା ଘଟାଇ ପଳାଇଥିବା କହୁଛନ୍ତି।

## ଭାଜପା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ, ୧୪।୧୨ (ଡି.ଏନ୍.ଏ)**

ଭାରତୀୟ ଜନତା ପାର୍ଟି (ଭାଜପା) ସୁନ୍ଦରଗଡ ସାଙ୍ଗଠନିକ ଜିଲା ଅନ୍ତର୍ଗତ ବିଭିନ୍ନ ମଣ୍ଡଳ ନବନିର୍ବାଚିତ ସଭାପତି ଓ ଜିଲା ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଭାପତି ବଟକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରଭାତି ପରିଡା, ଉପସଭାନେତ୍ରୀ ସୁକେଶୀ ଓରାମ ଯୋଗଦେଇ ନବନିର୍ବାଚିତ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧିଙ୍କ ନାମ ଘୋଷଣା କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ପୂର୍ବତନ ବିଧାୟିକା ସୁଷମା ପଟେଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ସହଦେବ ଖାଖା ଯୋଗଦେଇଥିଲେ। ସୁନ୍ଦରଗଡ଼ ନଗର ମଣ୍ଡଳ ସଭାପତି ଭାବେ ଆଶୀଷ ପଟେଲ ନିର୍ବାଚିତ ହୋଇଥିଲେ। ସେହିପରି ଦୁବରାଜ ନାଏକ- ଟାଙ୍ଗରପାଲି, ପୂର୍ଣ୍ଣଚନ୍ଦ୍ର ଏକ୍କା- କୁତ୍ରା, ଶଙ୍କରସିଂ -ରାଜଗାଙ୍ଗପୁର ପୌରାଞ୍ଚଳ, ବାବୁଲି ଖର୍ସେଲ -ବଡଗାଁ, ସଜିତ ପଟେଲ -ସବଡେଗା, ଉତ୍ସବ ତନ୍ତୀ - ବାଲିଶଙ୍କରା, ମାନସ ସାହୁ -ଲେଫ୍ରିପଡା, ଅରୁଣ ପ୍ରଧାନ - ହେମଗିର, ପ୍ରଦୀପ ଚୌଧୂରୀ - କିରେଇ, ହେମନ୍ତ କିଷାନ -ମଝାପଡା, ଉଦିତ ଖର୍ସେଲ -ମଙ୍ଗସପୁର, ସଜିନ୍ଦ୍ର ପଟେଲ -ପାମରା, ହୀରାଧର ମାଝୀ -ସରଫଗଡ, ସୁରେନ୍ଦ୍ର ସାହୁ-ତିଲଡେଗା, ତଫସିଲ ପ୍ରଧାନ -କରମଡିହି ମଣ୍ଡଳ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।



ଭାଜପାର ବିଭିନ୍ନ ମଣ୍ଡଳର ନବନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଶକ୍ତି ସଂରକ୍ଷଣ ଦିବସରେ ସଚେତନତା ଶୋଭାଯାତ୍ରା

**ସୁନ୍ଦରଗଡ, ୧୪।୧୨ (ଡି.ଏନ୍.ଏ)**

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚବିଦ୍ୟାଳୟ ଠାରେ ଜିଲାସ୍ତରୀୟ ଶକ୍ତିସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାକୁ ଇକୋ କ୍ଲବର ମାଷ୍ଟର ଟ୍ରେନର ସୁଧାଂଶୁ କୁମାର ଚୌଧୂରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ସଂରକ୍ଷଣର ଆବଶ୍ୟକତା, ଶକ୍ତି ସଞ୍ଚୟ ପାଇଁ ଆବାସିକ କ୍ଷେତ୍ର, ଶୀତତାପ ନିୟନ୍ତ୍ରଣ, କମ୍ପ୍ୟୁଟର, କୃଷି କ୍ଷେତ୍ର, ରେଫ୍ରିଜେଟର, ପରିବହନ କ୍ଷେତ୍ର, ପୌରପାଳିକାଓ ଅନ୍ୟାନ୍ୟ ଶିଳ୍ପାଞ୍ଚଳଗୁଡିକରେ ଶକ୍ତି ହ୍ରାସ, ପୁନଃ ବ୍ୟବହାର ଓ ପ୍ରୟୋଗ ଉପରେ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁରେଖା ପଟେଲ, ରାଘବ ଚନ୍ଦ୍ର ଠାକୁର, ବିଭୂତି ଭୂଷଣ ନାୟକ, ଦେବେନ୍ଦ୍ର ଭୈଷାଁଲ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନନ୍ଦିତା ନାଏକ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ୧୭ଟି ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମ ସେଣ୍ଟର ଠାରେ ପରିବେଶ ପାଠ୍ୟକ୍ରମ ଭୁବନେଶ୍ୱର ଦ୍ୱାରା ଆୟୋଜିତ ହୋଇଥିଲା। ସୁନ୍ଦରଗଡରୁ ମନୋନୀତ ୩ଜଣ ପ୍ରତିଯୋଗୀ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ସମାରୋହରେ ଯୋଗଦେଇଛନ୍ତି।




ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ପିକ୍‌ନିକ୍ ପ୍ଲାନିଂ

**ଆରମ୍ଭ ହୋଇଯାଇଛି ପିକ୍‌ନିକ୍ ସିଜନ୍। ନୂଆ ଜାଗା ବୁଲିଯିବା, ଗାଡ଼ି ଭିତରେ ଡାନ୍ସ କରିବା, ସାଙ୍ଗମାନଙ୍କ ସହ ଏକାଠି ଖାଇବାଠାରୁ ଆରମ୍ଭ କରି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇବା ପର୍ଯ୍ୟନ୍ତ ପିକ୍‌ନିକ୍‌ର ପ୍ରତିଟି ମୁହୂର୍ତ୍ତର ଭରପୂର ଆନନ୍ଦ ନେବାକୁ ଏବେଠୁ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। ହେଲେ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଠିକ୍ ପ୍ଲାନିଂ...**

ବର୍ଷସାରା ପାଠପଢ଼ା, ଜବ୍ ହେଉ ଅବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ଯେବେ ସମୟ ଆସେ ପିକ୍‌ନିକ୍‌ର, କାହାକୁ ବା ଖୁସି ନ ଲାଗେ। ନୂଆ ଜାଗା ବୁଲିଯିବା, ନାଚଗୀତର ଆସର ଭିତରେ ମଜାମସ୍ତିରେ ଭୋଜି କରି ଖାଇବା ସହ କିଛି ସୁନ୍ଦର ଅନୁଭୂତି ସାଉଁଟିବାକୁ ସମସ୍ତେ ହୋଇ ଉଠନ୍ତି ତତ୍ପର। ତେବେ ପିକ୍‌ନିକ୍‌କୁ ମଜାଦାର ଏବଂ ଅନୁଭୂତିପୂର୍ଣ୍ଣ କରିବାକୁ ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଠିକ୍ ପ୍ଲାନିଂ। ଆସନ୍ତୁ ଜାଣିବା ପିକ୍‌ନିକ୍ ଯାଉଥିଲେ କେଉଁ ସବୁ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...

**କେଉଁ ଜାଗାକୁ ଯିବେ:** ପିକ୍‌ନିକ୍ ଯିବାକୁ ଚାହୁଁଥିଲେ ପ୍ରଥମେ କେଉଁ ସ୍ଥାନକୁ ଯିବେ ବାଛନ୍ତୁ। ସେଠାରେ କେଉଁ ସବୁ ବ୍ୟବସ୍ଥା ରହିଛି ଜାଣି ରଖନ୍ତୁ। ଗମନା ଗମନର ସୁବିଧା କିପରି, ଆବଶ୍ୟକ ହେଲେ ଆଖପାଖରେ ରହିବା ଲାଗି ହୋଟେଲ କିମ୍ବା ଲଜ୍‌ର ସୁବିଧା କିପରି ଆଦି ପୂର୍ବରୁ ଜାଣି ରଖନ୍ତୁ। ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ବୁଲିବା, ଖାଇବା ଆଦି ହୋଇ ପାରିବ କି ନାହିଁ ମଧ୍ୟ ବୁଝି ରଖନ୍ତୁ। ନଚେତ୍ ଏସବୁ ଛୋଟ ଛୋଟ କାରଣ ଆପଣଙ୍କ ସମସ୍ତ ପିକ୍‌ନିକ୍‌ର ମଜା ଖରାପ କରି ଦେଇପାରେ। ମନେ ରଖନ୍ତୁ ସମ୍ପୂର୍ଣ୍ଣ ନୂଆ ଜାଗାକୁ ପିକ୍‌ନିକ୍ ଲାଗି ଯାଉଥିଲେ ସାଙ୍ଗରେ କୌଣସି ଗାଇଡ୍ କିମ୍ବା ଉକ୍ତ ସ୍ଥାନକୁ ପୂର୍ବରୁ ଯାଇଥିବା ବ୍ୟକ୍ତିଙ୍କୁ ନେଲେ ଭଲ।

**କେତେଜଣ ଯିବେ:** ପିକ୍‌ନିକ୍ ପ୍ଲାନିଂରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ଅନେକ ସମୟରେ ଶେଷ ମୁହୂର୍ତ୍ତରେ ହଠାତ୍ କେତେଜଣ ଯିବାକୁ ବାହାରନ୍ତି, ଫଳରେ ଗାଡ଼ିରେ ଜାଗା ହେବା କଷ୍ଟ ହୋଇପଡ଼େ। ଆଉ କେତେକ କ୍ଷେତ୍ରରେ ହଠାତ୍ ଯିବାବେଳେ କେତେଜଣ ମନା କରିଦିଅନ୍ତି, ଯାହାଦ୍ୱାରା ବଜେଟଠାରୁ ଆରମ୍ଭ କରି ଅନ୍ୟ ସବୁରେ ଅସୁବିଧା ହୋଇଥାଏ। ତେଣୁ ପିକ୍‌ନିକ୍ ଯିବାର କିଛିଦିନ ପୂର୍ବରୁ ମେମ୍ବରମାନଙ୍କ ଲାଗି ଏକ୍ ଡେଡ୍‌ଲାଇନ୍ ରଖନ୍ତୁ ଏବଂ ଉକ୍ତ ସମୟସୀମା ମଧ୍ୟରେ ଚାନ୍ଦା ଦେଇଥିବା ମେମ୍ବରମାନଙ୍କ ଲିଷ୍ଟ ଫାଇନାଲ କରନ୍ତୁ।

**କେବେ ଯିବେ:** ସମସ୍ତ ମେମ୍ବରମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଏକ ଡେଟ୍ ଫାଇନାଲ କରନ୍ତୁ। ତା'ଛଡ଼ା ଯେଉଁ ସ୍ଥାନକୁ ପିନ୍‌ନିକ୍ ଲାଗି ଯିବେ ସେଠାରେ ଆପଣଙ୍କ ନିର୍ଦ୍ଧାରିତ ତାରିଖରେ ଭୋଜି କରି ଖାଇବା ଲାଗି ସ୍ଥାନ ଫାଙ୍କା ମିଳିବ କି ନାହିଁ ମଧ୍ୟ ପୂର୍ବରୁ ବୁଝି ନିଅନ୍ତୁ। ଆବଶ୍ୟକ ହେଲେ ଏବଂ ସୁବିଧା ଥିଲେ ଭୋଜି ଲାଗି ସ୍ଥାନ ଆଡଭାନ୍ସ ବୁକ୍ କରିନେବା ଭଲ।

**କେଉଁ ଗାଡ଼ିରେ ଯିବେ:** ମେମ୍ବର ସଂଖ୍ୟା ଏବଂ ବଜେଟକୁ ଆଖି ଆଗରେ ରଖି କେଉଁ ଗାଡ଼ିରେ ଯିବେ ଏବଂ ତାହା ପ୍ରାଇଭେଟ୍ ଗାଡ଼ି କିମ୍ବା ଟ୍ରାଭେଲ୍ସରୁ ମଗେଇବେ ଫାଇନାଲ କରନ୍ତୁ। ଲଙ୍ଗରୁଟ୍ ଯାଉଥିଲେ କିମ୍ବା ନାଇଟ୍ ଜର୍ନି କରିବାର ଥିଲେ ସେ ରାସ୍ତା ବିଷୟରେ ଭଲ ଭାବେ ଜାଣି ଥିବା କୌଣସି ଦକ୍ଷ ଡ୍ରାଇଭରଙ୍କୁ ସାଙ୍ଗରେ ନିଅନ୍ତୁ।

**କ'ଣ ସବୁ ରାନ୍ଧିବେ:** ଭୋଜି ସ୍ଥଳରେ କ'ଣ ସବୁ ଆଇଟମ୍ ରାନ୍ଧିବେ ତାହା ଲିଷ୍ଟ ପ୍ରସ୍ତୁତ କରି ଆବଶ୍ୟକ ସମସ୍ତ ସାମଗ୍ରୀ ଗାଡିରେ ସାଙ୍ଗରେ ନେଇଯିବା ଭଲ। ଅନେକେ ସ୍ପଟକୁ ଯିବା ପରେ ପାଖ ମାର୍କେଟ୍‌ରୁ ଆବଶ୍ୟକ ସାମଗ୍ରୀ କିଣିନେବାର ଯୋଜନା ରଖି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏମିତିକି ରୋଷେଇ କରି ନ ପାରି ଆଖପାଖରେ ହୋଟେଲରେ ଖାଇବା କିମ୍ବା ହୋଟେଲ ନ ଥିବା କି ସେଠାରେ ଖାଦ୍ୟ ସରିଯାଇଥିବାରୁ ଉପାସରେ ରହିଥିବାର ବି ନଜିର ରହିଛି।

**କେତେ ଚାନ୍ଦା କରିବେ:** ଟ୍ରାନ୍ସପୋର୍ଟ, ଟିଫିନ୍, ଲଞ୍ଚ ଏବଂ ଅନ୍ୟାନ୍ୟ ପିକ୍‌ନିକ୍‌ର ସମସ୍ତ ଖର୍ଚ୍ଚ ମିଶାଇ ହାରାହାରି କେତେଟଙ୍କା ଖର୍ଚ୍ଚ ହେବ ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ। କେତେଜଣ ଯିବେ ସେହି ଖର୍ଚ୍ଚ ଅନୁଯାୟୀ ଭାଗ କରି ଚାନ୍ଦା ଆଦାୟ କରନ୍ତୁ। ଆବଶ୍ୟକ ହେଲେ କିଛି ଟଙ୍କା ଅଧିକ ଆଦାୟ କରି ବଳିଲେ ଅସୁବିଧା ନାହିଁ, ହେଲେ ନଅଣ୍ଟ ହୋଇ ଯେପରି ପିକ୍‌ନିକ୍‌ରେ କିଛି ଅସୁବିଧା ନ ହେଉ କିମ୍ବା କେହି ଅସନ୍ତୁଷ୍ଟ ନ ହୁଅନ୍ତି ସେଥିପ୍ରତିସ ବିଶେଷ ଦୃଷ୍ଟି ଦିଅନ୍ତୁ।

**କ'ଣ ନେବେ:** ପିକ୍‌ନିକ୍ ଯିବା ସମୟରେ ପାଖରେ ଅତି କିମ୍‌ରେ ଗୋଟିଏ ହଳ ଏକ୍ସଟ୍ରା ଡ୍ରେସ୍, ଶୀତ ବସ୍ତ୍ର, କିଛି ଟଙ୍କା, ମୋବାଇଲ୍ ଏବଂ ଏହାର ଚାର୍ଜର, ଫାଷ୍ଟ ଏଡ୍ କିଟ୍, ପାଣି ବୋତଲ ଏବଂ କିଛି ଶୁଖିଲା ଖାଦ୍ୟ ନେବାକୁ ଆଦୌ ଭୁଲନ୍ତୁ ନାହିଁ।











# ସଫଳତାର ସୂତ୍ର

**ସଫଳତାର ଯାତ୍ରା ଏତେ ସହଜ ନୁହେଁ। ଏଥିପାଇଁ ଅନେକ ବାଧାବିଘ୍ନର ସାମ୍ନା କରିବାକୁ ହୋଇଥାଏ। ତେଣୁ ବିଫଳତାରେ ହାର୍ ନ ମାନି କିମ୍ବା ମନରେ ନକାରାତ୍ମକ ଭାବନା ନ ରଖି ବାରମ୍ବାର ପ୍ରୟାସ କରିବା ଆବଶ୍ୟକ। ଜାଣିରଖନ୍ତୁ ସଫଳତା ହାସଲ କରିବାର କେତୋଟି ସରଳ ସୂତ୍ର...**



- ଏକାଥରେ ନିଜ ଲକ୍ଷ୍ୟ ପଥରେ ପହଞ୍ଚିବା ସମସ୍ତଙ୍କ ଲାଗି ସହଜ ନୁହେଁ। ତେଣୁ ଥରେ ବିଫଳ ହେଲେ ଭାଗ୍ୟକୁ ଦୋଷ ଦେଇ ବସିଯିବା କିମ୍ବା ପୁନର୍ବାର ଚେଷ୍ଟା କରିବା ଲାଗି ଦୀର୍ଘ ସମୟ ବ୍ୟବଧାନ କରିବା ବି ଠିକ୍ ନୁହେଁ। କାରଣ ଏହାଦ୍ୱାରା ମନ ଭିତରେ ସଫଳ ହେବାର ଜୋସ୍ କମିଯାଏ। ତେଣୁ ଦୃଢ଼ମନରେ ଲକ୍ଷ୍ୟ ପଥରେ ଆଗେଇ ଚାଲନ୍ତୁ ଦିନେ ନିଶ୍ଚେ ସଫଳତାର ସ୍ୱାଦ ଚାଖିପାରିବେ।
- ବାରମ୍ବାର ଚେଷ୍ଟା କରନ୍ତୁ। ପୂର୍ବ ବିଫଳତାକୁ ମନେ ନ ପକାଇ ନିଜର ବେଷ୍ଟ ଦିଅନ୍ତୁ। ଆପଣଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରୁଥିବା ସ୍ପେଶାଲ୍ ଗୁଣକୁ ଚିହ୍ନନ୍ତୁ। ଆଉ ନିଜ କ୍ଷମତା ଏବଂ ଦକ୍ଷତା ସାହାଯ୍ୟରେ ଉପରକୁ ଉଠିବାକୁ ପ୍ରୟାସ ଜାରି ରଖନ୍ତୁ।
- ବହୁତ ଚେଷ୍ଟା ପରେ ସଫଳ ନ ହୋଇ ପାରିଲେ ଅନେକେ ଆଗକୁ ରିସ୍କ ନେବାକୁ ଡରି ଯାଆନ୍ତି। ହେଲେ ମନେ ରଖନ୍ତୁ ଡର ମଣିଷକୁ ଆଗକୁ ବଢ଼ିବାକୁ ଦେବାରେ ସବୁଠୁ ବଡ଼ ବାଧକ। ତେଣୁ ଡର ଦୂର କରି, ସଫଳ ହେବା ପରେ ଆପଣଙ୍କୁ କିପରି ଲାଗିବ ସେହି ଉତ୍କଣ୍ଠାକୁ ଅନୁଭବ କରି ଆତ୍ମବିଶ୍ୱାସର ସହ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୁଅନ୍ତୁ।
- କେବେ କେବେ ଜଣଙ୍କୁ ବିଫଳ ହେବା ପରେ, ପୁନର୍ବାର ଚେଷ୍ଟା କରିବା ବେଳେ ଅନେକଙ୍କ ଥଟା ମଜାର ଶିକାର ହେବାକୁ ପଡ଼ିଥାଏ। ଯାହାକି ସେମାନଙ୍କ ମନବଳ ଦୁର୍ବଳ କରିଦିଏ। ହେଲେ ଏଥିରେ ଦୁଃଖ କରି, ହାର ମାନି ବସିଯିବା ଅପେକ୍ଷା ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ନିଜ ଲକ୍ଷ୍ୟ ହାସଲ କରିବା ହିଁ ସଫଳତା ପାଇବାର ସବୁଠୁ ବଡ଼ ଚାବିକାଠି।
- ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ଫଳରେ କ୍ୟାରିୟରକୁ ମଜଭୁତ୍ କରିବା କଷ୍ଟସାଧ୍ୟ ହୋଇପଡ଼େ। ତେଣୁ ନିଜ ଚିନ୍ତାଧାରାକୁ ସକାରାତ୍ମକ ରଖନ୍ତୁ। ଏହାର ଶକ୍ତି ଏତେ ଅଧିକ ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ। ୟୁନିଭର୍ସିଟି ଅଫ୍ ନର୍ଥ କରୋଲିନାର ମନୋବିଜ୍ଞାନ ଗବେଷକ ବାର୍ବାରା ଫେଡ୍ରିକ୍ସନ୍‌ଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ସକାରାତ୍ମକ ଚିନ୍ତାଧାରା ଏକ ସଫଳ କ୍ୟାରିୟର ଗଢ଼ିବାର ମୂଳମନ୍ତ୍ର।

## ୟୁ | ଥ୍ | ଆ | ଲ | ର୍ଟ

# ସୁସ୍ଥ ରଖେ ରକ୍ତଦାନ

କାହାର ଜୀବନ ବଞ୍ଚାଇବା ଲାଗି ରକ୍ତଦାନ କରିବାଠାରୁ ମହତ୍ କାର୍ଯ୍ୟ ଆଉ କ'ଣ ବା ହୋଇପାରେ। ହେଲେ ଅନେକେ ରକ୍ତ ଦାନ କଲେ ଶରୀର ପତଳା ତଥା ଦୁର୍ବଳ ହୋଇଯିବ ଭାବନ୍ତି ତ ଆଉ କେତେକେ ଛୁଞ୍ଚି ଫୁଟିବା ଡରରେ ରକ୍ତ ଦାନ କରି ନ ଥାନ୍ତି। ହେଲେ ଆପଣ ଜାଣନ୍ତିକି, ଡାକ୍ତରଙ୍କ ପରାମର୍ଶ କ୍ରମେ ମଝିରେ ମଝିରେ ରକ୍ତ ଦାନ କଲେ ଆପଣ ଅନ୍ୟର ଜୀବନ ବଞ୍ଚାଇପାରିବା ସହିତ ନିଜକୁ ମଧ୍ୟ ବିଭିନ୍ନ ରୋଗରୁ ଦୂରେଇ ରଖିପାରିବେ। ଜାଣି ରଖନ୍ତୁ ରକ୍ତଦାନର ବିଭିନ୍ନ ଉପକାରିତା ସମ୍ପର୍କରେ...



- ରକ୍ତ ଦାନ କରିବା ଦ୍ୱାରା ଶରୀରରେ ନୂଆ ରକ୍ତ କଣିକା ସୃଷ୍ଟି ହୁଏ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ, ଯାହାକି ଶରୀରକୁ ବିଭିନ୍ନ ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ।
- ପ୍ରତି ୩ ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା ଶରୀରରେ ଆଇରନ୍ ପରିମାଣ ଠିକ୍ ରହିଥାଏ। କେବେ କେବେ ଶରୀରରେ ଆଇରନ୍ ମାତ୍ରା ଅଧିକ ହେଲେ ଏହା ଲିଭର ଅକ୍ସିଡେଶନ୍ ହୋଇ ଖରାପ ହେବାକୁ ଲାଗେ, ଏମିତିକି ଏହା ଯୋଗୁ ଲିଭର କ୍ୟାନ୍ସର ଆଶଙ୍କା ବି ବୃଦ୍ଧି ପାଇଥାଏ। ତେଣୁ ରକ୍ତଦାନ କରିବା ଦ୍ୱାରା ଏହି ସମସ୍ୟା ଉପୁଜି ନ ଥାଏ।
- ଏହା ହୃତ୍‌ପିଣ୍ଡକୁ ସକ୍ରିୟ ରଖିବାରେ ସାହାଯ୍ୟ କରିଥାଏ। ଯାହାଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ସୁସ୍ଥ ରହିବା ସହ ହୃଦ୍‌ରୋଗ ଆଶଙ୍କା କମ୍ ହୋଇଥାଏ।
- ରକ୍ତଦାନ କରିବା ଦ୍ୱାରା ଯଥା ସମୟରେ ଶରୀରରେ ନୂତନ ରକ୍ତ ସୃଷ୍ଟି ହୋଇଥାଏ, ଯାହାକି ମଣିଷକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବା ରଖିଥାଏ।
- ମେଦ ବହୁଳ ଥିଲେ ଯଦି ରକ୍ତରେ ଶର୍କରା ପରିମାଣ ଠିକ୍ ଥାଏ ତେବେ ପ୍ରତି ତିନି ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା ଏହା ଶରୀରର ଓଜନ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ..... ରାଜ୍ୟରେ ଯମୁନା ନଦୀ ପାଣି ବିକ୍ରି କରିବା ଲାଗି ବିଲ୍ ପାସ୍ ହୋଇଛି ?
୨– ନ୍ୟାଶନାଲ ଶିଖ୍ ଗେମ୍ସ ୨୦୨୦........... ସହରରେ ଆୟୋଜିତ ହେବ ?
୩– ଆଣ୍ଡାମାନ ଏବଂ ନିକୋବରର ନୂତନ କମାଣ୍ଡ ଇନ୍ ଚିଫ୍ ଭାବେ............. ...ନିଯୁକ୍ତ ହୋଇଛନ୍ତି ?
୪– 'ଦି ଭଲ୍ଟ ଅଫ୍ ବିଷ୍ଣୁ' ପୁସ୍ତକ............. ଲେଖିଛନ୍ତି ?
୫– ଇଣ୍ଟରନ୍ୟାଶନାଲ ସିଭିଲ ଏଭିଏଶନ୍ ଡେ' ପ୍ରତିବର୍ଷ.......... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଅଟଳ ବିହାରୀ ବାଜପେୟୀ
୨ ବର୍ଣ୍ଣିଓ ପିଗ୍‌ମୀ
୩ ମୋହାନା ସିଂ
୪ ସର୍ଭିସ୍ ଇଣ୍ଟେଲିଜେନ୍ସ (ଏସ୍‌ଆଇ), ପାକିସ୍ତାନ
୫ ପ୍ରୋଟିନ୍

## ଉତ୍ତର ଦାତା


ମନୋରମା ହାତୀ
କଟକ


ନରେଶ କୁମାର କର
ବାଲେଶ୍ୱର


ଧୀରେନ୍ଦ୍ର ମଲିକ୍
ଯାଜପୁର


ଲିପିପ୍ରଭା ବେହେରା
କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ସୁଇଡେନଠାରୁ ଭାରତ ୦-୩ ଗୋଲରେ ପରାସ୍ତ ହୋଇଥିଲେ ମଧ୍ୟ ଦଳର ଖେଳାଳିଙ୍କ ପ୍ରଦର୍ଶନ ନେଇ ମୁଁ ଗର୍ବିତ ।

–ଥୋମାସ୍ ଡେନର୍ବି
୧୭ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



ଫୁଟ୍‌ବଲ ଖେଳରେ ଫିନିଶିଂ ଟଚ୍ ଦକ୍ଷତା ନ ଥିଲେ ଜଣେ ଷ୍ଟ୍ରାଇକର ସ୍ୱୟଂ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ।

–ମାର୍କସ ରସ୍‌ଫୋର୍ଡ, ଇଂଲଣ୍ଡ ଫରୱାର୍ଡ ଖେଳାଳି



## ସଂକ୍ଷେପରେ

### ନିଲାମୀ ପୂର୍ବରୁ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟଙ୍କୁ ଭେଟିଲେ ପଣ୍ଟିଂ

**ନୂଆଦିଲ୍ଲୀ,୧୪।୧୨(ପି.ଟି.):** ଆସନ୍ତା ୧୯ ତାରିଖରେ କୋଲକାତାଠାରେ ଆଇପିଏଲର ୧୩ତମ ସଂସ୍କରଣ ପାଇଁ ଖେଳାଳିଙ୍କ ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ମ୍ୟାନେଜମେଣ୍ଟ ସଦସ୍ୟଙ୍କୁ ଭେଟିଛନ୍ତି। ଗତ କିଛି ମାସ ହେଲା ଆମେ ଆଲୋଚନା କରୁଛୁ। ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ଲାଗି ବହୁତ ସମୟ ଦେଇଛୁ। ଆମେ ସବୁ କିଛି ଯୋଜନା କରିଛୁ। ମାତ୍ର ଅକ୍ସନ ଟେବୁଲରେ କ'ଣ ଘଟିବ କହି ହେବ ନାହିଁ। ଦ୍ରୁତ ବୋଲରଙ୍କ ଉପରେ ଆମ ଧ୍ୟାନ ରହିବ। ମୁଖ୍ୟତଃ ବିଦେଶୀ ପେସରଙ୍କୁ ଆଣିବାକୁ ଲକ୍ଷ୍ୟ ରଖାଯାଇଥିବା ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ପଣ୍ଟିଂ କହିଛନ୍ତି। ସେ ଆହୁରି କହିଛନ୍ତି, ଆମ ଦଳକୁ କେଉଁ ଭଳି ଖେଳାଳି ଦରକାର ତା ଠିକ୍ ରୂପେ ଜାଣିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ଆମ ନିକଟରେ ୩ ଓପନର ଅଛନ୍ତି। ଏଣୁ ଆଉ ଓପନରଙ୍କ ଉପରେ ନଜର ପକାଇବା ଦରକାର ନାହିଁ। ଆମ ଚୂଡ଼ାନ୍ତ ଏକାଦଶରେ ଯେଉଁ ସ୍ଥାନରେ ସମସ୍ୟା ରହିଛି, ତାକୁ ସୁଧାରିବା ପାଇଁ ଖେଳାଳି ଚୟନ କରିବା ଆବଶ୍ୟକ।

### ତସ୍‌ନିମ୍-ତାରା ଫାଇନାଲ

ସୁରାବାୟା (ଇଣ୍ଡୋନେସିଆ), ୧୪।୧୨(ପି.ଟି.)-ଏଠାରେ ଚାଲିଥିବା ୧୫ବର୍ଷରୁ କମ୍ ଏସିଆନ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଭାରତୀୟ ଖେଳାଳି ତସନିମ୍ ମୀର୍ ଏବଂ ତାରା ଶାହଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ତସ୍‌ନିମ୍ ୨୧-୧୬, ୨୧-୧୧ରେ ଜାପାନର ସୋରା ଇଶୋକାଙ୍କୁ ପରାସ୍ତ କରିଥିବାବେଳେ ତାରା ଜାପାନିଜ ଖେଳାଳି କାଜୁନେ ଇୱାତୋଙ୍କୁ ୨୧-୧୮, ୨୧-୧୪ରେ ହରାଇ ଦେଇଛନ୍ତି। ସକାଳେ ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଉଭୟ ତସ୍‌ନିମ୍ ଓ ତାରା ଯଥାକ୍ରମେ ଜାପାନର ମାୟା ତାଗୁଚି ଏବଂ ମେଇ ସୁଡୋଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ତସନିମ ଓ ତାରାଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଖେଳାଳିମାନେ ଆଗକୁ ବଢ଼ିପାରି ନାହାନ୍ତି। ୧୫ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଟପ୍ ସିଡ ତନ୍ମୟ ବରୁଆ ଓ ଅଙ୍କିତ ମଣ୍ଡଳ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ୧୫ ବର୍ଷରୁ କମ୍ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ତନ୍ମୟ ଏବଂ ଲକ୍ଷ୍ୟ ଶର୍ମା ମଧ ସେମାନଙ୍କ କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

### ପାକିସ୍ତାନ ଗସ୍ତ କରିପାରେ ଦକ୍ଷିଣ ଆଫ୍ରିକା

**କରାଚୀ,୧୪।୧୨(ପି.ଟି.):** ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଆସନ୍ତା ମାର୍ଚ୍ଚରେ ପାକିସ୍ତାନ ଗସ୍ତ କରିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିଶ୍ଚିତ ଅଛି। ଏହି ଗସ୍ତରେ ଦକ୍ଷିଣ ଆଫ୍ରିକା ଘରୋଇ ପାକିସ୍ତାନ ସହ ୩ ଟି୨୦ ମ୍ୟାଚ୍ ଖେଳିପାରେ। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ପାକିସ୍ତାନର ପ୍ରସ୍ତାବକୁ ଖାରଜ କରିଦେଇଛି। ହେଲେ ଆଲୋଚନା ଚାଲିଥିବା କହିଛନ୍ତି ପିସିବି ସିଇଓ ୱାସିମ ଖାଁ। କେବଳ ଦକ୍ଷିଣ ଆଫ୍ରିକା ନୁହେଁ ପିସିବି ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ବୋର୍ଡକୁ ମଧ ସେମାନଙ୍କ ଦଳ ପଠାଇବାକୁ ପ୍ରସ୍ତାବ ଦେଇଛି।

# ଓଡ଼ିଶା ଏଫ୍‌ସିର ପ୍ରଥମ ହୋମ୍ ମ୍ୟାଚ୍ ୨୭ରେ

**ଭୁବନେଶ୍ୱର, ୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**



ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୬ଷ୍ଠ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଏହାର ଅବଶିଷ୍ଟ ହୋମ୍ ମ୍ୟାଚ ଡିସେମ୍ବର ୨୭ରୁ ଭୁବନେଶ୍ୱରରେ ଖେଳାଯିବ। ୧୭ ବର୍ଷରୁ କମ ମହିଳା ଫିଫା ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମର ଆଧୁନିକୀକରଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ଯୋଗୁ ଦଳର ଏହାର ପ୍ରଥମ ୩ଟି ହୋମ୍ ମ୍ୟାଚ ପୁଣେଠାରେ ଖେଳିସାରିଛି। ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ। ଜୋସେପ୍ ଗୋମ୍ବାଉଙ୍କ ଓଡ଼ିଶା ଏଫ୍‌ସି ପୁଣେରେ ଖେଳିଥିବା ୩ଟି ମ୍ୟାଚ ମଧ୍ୟରୁ ଏଟିକେ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିବା ବେଳେ ବେଙ୍ଗାଲୁରୁଠାରୁ ପରାସ୍ତ ହୋଇଥିଲା। ତେବେ ହାଇଦ୍ରାବାଦ ବିପକ୍ଷରେ ଖେଳିଥିବା ଏହାର ତୃତୀୟ ଗେମ୍‌ରେ ବିଜୟ ଲାଭ କରିଥିଲା। ଦଳ ଏଣିକି ହୋମ୍ ଗ୍ରାଉଣ୍ଡରେ ଖେଳିବାକୁ ଥିବାରୁ ସ୍ଥାନୀୟ ସମର୍ଥକଙ୍କ ସମର୍ଥନ ପାଇବ ଏବଂ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ଏଫ୍‌ସି ସିଇଓ ଆଶିଷ ଶାହ ଆଶା ପ୍ରକାଶ କରି କହିଛନ୍ତି। ଡିସେମ୍ବର ୨୭ରୁ ଆମ ଦଳ ନିଜ ହୋମ୍ ଗ୍ରାଉଣ୍ଡରେ ମ୍ୟାଚ ଖେଳିବ ଖବରରେ ମୁଁ ଆନନ୍ଦିତ ବୋଲି ଓଡ଼ିଶା ଏଫ୍‌ସିର ମୁଖ୍ୟ କୋଚ୍ ଜୋସେପ୍ ଗୋମ୍ବାଉ କହିଛନ୍ତି। ହୋମ୍ ଗ୍ରାଉଣ୍ଡରେ ନିଜ ସମର୍ଥକଙ୍କ ଉପସ୍ଥିତିରେ ମ୍ୟାଚ ଖେଳିବା ଭିନ୍ନ କଥା।

# ମୋମୋତା ଫାଇନାଲରେ

**ଶାଂଘାଇ, ୧୪।୧୨ (ଏଏଫ୍‌ପି):** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଟାଇଟଲ ମୁକାବିଲା ଜାପାନର କେଣ୍ଟୋ ମୋମୋତା ଏବଂ ଇଣ୍ଡୋନେସିଆର ଆଣ୍ଟୋନୀ ସିନିସୁକା ଗିନ୍‌ଟିଙ୍ଗଙ୍କ ମଧ୍ୟରେ ହେବ। ବିଶ୍ୱର ନମ୍ବର ୱାନ ଖେଳାଳି ମୋମୋତା ଶନିବାର ଗୁଆଙ୍ଗଝୋଉଠାରେ ଅନୁଷ୍ଠିତ ସେମିଫାଇନାଲରେ ତାଇୱାନର ୱାଙ୍ଗ୍ ଜିଜୁ ୱିଙ୍କୁ ୨୧-୧୭, ୨୧-୧୨ରେ ପରାସ୍ତ କରିଛନ୍ତି। ୨୦୧୯ରେ ଜାପାନିଜ ଖେଳାଳି ଇତିମଧ୍ୟରେ ୧୦ଟି ଟାଇଟଲ ଜିତି ସାରିଛନ୍ତି। ତନ୍ମଧ୍ୟରେ ୱାର୍ଲ୍ଡ ଚାମ୍ପିୟନଶିପ୍, ଏସିଆ ଚାମ୍ପିୟନଶିପ୍ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ୍ ରହିଛି। ମୋମୋତା ଏବଂ ଗିନ୍‌ଟିଙ୍ଗ୍ ପରସ୍ପରକୁ ୧୪ ଥର ଭେଟିଛନ୍ତି। ଜାପାନ ଖେଳାଳି ଇଣ୍ଡୋନେସିଆ ଖେଳାଳିଙ୍କୁ ତନ୍ମଧ୍ୟରେ ୧୦ଥର ହରାଇ ଦେଇଛନ୍ତି। ତେଣୁ ରବିବାର ଫାଇନାଲରେ ମୋମୋତାଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି। ବିଶ୍ୱର ୮ ନମ୍ବର ମାନ୍ୟତାପ୍ରାପ୍ତ ଗିନ୍‌ଟିଙ୍ଗ୍ ଚାଇନାର ଅଲିମ୍ପିକ ଚାମ୍ପିୟନ ଚେନ୍ ଲଙ୍ଗ୍‌ଙ୍କ ବିପକ୍ଷରେ ୨୧-୧୫, ୨୧-୧୫ରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଫାଇନାଲରେ ବିଶ୍ୱର ନମ୍ବର ୨ ଖେଳାଳି ଚାଇନାର ଚେନ୍ ୟୁଫି ତାଇୱାନର ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ତାଇ ଜିଜୁ-ୟିଙ୍ଗ୍‌ଙ୍କ ସହ ମୁକାବିଲା କରିବେ। ଚେନ୍ ସେମିଫାଇନାଲରେ ଆକାନେ ୟାମାଗୁଚିଙ୍କୁ ୨୧-୧୮, ୨୧-୯ରେ ପରାସ୍ତ କରିଥିବାବେଳେ ତାଇ ଅନ୍ୟଜଣେ ଜାପାନିଜ୍ ନୋଜୋମି ଓକୁହାରାଙ୍କୁ ୨୧-୧୫, ୨୧-୧୮ରେ ହରାଇ ଦେଇଛନ୍ତି।

# ସେମିରେ ସୁବ୍ରତ

**ଭୁବନେଶ୍ୱର,୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ପାଟନାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁବ୍ରତ ଦାସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସୁବ୍ରତ ପ୍ରି- କ୍ୱାର୍ଟର ଓ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସେମିକୁ ଉଠିଛନ୍ତି। ସେ ପ୍ରି-କ୍ୱାର୍ଟରରେ ଅଭୟ ପ୍ରକାଶଙ୍କୁ ୩-୦ରେ ହରାଇ ଅଗ୍ରଗତି କରିଥିଲେ। ଏହାପରେ ସେ କ୍ୱାର୍ଟରରେ ରାଞ୍ଚିର ଶୁଭମ ସିଂଙ୍କୁ ମଧ ସମାନ ଅନ୍ତରରେ ପରାସ୍ତ କରିଥିଲେ।

ପାଟନାର ଆଡିକ୍‌ଶନ ସ୍ନୁକର ସେଣ୍ଟରରେ ଚାଲିଥିବା ଏହି ପ୍ରତିଯୋଗିତାରେ ସୁବ୍ରତ ଶୁକ୍ରବାର ୩-୦ରେ ପୂର୍ବତନ ବିହାର ଜୁନିୟର ଚାମ୍ପିୟନ ଉତ୍କର୍ଷ ସିଂଙ୍କୁ ପରାସ୍ତ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ। ୪ ଦିନଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଥିବା ସୁବ୍ରତଙ୍କ ସମେତ ପୂର୍ବ ଭାରତର ଅନ୍ୟ ଖେଳାଳିମାନଙ୍କୁ ମଧ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ଏହି ଚାମ୍ପିୟନଶିପ୍‌ରେ ସୁବ୍ରତଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଜାତୀୟ ସର୍କିଟରେ ସୁବ୍ରତ ଶ୍ରେଷ୍ଠ ୩୨ରେ ସ୍ଥାନ ପାଇଛନ୍ତି।




# ଆଇପିଏଲ ନିଲାମୀରେ ଶୁଭ୍ରାଂଶୁ

**କଟକ ଅଫିସ,୧୪।୧୨**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଆଗାମୀ ସଂସ୍କରଣ ପାଇଁ ହେବାକୁ ଥିବା ନିଲାମ ପ୍ରକ୍ରିୟାରେ ସାମିଲ ହେବେ ଜଣେ ଓଡ଼ିଆ ପ୍ରତିଭାବାନ ଖେଳାଳି। ଏହି ଖେଳାଳି ଜଣଙ୍କ ହେଲେ ରାଜ୍ୟ ରଣଜୀ ଦଳର ଅଧିନାୟକ ତଥା ଡାହାଣହାତୀ ଧୂଆଁଧାର ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ଶେଖର ସେନାପତି। ଶୁଭ୍ରାଂଶୁଙ୍କ ନାମ ଆଇପିଏଲ ନିଲାମୀର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛି। ୮ଟି ଦଳର ମାଲିକମାନଙ୍କ ଭିତରୁ କୌଣସି ଦଳ ଶୁଭ୍ରାଂଶୁଙ୍କ ପାଇଁ ଗ୍ରୀନ ସିଗ୍ନାଲ ଦେଖାଇଲେ, ସେ ରାଜ୍ୟର ୩ୟ ଖେଳାଳି ଭାବେ ଆଇପିଏଲ ଖେଳିବାର ସୌଭାଗ୍ୟ ହାସଲ କରିବେ। ଶୁଭ୍ରାଂଶୁଙ୍କ ବେସ୍ ପ୍ରାଇସ୍ ରହିଛି ୨୦ଲକ୍ଷ ଟଙ୍କା।

ବିଶ୍ୱର ସବୁ ପେସାଦାର କ୍ରିକେଟ ଲିଗ୍‌ଗୁଡ଼ିକ ଭିତରେ ଆଇପିଏଲ ବେଶ୍ ଚର୍ଚ୍ଚିତ ଓ ପ୍ରତିଷ୍ଠିତ। ଭାରତର ଏହି ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଖେଳାଳି ନିଲାମୀ ପ୍ରକ୍ରିୟା ଆସନ୍ତା ୧୯ରେ ଅନୁଷ୍ଠିତ ହେବ। ଭାରତୀୟ ଓ ବିଦେଶୀ ଖେଳାଳିମାନଙ୍କୁ ମିଶାଇ ମୋଟ୍ ୩୩୨ଟି ନାମ ଏହି ପ୍ରକ୍ରିୟାରେ ଉପସ୍ଥାପିତ କରାଯିବ। ତାଲିକାରେ ଶୁଭ୍ରାଂଶୁ ଏକମାତ୍ର ଓଡ଼ିଆ ଖେଳାଳିଭାବେ ସ୍ଥାନ ପାଇଛନ୍ତି। ଶୁଭ୍ରାଂଶୁଙ୍କ ପୂର୍ବରୁ ହଳଧର ଦାସ ଓ ବିପ୍ଳବ ସାମନ୍ତରାୟ ଆଇପିଏଲରେ ଦେଖିବାକୁ ମିଳିଛନ୍ତି। ରଣଜୀ ସଂସ୍କରଣ-୨୦୧୮ ଓ କିଛିଦିନ ତଳେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ନାମେଣ୍ଟରେ ଶୁଭ୍ରାଂଶୁଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ରହିଥିଲା। ଯାହାଫଳରେ ତାଙ୍କ ନାମକୁ ଆଇପିଏଲ କମିଟି ନିଲାମୀ ପ୍ରକ୍ରିୟାରେ ସାମିଲ କରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ପକ୍ଷରୁ ୧୬ଟି ଟି-୨୦ ମ୍ୟାଚ୍ ଖେଳିଥିବା ଶୁଭ୍ରାଂଶୁ ୨୭.୧୫ ଆଭରେଜରେ ୩୫୩ ରନ କରିଛନ୍ତି। ଷ୍ଟ୍ରାଇକ ରେଟ୍ ୧୨୩.୮୫ ରହିଥିବା ବେଳେ ୫୧ରନ ହେଉଛି ଶୁଭ୍ରାଂଶୁଙ୍କ ଟି୨୦ ଫର୍ମାଟର ସର୍ବାଧିକ ସ୍କୋର। ନିଲାମୀ ପ୍ରକ୍ରିୟାରେ ନାମ ରହିଥିବାରୁ ଖୁସି ଲାଗୁଛି ବୋଲି ଶୁଭ୍ରାଂଶୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆଇପିଏଲରେ ସୁଯୋଗ ମିଳିଲେ ଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ସେ କହିଥିଲେ।



ଶୁଭ୍ରାଂଶୁ ଶେଖର ସେନାପତି

# ଦିବାରାତ୍ର ଟେଷ୍ଟ: ଅଷ୍ଟ୍ରେଲିଆ ସ୍ଥିତି ଦୃଢ଼

**ପର୍ଥ,୧୪।୧୨(ଏଏଫ୍‌ପି)**

ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିବାରାତ୍ର ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ତା'ର ସ୍ଥିତି ଆହୁରି ମଜଭୁତ୍ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୪୬.୨ ଓଭରରେ ୪୧୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୫୫.୨ ଓଭରରେ ମାତ୍ର ୧୬୬ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୨୫୦ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୫୭ ଓଭରରେ ୬ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଛି। ଫଳରେ ମୋଟ ଉପରେ ଅଷ୍ଟ୍ରେଲିଆ ଏବେ ୪୧୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମାଥ୍ୟୁ ୱେଡ ୮ ଓ ପ୍ୟାଟ କମିନ୍ସ ୧ ରନ କରି ଅପରାଜିତ ରହିଛନ୍ତି। ଦ୍ୱିତୀୟ ଇନିଂସରେ ଅବଶ୍ୟ ଅଷ୍ଟ୍ରେଲିଆ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲା। ଦଳ ତରଫରୁ ଓପନର ଜୋ ବର୍ନ୍ସ ୫୩ ଓ ମାର୍ନସ ଲାବୁସେନ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଅଭିଜ୍ଞ ଓପନର ଡେଭିଡ ୱାର୍ନର ୧୯, ଷ୍ଟିଭ୍ ସ୍ମିଥ୍ ୧୬, ଟ୍ରାଭିସ ହେଡ ୫ ରନକରି ଆଉଟ ହୋଇଥିବା ବେଳେ ଅଧିନାୟକ ଟିମ୍ ପେନ୍ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ସର୍ବାଧିକ ୪ ଓ ନିଲ ୱାଗନର ୨ଟି ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୯/୫ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରସ ଟେଲର ୬୬ରୁ ଖେଳ ଆରମ୍ଭ କରି ୮୦ ରନ ଓ ବିଜେ ୱାଟଲିଂ ଶୂନରୁ ଖେଳ ଆରମ୍ଭ କରି ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ କଲିନ ଡି ଗ୍ରାଣ୍ଡହୋମ ୨୩, ମିଚେଲ ସାଣ୍ଟନର ୨, ସୌଦି ୮ ରନ କରି ଆଉଟ ହୋଇଥିବାବେଳେ ଲୋକି ଫର୍ଗସନ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୫, ସ୍ପିନର ନାଥନ ଲିୟନ ୨, ଜୋସ୍ ହାଜେଲଉଡ, ପ୍ୟାଟ କମିନ୍ସ ଓ ମାର୍ନସ ଲାବୁସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।




### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୪୬.୨ ଓଭରରେ ୪୧୬ ରନରେ ଅଲଆଉଟ।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୫୫.୨ ଓଭରରେ ୧୬୬ ଅଲଆଉଟ, (ରସ୍ ଟେଲର- ୮୦, କେନ୍ ୱିଲିୟମସନ- ୩୪, କଲିନ ଡି ଗ୍ରାଣ୍ଡହୋମ- ୨୩, ମିଚେଲ ଷ୍ଟାର୍କ- ୫/୩୨, ନାଥନ ଲିୟନ- ୨/୪୮)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୫୭ ଓଭରରେ ୧୬୭/୬, (ଜୋ ବର୍ନ୍ସ- ୫୩, ମାର୍ନସ ଲାବୁସେନ- ୫୦, ଟିମ ସୌଦି- ୪/୬୩, ନିଲ ୱାଗନର- ୨/୪୦)



ମାରଗାଓଠାରେ ଶନିବାର ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ୍‌ରେ ଘରୋଇ ଗୋଆ ୨-୧ ଗୋଲରେ ଏଟିକେକୁ ପରାସ୍ତ କରି ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି।

# ଆଇ ଲିଗ୍: ଇଷ୍ଟବେଙ୍ଗଲ ବିଜୟୀ

**କଲ୍ୟାଣୀ (ପଶ୍ଚିମବଙ୍ଗ), ୧୪।୧୨ (ପି.ଟି.):** ମାର୍ଟି କ୍ରେସ୍ପିଙ୍କ ବିଳମ୍ବିତ ଗୋଲ ସହାୟତାରେ ଇଷ୍ଟବେଙ୍ଗଲ ଏଠାରେ ଶନିବାର ଖେଳାଯାଇଥିବା ଟିଆରଏୟୁ ଏଫ୍‌ସି ବିପକ୍ଷ ମ୍ୟାଚରେ ୨-୧ ଗୋଲରେ ବିଜୟ ହାସଲ କରିଛି। ଏଥିସହିତ ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଖେଳର ୧୭ତମ ମିନିଟ୍‌ରେ ସମ୍‌ସାଦ ଅଲି ମଲିକଙ୍କ ଏକ କ୍ରସ୍‌କୁ ହେଡ୍ କରି ମାର୍କସ ଏସ୍ପାଡା ଘରୋଇ ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ଟିଆର୍‌ଏୟୁ ଏଫ୍‌ସିର ଦୀପକ ଦେବରାନି ଏକ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ୮୯ତମ ମିନିଟ୍‌ରେ କ୍ରେସ୍ପିଙ୍କ ଗୋଲ ଇଷ୍ଟବେଙ୍ଗଲକୁ ୨-୧ ଗୋଲରେ ଜିତାଇଥିଲା।

# ସର୍ବପ୍ରଥମ ପଦକ ଲକ୍ଷ୍ୟରେ ଓଡ଼ିଶା

**ଭୁବନେଶ୍ୱର, ୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଡିସେମ୍ବର ୧୭ରୁ ୨୨ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ (୧୫ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ)ପ୍ରତିଯୋଗିତାର ୩୩ତମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଆୟୋଜନ ସହ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ କରି ପ୍ରଥମ ସବ୍‌ଜୁନିୟର ଜାତୀୟ ପଦକ ଜିତିବା ଲକ୍ଷ୍ୟରେ ରହିଛି। ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏଶନ(ଓଏସବିଏ)ପକ୍ଷରୁ ଏହି ଜାତୀୟ ପ୍ରତିଯୋଗିତା ପାଇଁ ଏକ ୨୩ ଜଣିଆ ଦଳ ଗଠନ କରାଯାଇଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଆୟୁଷ ପଟ୍ଟନାୟକ ଏବଂ ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଆୟୁଷ ଓ ଶ୍ୱେତପର୍ଣ୍ଣା ନିଜ ନିଜର ଡବଲ୍ସ ଓ ସିଙ୍ଗଲ୍ସ ଇଭେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ସିଧାସଳଖ ପ୍ରବେଶ କରିଛନ୍ତି। ବାରିପଦାର ଆୟୁଷ ବର୍ତ୍ତମାନ ୧୭ ବର୍ଷରୁ କମ୍ ଡବଲ୍ସରେ ୫୪୨ ପଏଣ୍ଟ ସହ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବାଇ) ର୍‌ୟାକିଙ୍ଗରେ ପ୍ରଥମ ଏବଂ ୫୭୬ ପଏଣ୍ଟ ସହ ସିଙ୍ଗଲ୍ସରେ ଷଷ୍ଠ ସ୍ଥାନରେ ରହିଛନ୍ତି। କଟକର ଶ୍ୱେତପର୍ଣ୍ଣା ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସରେ ୩୧୦ ପଏଣ୍ଟ ସହ ବର୍ତ୍ତମାନ ଆଗରେ ରହିଛନ୍ତି। ଏହି ଦୁଇଜଣଙ୍କ ବ୍ୟତୀତ ଓଡ଼ିଶା ଦଳରେ ବାଳକ ବର୍ଗରେ ପାର୍ଥସାରଥି ମିଶ୍ର, ଅଜୟ ମାଝି, ସିଦ୍ଧାର୍ଥ ରାଜେଶ ପାଟିଲ ଓ ତହସିଫ ଖାନ ଏବଂ ବାଳିକା ବର୍ଗରେ ହର୍ଷିତା ରାଉତ ଏବଂ ଶ୍ରୁତି ସ୍ୱାଇଁ ପ୍ରମୁଖ ରହିଛନ୍ତି। ଓଡ଼ିଶା ଯୁବ ଖେଳାଳି ନିଜ ଘରୋଇ ପରିବେଶରେ ଖେଳୁଥିବାରୁ ପଦକ ହାସଲ କରିବାରେ ସହାୟକ ହେବେ ବୋଲି ପୂର୍ବତନ ରାଜ୍ୟସ୍ତରୀୟ ବିଜେତା ବିଭାସ ପରିଡ଼ା କହିଛନ୍ତି।

**ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ**



ଶ୍ୱେତପର୍ଣ୍ଣା ପଣ୍ଡା ଓ ଆୟୁଷ ପଟ୍ଟନାୟକ ।

# ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ ଫାଇନାଲ ଆଜି

**ନିମାପଡ଼ା, ୧୪।୧୨ (ଡିଏନ୍‌ଏ)**

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟସ୍ତରୀୟ ୬ଷ୍ଠ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ କଟକର ସାଇ ହଷ୍ଟେଲକୁ ଭଦ୍ରକର ଚରମ୍ପା ୟୁନାଇଟେଡ୍ କ୍ଲବ ଭେଟିବ। ଶନିବାର ଖେଳାଯାଇଥିବା ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଚରମ୍ପା ୟୁନାଇଟେଡ୍ ୩-୨ ଗୋଲରେ ଭୁବନେଶ୍ୱରର ୟୁନାଇଟେଡ୍ ୟୁଥ୍ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ୟୁନାଇଟେଡ୍ ୟୁଥ୍ କ୍ଲବ ପ୍ରଭାବ ବିସ୍ତାର କରି ଖେଳିଥିଲା। ବିକାଶ ନାୟକ ଓ ବିକାଶ ରାଉତଙ୍କ ଗୋଲ ବଳରେ ଚରମ୍ପା ଦଳ ପ୍ରଥମାର୍ଦ୍ଧରେ ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଚରମ୍ପା ୟୁନାଇଟେଡ୍ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଦୁର୍ଗା ପ୍ରସାଦ ନାୟକଙ୍କ ଡବଲ୍ ଓ ସଞ୍ଜୀବ ମାରାଣ୍ଡିଙ୍କ ଗୋଟିଏ ଗୋଲ ବଳରେ ଚରମ୍ପା ୩-୨ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଦୁଇଟି ଗୋଲସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦୁର୍ଗା ପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଡିଏଭି ସ୍କୁଲର ଅଧକ୍ଷ ଏମ୍.ଏମ୍. ହକ୍, ବିଏସ୍‌ଏନ୍‌ଏଲ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଦାସ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ ମହାରଣା, ସୁଦୀପ ଦାସ, ନିର୍ମଳ ମିଶ୍ର, କୀର୍ତ୍ତିରଞ୍ଜନ ସ୍ୱାଇଁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଦୁର୍ଗାପ୍ରସାଦ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୫ ଡିସେମ୍ବର, ୨୦୧୯



“ରିଷଭ ପନ୍ତ ବ୍ୟାଟିଂରେ ଫର୍ମକୁ ଫେରିବା ମାତ୍ରେ ଭାରତୀୟ କ୍ରିକେଟ ଦଳର ଜଣେ ଷ୍ଟାର ଖେଳାଳିରେ ପରିଣତ ହୋଇଯିବେ ।
–ବିକ୍ରମ ରାଠୋର, ଭାରତୀୟ ବ୍ୟାଟିଂ କୋଚ୍



“ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଆମ ଦଳ ଯୋଜନା ପ୍ରସ୍ତୁତ କରିଛି ।
–କିରନ ପୋଲାର୍ଡ, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଆହତ ଭୁବନେଶ୍ୱରଙ୍କ ସ୍ଥାନରେ ଶାର୍ଦ୍ଦୁଳ

**ଚେନ୍ନାଇ,୧୪।୧୨(ପି.ଟି.):** ଭାରତୀୟ ପେସର ଭୁବନେଶ୍ୱର କୁମାର ଆହତ ହୋଇ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଶାର୍ଦ୍ଦୁଳ ଠାକୁରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ୨୯ ବର୍ଷୀୟ ଭୁବି ମୁମ୍ବାଇଠାରେ ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚ୍‌ବେଳେ ଆହତ ହୋଇଥିଲେ। ତେବେ ସେ କେଉଁ ସମସ୍ୟା ଦେଇ ଗତି କରୁଛନ୍ତି, ତାହା ସ୍ପଷ୍ଟ କରାଯାଇ ନାହିଁ। ଓପନର ଶିଖର ଧାୱନଙ୍କ ପରେ ସେ ଦ୍ୱିତୀୟ ଖେଳାଳି ଭାବେ ଆହତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ଚଳିତବର୍ଷ କଦାପି ଖେଳି ନ ଥିବା ଠାକୁରଙ୍କୁ ସୁଯୋଗ ମିଳିଛି। ସେ ଏପର୍ଯ୍ୟନ୍ତ ୧୧ ମ୍ୟାଚ୍ ଖେଳି ୧୩ ଉଇକେଟ ହାତେଇଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦିନିକିଆ ମ୍ୟାଚ୍ ଚେନ୍ନାଇଠାରେ ରବିବାର ଖେଳାଯିବ।

### ଅଲିମ୍ପିକ୍ ଚାମ୍ପିୟନ ସ୍ନେଲଙ୍କ ପରଲୋକ



**ୱେଲିଂଟନ,୧୪।୧୨(ପି.ଟି.):** ତିନି ଥର ଅଲିମ୍ପିକ୍ ଚାମ୍ପିୟନ ଓ ବିଶ୍ୱ ମାଇଲ ରେକର୍ଡଧାରୀ ପିଟର ସ୍ନେଲଙ୍କ ପରଲୋକ ଘଟିଛି। ୮୦ ବର୍ଷୀୟ ପୂର୍ବତନ ଆଥ୍‌ଲେଟଙ୍କୁ ସର୍ବକାଳୀନ ମିଡିଲ ଡିଷ୍ଟାନ୍ସ ଧାବକ ଭାବେ ବିବେଚିତ କରାଯାଏ। ୧୯୬୦ ରୋମ ଓ ୧୯୬୪ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୨୦ ପରେ ପ୍ରଥମ ଆଥ୍‌ଲେଟ ଭାବେ ଗୋଟିଏ ଅଲିମ୍ପିକ୍ସରେ ଉଭୟ ୮୦୦ ଓ ୧୫୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଏହି ସଫଳତା ଏପର୍ଯ୍ୟନ୍ତ ଅନ୍ୟ କେହି ଆଥ୍‌ଲେଟ ହାସଲ କରିପାରି ନାହାନ୍ତି। ସେ ୧୯୮୦ ଓ ୧୯୯୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ତାଙ୍କ ମୃତ୍ୟୁ ଖବର ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ନେଲ ହୃଦୟ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ଅପରାହ୍ନରେ ହଠାତ୍ ତାଙ୍କ ବିୟୋଗ ହୋଇଥିବା ପତ୍ନୀ ମିକି କହିଛନ୍ତି। ନ୍ୟୁଜିଲାଣ୍ଡ କ୍ରୀଡ଼ା ଇତିହାସର ଏହା ଏକ ବଡ଼ କ୍ଷତି। ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ସେ କିମ୍ବଦନ୍ତୀ ଥିଲେ ବୋଲି ନ୍ୟୁଜିଲାଣ୍ଡ କ୍ରୀଡ଼ା ଐତିହାସିକ ରନ ପାଲେନସ୍କି କହିଛନ୍ତି।

### ରୋଗୀଙ୍କୁ ଗିଫ୍ଟ ଦେଲେ ଲିଭରପୁଲ ଖେଳାଳି

**ମେଲଉଡ,୧୪।୧୨:** ଏଠାରେ ଲିଭରପୁଲ ଖେଳାଳି ଟ୍ରେନିଂ ଶେଷ କରିବା ପରେ କୋଚ୍ ଜୁର୍ଗେନ କୋପ ସମେତ ପ୍ରାୟ ସମସ୍ତ ଖେଳାଳି ୱେଷ୍ଟ ଡର୍ବି ମେଡିକାଲରେ ରୋଗୀ ଓ ଷ୍ଟାଫଙ୍କୁ ଭେଟିଛନ୍ତି। ସେମାନେ ମେଡିକାଲ ୩ଟି ୱାର୍ଡ୍ସ ବୁଲି ଦେଖିଥିଲେ। ସେଠାରେ ଖେଳାଳିମାନେ ରୋଗୀ ଓ ସେମାନଙ୍କ ପରିବାର ସହ ଫଟୋ ଉଠାଇ ଅଟୋଗ୍ରାଫ ମଧ ଦେଇଥିଲେ। ଭିର୍ଜିଲ ଭାନ ଡିଜକ୍‌ଙ୍କ ୧୨ ବର୍ଷୀୟ ଫ୍ୟାନ ଜୋଶେଫଙ୍କୁ ଭେଟି ନାଲି ରଙ୍ଗର ଶାର୍ଟ ପ୍ରଦାନ କରିଥିଲେ, ଯିଏକି ଏକ ଭିନ୍ନ ରୋଗରେ ପୀଡ଼ିତ। ଉକ୍ତ ଶାର୍ଟରେ ତାଙ୍କ ଫେଭରାଇଟ ଖେଳାଳି ଡିଜକ୍‌ଙ୍କ ଅଟୋଗ୍ରାଫ ମଧ ଥିଲା।

## ଆଜି ପ୍ରଥମ ଦିନିକିଆ

# ଭାରତ ଫେଭରାଇଟ୍

**ଚେନ୍ନାଇ,୧୪।୧୨(ପି.ଟି.)**

ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ। ପ୍ରଥମ ମ୍ୟାଚ୍ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ। ଟି୨୦ ସିରିଜରେ ୨–୧ ବ୍ୟବଧାନରେ ବିଜୟୀ ହେବା ପରେ ଭାରତ ଏବେ ଦିନିକିଆ ସିରିଜରେ ମଧ ଫେଭରାଇଟ ବିବେଚିତ ହେଉଛି। ଯଦି ଭାରତ ଏହି ସିରିଜରେ ସଫଳ ହୁଏ ତେବେ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ରମାଗତ ଦଶମ ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ବିଜୟ ହାସଲ କରି ଏକ ବିରଳ ସଫଳତା ଅର୍ଜନ କରିବ। ଗତ ୨୪ ଘଣ୍ଟା ମଧ୍ୟରେ ଚେନ୍ନାଇରେ ବର୍ଷା ହୋଇଥିବାରୁ ଏବେ ପାଗ ଉପରେ ଉଭୟ ଦଳର ନଜର ରହିଛି।

ଆଘାତ ସମସ୍ୟା କାରଣରୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଏପର୍ଯ୍ୟନ୍ତ ଇଞ୍ଜୁରିରୁ ମୁକୁଳିପାରି ନ ଥିବା ଅଭିଜ୍ଞ ଓପନର ଶିଖର ଧାୱନ ଭାରତ ପାଇଁ ଏହି ମ୍ୟାଚ୍‌ରେ ଖେଳିବେ ନାହିଁ। ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଖେଳିବା ଅବସରରେ ସେ ଆହତ ହୋଇଥିଲେ। ଭୁବନେଶ୍ୱରଙ୍କ ବଦଳରେ ମୁମ୍ବାଇର ଶାର୍ଦ୍ଦୁଳ ଠାକୁର ଦଳରେ ସ୍ଥାନ ପାଇଛନ୍ତି। ଶାର୍ଦ୍ଦୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପରକିଙ୍ଗ୍ସ ତରଫରୁ ଖେଳି ବେଶ୍ ସଫଳତା ହାସଲ କରିଛନ୍ତି।

ତୃତୀୟ ଟି୨୦ରେ ଦୁଇ ଓପନର ଲୋକେଶ ରାହୁଲ ଓ ରୋହିତ ଶର୍ମା ନିର୍ଭୀକ ବ୍ୟାଟିଂ କରି ବଡ଼ ସ୍କୋର ହାସଲ କରିବା ସହ ଦଳକୁ ମ୍ୟାଚ୍ ଓ ସିରିଜରେ ବିଜୟୀ କରାଇଥିଲେ। ଧାୱନଙ୍କ ଅନୁପସ୍ଥିତିରେ ରାହୁଲ ଏହି ପ୍ରଦର୍ଶନ ଦୋହରାଇବେ ବୋଲି ପୁଣି ଆଶା କରାଯାଉଛି। ଅଧିନାୟକ କୋହଲି ମଧ ଅନ୍ତିମ ଟି୨୦ରେ ଧୂଆଁଧାର ପ୍ରଦର୍ଶନ କରିଥିଲେ। ତେବେ ଧାୱନଙ୍କ ବିକଳ୍ପ ଭାବେ ଦଳରେ ସ୍ଥାନ ପାଇଥିବା ମୟଙ୍କ ଅଗ୍ରୱାଲଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଦିନିକିଆ ପଦାର୍ପଣର ସୁଯୋଗ ଦେଇଛି କି ନା ତାହା ଦେଖିବାକୁ ବାକି ରହିଲା। ମୟଙ୍କ ଟେଷ୍ଟରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେ ମଧ ତାମିଲନାଡୁ ରଣଜୀ ଦଳରେ ମଧ ସ୍ଥାନ ପାଇଛନ୍ତି। ମିଳିଥିବାର ସୁଯୋଗର ସଦ୍ ବ୍ୟବହାର କରିଥିବା ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଦିନିକିଆରେ ଶ୍ରେୟାସଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ୪ ନମ୍ବରରେ ଏକାଧିକ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲେ ମଧ ସମସ୍ତେ ସଫଳ ହୋଇପାରି ନାହାନ୍ତି।

ଗତ କେତୋଟି ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ କିପିଂରେ ପ୍ରଭାବହୀନ ପ୍ରଦର୍ଶନ କରିଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। କୋହଲି ଓ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ଆଉ ଏକ ସୁଯୋଗ ଦେବା ଆଶା କରାଯାଉଛି। ସ୍ପିନ୍ ଯୋଡି ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦୀର୍ଘଦିନ ପରେ ପୁଣିଥରେ ସାଥିହୋଇ ଦିନିକିଆ ଖେଳିବା ଆଶା କରାଯାଉଛି। ଅଭିଜ୍ଞ ମହମ୍ମଦ ସାମି ଓ ଦୀପକ ଚହର ଦ୍ରୁତ ବୋଲିଂର ମଙ୍ଗ ସମ୍ଭାଳିବା ସମ୍ଭାବନା ରହିଛି। ୱେଷ୍ଟଇଣ୍ଡିଜର ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ଦୁହେଁ ପରୀକ୍ଷାର ସମ୍ମୁଖୀନ ହେବେ।

ମୁମ୍ବାଇ ଟି୨୦ରେ ଆଘାତ ପାଇଥିବା ବିଗ୍– ହିଟିଂ ଓପନର ଏଭିନ ଲୁଇସ୍ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ଖେଳିବେ ବୋଲି ଭ୍ରମଣକାରୀ ଦଳ ଆଶା ରଖିଛି। ଟି୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ ଅତି ଆକ୍ରମଣାତ୍ମକ ପ୍ରଦର୍ଶନ କରି ବେଶ୍ ସଫଳତା ହାସଲ କରିଛି। ତେବେ ଦିନିକିଆରେ କଥା ସମ୍ପୂର୍ଣ୍ଣ ଅଲଗା। ତେଣୁ ବ୍ୟାଟ୍ସମ୍ୟାନଙ୍କୁ ଷ୍ଟ୍ରାଇକ୍ ରୋଟେଟ କରିବା ଉପରେ ଅଧିକ ଧ୍ୟାନ ଦିଆଯିବା ଉପରେ ୱେଷ୍ଟଇଣ୍ଡିଜ ଆସିଷ୍ଟାଣ୍ଟ କୋଚ୍ ରୋଡି ଇଷ୍ଟୱିକ୍ କହିଛନ୍ତି। ଆଫଗାନିସ୍ତାନ ସିରିଜ ବିପକ୍ଷରେ ଖେଳାଳିମାନେ ଭଲ ଷ୍ଟ୍ରାଇକ୍ ରୋଟେଟ କରିବାରେ ସଫଳ ହୋଇଥିଲେ। ଉଇକେଟ ମଧ ହାତରେ ରଖିବାକୁ ହେବ ବୋଲି ୱେଷ୍ଟଇଣ୍ଡିଜ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି।

### ଖେଳାଳି ତାଲିକା

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ, ଶିବମ ଦୁବେ, କେଦାର ଯାଦବ, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ମହମ୍ମଦ ସାମି ଓ ଶାର୍ଦ୍ଦୁଳ ଠାକୁର।
- **ୱେଷ୍ଟଇଣ୍ଡିଜ ଦଳ:** କିରନ ପୋଲାର୍ଡ (ଅଧିନାୟକ), ସୁନୀଲ ଅମ୍ବରୀଶ, ସାଇ ହୋପ, ଖାରୀ ପିଏର, ରୋଷ୍ଟନ ଚେଜ୍, ଅଲଜାରି ଜୋଶେଫ, ଶେଲଡନ କଟ୍ରେଲ, ବ୍ରାଣ୍ଡନ କିଙ୍ଗ୍, ନିକୋଲାସ ପୁରନ, ସିମରନ ହେଟମେର, ଏଭିନ ଲୁଇସ୍, ରୋମାରିଓ ଶେଫର୍ଡ, ଜାସନ ହୋଲ୍ଡର, କିମୋ ପଲ ଓ ହେଡେନ ୱାଲ୍ସ ଜୁନିୟର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ନ ୧.୩୦ | ଚେନ୍ନାଇ | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |



ଅଭ୍ୟାସ ସେସନ ଅବସରରେ ନିକୋଲାସ ପୁରନ ଓ କିରନ ପୋଲାର୍ଡ।

### ରାୱଲପିଣ୍ଡି ଟେଷ୍ଟ: ଚତୁର୍ଥ ଦିନ ଖେଳ ବାତିଲ

**ରାୱଲପିଣ୍ଡି,୧୪।୧୨:** ଦୀର୍ଘ ୧୦ ବର୍ଷ ପରେ ପାକିସ୍ତାନକୁ ଫେରିଥିବା ଟେଷ୍ଟରେ ବର୍ଷାର ରାଜୁତି ଜାରି ରହିଛି। ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟର ଚତୁର୍ଥ ଦିନର ଖେଳ ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ବର୍ଷା କାରଣରୁ ଫିଲ୍ଡ ଘୋଡ଼ାଇବା ପାଇଁ ବ୍ୟବହାର ହୋଇଥିବା କଭର୍ସ ଉପରେ ପାଣି ଜମା ହୋଇ ରହିଛି। ଉଭୟ ଦଳ ହୋଟେଲରେ ହିଁ ରହିଥିଲେ। କେବଳ ମ୍ୟାଚ୍ ଅଫିସିଆଲ ଶନିବାର ଗ୍ରାଉଣ୍ଡକୁ ଯାଇଥିଲେ। ଗ୍ରାଉଣ୍ଡ ଷ୍ଟାଫ୍ ସୁପର ସପର ଓ ୱାଇପର୍ସ ଦ୍ୱାରା କଭର ଉପରେ ଜମିଥିବା ପାଣି କାଢ଼ିଥିଲେ। ମାତ୍ର ପୁଣି ଥରେ ବର୍ଷା ଆରମ୍ଭ ହେବାରୁ ମ୍ୟାଚ୍ ଅମ୍ପାୟରଙ୍କୁ ଦିନର ସମ୍ପୂର୍ଣ୍ଣ ଖେଳ ବାତିଲ କରିବାକୁ ପଡ଼ିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତା'ର ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୮୨ ରନ୍ କରିଛି। ଧନଞ୍ଜୟ ଡିସିଲ୍‌ଭା ୮୭ ଓ ଦିଲରୁୱାନ ପେରେରା ୬ ରନ୍ କରି ଅପରାଜିତ ରହିଛନ୍ତି। ଏପର୍ଯ୍ୟନ୍ତ ମ୍ୟାଚ୍‌ରେ କେବଳ ୯୧.୫ ଓଭର ଖେଳାଯାଇଛି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆଠାରୁ ଦୁଇ ବୃହତ୍ ପରାଜୟ ଯୋଗୁ ପାକିସ୍ତାନ ଦଳ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଖାତା ଖୋଲିପାରି ନାହିଁ। ଅନ୍ୟପକ୍ଷରେ ଶ୍ରୀଲଙ୍କା ନିକଟରେ ୬୦ ପଏଣ୍ଟ ରହିଛି।

### ଶୂନ୍ୟରେ ଆଉଟ୍ ହେବାରେ ଆଫ୍ରିଦୀଙ୍କ ଶତକ

**ଢାକା,୧୪।୧୨:** ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ ଶୂନ୍ୟରେ ଆଉଟ୍ ହେବାରେ ଶତକ କରିଛନ୍ତି। ବର୍ତ୍ତମାନ ସେ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଢାକା ପ୍ଲାଟୁନ ପାଇଁ ଖେଳୁଛନ୍ତି। ରାଜଶାହି ରୟାଲ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଏହି ପ୍ରସିଦ୍ଧ କ୍ରିକେଟର ଖାତା ଖୋଲି ପାରି ନ ଥିଲେ। ଏହାକୁ ମିଶାଇ ଆଫ୍ରିଦୀ ଖାତା ଖୋଲିବା ପୂର୍ବରୁ ୧୦୦ ଥର ଆଉଟ୍ ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୫୬ ଥର ଶୂନ୍ୟରେ ଆଉଟ୍ ହୋଇଥିବା ଆଫ୍ରିଦୀ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଥର ଶୂନ୍ୟରେ ଆଉଟ ହେବାରେ ମିଳିତ ନବମ ସ୍ଥାନରେ ରହିଛନ୍ତି।

## ବାଉଚର ଦକ୍ଷିଣ ଆଫ୍ରିକା ମୁଖ୍ୟ କୋଚ୍

**କେପ୍ ଟାଉନ, ୧୪।୧୨ (ଏଏଫ୍‌ପି):** ପୂର୍ବତନ ଉଇକେଟ୍‌କିପର ମାର୍କ ବାଉଚର୍ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଆଗାମୀ ୨୦୨୩ ବିଶ୍ୱକପ୍ ପର୍ଯ୍ୟନ୍ତ ବାଉଚର୍‌ଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ଡିରେକ୍ଟର ଅଫ୍ କ୍ରିକେଟ୍ ତଥା ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍ ଶନିବାର ବାଉଚରଙ୍କ ନିଯୁକ୍ତି ନେଇ ଘୋଷଣା କରିଛନ୍ତି। ଏନୋଚ୍ ନକ୍‌ୱେଙ୍କୁ ବାଉଚରଙ୍କ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟତମ ତାରକା ଅଲ୍‌ରାଉଣ୍ଡର ଜ୍ୟାକ୍ କାଲିସଙ୍କୁ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ କରାଯିବ ବୋଲି ଚର୍ଚ୍ଚା ଚାଲିଛି। ୪୩ ବର୍ଷୀୟ ବାଉଚର ୧୯୯୭ରୁ ୨୦୧୨ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୪୭ ଟେଷ୍ଟ ୨୯୫ ଦିନିକିଆ ଓ ୨୫ ଟି୨୦ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱ କ୍ରିକେଟ୍‌ରେ ବାଉଚରଙ୍କୁ ଅନ୍ୟତମ ଶ୍ରେଷ୍ଠ ଉଇକେଟ୍‌କିପର ଭାବେ ବିବେଚନା କରାଯାଏ। ସେ ଟେଷ୍ଟରେ ୫୩୨ କ୍ୟାଚ୍ ସହ ମୋଟ୍ ୫୫୫ ଡିସ୍‌ମିସାଲ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ତେବେ ୨୦୧୨ରେ କାଉଣ୍ଟି କ୍ରିକେଟ୍‌ରେ ଉଇକେଟ୍ କିପିଂ କରୁଥିବାବେଳେ ଆଖିରେ ବେଲ୍ ବାଜି ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ। ଏହାପରେ ସେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ଚଳିତ ମାସ ଶେଷ ଭାଗରେ ଇଂଲଣ୍ଡ ବିପକ୍ଷ ସିରିଜ ବାଉଚରଙ୍କ ଲାଗି ପ୍ରଥମ ପରୀକ୍ଷା ହେବ।



## ପନ୍ତଙ୍କୁ ଧୈର୍ଯ୍ୟର ସହ ଖେଳିବାକୁ ହେବ

**ମହିନ୍ଦର ଅମରନାଥ**

ଛୋଟ ଫର୍ମାଟରେ ୱେଷ୍ଟଇଣ୍ଡିଜ ଭଲ ପ୍ରଦର୍ଶନ କରିଥାଏ। ତେବେ ଅପେକ୍ଷାକୃତ ଲମ୍ବା ଫର୍ମାଟରେ ଏହି ଦଳ ପଛରେ ପଡିବା ଭଳି ମନେହୋଇଥାଏ। ଏକାଧିକ ପ୍ରତିଭାସମ୍ପନ୍ନ ଖେଳାଳି ରହିଥିଲେ ମଧ ୱେଷ୍ଟଇଣ୍ଡିଜ ଅନୁକୂଳ ସ୍ଥିତିରେ ନ ଥାଏ। ଦିନିକିଆ ସିରିଜରେ ଘରୋଇ ଭାରତ ଦୁଇପାଦ ଆଗରେ ଥିବା ପରି ମନେହେଉଛି। ୮୦ ଦଶକରେ ୱେଷ୍ଟଇଣ୍ଡିଜ ଏକ ଶକ୍ତିଶାଳୀ ଦଳଥିଲା। ଏବେ କଥା ସମ୍ପୂର୍ଣ୍ଣ ଓଲଟି ଯାଇଛି। କେତେକ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଥିଲେ ମଧ ୱେଷ୍ଟଇଣ୍ଡିଜର ପ୍ରଦର୍ଶନରେ ସ୍ଥିରତା ନାହିଁ। ଦଳରେ ଅଭିଜ୍ଞ ଖେଳାଳିଙ୍କର ଅଭାବ ରହିଛି।

ଅଧିନାୟକ ବିରାଟ କୋହଲିଙ୍କ ସମେତ କେତେକ ଭାରତୀୟ ଖେଳାଳି ପୂରା ଫର୍ମରେ ଅଛନ୍ତି। ଦ୍ରୁତ ବୋଲର ମହମ୍ମଦ ସାମି ଲୟରେ ବୋଲିଂ କରୁଛନ୍ତି। ତାଙ୍କ ପ୍ରଦର୍ଶନ ଓ ଗତିରେ ମଧ ବିବିଧତା ରହିଛି। ଯଶପ୍ରୀତ ବୁମ୍‌ରଙ୍କ ଅନୁପସ୍ଥିତିରେ ଭାରତୀୟ ବୋଲିଂ ବିଭାଗ ଆଶାନୁରୂପ ପ୍ରଦର୍ଶନ କରିପାରିଛି। କେବଳ ଉଇକେଟକିପର ସ୍ଥାନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ରିଷଭ ପନ୍ତ ଅତ୍ୟନ୍ତ ପ୍ରତିଭାଶାଳୀ ହୋଇଥିଲେ ମଧ ଧୀର ଓ ଶାନ୍ତ ସ୍ୱଭାବ ସହିତ ଧୈର୍ଯ୍ୟର ସହ ଖେଳିବା ଉଚିତ। ବଲକୁ ଅପେକ୍ଷା କରି ସେ ଉନ୍ନତ ଟେକ୍‌ନିକର ସହ ବ୍ୟାଟିଂ କରିବା ଆବଶ୍ୟକ। ବଲ ଉପରକୁ ମାଡି ଯାଇ ସେ ସବୁବେଳେ ଲମ୍ବା ଶଟ୍ ଖେଳିବା ଉଚିତ ନୁହଁ। ସେ ମଧ ଚାପର ବଶବର୍ତ୍ତୀ ହେବା ଅନାବଶ୍ୟକ। ତାଙ୍କ ଉଇକେଟକିପିଂରେ ମଧ ଉନ୍ନତି ଆବଶ୍ୟକ। ତାଙ୍କ ପ୍ରତିଭା ନେଇ କୌଣସି ସନ୍ଦେହ ନାହିଁ। କିନ୍ତୁ ତାଙ୍କ ଖେଳରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ସଞ୍ଜୁ ସାମସନଙ୍କ ଭଳି ଖେଳାଳି ଦଳରେ ସ୍ଥାନ ପାଇବାକୁ ଚାହିଁ ବସିଛନ୍ତି।

ଓପନିଂ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ ଓ ରୋହିତ ଶର୍ମା ଜବରଦସ୍ତ ଫର୍ମରେ ରହିଛନ୍ତି। ଅନ୍ତିମ ଟି୨୦ରେ ରାହୁଲ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ସେ ଦିନିକିଆରେ ଭଲ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି ଓ ସିରିଜରେ ସହଜରେ ବିଜୟୀ ହେବ ବୋଲି କୁହାଯାଇପାରେ।

–(ଗେମ୍‌ପ୍ଲାନ)

#WhatDrivesYou
EXIDE

## ଗ୍ୟାଲେରିରେ ପ୍ରଥମଥର କାର୍ପେଟ

**କଟକ ଅଫିସ,୧୪।୧୨:** ଆଗାମୀ ଭାରତ–ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଲାଗି ଦର୍ଶକମାନଙ୍କ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ବିଶେଷ ସୁବିଧା ସୁଯୋଗ ପ୍ରଦାନ କରିଛି। ଏହି ମ୍ୟାଚ୍ ଲାଗି ଗ୍ୟାଲେରି ଟିକେଟ୍ କିଣିଥିବା ଦର୍ଶକ ଏହାର ଫାଇଦା ପାଇବେ। ପ୍ରଥମଥର ନିମନ୍ତେ ଷ୍ଟାଡିୟମର ସମସ୍ତ ଗ୍ୟାଲେରିରେ କାର୍ପେଟ ବିଛାଯାଇଛି। ସିମେଣ୍ଟ ପାହାଚ ସଦୃଶ ଗ୍ୟାଲେରି ଗୁଡ଼ିକରେ ଦର୍ଶକମାନେ ଦୀର୍ଘ ସମୟ ଧରି ବସିବା ମୁସ୍କିଲ। ଏହାକୁ ଲକ୍ଷ୍ୟ ରଖି ସିମେଣ୍ଟ ପାହାଚଗୁଡ଼ିକ ଉପରେ ଶନିବାରଠାରୁ କାର୍ପେଟ ବିଛାଯାଉଥିବା ଦେଖିବାକୁ ମିଳିଛି। ଡିସେମ୍ବର ୨୨ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ନିମନ୍ତେ ଆସିଥିବା ବିସିସିଆଇ ପାଣ୍ଠିରୁ ଏହା ଖର୍ଚ୍ଚ କରାଯାଉଥିବା ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

**ବାରବାଟୀ ଦିନିକିଆ ଆଉ ୭ ଦିନ**





**ବାରବାଟୀ ପ୍ରସ୍ତୁତି:** ଭାରତ–ୱେଷ୍ଟଇଣ୍ଡିଜ୍ ଦିନିକିଆ ମ୍ୟାଚ୍ ଲାଗି ଗ୍ୟାଲେରିରେ ଦର୍ଶକଙ୍କ ବସିବା ପାଇଁ ମ୍ୟାଟ୍ ବିଛାଚାଲିଛି। ସୁରକ୍ଷା ପାଇଁ ଗ୍ୟାଲେରି ସମ୍ମୁଖରେ ନେଟ୍ ବନ୍ଧାଯାଇଛି।

# SUNDAY classifieds




## BRIDE WANTED

Son age 28 B.Tech NIT, Rourkela working Central Govt., MAHARATNA, Salary 18 Lakhs, 7008986003. D-15656

Son age 32 MBBS KMC, Manipal PG Radiology AIMS, Kochi Doctor AIMS, BBSR, 8144589551. D-15658

କ୍ଷେତ୍ରସନାରୀ ଦୋକାନ LIC, Internet ବିଜିନେସ୍ କରୁଥିବା ବ୍ରାହ୍ମଣ ଘରର 32 ବର୍ଷର ପୁଅ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7377701129, jadabanandamohapatra@gmail.com. D-15673

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗୁଡ଼ିଆ, ତେଲି, ଭଣ୍ଡାରି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68224

Tanti boy 1986 B.Tech, MBA Software Engineer MNC Bangalore. 9437555525. D-15652

**Now Matrimonial ads. only on Wednesday & Sunday Book 1 Get 1 FREE**

Wanted Suitable Bride (Patara/ Kapudia) For Self Employed Educated Youth, 31 Years, (No Caste Bar), Contact: 9078109854. D-15735

Deserving Karan groom B.Tech (IIT, Kharagpur), MS, PHD. Working as a Scientist. (Caste-no-bar). Contact: 9861022750. D-68928

Alliance required for Handsome Bengali, Kayasta Boy BE, MBA aged about 28 years coming from an affluent family working in non IT (Banking) Company as a Manager in Pune. Contact: 9371076688. D-15703

## GROOM WANTED

ବୟସ 46,5'.4",B.Com, Govt. job ମାସିକ ଆୟ 60,000/-, ପାଇଁ ଅବିବାହିତ, ଛାଡ଼ପତ୍ରପ୍ରାପ୍ତ, ବିପତ୍ନୀକ ବର ଆବଶ୍ୟକ । ଜାତିବନ୍ଧନ ନାହିଁ। 9009491423. D-15734

Girl age 28 B.Tech IIIT, BBSR MBA XIMB, BBSR working in Govt. Bank, 7008986005. D-15657

Divorcee Bengali Kayasta girl, 33+, 13/6, white complex, having son 8years. Early marriage, caste-no-bar. Contact: 9937631537. D-66627

Govt. CESU ଚାକିରିଆ 37 ବୟସ୍କ ବିଧବା କରଣ ଝିଅଙ୍କ ପାଇଁ any-caste ପୁଅ ଦରକାର। 7008080967. D-67921

Beautiful Khandayat girl, 1984, 5'4", 27/12, MA, service BBSR/ 1988, 5'3", 14/6, PH.D. Contact: "SWAYAMVAR" 9861501286. D-60857

For Bhandari bride 94/5.4"/ ମୀନ/ +2 Arts and Gudia bride 92/5.2"/ କୁମ୍ଭ/ B.Com. "Akankshyagroup", 7978736177. D-68222

Divorcee bride Engineer 34, Teacher 30, Railway clerk 42 (caste-no-bar)-7873374269. D-68630

4/5 BHK Duplex with Gated Community at Balianta (Land-1400 & Construction- 2200 @ 60,00,000 / 2600 @ 70,00,000) and Residential Land at Jaanla- 750/-, Balianta- 900/-, Andilo- 1200/-, Aiims- 1650/-, Rudrapur- 1750/-,Raghunathpur- 2200/- Mplanets: 9938219397, 9861022055 D-15711

**2800sqft. gharabari plots immediately sale at Bomikhal, Bhubaneswar, only buyer directly contact Deepak- 9937329999.** D-68038

2BHK simplex 2600000 finishing Hanspal low cost plot available. 7853930213 D-68629

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15713

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ଫ୍ଲାଟ୍ ବିକ୍ରି ହେବ। Possession immediately. 9178660666. D-68927

## PURCHASE

ଭୁବନେଶ୍ୱରରେ ସୁଲଭ ମୂଲ୍ୟରେ ନିଜର plot flat ଘର ବିକିବାକୁ ଚାହୁଁଛନ୍ତି କି? "Akankshyagroup" 7978736177. D-68225

2BHK available near Chilipokhari, Tankapani road, Bhubaneswar, Contact: 8249305801. D-67105

1Room with bathroom at Main Road Soubhagyanagar for office/ residence. 9000004523. D-67736

3BHK first floor at Mahavir Nagar Lane-3 Samantarapur for family. 9438037307. D-59861

Commercial purpose 2nd floor 1850sqft. KIIT Square, Patia, Bhubaneswar- 9861041397. D-68037

300sqft. shop, A/43 near Reliance Fresh, Ruchika Market, Baramunda, Bhubaneswar. 8763246739. D-67262

1300sqft. independent house for office/ guesthouse at Pragati Enclave Chandrasekharpur. Contact: 09437165036. D-68628




ନିଜ ନିଜ ଗ୍ରାମରେ LED ଇନ୍‌ଭର୍ଟର bulb ବିକ୍ରୟ ପାଇଁ ଯୋଗାଯୋଗ କରନ୍ତୁ। Contact: 7978628533, 7381599164. D-15732

## ନିରୁଦ୍ଦିଷ୍ଟ



ନିଖୋଜ ବ୍ୟକ୍ତିର ନାମ: ହରିଶ ଚନ୍ଦନ ଡାଙ୍ଗିଲ୍, ବୟସ: ୧୯ବର୍ଷ, ସେ ରାଜଧାନୀ କଲେଜ ଭୁବନେଶ୍ୱର +୨ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର। ସେ ତା ୧୦।୧୨।୧୯ରିଖ ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଅଛି। ମୁଁ ତାର ପିତା ଶ୍ରୀ ଜୟପାଲ୍ ଡାଙ୍ଗିଲ୍ ନିବେଦନ କରୁଛି ମୋ ପୁଅର କୌଣସି ସନ୍ଧାନ ପାଇଲେ ସହୃଦୟ ବ୍ୟକ୍ତି ମୋର ମୋବାଇଲ୍ ନଂ- ୭୦୦୮୬୦୩୫୬୨/ ୯୪୩୭୪୩୯୮୪୭/ ୭୦୦୮୬୭୦୪୫୩ ରେ ତୁରନ୍ତ ଜଣାଇବା ପାଇଁ ଅନୁରୋଧ। ଖଣ୍ଡଗିରି ଥାନାରେ ମଧ୍ୟ ଜଣାଯାଇଅଛି। ଧ-୧୫୭୧୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

## ସପ୍ତମ ଜନ୍ମଦିନ ଶୁଭେଚ୍ଛା



ଜ୍ୟୋତିଷ୍ମା ଶତପଥି (ତୁତୁଲ)
ପୋଖରୀପୁଟ, ଭୁବନେଶ୍ୱର

ଶ୍ରୀ ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ, ଶୁଭେଚ୍ଛା ସହ : ନନା, ବୋଉ, ଆଈ, ମାମୁଁ, ଜିନୁ ଆଈ, ପପୁ, ମାମୁଁ, ବାବା, ମମି, ଖୁସି ଦିଦି, ଲୁସି ଦିଦି, ନାନୀ, ପିଇସା, ପାପା, ମାମା

ଧ-୧୫୭୩୦

## ଜନ୍ମଦିନ ଶୁଭେଚ୍ଛା



**ଗାୟତ୍ରୀ ମହାରଣା (ସୁଜି)**
ବାଲିପାହାଡ଼, କଟକ

ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି କି ତେତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।

**ଶୁଭେଚ୍ଛା ସହ:**
ବାପା, ବୋଉ, କବିତା ନାନା, ସବିତା ନାନା, ଭାଇ, କିଟ୍ଟୁ, ଶିବ, ଫନ, ସିଲା, ପ୍ରିୟବ୍ରତ, ପ୍ରକାଶ ଓ ସାଙ୍ଗମାନେ, ପରିବାରବର୍ଗ।

ଧ-୧୫୬୭୦

## ଜନ୍ମଦିନ ଶୁଭେଚ୍ଛା



**ଆଦିତ୍ୟ (ମୁକୁଲ)**
ଭୁବନେଶ୍ୱର, ୟୁନିଟ-୮

ଅଜି ତୋର ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ ବାପା - ଦେବାଶିଷ, ମା'-ସୋନାଲିନ ଓ ସମସ୍ତ ପରିବାର ଓ ବନ୍ଧୁବର୍ଗ

ଧ-୧୫୭୨୮

## ୨୫ତମ ଜନ୍ମଦିନ ଶୁଭେଚ୍ଛା



**ପ୍ରିୟଙ୍କା ପଟ୍ଟନାୟକ**

୨୫ତମ ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା । ଭଗବାନ କରନ୍ତୁ ତୁମ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।

**ଶୁଭେଚ୍ଛାସହ:**
ବନ୍ଧୁ ଏବଂ ପରିବାରବର୍ଗ ।

ଧ-୬୮୮୦୭

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228




## SALE

Tata Indigo ECS private Regd. No. personal use in good condition. Tata Ace mega 2018 model for sale. 9439778849. D-67734

Scorpio VLX 2014, Bolero Pickup 2014 2015, Bolero Comper 2013, Maruti RITZ 2011, Honda City 2008 for sale. Contact: 8908213777. D-67735




## SALE

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ **NH-16**କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ **Possession** ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। **Project** ଭିତରେ **30ft road** ଦିଆଯାଇଛି। **8018474890.** D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Resale furnished 2BHK flat for sale at Patia top floor. Contact: 7978751719. D-67519

**HIG Duplex row house on 26.7ft x 58.2ft land with 594sqft. ground floor & 594sqft. first floor for sale at Niladri Vihar, Bhubaneswar. Contact: 8356933601.** D-68034

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Residential plots available in Canal road, Laxmi Sagar and Badagad, Contact: 7978751719. D-67518

ନଖରା ତ୍ରିନାଥବଜାରଠାରେ **SC Plot 1200sqft. 4,44,000/-,** ଘରବାରୀ ପାଚେରୀ ଥାଇ **outright**ରେ ମିଳୁଅଛି– **9348817649, 6371569855.** D-68443

**Bhubaneswar** ପିତାପଲ୍ଲୀଛକରେ **NH**କୁ ଲାଗିକି **plot** ମିଳୁଅଛି। **9090963952.** D-68451

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

**11000sqft. single plot near C.V. Raman college, Janla Sqft. 800/- 9438400633.** D-68448

Yellow zone gharabari plots Jharapada, Tankapani road Sai Temple eastfacing plots available booking, Simplex near B.J.E.M-(2) 15,80,000/, 7735738102. D-15708

ଭୁବନେଶ୍ୱର **Tamando**ରେ **yellozone plot 30ft** ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ **ready to move Duplex, 9348767829.** D-68441

Patta Holder gharabari private plot near Keshora Bank Colony, Bhubaneswar, 9437283845. D-67264

**Bhubaneswar Kesura SBI** କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ **Airport**ରୁ **5k.m** ସୁନ୍ଦରପଦାରେ **plot** ମିଳୁଅଛି– **9078736851.** D-68445

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

Book 3BHK Duplex having land area 1400sqft. and construction area 2100sqft. at Nandan Vihar, Patia, Bhubaneswar. Price- 77 Lakhs 7504392698. D-68922

**Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208.** D-68447

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି **plot 30'** ରାସ୍ତାଥାଇ ବିକ୍ରି ହେଉଅଛି। **9692712917, 8249728525.** D-68449

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15714




Construct your building as per your terms and condition. Contact: 9937064680. D-27284

Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15712




1BR, Drawing, Bath, Kitchen for small Family/ Student/ Bachelor near Ravitalkies, Siba Nagar, Tankapani road, Bhubaneswar. 9437562371. D-67263




Rejuvenate and ayurvedic full body massage by smart therapist. 9114402304. D-68904

Take full body therapy. Just call 7852986810. D-68527

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Ayurvedic full body massage ladies & gents smart therapist, 9668814589. D-68723

Ayurvedic full body massage smart boy's therapist home services available- 9937929638. D-15701

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବିମଳ କୁମାର ରାୟ**
ରାଜ୍ୟପାଳ ପୁରସ୍କୃତ ଶିକ୍ଷକ
ବିଦେଇପୁର, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୨୪।୦୮।୧୯୪୭
ତିରୋଧାନ: ୧୫।୧୨।୨୦୧୮

ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶୋକସନ୍ତପ୍ତ ପରିବାରବର୍ଗ ।**

ଧ-୧୫୭୩୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବସନ୍ତ ମଞ୍ଜରୀ ଦାଶ**
ଆବିର୍ଭାବ: ୨୭।୦୧।୧୯୫୯
ତିରୋଧାନ: ୦୫।୧୨।୨୦୧୯

ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ତୁମର ଅମରାତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ, ଏହାହିଁ ଆମର କାମନା।

**ଶୋକସନ୍ତପ୍ତ:**
ସ୍ୱାମୀ: ରମାକାନ୍ତ ଦାଶ, ପୁତ୍ର: ଦେବାଶିଷ, ଶୁଭାଶିଷ ଏବଂ ବନ୍ଧୁ ଓ ପରିବାରବର୍ଗ ।

ଧ-୧୫୭୩୬

### ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଳଭଦ୍ର ସାମନ୍ତରାୟ**
ପ୍ରାକ୍ତନ ସରପଞ୍ଚ
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୨୯।୦୮।୧୯୩୯
ତିରୋଧାନ: ୦୬।୧୨।୨୦୧୯

ଆପଣଙ୍କ ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶ୍ରଦ୍ଧାଞ୍ଜଳି ସହ:**
ପୁତ୍ର: ବିରେନ୍ଦ୍ର, ବିକ୍ରମ, ବିଜନ, ବିନୟ, ବିନୋଦ, ପରିବାର ଓ ବନ୍ଧୁବର୍ଗ ।

ଧ-୬୭୬୧୦

> ଦେଶର ମୁଦ୍ରାସ୍ଫୀତି ଏବେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ହେଲେ ପ୍ରଧାନମନ୍ତ୍ରୀ ଏହାକୁ ନେଇ ସମ୍ପୂର୍ଣ୍ଣ ଭାବେ ମୌନ ରହିଛନ୍ତି।
> – ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ମହାସଚିବ



> ଆୟକର ବିଭାଗ ନଭେମ୍ବର ଶେଷ ପର୍ଯ୍ୟନ୍ତ ୧.୫୭ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ଜାରି କରିଛି।
> – ଅଜୟ ଭୂଷଣ ପାଣ୍ଡେ, ରାଜସ୍ୱ ସଚିବ



## ସଂକ୍ଷେପରେ

### ୨୧ ଗୁରୁତ୍ୱପୂର୍ଣ୍ଣ ଔଷଧର ମୂଲ୍ୟ ବଢ଼ିବ



**ନୂଆଦିଲ୍ଲୀ,୧୪-୧୨:** ଆଣ୍ଟି ବାୟୋଟିକ, ଆଣ୍ଟି ଆଲର୍ଜିକ, ମ୍ୟାଲେରିଆ ଏବଂ ଭିଟାମିନ ସି ଭଳି ୨୧ ଗୁରୁତ୍ୱପୂର୍ଣ୍ଣ ଔଷଧର ମୂଲ୍ୟ ବଢ଼ିବ। ଏହି ଔଷଧର ମୂଲ୍ୟ ୫୦% ବଢ଼ାଇବା ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଔଷଧ ମୂଲ୍ୟ ନିୟାମକ ଏନ୍‌ପିଏଏ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ଏହି ଔଷଧଗୁଡିକର ମୂଲ୍ୟ ୫୦% ବଢ଼ାଯାଇ ପାରିବ। ମୂଲ୍ୟରେ ପରିବର୍ତ୍ତନ ନେଇ ଅନେକ ଦିନ ହେବ ଫାର୍ମା ସେକ୍ଟର ପକ୍ଷରୁ ସରକାରଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଔଷଧ ପ୍ରସ୍ତୁତ ହୋଇଥିବା ସାମଗ୍ରୀ ମୂଲ୍ୟ ବଢ଼ିଥିବାରୁ ଏହାକୁ ନେଇ କମ୍ପାନୀଗୁଡିକ ସରକାରଙ୍କୁ ଉକ୍ତ ପ୍ରସଙ୍ଗରେ ବିଚାର କରିବାକୁ କହିଥିଲେ। ସରକାର ଏହାକୁ ଧ୍ୟାନରେ ରଖି ସିଲିଂ ପ୍ରାଇସ ବା ମୂଳ ମୂଲ୍ୟରେ ପରିବର୍ତ୍ତନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଔଷଧ ପ୍ରସ୍ତୁତି ଲାଗି ବିଭିନ୍ନ କମ୍ପୋନେଣ୍ଟ ଚାଇନାରୁ ଆସିଥାଏ। ହେଲେ ବାଣିଜ୍ୟ ଯୁଦ୍ଧ ପରେ ଏଥିରେ ଅନେକ ପରିମାଣରେ ମୂଲ୍ୟ ବୃଦ୍ଧି ଘଟିଛି। ଫଳରେ କମ୍ପାନୀଗୁଡିକ ଏଥିବାବଦ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବା ସେମାନେ ସୂଚନା ଦେଇଛନ୍ତି।

### କେଟିଏମ୍‌ର ଷ୍ଟଣ୍ଟ ଶୋ

**ଭୁବନେଶ୍ୱର,୧୪-୧୨:** କେଟିଏମ୍ ପକ୍ଷରୁ ବାଲେଶ୍ୱର ବସ ଷ୍ଟାଣ୍ଡଠାରେ ଏକ ଷ୍ଟଣ୍ଟ ଶୋ' ଅନୁଷ୍ଠିତ ହୋଇଯାଇଛି। ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀମାନେ ଏଠାରେ ଷ୍ଟଣ୍ଟ ଦେଖାଇଥିଲେ। ଏଥିରେ ବାଇକ ପ୍ରେମୀମାନେ ୧୨୫ ସିସି ଏବିଏସ୍‌କୁ ଦେଖିବାକୁ ସୁଯୋଗ ପାଇଥିଲେ। କେଟିଏମ୍‌ର ଡ୍ୟୁକ ବାଇକକୁ ନେଇ ଷ୍ଟଣ୍ଟ ପ୍ରଦର୍ଶନ କରାଯାଇଥିଲା। ଗ୍ରାହକଙ୍କୁ କେଟିଏମର ରୋମାଞ୍ଚକୁ ଅନୁଭବ କରାଇବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବଜାଜ ଅଟୋ ପ୍ରୋ ବାଇକିଂ ଉପସଭାପତି ସୁମିତ ନାରଙ୍ଗ କହିଛନ୍ତି। ଗ୍ରାହକମାନେ ଏହି ବାଇକ ବାଲେଶ୍ୱରର ଭିମପୁରା ଛକ ସ୍ଥିତ କେଟିଏମ୍ ଶୋ'ରୁମରୁ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଭାରତରେ ଆର୍ ଆଣ୍ଡ ଡିକୁ ଦୃଢ଼ କରିବ ସାମ୍‌ସଙ୍ଗ

**ନୂଆଦିଲ୍ଲୀ,୧୪-୧୨:** ସାମ୍‌ସଙ୍ଗ ଭାରତରେ ଏହାର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଆର୍ ଆଣ୍ଡ ଡି)କୁ ଦୃଢ଼ କରିବ। ଏଥିଲାଗି କମ୍ପାନୀ ଆଇଆଇଟି ଏବଂ ଶୀର୍ଷ ଇଞ୍ଜିନିୟରିଂ କଲେଜରୁ ୧୨୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେବାକୁ ଯୋଜନା ରଖିଛି। କମ୍ପାନୀ ପ୍ରତିଭାସମ୍ପନ୍ନ ମାନବ ସମ୍ବଳକୁ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦେଉଛି। ଟେକ୍ନୋଲୋଜି ଓ ଡୋମେନ ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନି, ଡିପ୍ ଲର୍ନି, ଇମେଜ ପ୍ରୋସେସିଂ, ମିଡିଲଓ୍ୟାର ଡେଭଲପମେଣ୍ଟ, କ୍ଲାଉଡ ଆଇଓଟି, ରେକଗନିଶନ ସିଷ୍ଟମ, ଡାଟା ଆନାଲିସିସ, ଅନଡିଭାଇସ ଏଆଇ, ମୋବାଇଲ କମ୍ୟୁନିକେଶନ, ନେଟ୍‌ୱର୍କ, ଇମେଜିଂ ଏବଂ ଭଏସ୍ ଭଳି କ୍ଷେତ୍ରରେ ଏମାନେ କାର୍ଯ୍ୟ କରିବେ। ନୂତନତ୍ୱକୁ ଆଗ୍ରାଧିକାର ପ୍ରଦାନ ପୂର୍ବକ ଏଭଳି ନିଷ୍ପତ୍ତି ନେଇଥିବା ସାମ୍‌ସଙ୍ଗ ଇଣ୍ଡିଆର ମାନବ ସମ୍ବଳ ମୁଖ୍ୟ ସମୀର ଓ୍ୱାଧଓ୍ୱାନ କହିଛନ୍ତି।

### ରିୟଲମି ଆଣିଲା ନୂଆ ଏକ୍ସ୨

**ନୂଆଦିଲ୍ଲୀ,୧୪-୧୨:** ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ନୂଆ ଏକ୍ସ୨ ବଜାରକୁ ଆସିଛି। ପ୍ରିମିୟମ ଫ୍ଲାଗଶିପ ସ୍ମାର୍ଟଫୋନ ବର୍ଗରେ ଆସିଥିବା ଏହି ଫୋନରେ ୫୦ ଓ୍ୱାଟ୍‌ର ଭିଓଓସି ଫ୍ଲାସ ଚାର୍ଜ ରହିଛି। ୮୫୫ ପ୍ଲସ ସ୍ନାପଡ୍ରାଗନ ପ୍ରୋସେସର ଏଥିରେ ରହିଛି। ନେପଚୁନ ବ୍ଲୁ ଏବଂ ଲୁନାର ହ୍ୱାଇଟ ରଙ୍ଗରେ ଏହା ଉପଲବ୍ଧ ହେବ। ଏହାର ୮+୨୧୮ ଜିବି ଭାରିଆଣ୍ଟର ବଜାର ଦର ୨୯,୯୯୯ ଟଙ୍କା ଥିବାବେଳେ ୧୨+୨୫୬ ଜିବିର ଦାମ ୩୩,୯୯୯ ଟଙ୍କା ରହିଛି। ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି ନୂଆ ମଡେଲଗୁଡିକୁ ବଜାର ପ୍ରବେଶ କରାଯାଇଥିବା ରିୟଲ ମି ଇଣ୍ଡିଆର ସିଇଓ ମାଧବ ସେଠ କହିଛନ୍ତି।

### ସତର୍କ କରାଇଲେ ପୂର୍ବତନ ସିଇଏ

# ଆଇସିୟୁକୁ ଯାଉଛି ଅର୍ଥ ବ୍ୟବସ୍ଥା

**କେମ୍ବ୍ରିଜ,୧୪-୧୨**

- ବର୍ତ୍ତମାନର ମାନ୍ଦାବସ୍ଥା ଗ୍ରେଟ ସ୍ଲୋଡାଉନ
- ଦ୍ୱୈତ ବାଲାନ୍ସ ସିଟ୍ ସମସ୍ୟାର ପ୍ରଭାବ
- ଏନ୍‌ପିଏ ବୃଦ୍ଧି ଅର୍ଥ ବ୍ୟବସ୍ଥା ଲାଗି କ୍ଷତିକାରକ



ଅରବିନ୍ଦ ସୁବ୍ରମଣ୍ୟନ

ଭାରତ ଏବେ ମାନ୍ଦାବସ୍ଥା ସହ ଯୁଝୁଥିବା ବେଳେ ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଅରବିନ୍ଦ ସୁବ୍ରମଣ୍ୟନ ସତର୍କ କରାଇଛନ୍ତି। ବର୍ତ୍ତମାନର ମାନ୍ଦାବସ୍ଥା ଗ୍ରେଟ୍ ସ୍ଲୋଡାଉନ ବା ବହୁତ ବଡ। ଭାରତୀୟ ଅର୍ଥନୀତି ଆଇସିୟୁ ଆଡକୁ ବଢୁଥିବାର ପ୍ରତୀୟମାନ ହେଉଛି। ଦ୍ୱୈତ ବାଲାନ୍ସ ସିଟ୍ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେଉଛି ବୋଲି ହାର୍ଭାର୍ଡ ୟୁନିଭର୍ସିଟିଠାରେ ଏକ ପେପର ପ୍ରେଜେନଟେଶନ ଅବସରରେ ସୁବ୍ରମଣ୍ୟନ ଏହା କହିଛନ୍ତି।

୨୦୧୪ ଡିସେମ୍ବରରେ ସିଇଏ ଥିବା ବେଳେ ସେ, ଦ୍ୱୈତ ବାଲାନ୍ସ ସିଟ୍ ସମସ୍ୟାକୁ ନେଇ ଚେତାବନୀ ଦେଇଥିଲେ। କର୍ପୋରେଟଗୁଡିକୁ ପ୍ରଦାନ କରାଯାଉଥିବା ଋଣ ଅନାଦାୟ ଋଣ(ଏନ୍‌ପିଏ)ରେ ରୂପାନ୍ତରିତ ହେଲେ ସାଧାରଣତଃ ଟ୍ୱିନ ବାଲାନ୍ସ ସିଟ୍ ସମସ୍ୟା ଦେଖାଦେଇଥାଏ। ଏହା ବ୍ୟାଙ୍କଗୁଡିକର ସମସ୍ୟାକୁ ବଢାଇ ଦେଇଥାଏ। ଏଭଳି ସ୍ଥିତି ଯୋଗୁ ପ୍ରଥମତଃ ଶିଳ୍ପ ସଂସ୍ଥାଗୁଡିକ ଏହା ଦ୍ୱାରା ଚିନ୍ତାରେ ରହିବା ଯୋଗୁ ନୂଆ ନିବେଶ କରିପାରନ୍ତି ନାହିଁ। ଏହାବାଦ ବର୍ଦ୍ଧିତ ଏନ୍‌ପିଏ ଯୋଗୁ ବ୍ୟାଙ୍କ ଋଣ ଯୋଗାଣ ଲାଗି ସମସ୍ୟା ସାମ୍ନା କରନ୍ତି। ଏହା ଯୋଗୁ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ମନ୍ଥର ସ୍ଥିତିକୁ ଚାଲିଯାଏ।

ସୁବ୍ରମଣ୍ୟନ ତାଙ୍କ ରିସର୍ଚ୍ଚ ପେପରରେ ୨୦୦୪ରୁ ୨୦୧୧ ପର୍ଯ୍ୟନ୍ତ ଇସ୍ପାତ, ଶକ୍ତି ଏବଂ ଭିତ୍ତିଭୂମି କ୍ଷେତ୍ରରେ ଯେଉଁ ଋଣ ଏନ୍‌ପିଏ ହୋଇଛି ତାକୁ ଟ୍ୱିନ୍ ବାଲାନ୍ସ ସିଟ୍-୧ ବୋଲି ବିଚାର କରିଛନ୍ତି। ବିମୁଦ୍ରୀକରଣ ପରେ ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଏବଂ ରିୟଲ ଇଷ୍ଟେଟ କ୍ଷେତ୍ରରେ ଆସିଥିବା ନଗଦ ସଙ୍କଟକୁ ସେ ଟ୍ୱିନ ବାଲାନ୍ସ ସିଟ୍-୨ ବୋଲି କହିଛନ୍ତି। ସୁବ୍ରମଣ୍ୟନଙ୍କ କହିବାନୁଯାୟୀ, ଗତ ବର୍ଷ ସେପ୍ଟେମ୍ବରରେ ସାମ୍ନାକୁ ଆସିଥିବା ଆଇଏଲଆଣ୍ଡଏଫ୍‌ଏସ୍ ସଙ୍କଟ ଯୋଗୁ ୯୦ ହଜାର କୋଟି ଟଙ୍କାର ଋଣ ସମ୍ପର୍କରେ ପ୍ରଘଟ ହୋଇଥିଲା। ଏହା ଦ୍ୱାରା ବଜାର ପ୍ରଭାବିତ ହୋଇଥିବା ବେଳେ ଏନ୍‌ବିଏଫ୍‌ସି କ୍ଷେତ୍ରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୪.୫%କୁ ଖସିଛି। ଏହା ୬ ବର୍ଷର ସର୍ବନିମ୍ନ ସ୍ତର। ରପ୍ତାନି, ହ୍ରାସ ଆମଦାନୀ ଏବଂ ସରକାରଙ୍କ ରାଜସ୍ୱ ହ୍ରାସ ଭଳି ପ୍ରସଙ୍ଗକୁ ଦେଖିଲେ ଅର୍ଥ ବ୍ୟବସ୍ଥା ସଙ୍କଟରେ ଥିବା ସେ ମତ ଦେଇଛନ୍ତି।

### ଶିଳ୍ପ ସଂଘ ଫିକିର ଦାବି

# ଆୟକର ସ୍ଲାବ୍‌ରେ ପରିବର୍ତ୍ତନ ହେଉ

**ନୂଆଦିଲ୍ଲୀ,୧୪-୧୨**





୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ ଫେବୃୟାରୀ ପହିଲାରେ ଆସିପାରେ। ଏହି ସମୟରେ ୩୧ ଜାନୁୟାରୀରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଆସିବ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଫେବୃୟାରୀ ପହିଲା ଶନିବାର ପଡୁଛି। ୨୦୧୫-୧୬ପରେ ଶନିବାରରେ ପ୍ରଥମ ଥର ଲାଗି ସାଧାରଣ ବଜେଟ ଉପସ୍ଥାପନ ହେବ। ଆଗାମୀ ବଜେଟରେ ଆୟକର ସ୍ଲାବ୍‌ରେ ସଂଶୋଧନ ନେଇ ଶିଳ୍ପ ସଂଘ ଫିକି ପକ୍ଷରୁ ସରକାରଙ୍କୁ ଦାବି କରାଯାଇଛି। ଆୟକର ହାରରେ ହ୍ରାସ ହେଉ ବୋଲି ଏହି ଶିଳ୍ପ ସଂଘ ଦାବିରେ କହିଛି। ବାର୍ଷିକ ୨୦ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା ଲୋକଙ୍କ କ୍ଷେତ୍ରରେ ୩୦% ଟିକସ ଲାଗୁ ହେଉ ବୋଲି ଏହା ମତ ରଖିଛି। ରପ୍ତାନି ଏବଂ ନିଯୁକ୍ତି ବୃଦ୍ଧି ଦିଗରେ ସରକାର ପଦକ୍ଷେପ ନେବା ସହ ବ୍ୟବସାୟ ଖର୍ଚ୍ଚ କମାଇବା, ସଂସ୍କାର ଧାରା ଜାରି ଏବଂ ବିକାଶ ହାରକୁ ବଢାଇବା ଜରୁରୀ ବୋଲି ଏହି ଶିଳ୍ପ ସଂଘ ମତ ରଖିଛି। ଫେବୃୟାରୀରେ ବଜେଟ ମୋଦି ସରକାରଙ୍କ ସମୟରେ ଆରମ୍ଭ ହୋଇଛି। ୨୦୧୬ରେ ସାଧାରଣ ବଜେଟ ସହ ରେଳ ବଜେଟକୁ ମିଶ୍ରଣ କରାଯାଇଛି।

# କଲ୍ୟାଣ ଜୁଏଲର୍ସର ମେଗା ଅଫର

**ଭୁବନେଶ୍ୱର,୧୪-୧୨**

KALYAN JEWELLERS

କଲ୍ୟାଣ ଜୁଏଲର୍ସ ପକ୍ଷରୁ ବଡଦିନ ଉପଲକ୍ଷେ ମେଗା ଅଫର ଏବଂ ରିହାତି ଘୋଷଣା କରାଯାଇଛି। ଏହି ଅଫରରେ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଗହଣାର ଗଢା ମୂଲ୍ୟ ଉପରେ ୧୫ରୁ ୩୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଗ୍ରାହକଙ୍କ ଲାଗି ଗଢା ମୂଲ୍ୟ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ଅଫର ୨୦୨୦ ଜାନୁୟାରୀ ୩୧ ଯାଏ ଉପଲବ୍ଧ ହେବ। ଗ୍ରାହକଙ୍କୁ ସର୍ବାଧିକ ମୂଲ୍ୟ ପ୍ରଦାନ ଦିଗରେ କଲ୍ୟାଣ ଜୁଏଲର୍ସ ସର୍ବଦା ଉଦ୍ୟମ ଜାରି ରଖିଥିବା ଏହାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଟି.ଏସ୍. କଲ୍ୟାଣ ରମଣ କହିଛନ୍ତି। ଏହି ସମୟରେ ଗ୍ରାହକମାନେ କଲ୍ୟାଣର ନୂଆ ୪ ସ୍ତରୀୟ ଆସ୍ୟୁରାନ୍ସ ଲାଭ କରିପାରିବେ। ଗହଣାର ଶୁଦ୍ଧତା ଏବଂ ସବୁ ଗହଣାରେ ବିଆଇଏସ୍ ହଲମାର୍କ ରହିଛି। ଗ୍ରାହକ ଇୟର ରିଙ୍ଗ, ଚୁଡି, ନେକ୍‌ଲେସ ଆଦିର ପାରମ୍ପରିକ ଏବଂ ସମସାମୟିକ ଡିଜାଇନ ଲାଭ କରିପାରିବେ। ବ୍ରାଇଡାଲ ଗହଣାରେ ଗ୍ରାହକଙ୍କ ଲାଗି ମହୁରତ କଲେକ୍ସନ ରହିଛି। ଏହା ବ୍ୟତୀତ ତେଜସ୍ୱୀ, ମୁଧ୍ରା, ନିମାହ, ଗ୍ଲୋ,ଜିଆ, ଅନୋଖି, ଅପୂର୍ବା, ଅନ୍ତରା, ହେରା ଏବଂ ରଙ୍ଗ ଭଳି ଗହଣା ସମ୍ଭାର ଗ୍ରାହକଙ୍କ ଲାଗି ଉପଲବ୍ଧ।

# ନବସୃଜନ ପ୍ରତିଯୋଗିତାରେ ଗୋଦ୍‌ରେଜର ସଫଳତା

**ମୁମ୍ବାଇ,୧୪-୧୨**

ପୃଥିବୀର ତାମମାତ୍ରା ନିୟନ୍ତ୍ରଣ ଦିଗରେ ନୂଆ ଏସି ଜ୍ଞାନକୌଶଳ ଉଦ୍ଭାବନ ଅପରିହାର୍ଯ୍ୟ ହୋଇପଡିଛି। ଏହାର ସମାଧାନ ସୂତ୍ର ବାହାର କରିବା ଲାଗି ନୂତନ ପ୍ରଯୁକ୍ତି ସମ୍ପର୍କରେ ଭାରତ ସରକାର ଏବଂ ରକି ମାଉଣ୍ଟେନ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୩୧ଟି ଦେଶର ୧୩୯ଟି ଆବେଦନ ଆସିଥିଲା। ଏଥିପାଇଁ ୨,୧୦୦ରୁ ଅଧିକ ପଞ୍ଜୀକରଣ ହୋଇଥିଲା। ବାତାନୁକୂଳ ମେଶିନ ପ୍ରସ୍ତୁତକାରୀ, ଗବେଷଣା ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ଷ୍ଟାର୍ଟଅପ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ୮ ଅଂଶଗ୍ରହଣକାରୀ ପରବର୍ତ୍ତୀ ପର୍ଯ୍ୟାୟକୁ ମନୋନୀତ ହୋଇଛନ୍ତି। ଏହା ମଧ୍ୟରେ ଗୋଦ୍‌ରେଜ ଆପ୍ଲାଏନ୍ସେସ ସ୍ଥାନ ପାଇଛି। ଏଥିରେ ସ୍ଥାନିତ ହେବା ଏକ ଆନନ୍ଦର ବିଷୟ। ଗୋଦରେଜର ଡିଏନ୍‌ଏରେ ପରିବେଶ ଅନୁକୂଳ ଏକ ମୂଲ୍ୟବୋଧ ରହିଛି ବୋଲି କମ୍ପାନୀର ବ୍ୟବସାୟ ମୁଖ୍ୟ କମଲ ନନ୍ଦୀ କହିଛନ୍ତି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୀରମହାରାଜପୁର

ପତ୍ର ସଂଖ୍ୟା.୨୪୫୦ ତାରିଖ: ୧୨।୧୨।୨୦୧୯

ଏତଦ୍ୱାରା ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୧୯-୨୦୨୦ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଓ ଜାତୀୟ ସହାୟତା କାର୍ଯ୍ୟକ୍ରମ ଯୋଜନା (NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସଭାରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ଏପ୍ରିଲ ମାସ ୧ ତାରିଖ ୨୦୧୯ ମସିହାଠାରୁ ୩୦ତାରିଖ ସେପ୍ଟେମ୍ବର ମାସ ୨୦୧୯ ମସିହା ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, VRP ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, MATE ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେବାକୁ ଅନୁରୋଧ କରାଗଲା।

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ବ୍ୟବଧାନ (ନଥିପତ୍ର ତଦାରଖ ଓ ସମୀକ୍ଷା କାର୍ଯ୍ୟ ପରିଦର୍ଶନ) | | ଗ୍ରାମ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ବା ସାମାଜିକ ସମୀକ୍ଷା | ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିର୍ବାହୀ ଅଧିକାରୀ/ ଗ୍ରାମରୋଜଗାର ସେବକ/ ସେବିକା, ମେଟ ସମେତ ନିମ୍ନ ପଦାଧିକାରୀ ଯୋଗଦେବେ | [illegible] |
|---|---|---|---|---|---|---|
| | | NSAP | MGNREGS | | | |
| ୧ | ଉଫୁଲା, ଜଟେସିଂହା, ସୁବଳୟା, ପିତାମହୁଲ, କମିରା | ତା- [illegible] | ତା- ୨୬।୧୨।୨୦୧୯ ରୁ ୦୬।୦୧।୨୦୨୦ | ତା- ୦୬।୦୧।୨୦୨୦ ସମୟ-ପୂର୍ବାହ୍ଣ ୧୦.୦୦ | ଉଫୁଲା-BSSO, ଜଟେସିଂହା-RWSS-JE-II, ସୁବଳୟା-APO, ପିତାମହୁଲ-MI, କମିରା-BPM | |
| ୨ | ସଂଗ୍ରାମପୁର, ମୁର୍ଖୁଣ୍ଡୀ, ଖଣ୍ଡହତା, ଲୁତୁରପଙ୍କ, କେନଝରିଆପାଲି | ତା- [illegible] | ତା- [illegible] | ତା- ୧୮।୦୧।୨୦୨୦ ସମୟ-ପୂର୍ବାହ୍ଣ ୧୦.୦୦ | ସଂଗ୍ରାମପୁର-BPM, ମୁର୍ଖୁଣ୍ଡୀ-APO, ଖଣ୍ଡହତା-WEO, ଲୁତୁରପଙ୍କ-RWSS-JE-II, କେନଝରିଆପାଲି-MI | |
| ୩ | ଦୁର୍ଜନଟେଲା, ହିଲୁଙ୍ଗ, ବାଗବର, ଚମ୍ପାମାଳ, ବହଲପଦର | ତା- [illegible] | ତା- [illegible] | ତା- ୦୭।୦୨।୨୦୨୦ ସମୟ-ପୂର୍ବାହ୍ଣ ୧୦.୦୦ | ଦୁର୍ଜନଟେଲା-APO, ହିଲୁଙ୍ଗ-BPM, ବାଗବର-WEO, ଚମ୍ପାପୁର-BSSO, ବହଲପଦର-MI | |

**ନିମ୍ନୋକ୍ତ ବିଷୟ ଉପରେ ଆଲୋଚନା କରାଯିବ ।**

୧. ଗ୍ରା.ପ. ଦ୍ୱାରା ମଷ୍ଟରରୋଲ ଗ୍ରହଣ କରାଯାଇଥିବା ରେଜିଷ୍ଟର। ୨. ଅଫିସରଙ୍କ ଦ୍ୱାରା ପ୍ରଦତ୍ତ ମଷ୍ଟରରୋଲ କ୍ରମିକ ସଂଖ୍ୟା ସହ ମେଳ ହେଉଛି କି ନାହିଁ। ୩. ମଷ୍ଟରରୋଲରେ ପ୍ରଦର୍ଶିତ ଜବକାର୍ଡ ନମ୍ବର ଅଣକୁଶଳୀ ଶ୍ରମିକର କି ନୁହେଁ। ୪. ମଷ୍ଟରରୋଲରେ ପ୍ରଦର୍ଶିତ କାର୍ଯ୍ୟଦିବସ ଅନୁସାରେ ମାପ ହୋଇଥିବା କାର୍ଯ୍ୟଦିବସ, ଜବକାର୍ଡଗୁଡିକର ମଷ୍ଟରରୋଲ ଅନୁଯାୟୀ ଅଣକୁଶଳୀ/କୁଶଳୀ ଶ୍ରମିକମାନଙ୍କର ନାମ ଠିକ ଅଛି କି ନାହିଁ ଏବଂ ସମପରିମାଣରେ କାମ କରିଛନ୍ତି କି ନାହିଁ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର



नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha:

**1-NIT No. MC-4833**
**Name of the work:** Erection of New Fire Hydrant and Mulsifier Network (above ground) for Unit #7 to #10.

**2-NIT No. MC-4839**
**Name of the work:** Overhauling, Repair & Maintenance of AC, Ventilation & Fire Fighting System.

**3-NIT No. MC-4844**
**Name of the work:** Repair and Maintenance of CHP-I.

**4-NIT No. MC-4842**
**Name of the work:** Overhauling & Maintenance of EHV Installation at 220KV switch YARD & 33KV Substation at CPP, IPH & Ash Pond, 220/33KV Transmission Lines.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**

**AGM (Mech), Contract Cell**


# ଏଏସ୍‌ବିଏମ୍‌ରେ କନ୍‌ଫ୍ଲୁଏନ୍ସ ୨୦୧୯





**ଭୁବନେଶ୍ୱର,୧୪-୧୨**

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କନ୍‌ଫ୍ଲୁଏନ୍ସ ୨୦୧୯ ଅନୁଷ୍ଠିତ ହୋଇଯାଇଛି। ୨୦୦୬ରୁ ୨୦୧୯ ମଧ୍ୟରେ ଅନେକ ପୂର୍ବତନ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଳାଧିକ୍ଷ ବିଶ୍ୱଜିତ ପଟ୍ଟନାୟକ ଏଥିରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଦୃଢ କର୍ତ୍ତବ୍ୟ ନିଷ୍ଠାଲାଗି ଛାତ୍ରୀଛାତ୍ର ଆଗକୁ ବଢିଥିବା ସେ ମତବ୍ୟକ୍ତ କରିଥିଲେ। ଏଏସ୍‌ବିଏମ୍‌ର ଛାତ୍ରୀଛାତ୍ର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଣ୍ଡନ କରୁଥିବାରୁ ଅନୁଷ୍ଠାନ ପାଇଁ ଏହା ଗର୍ବର ବିଷୟ ବୋଲି ପ୍ରଫେସର ପଟ୍ଟନାୟକ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସେମାନଙ୍କ ପୁରୁଣା ସ୍ମୃତିକୁ ମନେପକାଇଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ, ପ୍ରୋଭାଇସ ଚାନସେଲର ଡ. ଫଲ୍‌ଗୁ ନିରଞ୍ଜନା, କାର୍ଯ୍ୟକ୍ରମ ସଂଯୋଜକ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇବିସି କର୍ମଶାଳା

**ଭୁବନେଶ୍ୱର,୧୪-୧୨**

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋର୍ଡ(ଆଇବିସି) ସମ୍ପର୍କୀତ ଜାତୀୟ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀଜ ସେକ୍ରେଟାରିଜ ଅଫ ଇଣ୍ଡିଆ (ଆଇସିଏସ୍‌ଆଇ), ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଆଇବିବିଆଇ), ଆଇସିଏସ୍‌ଆଇ ଇନଷ୍ଟିଚ୍ୟୁଟ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଜାତୀୟ କମ୍ପାନୀ ଲ ଟ୍ରିବ୍ୟୁନାଲର କଟକ ବେଞ୍ଚ ଜୁଡିସିଆଲ ସଦସ୍ୟ ସୁଚରିତା ଆର୍, ଆଇବିବିଆଇ ସିଜିଏମ୍ ରାମେଶ୍ୱର ଧରିଓ୍ୱାଲ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ କମ୍ପାନୀଜ ଅନନ୍ତ କୁମାର ସେଠୀ ଆଇବିସିର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇସିଏସ୍‌ଆଇ କେନ୍ଦ୍ରୀୟ ପରିଷଦ ସଦସ୍ୟ ସିଦ୍ଧାର୍ଥ ମୁରାରକର, ଅକ୍ସେସ ମାନିଆ ଡି, ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସୌମ୍ୟ ସୁଜିତ ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ଝିଅପରି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଧ୍ରୁବାନନ୍ଦ ରାଉତ**
ବିଜେଡି, ବରିଷ୍ଠ ସଙ୍ଗଠକ, ଗୋଡିପଡିଆ, ଅଞ୍ଜିରା, ଯାଜପୁର



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।

**ଚନ୍ଦ୍ରକାନ୍ତ ପ୍ରଧାନ**
ସରପଞ୍ଚ କୁରୁଜଙ୍ଗା ଗ୍ରାମ ପଞ୍ଚାୟତ, ଡେରାବିଶ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତ କର୍ମକର୍ତ୍ତା ଓ ପାଠିକା ପାଠକମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା କରୁଛି ।



**ପୁଷ୍ପଲତା ଦାଶ**
ଭୁବନ ଏନଏସିର ପୂର୍ବତନ ୫ନଂ ୱାର୍ଡ ମେମ୍ବର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବଡ଼ସାହି ବ୍ଲକ୍‌ର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପାର୍ଥସାରଥି ପଣ୍ଡା**
ପ୍ରତାପପୁର ପଞ୍ଚାୟତ ସମିତି ସଭ୍ୟ


See Career Appointment on every Wednesday & Saturday




ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବଡ଼ସାହି ବ୍ଲକ୍‌ର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛୁ ।



**ଭବାନୀ ଶଙ୍କର ସାହୁ (ବାପି)**
ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି



**ଦୀପକ କୁମାର ବାରିକ**
ବଡ଼ସାହି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା

ପ୍ରଦୂଷଣ ମୁକ୍ତ
ସୁସ୍ଥ ପରିବେଶ

**Jai Balaji Jyoti Steels Limited**

Regd. Off. : Unitech House, Uditnagar
Opp. Income Tax Office, Rourkela-769012
Telefax : 0661-2510164

Jai Balaji Group is one of the largest manufacturers of steel in the private sector in Eastern India' We have integrated facilities for producing steel in our eight manufacturing units spread across the states of West Bengal, Chhattisgarh, Odisha & Jharkhand in India.

**OFFICE**
5, Bentinck Street, 1st Floor, Kolkata - 700001
Phone : (O) 2248-9808,2248-8173
Fax: (91) (033) 2243-0021
E-mail : jaibalaji@vsnl.net

**WORKS**
Tainser, Near Birkera
Dist.: Sundargarh, Orissa
Phone : 2450162

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ମହିସରା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**କାମାକ୍ଷା ପ୍ରସାଦ ନାୟକ**
ସମାଜସେବୀ, ରମ୍ପେଇ,ବାଡିଯୋଡା, ଧର୍ମଶାଳା, ଯାଜପୁର

‘ଧରିତ୍ରୀ’ର ୪୬ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ଓ ଏହାର ସମସ୍ତ ପାଠିକା ପାଠକ ତଥା ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା ।



**ସନ୍ତୋଷିନୀ କର୍ଣ୍ଣ**
ସମ୍ପାଦିକା, ନ୍ୟୁ ଲାଇଫ୍ କ୍ଲବ (ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ)
• ରାଉରକେଲା ସିନିୟର ନର୍ସିଂ କଲେଜ, • ସୁନ୍ଦରଗଡ଼ ଜିଏନ୍‌ଏମ୍ ଟ୍ରେନିଂ ସ୍କୁଲ, • ମା’ ବାଉତୀ ଏଏନ୍‌ଏମ୍ ଟ୍ରେନିଂ ସ୍କୁଲ, • ସୁନ୍ଦରଗଡ଼ ଡିଏମ୍‌ଏଲ୍‌ଟି ଇନଷ୍ଟିଚ୍ୟୁସନ, • ମାହେଶ୍ୱରୀ ଯୁକ୍ତ୨ ବିଜ୍ଞାନ ଓ କଳା ମହାବିଦ୍ୟାଳୟ (ଏଚ୍‌ଏସ୍‌ଏସ୍), • ମାହେଶ୍ୱରୀ ଫାର୍ମାସିଉଟିକାଲ ମହାବିଦ୍ୟାଳୟ, ଶଙ୍କରା, ସୁନ୍ଦରଗଡ଼

**କେନ୍ଦ୍ରାପଡ଼ା ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ ଲିଃ., କେନ୍ଦ୍ରାପଡ଼ା**
ମୁଖ୍ୟ କାର୍ଯ୍ୟାଳୟ : କଜଳା, କେନ୍ଦ୍ରାପଡ଼ା-୭୫୪୨୧୧
ଫୋନ୍ - ୦୬୭୨୭-୨୨୦୩୯୯, ୨୨୧୫୯୯

ଓଡ଼ିଆ ଦୈନିକ ଖବରକାଗଜ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ସାରସ୍ୱତ ସାଧନା ଓ ସଂକଳ୍ପୀକୃତ ନିରବଚ୍ଛିନ୍ନ ପ୍ରକାଶନ ସଫଳତାସହ ପ୍ରଗତିଶୀଳ ଯୁକ୍ତ ହେବା ନିମନ୍ତେ ହାର୍ଦ୍ଦିକ ଶୁଭକାମନା ଏବଂ ଏହାର ଅଗଣିତ ପାଠକ/ପାଠିକାମାନଙ୍କୁ ଅଭିନନ୍ଦନ ।

**ଅର୍ବାନ ବ୍ୟାଙ୍କ ପରିବାର, କେନ୍ଦ୍ରାପଡ଼ା**

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ମୟୂରଭଞ୍ଜବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
ବେଲପାଳ
ଶିଶୁ ବାଟିକା ଓ ୧ମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପାଇଁ ଫର୍ମ ଆବେଦନ କରନ୍ତୁ ।
ବିଏସ୍‌ସି ବିଇଡି (ସିବିଜେଡ୍), ବିଏ ବିଇଡି, ହିନ୍ଦୀ ବିଇଡି ଓ ପିଇଟି ପଦ ପାଇଁ ଯୋଗାଯୋଗ କରନ୍ତୁ ।
ମୋ. ନଂ.: ପ୍ର.ଆ.- ୯୪୩୯୩୮୦୮୪୦
ସମ୍ପାଦକ- ୭୦୦୮୯୦୬୩୪୭


Your classified advertisement published in Dharitri will be listed free in Dharitri online edition : **dharitriepaper.in**


ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଭୁବନର ଏକ୍ସିଟି କାରିୟର୍ସ ସ୍କୁଲ ପକ୍ଷରୁ ସମସ୍ତ ପାଠିକା ପାଠକ ତଥା ଶୁଭାକାଂକ୍ଷୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା କରୁଛି ।

*With Best Compliments from:*

**St. XAVIER'S PUBLIC SCHOOL**
The Only Premier Educational Institution of your locality Having an ISO 9001 : 2008 Certification




Bhuban, Dhenkanal, Odisha - 759017, Contact : +91 7606903070 / 71 / 72

**ଜୟ ଜଗନ୍ନାଥ !!**
ରାଜ୍ୟର ସର୍ବାଧିକ ପ୍ରସାରିତ ଜନପ୍ରିୟ "ଧରିତ୍ରୀ" ଖବରକାଗଜର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ରାଜ୍ୟବାସୀଙ୍କ ସହିତ "ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ" ଏହାର ଦୀର୍ଘ ଜୀବନ କାମନା କରିବା ସହିତ, ସମ୍ପାଦକ , ମୁଖ୍ୟ କାର୍ଯ୍ୟନିର୍ବାହୀ, ଓ ଧରିତ୍ରୀର ପରିବାରଙ୍କୁ ଅନେକ ଅନେକ ଶୁଭ କାମନା ଜଣାଉଛୁ ।

**ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ**
ଆଠଗଡ଼, ଉପଖଣ୍ଡ



**ଶ୍ରୀ ଅଶୋକ ସାମନ୍ତରାୟ**
ସମ୍ପାଦକ



**ଶ୍ରୀ ମନୋଜ କୁମାର ମିଶ୍ର**
ସଭାପତି

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

ସବୁଜ ପରିବେଶ
ସୁସ୍ଥ ପରିବେଶ

**For SHRI MAHAVIR FERRO ALLOYS PVT. LTD.**
Kalunga I.E. Kalunga
Dist.- Sundargarh-770031



‘ଧରିତ୍ରୀ’ର ସ୍ୱନକ୍ଷତ୍ର ଅବସରରେ ଏବଂ ୨୦୨୦ ନୂତନ ନବବର୍ଷ ଉପଲକ୍ଷେ ଭୋଗରାଇର ସମସ୍ତ ଗୁରୁଜନ ଓ ଭଉଣୀଭାଇମାନଙ୍କୁ ଜଣାଉଛି ଭକ୍ତିପୂତ ପ୍ରଣାମ ଶୁଭେଚ୍ଛା ।



**ପ୍ରମୋଦ କୁମାର ବେହେରା**
କନିଷ୍ଠଯନ୍ତ୍ରୀ, ଭୋଗରାଇ ବ୍ଲକ

‘ଧରିତ୍ରୀ’ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**BHULAXMI INFRATECT (P) LTD.**
2nd, Daily Market,
Jeypore (Odisha)

**ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ଶୁଭକାମନା ।**

**BOIPARIGUDA LAMPS**
(Boipariguda)
Dist.- Koraput

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବଡ଼ସାହି ବ୍ଲକ୍‌ର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଶ୍ରୀ ପ୍ରଦୀପ କୁମାର ବେହେରା**
ମାନବ ଅଧିକାର ମିଶନର ପ୍ରୋଗ୍ରାମ ସମ୍ପାଦକ
ବଡ଼ସାହି ବ୍ଲକ, ରେଜିଷ୍ଟ୍ରେସନ ନଂ.-ଏମ୍-୦୮୯୬୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ରାକୁ



ଶୁଭାଂଶୁ



ସଙ୍କେତ



ମାନସ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଗୋଟିଏ ମାଟ୍ରିକ ସାର୍ଟିଫିକେଟରେ ୨ଜଣଙ୍କ ଚାକିରି

**ବରଗଡ଼ ଅଫିସ୍,୧୪।୧୨**

ମାଟ୍ରିକ ସାର୍ଟିଫିକେଟ୍ ଗୋଟିଏ। ମାତ୍ର ସେହି ସାର୍ଟିଫିକେଟ୍‌କୁ ନେଇ ୨ଜଣ ମହିଳା ଭିନ୍ନ ସରକାରୀ ବିଭାଗରେ ଚାକିରି କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସେହି ସାର୍ଟିଫିକେଟ୍‌ରେ ଜଣେ ମହିଳା ବରଗଡ଼ ଜିଲାର ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ କାମ କରୁଥିବାବେଳେ ଅନ୍ୟ ମହିଳା ଜଣକ ଜିଲା ସମବାୟ ବିଭାଗର ଏକ ପଦବୀରେ ଅବସ୍ଥାପିତ ଅଛନ୍ତି। ଏହି ଘଟଣାକୁ ନେଇ ବରଗଡ଼ ବ୍ଲକ ଅଞ୍ଚଳର ଆଉ ଜଣେ ମହିଳା ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ କିଛିଦିନ ତଳେ ଏକ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଆଶାୟୀ ପ୍ରାର୍ଥିନୀମାନେ ଆବେଦନ କରିଥିଲେ। ତେବେ ଯେଉଁ ମହିଳାଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ଚୟନ କରାଯାଇ ତାଙ୍କୁ ସେହି ପଦବୀରେ ନିଯୁକ୍ତି ଦିଆଯାଇଛି, ସେ ଦାଖଲ କରିଥିବା ମାଟ୍ରିକ ସାଟିଫିକେଟ୍‌ରେ ଜାଲିଆତି ହୋଇଥିବା ଏବଂ ସେହି ସାର୍ଟିଫିକେଟ୍‌ରେ ଅନ୍ୟ ଜଣେ ମହିଳା ସମବାୟ ବିଭାଗର ଏକ ପଦବୀରେ ନିଯୁକ୍ତି ପାଇ ସେଠାରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସାର୍ଟିଫିକେଟ୍ ବ୍ୟବହାର କରିଥିବା ଉଭୟ ମହିଳାଙ୍କ ନାମରେ କିଛିଟା ସାମଞ୍ଜସ୍ୟ ରହିଛି। ସୂଚନା ଅଧିକାର ଆଇନ ବଳରେ ଘଟଣାଟି ଲୋକଲୋଚନକୁ ଆସିଥିବାବେଳେ ଏ ନେଇ ପ୍ରଶାସନ ପାଖରେ ଅଭିଯୋଗ ହୋଇଛି। ତେବେ ଏହି ଘଟଣା ଉପରେ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଦେଖିବାକୁ ବାକିରହିଛି।

## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨

## ଡ୍ରେନ ଭିତରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ପଦ୍ମପୁର,୧୪।୧୨(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଏନଏସିର ୱାର୍ଡ଼ ନଂ–୬ ଶାସ୍ତ୍ରୀଛକ ନିକଟ ବଡ଼ପଡ଼ା ପାଖରେ ଥିବା ଏକ ଡ୍ରେନରୁ ଶନିବାର ଅଖାରେ ଭର୍ତ୍ତି ହୋଇଥିବା ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି । ତାକୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ରଖାଯାଇଛି। ରବିବାର ଶିଶୁକନ୍ୟାକୁ ଜିଲା ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ଭୋର୍ ସମୟରେ ସ୍ଥାନୀୟ ଗ୍ରାମର ଶମ୍ଭୁ ଧରୁଆ ନିତ୍ୟକର୍ମ ପାଇଁ ବାହାରକୁ ଯାଇଥିଲେ। ସେ ରାସ୍ତା କଡରେ ଥିବା ଡ୍ରେନ ଭିତରୁ ଶିଶୁର କାନ୍ଦ ଶୁଣି ସେଠାକୁ ଯାଇଥିଲେ ଏବଂ ସେହି ଡ୍ରେନ ଭିତରେ ପ୍ଲାଷ୍ଟିକ ଅଖା ଭିତରେ ଶିଶୁଟି କାନ୍ଦୁଥିବା ଜାଣିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କୁ ସେ ଘଟଣା ସମ୍ପର୍କରେ କହିଥିଲେ ଏବଂ ପରେ ତାକୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଶିଶୁକନ୍ୟାଟି କାହାର ଏବଂ କେଉଁ ପରିସ୍ଥିତିରେ ତାକୁ ଡ୍ରେନ ଭିତରକୁ ଅଖାରେ ଭର୍ତ୍ତି କରି ଫିଙ୍ଗି ଦିଆଯାଇଥିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ ।

## ଫଟୋରେ ଖବର



ସମ୍ବଲପୁର କଳା ପରିଷଦଠାରେ ଶନିବାର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଦର୍ଶକ ବୁଲି ଦେଖୁଛନ୍ତି।

## ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ–୨୦୧୯

# ତୃତୀୟ ଦିନରେ ସଇଁତଲା ଏକାଦଶ ବିଜୟୀ

**ସିନାପାଲି,୧୪।୧୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ରାଜୀବ ଖେଳପଡ଼ିଆଠାରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ–୨୦୧୯ର ଶନିବାର ତୃତୀୟ ଦିବସରେ ଛତିଶଗଡ଼ ରାଜ୍ୟ ଦେଭୋଗ ଏକାଦଶ ଏବଂ ସଇଁତଲା ଏକାଦଶ ମଧ୍ୟରେ ମ୍ୟାଚ ହୋଇଥିଲା। ଦେଭୋଗ ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ସଇଁତଲା ଏକାଦଶ ୧୨.୨ ଓଭରରେ ୪ ଉଇକେଟ ହରାଇ ୧୩୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସଇଁତଲା ଏକାଦଶର ଅଲ୍‌ରାଉଣ୍ଡର ରୋମିଓ ୪ ଓଭରରେ ୧ ମେଡେନ ଓଭର ଦେଇ ୨.୨୫ ହାରରେ ୯ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଶନିବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ନୂଆପଡ଼ା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ସନ୍ତୋଷିନୀ ସାଲମା, ସିନାପାଲି ବ୍ଲକ ଉପାଧ୍ୟକ୍ଷ ସୁବାସ ଅଗ୍ରୱାଲ, ନୂଆପଡା ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାଏକ, କରଣବାହାଲି ସରପଞ୍ଚ ପୁଷ୍ପାଞ୍ଜଳି ଗୁଆ, ସିଙ୍ଗଝର ସରପଞ୍ଚ ରୀନା ବୈଠାରୁ, ସମିତି ସଭ୍ୟା ରତ୍ନମଣି ଖର୍ସେଲ, ଚନ୍ଦ୍ରଧ୍ୱଜ ବୈଠାରୁ, ଦେବାର୍ଚ୍ଚନ ବୈଠାରୁ, ହୀରାଧର ନାଏକ ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଭାବେ ମାନସ ରଞ୍ଜନ କଶ୍ୟପ, ଦେବେନ୍ଦ୍ର ନାଏକ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ମକରଧ୍ୱଜ ବୈଠାରୁ ଦାୟିତ୍ୱ ନିର୍ବାହ କରିଥିଲେ। ତେଜରାଜ ଠାକୁର, ବିଜୟ କୁମାର ସେଠୀ ଓ ଉଚେଶ୍ୱର ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାରକା ପଡିଆ ଉନ୍ନତୀ କରଣ ନେଇ ପ୍ରତିଶ୍ରୁତି ଦେଇଥିଲେ।



ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟର ଶନିବାର ତୃତୀୟ ଦିନରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଯୁବକଙ୍କୁ ଲୁହାରେ ପିଟି ହତ୍ୟା

**ବରପାଲି, ୧୪।୧୨ (ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ଜଗନ୍ନାଥନଗର ମାଷ୍ଟର କଲୋନୀରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। କେହି ଦୁର୍ବୃତ୍ତ କଲୋନୀର ଏକ ଖୋଲା ପଡିଆରେ ଜଣେ ଯୁବକଙ୍କୁ ଲୁହା ନଳାରେ ପିଟି ହତ୍ୟା କରିଛନ୍ତି। ମୃତ ଯୁବକଙ୍କ ପରିଚୟ ଜଣାପଡିନାହିଁ। ଖବର ପାଇ ଶନିବାର ସକାଳେ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି। ଏହାସହ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହାୟତାରେ ତଦନ୍ତ କରିଥିଲେ ମଧ୍ୟ କିଛି ସୁରାକ ମିଳିପାରିନାହିଁ। ଏ ସମ୍ପର୍କରେ ବରପାଲି ଥାନାରେ ଏକ ହତ୍ୟା ମାମଲା (ନଂ.୩୦୦/୧୯) ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ରୋଜାଲିନ ପଟେଲ କହିଛନ୍ତି।



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।



ଅମ୍ବିକା ଅଞ୍ଜଳୀ ସିଂ
ସରପଞ୍ଚ ଏଣ୍ଡର ଗ୍ରାମପଞ୍ଚାୟତ, ଡେରାବିଶ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

ସୁଖଦେବ ବେହେରା
ସରପଞ୍ଚ ବାରିମୂଳ ଗ୍ରାମ ପଞ୍ଚାୟତ, ଡେରାବିଶ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।

ପ୍ରଭାତି ରାଉତ
ସରପଞ୍ଚ ଗୋଲରାହାଟ ଗ୍ରାମପଞ୍ଚାୟତ, ଡେରାବିଶ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।



ବନମାଳୀ ଦାସ
ପ୍ରଧାନ ଶିକ୍ଷକ, ମସିଗାଁ ମଙ୍ଗଳ ବିଭାଗ ବିଦ୍ୟାଳୟ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।



ବିଜୟ କୁମାର ସାହୁ
ପ୍ରଧାନୀପୁଟ ସେବାଶ୍ରମ

With Best Compliments....
ASWINI SAHOO
PROP : ANANYA
Uniforms & Bags
Barabhuja Market G-44
Khandagiri, Bhubaneswar

୪୬ବର୍ଷ ପୂର୍ବେ ଜନ୍ମ ହୋଇ ନିର୍ଭୀକ, ନିରପେକ୍ଷ ସତ୍ୟ ଖବର ପରିବେଷଣ କରୁଥିବାରୁ ଧରିତ୍ରୀ ପରିବାର ଓ ଅଗଣିତ ପାଠିକା/ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସବୁବେଳେ ଏହିଭଳି ଖବର ପରିବେଷଣ ଜାରି ରଖିବା ନିମନ୍ତେ ଧରିତ୍ରୀ ପରିବାରକୁ ସାହାସ ପ୍ରଦାନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।



ପ୍ରବାସିନୀ ଦେଇ
ଅବସରପ୍ରାପ୍ତ, ପ୍ରଧାନ ଶିକ୍ଷୟିତ୍ରୀ, ସାମାଜିକ କର୍ମୀ
କୁହା, ଜଟଣୀ, ଖୋର୍ଦ୍ଧା



ସାରଙ୍ଗଧର ସେନାପତି
ଅଧ୍ୟକ୍ଷ, ଧରଣୀଧର ଚାରିଟେବଲ୍ ଟ୍ରଷ୍ଟ, ସଭାପତି, ମୋ ସ୍କୁଲ ଅଭିଯାନ କ୍ଷେତ୍ରପାଳି ସରକାରୀ ଉଚ୍ଚ ବିଦ୍ୟାଳୟ, କୁହା, ଜଟଣୀ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।



ସନ୍ତୋଷ କୁମାର ସାହୁ
ପରିଚାଳନା ନିର୍ଦ୍ଦେଶକ
କୁନ୍ଦୁରା ଲ୍ୟାମ୍ପ୍ସ

ମହେଶ୍ୱର ପେଣ୍ଡିଆ
ସଭାପତି
କୁନ୍ଦୁରା ଲ୍ୟାମ୍ପ୍ସ

With Best Compliments....



ASHIS KU. RATHA
M.D. A.K. TRADERS
Gudiapokhari, Pipili,
Puri

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଡିସେମ୍ବର ୧୫/୨୦୧୯ Sambalpur, Sunday, December 15 / 2019




ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




# ହାତୀ ଆକ୍ରମଣରେ ଜଣେ ମୃତ

**ସୁନ୍ଦରଗଡ଼/ବାଲିଶଙ୍କରା,୧୪।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଉଜ୍ଜ୍ୱଳପୁର ବନ ରେଞ୍ଜ କିଞ୍ଜିରିକେଲା ସେକ୍ସନ ଅନ୍ତର୍ଗତ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ କେନ୍ଦୁଡିହି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପରିକ୍ଷିତ ଗହୀର (୪୬)। ଶୁକ୍ରବାର ବିଳମ୍ବିତ ରାତିରେ ସେ ଘରୁ ପଦାକୁ ଯାଇଥିଲେ। ଏହି ସମୟରେ ଗାଁ ପାଖ ରାସ୍ତାଦେଇ ହାତୀପଲ ଯାଉଥିଲେ। ପରିକ୍ଷିତ ହଠାତ୍ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ସେ ଭୟଭୀତ ହୋଇ ଘର ଭିତରକୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଏକ ଦନ୍ତା ତାଙ୍କୁ ଶୁଣ୍ଢରେ ଧରି କଚାଡି ମାରି ଦେଇଥିଲା। ଶନିବାର ସକାଳେ କିଞ୍ଜିରିକେଲା ଥାନା ପୋଲିସ ଓ ସୁନ୍ଦରଗଡ ବନଖଣ୍ଡ ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା, କିଞ୍ଜିରିକେଲା ଫରେଷ୍ଟର ଅଶ୍ୱିନୀ ପଟେଲ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରିସ୍ଥିତି ଅନୁଧ୍ୟାନ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ବନ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ୪ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସହକାରୀ ବନସଂରକ୍ଷକ ବେହେରା ପ୍ରକାଶ କରିଛନ୍ତି।


ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୫୩ ମାମଲା ଫଇସଲା, ୧୨.୭୬ ଲକ୍ଷ ଆଦାୟ

**ସୋନପୁର,୧୪।୧୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଜଜ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାଜଜ୍ ଅରୁଣ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜମିଜମା, ଫୌଜଦାରୀ, ମୋଟର ଯାନ ଦୁର୍ଘଟଣା, ରାଜସ୍ୱ, ବୈବାହିକ ଓ ବିଭିନ୍ନ ବ୍ୟାଙ୍କ ସଂକ୍ରାନ୍ତୀୟ ମୋଟ ୨୪୬୯ଟି ମାମଲା ମଧ୍ୟରୁ ୫୩ଟି ମାମଲାର ଫଇସଲା କରାଯାଇଛି। ଏ ବାବଦରେ ମୋଟ ୧୨ ଲକ୍ଷ ୭୬ ହଜାର ୨୪୯ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲାଜଜ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ସିନିୟର ସିଭିଲ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରତ୍ୟାଶା ରାୟ, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, କିର୍ତ୍ତି ରଞ୍ଜନ ଘଡେଇ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ପ୍ରଦୀପ କୁମାର ହୋତା, ପ୍ରକାଶ କୁମାର ରଥ, ଶରତ ଚନ୍ଦ୍ର ଭୋଇ, ଅଟଳ ବିହାରୀ ମହାପାତ୍ର, ଅଦ୍ୱୈତ କୁମାର ପଣ୍ଡା, ସତ୍ୟ ନାରାୟଣ ମିଶ୍ର ଓ ପ୍ରଦୀପ କୁମାର ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ।

### କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ସୋନପୁର-ପାନସିଆଲି ଫାଇନାଲ ମୁକାବିଲା

**ଅମରପାଲି, ୧୪।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଲପୁରଠାରେ ଚାଲିଥିବା ୧୧ତମ କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଭୟ ସେମିଫାଇନାଲ ଖେଳ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ହିଲୁଙ୍ଗକୁ ହରାଇ ସୋନପୁର ଏବଂ ଦ୍ୱିତୀୟ ସେମିଫାଇନାଲରେ ବାଗବରକୁ ହରାଇ ପାନସିଆଲି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୯୧ ରନ କରିଥିଲା। ଜବାବରେ ହିଲୁଙ୍ଗ ଦଳ ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ପାନସିଆଲି ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୧୩ ରନ କରିଥିଲା। ଜବାବରେ ବାଗବର ୫ ଉଇକେଟ ହରାଇ ୯୨ ରନ କରି ପରାସ୍ତ ହୋଇଥିଲା। ରବିବାର ସୋନପୁର ଓ ପାନସିଆଲି ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଉଭୟ ମ୍ୟାଚରେ ବାବୁଲାଲ କଲତା, ଆଶୁତୋଷ ମେହେର ଓ ଗଣେଶ ମେହେର ଅମ୍ପାୟାର, ରାଜେନ୍ଦ୍ର ଜଗଦ, ସରୋଜ ସାହୁ ସ୍କୋରିଂ ଏବଂ ସିଟିକଣ୍ଠ ଚାନ୍ଦ, ହିମାଂଶୁ ଶେଖର ଖମାରୀ ଓ ବିଶ୍ୱରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଶକ୍ତି ସଂରକ୍ଷଣ ଦିବସ ପାଳିତ

**ବଙ୍ଗୋମୁଣ୍ଡା, ୧୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶକ୍ତି ସଂରକ୍ଷଣ ଉପରେ ଏକ ସଚେତନତା ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶକ୍ତି ସଂରକ୍ଷଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସଚାତନତାର ବାର୍ତ୍ତା ବାଣ୍ଟିଥିଲେ। ଶିକ୍ଷୟିତ୍ରୀ ଲୋକନାଥ ମେହେରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୃଦୟବାନ ଛତିଆ, ଶିକ୍ଷୟିତ୍ରି ବନିତା ଜେଠୀ, ମୋତି ମଞ୍ଜରୀ ପଧାନ, ଅସିସଦେବ ସା ପ୍ରମୁଖ କାର୍ଯକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ଚନ୍ଦ୍ରିକାଙ୍କର ଅଁଟାରେ ଆବୁ ଘଟନା

# ସାହାଯ୍ୟର ହାତ୍ ବଢ଼ାଲା ସ୍ୱାସ୍ଥ୍ୟ ବିଭାଗ

**ଅମରପାଲି, ୧୪।୧୨ (ଡି.ଏନ୍.ଏ.)**

ଧରିତ୍ରୀ ପ୍ରଭାବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଉଫୁଲା ଗାଁର ରୋହନ ରାଜହଂସ ଆର ଦ୍ରୌପଦୀଙ୍କର ଝିଁ ଚନ୍ଦ୍ରିକା ରାଜହଂସ(୫)। ତାକର ଅଁଟାରେ ଗୁଟେ ଆବୁ ବଢ଼ତେଲ ଯାଉଛେ। ହେଲେ ଟଁକା ପଏସା ଅଭାବୁ ମା'ବାପ୍ ଚିକିଛା କରେଇ ନାଇଁପାରୁଥାଇ। ଇ ବାବ୍‌ଦେ ଡିସେମ୍ବର ୨ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଚନ୍ଦ୍ରିକାଙ୍କର ଅଁଟାରେ ବଢ଼ୁଛେ ଆବୁ, ସରକାରୀ ଚିକିଛା ସାହାଯ୍ ଆଶ୍‌ରେ ମା'ବାପ୍' ଶୀର୍ଷକରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା। ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ତରଫୁ ଚନ୍ଦ୍ରିକାକୁଁ ଚିକିଛା ଲାଗି କଟକ ବଡ଼ ଡାକ୍ତରଖାନା ନିଆଯାଇଛେ।

ପୂରବର ସୂଚନା ହିସାବେ ଉଫୁଲା ଗାଁର ରୋହନ ରାଜହଂସଙ୍କର ପରିବାର କହେଲେ ମାଏକିନା ଦ୍ରୌପଦୀ ଆର ଝିଁ ଚନ୍ଦ୍ରିକାକେ ନେଇ ସଁସାର। ପରିବାରଟା ନିହାତି ଗରିବ, ଜମିବାଡ଼ି ବଲି କିଛି ନାଇଁ। ରୋହନ କୁଲିମଜୁରି କରି କୁଟୁମ ପୁଷୁଛନ୍। ଏନ୍‌ତାଥି ସେ ଲାଗ୍‌ବରମସ କରି ଚନ୍ଦ୍ରିକାକେ ଚିକିଛା ଲାଗି ବୁର୍ଲା, କଟକ ନେଇଥିଲେ। ହେଲେ ଟଁକା ପଏସା ଅଭାବୁ ସେ ଝିଁର ଉଚ ଚିକିଛା କରେଇ ନାଇଁପାରୁଥାଇ। ଏନ୍‌ତାଥି ଚନ୍ଦ୍ରିକାଁର ଅଁଟାର ଆବୁ ଦିନୁଦିନ୍‌କେ ବଢ଼ତେଲ ଯାଉଥିଲା। ଇଆଡ଼େ ଚନ୍ଦ୍ରିକାକେ ୫ ବଛର ହେଇଥିଲେ ବି ସେ ଚାଲ୍‌ବୁଲ କି ଠିଆ ହେଇ ନାଇଁ ପାରୁଥାଇ। ରୋହନଙ୍କର ସ୍ୱାସ୍ଥ୍ୟ କାର୍ଡ ଥିଲେ ବି ସେଟା କାମେ ନାଇଁ ଲାଗିପାରୁଥାଇ। ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲାରୁ ସ୍ୱାସ୍ଥ୍ୟ ବିଭାଗ ଇ ଦୁଖି ପରିବାର ଉପରେ ଦୃଷ୍ଟି ଦେଇଥିଲା। ବିଭାଗ ତରଫୁ ଶନିବାର ତାହାକୁ କଟକ ବଡ଼ ଡାକ୍ତରଖାନା ନ୍ୟୁରୋଲୋଜି ବିଭାଗରେ ଭରତି କରାଯାଇଛେ। ଇ ସାହାଯ୍ ଲାଗି ଚନ୍ଦ୍ରିକାଙ୍କର ମା'ବାପ୍ କୁରୁତ୍ କୁରୁତ୍ ହେଇ ଧରିତ୍ରୀକେ ଧଏନ୍‌ବାଦ ଦେଇଛନ୍।



କଟକ ବଡ଼ ଡାକ୍ତରଖାନାରେ ମା'ର ସଂଗେ ଚନ୍ଦ୍ରିକା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ୍ୟ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଲିଆ ବୋଇଲା ପାଟଳାରେ**
**ଦେଖ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି।**

ଖଲିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖାଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା'ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବ୍ଲକସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

**ଅମରପାଲି, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ମୁଖ୍ୟଅତିଥି, ଖଣ୍ଡହତା ହାଇସ୍କୁଲର ପ୍ରଧାନଶିକ୍ଷକ ଅଖୋଜ କୁମାର ପଧାନ ସମ୍ମାନୀତ ଅତିଥି ଏବଂ ସନ୍ତୋଷ କୁମାର ରଥ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ, ନୃତ୍ୟ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗୀତା ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଆସନ୍ତା ୨୧ତାରିଖରେ ବିନିକା ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବାକୁ ମନୋନୀତ କରାଯାଇଥିଲା।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ତରଭା ଧନୁଯାତ୍ରା ପ୍ରସ୍ତୁତି ବୈଠକ

**ତରଭା, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଧନୁଯାତ୍ରା ମହୋତ୍ସବ ଜାନୁୟାରୀ ୨ରୁ ୧୦ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ପଞ୍ଚମ ପ୍ରସ୍ତୁତି ବୈଠକ କାର୍ଯ୍ୟକାରୀ ସଭାପତି ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉପସ୍ଥିତିରେ ସଂଯୋଜକ ମାନଭଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଧନଦୁଯାତ୍ରାକୁ ଶୃଙ୍ଖଳିତ ଓ ଆକର୍ଷଣୀୟ କରିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ହରିବନ୍ଧୁ ପାଣିଗ୍ରାହୀ, ଶୈଳେନ୍ଦ୍ର ସାହୁ, ଜୟପ୍ରକାଶ ନାରାୟଣ ସାହୁ, ଅଜିତ ମେହେର, ଧିରୋଜ ଷଡଙ୍ଗୀ, ଗଗନ ଅଗ୍ରୱାଲ, ସୁବାଷ ସେଠୀ, ସୂର୍ଯ୍ୟନାରାୟଣ ସାହୁ, ସୁରେନ୍ଦ୍ର ଦଳବେହେରା, ଆକାଶ ସାହୁ, ଗୋବିନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

## ଡୁମାଲ ଯୁବ ପରିଷଦର ସାଧାରଣ ବୈଠକ

**ଅମରପାଲି, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରିସଦନଠାରେ ଉପଖଣ୍ଡସ୍ତରୀୟ ଡୁମାଲ ଯୁବ ପରିଷଦର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଳୟ କୁମାର ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସଭାପତି ସମିତି ମହାକୁର, ସମ୍ପାଦକ ସଞ୍ଜିବ ଦେହୁରୀ, ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ସ୍ୱୟମ୍ଭୁନାଥ ଖଣ୍ଡଗିରି, ସାମାଜିକ କର୍ମୀ ମୀନକେତନ ମହାକୁର ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ସଭା ପ୍ରାରମ୍ଭରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅବକାରୀ କନଷ୍ଟେବଳ ନନ୍ଦ କର୍ମୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋକବ୍ୟକ୍ତ କରାଯାଇଥିଲା। ଏହି ଅବସରରେ ନବନିଯୁକ୍ତ ବୀରମହାରାଜପୁର ଆତ୍ମାର ଅଧ୍ୟକ୍ଷ ଆଲୋକ ଦେହେରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଆଗାମୀ ଫେବୃୟାରୀରେ କଳାପଥରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଡୁମାଲ ଯୁବ ସମାବେଶର ପ୍ରସ୍ତୁତି ପାଇଁ ବିଶଦ ଆଲୋଚନା ହୋଇଥିଲା। ପରିଷଦର କର୍ମକର୍ତ୍ତାମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ଜନସମ୍ପର୍କ ଅଭିଯାନ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଗଲା। ଶେଷରେ ଭଗବାନ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟନାରାୟଣ ମହାକୁର, ଶଙ୍କର୍ଷଣ କମ୍ପ, ଦୟାସାଗର ମେଣ୍ଡିଲି, ରମେଶ ଦେହୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୃଷକ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଅମରପାଲି,୧୪।୧୨ (ଡି.ଏନ.ଏ.)**

**ତାଲିମ ନେଲେ ୩୫୦ଚାଷୀ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା, କେଞ୍ଜିରିଆପାଲି, ଜଟେସିଂହା ଓ ମୁର୍ଚ୍ଛୁଣ୍ଡୀ ପଞ୍ଚାୟତରେ ଚାଲିଥିବା କୃଷକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ୩୫୦ଜଣ ଚାଷୀ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ଖଣ୍ଡହତା ପଞ୍ଚାୟତର ଅଡାଲ ଓ ବରଘାଟ, କେଞ୍ଜିରିଆପାଲି, ମୁର୍ଚ୍ଛୁଣ୍ଡୀ ପଞ୍ଚାୟତର ଗୋପପାଲି, ଜଟେସିଂହା ପଞ୍ଚାୟତର ଚନ୍ଦଲି, ମୁଣ୍ଡିଜମକ ଓ କେଉଟିପାଲି ଗ୍ରାମରେ ତାଲିମ ଶିବିର ହୋଇଥିଲା। ୩ ଦିନରେ ୭ଟି ସ୍ଥାନରେ ହୋଇଥିବା ଶିବିରରେ ୫୦ଜଣ ଲେଖାଏଁ ଚାଷୀ ତାଲିମ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଜେନା, କପା ବିଶେଷଜ୍ଞ ସୋମନାଥ ମହାପାତ୍ର, ସହକାରୀ କୃଷି ଅଧିକାରୀ ଲଳିତ କୁମାର ସାହୁ, ଜିଲାମାନ ନିୟନ୍ତ୍ରଣ ଅଧିକାରିଣୀ ସୁଶ୍ରୀସ୍ମିତା ପଣ୍ଡା, ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ତୁଷାର ରଞ୍ଜନ ମିଶ୍ର, ସୁଜାତା ପାତ୍ର, କାଳିନ୍ଦୀ ପରିଡା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ। କପା ଫସଲର ପରିଚାଳନା ଓ ବିକ୍ରି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ କୃଷକସାଥୀ ସହଯୋଗ କରିଥିଲେ।



ଗୋପପାଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

## ଦିଅର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର

**ଉଲୁଣ୍ଡା, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ରାଧାନଗର ଗ୍ରାମରେ ଦିଅରର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ଭାଉଜ ତପ ମିର୍ଦ୍ଧାଙ୍କୁ ସୋନପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୫ଟି ଷ୍ଟିଜ ପଡିଛି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଉଲୁଣ୍ଡା ଥାନରେ ଶୁକ୍ରବାର ଏକ ମାମଲା (ନଂ. ୧୦୯/୧୯)ରୁଜୁ ହୋଇଛି। ଅଭିଯୁକ୍ତ ଦିଅ ଝାରୁ ମୁଣ୍ଡାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ ପୂର୍ବରୁ ଉଭୟ ପରିବାର ଭିତରେ ଜମିବାଡିକୁ ନେଇ ବିବାଦ ଥିଲା। ଗୁରୁବାର ରାତି ପ୍ରାୟ ୮ଟାରେ ନିଜ ସ୍ତ୍ରୀ ମହାଦେଇଙ୍କ ଜରିଆରେ ଭାଉଜ ତପଙ୍କୁ ଘରକୁ ଡାକିଥିଲେ ଝାରୁ। କଥାରକ୍ଷା କରି ତପ ତାଙ୍କ ଘରକୁ ଆସିଥିବା ବେଳେ ଝାରୁ ତାଙ୍କୁ ଅତର୍କିତ ଭାବେ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ।



ସଚେତନତା କାର୍ଯ୍ୟକ୍ରମ ବିଶ୍ୱାସରେ ଉପସ୍ଥିତ ମଞ୍ଚାସୀନ ଅତିଥିମାନେ।

## ତୁଳସୀପୁରରେ ସଚେତନତା କାର୍ଯ୍ୟକ୍ରମ ବିଶ୍ୱାସ

**ଅମରପାଲି, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡାହତା ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ବିଶ୍ୱାସର ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀ ଉତ୍ସାହିତ ଦିବସ ପାଳିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ସଭାପତି ଆରତୀ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ବିଶ୍ୱାଳ ମୁଖ୍ୟଅତିଥି, ସ୍ଥାନୀୟ ପ୍ରଧାନଶିକ୍ଷକ ମହେନ୍ଦ୍ର ବିଶ୍ୱାଳ ଓ ସହଯୋଗୀ ଶିକ୍ଷକ ଗୁପ୍ତେଶ୍ୱର ନନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଏକ ସୁସ୍ଥ ସମାଜ ଗଠନ ପାଇଁ ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ସହ ଉତ୍ତମ ଜୀବନଶୈଳୀ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ମହିଳା, ପୁରୁଷ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଗାଁ ସ୍ୱାସ୍ଥ୍ୟ ସମୀକ୍ଷକ ରାଜକୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଙ୍ଗନୱାଡି କର୍ମୀ ଅଞ୍ଜଳି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ-ଅଭିଭାବକ ବୈଠକ

**ତରଭା, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଭିଭାବକ ଅଭିଭାବିକା ସଂଘ ସଭାପତି ପୂର୍ଣ୍ଣିମା ଝାଙ୍କର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକା ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି ବୈଠକରେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ଉପସ୍ଥାନ ବୃଦ୍ଧି, ଶିକ୍ଷଣ ଦକ୍ଷତା ବୃଦ୍ଧି, ଗତ ଅର୍ଦ୍ଧବାର୍ଷିକ ପରୀକ୍ଷା ଫଳାଫଳ ଉପରେ ବିଶ୍ଳେଷଣ, ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟର ପରିମଳ ବ୍ୟବସ୍ଥା, ମୋ ସ୍କୁଲ ଅଭିଯାନ, ଗତ ଅଗଷ୍ଟ ୧୩ ତାରିଖ ବନ୍ୟା ଦ୍ୱାରା ସ୍କୁଲର କ୍ଷୟକ୍ଷତି ହେବା ସହ ସ୍କୁଲର ପାଚେରୀ ଭାଙ୍ଗିଯାଇଥିବାରୁ ନୂତନ ପାଚେରି ନିର୍ମାଣ ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷକ ସଞ୍ଜିବ ସେଠୀ, ଶିକ୍ଷୟତ୍ରୀ ସୀତାଞ୍ଜଳୀ ପଟ୍ଟନାୟକ, ସଙ୍ଗୀତା ବାବୁ ଅଭିଭାବକମାନଙ୍କୁ ବିଦ୍ୟାର୍ଥୀଙ୍କ ଉପସ୍ଥାନ ବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ମୋ ସ୍କୁଲ ଅଭିଯାନ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।

ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ |

## ମରାଲୋଏ, କୁତାମୁଣ୍ଡା ଯୁଗ୍ମବିଜେତା

**ଉଲୁଣ୍ଡା, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲସ୍ତଲା ମା' ମାହେଶ୍ୱରୀ ଫୁଟବଲ କ୍ଲବ ତରଫରୁ ୧୬ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଫାଇନାଲ ଖେଳ ଆଲୋକ ଯୋଗୁଁ ବାଧାପ୍ରାପ୍ତ ହେବାରୁ ମରାଲୋଏ ଏବଂ କୁତାମୁଣ୍ଡା ଉଭୟ ଦଳକୁ ଯୁଗ୍ମବିଜେତା ଭାବେ ପୁରସ୍କୃତ କରାଯାଇଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚରେ କୁତାମୁଣ୍ଡା ଦଳ ଲସ୍ତଲାକୁ ୨-୧, ତୁରିପଡା ଦଳ ବ୍ରାହ୍ମଣିପାଲିକୁ ୧-୦, ପୋଢଟିକିରା ଦଳ ଝାରବାହାଲିକୁ ୧-୦ ଏବଂ ମରାଲୋଏ ଦଳ ଉଲୁଣ୍ଡାକୁ ୨-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମିଫାଇନାଲରେ କୁତାମୁଣ୍ଡା ଦଳ ତୁରିପଡାକୁ ୧-୦ ଏବଂ ଦ୍ୱିତୀୟ ସେମିରେ ମରାଲୋଏ ଦଳ ପୋଢଟିକରାକୁ ୧-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ମରାଲୋଏ ଏବଂ କୁତମେଣ୍ଡା ଦଳ ମଧ୍ୟରେ ଫାଇନାଲ ଖେଳ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିଥିଲା। ଆଲୋକ ଅଭାବରୁ ଟାଇବ୍ରେକର ସମ୍ଭବ ହୋଇପାରି ନ ଥିବାରୁ ରେଫରୀ ଉଭୟ ଦଳକୁ ଯୁଗ୍ମବିଜେତା ଘୋଷଣା କରିଥିଲେ। ଖେଳ ସବୁକୁ ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର ଓ ସୁରଟି ଦୀପ ପରିଚାଳନା କରିଥିଲେ। ଏହି ଅବସରରେ ସଭାପତି ସୁଜ୍ଞାନ ନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ରାଘବ ବେଲଘରିଆଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଭୋଇ, ସ୍ଥାନୀୟ ସରପଞ୍ଚ ଦୀପାଳୀ ସେଠୀ, ଦିଲ୍ଲିପ ପୂଜାହାରୀ, ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଦଳଙ୍କୁ ଟ୍ରଫି ସହ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ କୁନ୍ଦରୁ ଭୋଇ ଓ ମ୍ୟାନ ଅଫ ଦି ସିରିଜ ଭାବେ ମନୋଜ ପାଣ୍ଡେଙ୍କୁ ପୁରସ୍କୃତ କରାଯାଇଥିଲା।



ଫାଇନାଲ ମ୍ୟାଚରେ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୧୫ ଡିସେମ୍ବର, ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ

ଘଣ୍ଟାପଡା, ୧୪।୧୨ (ଡି.ଏନ.ଏ) କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନ ରେକଡୋଲ ତଳିପଡା ଗ୍ରାମର ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ୧୨ ବର୍ଷ ମାନସିକ ଲକ୍ଷ୍ମୀପୁରାଣ ପୂଜା ଓ ନାଟକ ପୂର୍ତ୍ତି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶୀର ମାସର ଶେଷ ଗୁରୁବାର ମାଣବସା ପୂଜା ପରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇ ଶନିବାର ପୂର୍ଣ୍ଣାହୁତି ହୋଇଛି। ଘଣ୍ଟାପଡା ସ୍ଥିତ ଯୋଗେଶ୍ୱର ବାବାଙ୍କଠାରୁ ଆଜ୍ଞାମାଳ ନେଇ ନାମାରମ୍ଭ କରାଯାଇଥିଲା। ଏଥିରେ ୯ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ମନୋରଞ୍ଜନ ପାତ୍ର ଓ ସୀତାଞ୍ଜଳି କର୍ତ୍ତା ଏବଂ ଯଜ୍ଞାଚାର୍ଯ୍ୟ ଭାବେ ସୁରେନ୍ଦ୍ର ମିଶ୍ର ପୂଜାକାର୍ଯ୍ୟ କରିଥିଲେ।କମିଟି ସଭାପତି ପୁରନ୍ଦର ମହାକୁଡ ଓ ସମ୍ପାଦକ ହେମନ୍ତ ଭୋଇଙ୍କ ନେତୃତ୍ୱରେ ଚିତ୍ତରଞ୍ଜନ ପାତ୍ର, ଦେବଲୋଚନ କନ୍ହର, ଜଗତରାମ ରଣା, ମଣ୍ଟୁ ଡାଙ୍ଗ, ଗୁଣନିଧି କନ୍ହର, ସାନୁର୍ଯ୍ୟ ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ ।

■ ସ୍ୱଚ୍ଛ ଭାରତ ମିଶନ ବାଟ୍‌ବନା

# ପାଇଖାନା ବିଲ୍ ଲାଗି ହଟ୍‌ହଟା ହିତାଧିକାରୀ

- ହଲ୍‌କା କାମ୍, ୩ ମାସେ ଭାଂଗିଗଲା ପାଇଖାନା
- ହିତାଧିକାରୀଙ୍କର ଅଜାନ୍‌ତେ ଟଁକା ଉଠେଇ ନେଲେ
- ଭିଜିଲାନ୍ସ ତଦଁନ୍ ଦାବି କଲେ ହିତାଧିକାରୀ

ଅତାବିରା, ୧୪।୧୨ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍‌ରେ ସ୍ୱଚ୍ଛଭାରତ ମିଶନ ବାଟ୍‌ବନା ହେଇଛେ। ହିତାଧିକାରୀ ନିଜେ ପାଇଖାନା ତିଆର କରିଥିଲେ ବି ଦାଇତିଅରେ ଥିବାର ଠିକାଦାର ବିଲ୍ ଟଁକା ଉଠେଇ ନେଇଥିବାର ଘଟନା ନଜରକେ ଆସିଛେ।

ସୂଚନା ହିସାବେ ଦେଶଭଟିଲି ଗାଁର ଦାମୋଦର ସେଣ ସ୍ୱଚ୍ଛଭାରତ ମିଶନରେ ପାଇଖାନା ତିଆର କରିଥିଲେ। ହେଲେ ପାଇଖାନା ତିଆର ଦାଇତିଅରେ ଥିବାର ଠିକାଦାର ବିଲ୍ ଲାଗି ତାକରନୁ ଆଧାର କାର୍ଡ, ଭୋଟ ପରିଚଏପତର ଆଦି ନେଇଥିଲେ। ପଛେ ଦାମୋଦର ତାକର ଅଜାନ୍‌ତେ ବିଲ୍ ଉଠେଇ ନିଆଯାଇଥିବାର ଜାନ୍‌ବାକେ ପାଇଥିଲେ। ସେ ଇ ବାବ୍‌ଦେ ସେପ୍ଟେମ୍ବର ୬ ତାରିଖ ଭେଡ଼େନ ବ୍ଲକରେ ଲିଖିତ ଭାବେ ଜନେଇଛନ୍। ହେଲେ ଏଭ୍‌ତକ ତାହାକୁ ପାଇଖାନା ବିଲ୍ ବାବ୍‌ଦେ ଟଁକା ନାଇଁ ମିଳିପାରି। ସେନ୍‌ତା ଦେଶଭଟିଲି ପଁଚେତ୍‌ରେ ଠିକାଦାର ଜରିଆରେ ତିଆର ହେଇଥିବାର ପାଇଖାନାମାନ ଅତି ହଲ୍‌କା କାମ୍ ହେଇଛେ। ଯେନ୍‌ଥିରଲାଗି ଲୋକ୍ ପାଇଖାନା ଭେବାର କରି ନାଇଁ ପାରବାର। ଅନେକ ହିତାଧିକାରୀଙ୍କର ପାଇଖାନା ତିଆର ହେବାର ୩ ମାସ୍ ନାଇଁ ପୂରୁନୁ ଭାଂଗି କଲାନ। ହଲ୍‌କା କାମ୍ ଲାଗି ଉଦେପୁର ଗାଁର ଦୟାସାଗର ମିର୍ଦ୍ଧା, କର୍ପୂର ମିର୍ଦ୍ଧାଙ୍କର ପାଇଖାନା ଭାଂଗିଯାଇଛେ। ପାଇଖାନା ତିଆରିରେ ହେଇଥିବାର ଗଫ୍‌ଲତି ଉପରେ ଭିଜିଲାନ୍ସ ତଦଁତ୍ କରବାକେ ହିତାଧିକାରୀ ଦାମୋଦର ସେଣ, ମାନସ ଦନ୍ତା, ଦୟାସାଗର ମିର୍ଦ୍ଧା ଦାବି କରିଛନ୍। ଇ ବାବ୍‌ଦେ ବିଡିଓ ମୁରଲୀଧର ନାୟକଙ୍କୁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ



ହିତାଧିକାରୀ ଦାମୋଦର ସେଣ ଅଭିଯୋଗପତର ଦେଖଉଛନ୍।

ବୌଦ୍ଧରେ ଜାତୀୟ ଲୋକ ଅଦାଲତ

# ୩୬ ମାମଲାର ଫଇସଲା



ବୌଦ୍ଧରେ ଅନୁଷ୍ଠିତ ଲୋକ ଅଦାଲତ ।

ବୌଦ୍ଧ,୧୪।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ମୋଟ ୩୬ଟି ବିଚାରାଧୀନ ଓ ପ୍ରାକ୍ ମକଦ୍ଦମା ଗୁଡିକ ଫଇସଲା ହୋଇ ଜରିମାନା ବାବଦକୁ ୨୬ଲକ୍ଷ ୭୪ ହଜାର ୧୦୦ ଟଙ୍କା ଆଦାୟ କରାଯାଇଥିଲା। ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ, ଅତିରିକ୍ତ ଜିଲା ଦୌରାଜଜ ସତ୍ୟନାରାୟଣ ଷଡଙ୍ଗୀ, ପରିବାର ଅଦାଲତ ଜଜ୍ ଗୌରିମାଳି ମହାରଣା, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ଏସଡିଜେମ ସୂର୍ଯ୍ୟ ଦାସ, ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ସବଜଜ୍ ଦୁର୍ବାସା ଦୁର୍ଗା, ଜେଏମଏଫସି ଶିବାନୀ ମିଶ୍ର ଯୋଗଦେଇ ମାମଲା ଗୁଡିକର ଫଇସଲା କରିଥିଲେ । ଲୋକ ଅଦାଲତରେ ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ଅଶୋକ କୁମାର ମିଶ୍ର, ସ୍ପେଶାଲ ପିପି ଯୋଗେଶ କୁମାର ନାୟକ, ସରକାରୀ ଓକିଲ ଜୁଲିୟସ ମହାକୁଲଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

■ ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଲୋକମାନେ ରାଜପଥ ଅବରୋଧ କରିଛନ୍ତି ।

ବୌଦ୍ଧ,୧୪।୧୨(ସ୍ୱ.ପ୍ର)

ବୌଦ୍ଧ ସହରର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମହାନଦୀ ବ୍ରିଜ ଛକରେ ଟ୍ରକ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଟୁଟୁସିଙ୍ଗା ଗ୍ରାମର ମହେଶ ପ୍ରଧାନ (୧୮)। ଏହି ଦୁର୍ଘଟଣାରେ ବିମଳ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଲୋକମାନେ ମୃତଦେ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଶତାଧିକ ଯାନବାହନ ରାଜପଥ ଉପରେ ଅଟକି ରହିଥିଲା। ଖବର ପାଇ ବୌଦ୍ଧ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଏସଡିପିଓ ସାଲେଷ୍ଟିନ ଟିଗା ଓ ଥାନା ଅଧିକାରୀ ତପସ୍ୱିନୀ କହଁର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୩ ଘଣ୍ଟା ପରେ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର, ରେଡକ୍ରସରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା ।ଏ ନେଇ ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଥାନାରେ ଏକ ମାମଲା (ନଂ.୩୧୫/୧୯) ରୁଜୁ କରି ଟ୍ରକ୍ ଚାଳକଙ୍କୁ ଅଟକ ରଖିଛି ।

ସୂଚନା ଅନୁସାରେ, ଶନିବାର ସକାଳ ସାଢେ ୬ଟା ସମୟରେ ବୌଦ୍ଧ ଟୁଟୁସିଙ୍ଗା ଗ୍ରାମର ମହେଶ ପ୍ରଧାନ ଓ ବିମଳ ପ୍ରଧାନ ଏକ ବାଇକ ଯୋଗେ ନିଜ ଗ୍ରାମକୁ ଯାଉଥିବା ବେଳେ ବୌଦ୍ଧ ସହରରୁ ବଲାଙ୍ଗୀର ଆଡକୁ ଯାଉଥିବା ଏକ ଟ୍ରକ (ନଂ.ଓଡି୦୫ଏଏ/୦୦୪୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ ପଡିଥିଲେ । ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ମହେଶଙ୍କୁ ମୃତ ଘୋଷଣା କରିଥିଲେ । ମହେଶଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକ ଓ ଗ୍ରାମବାସୀ ମେଡିକାଲରୁ ମୃତଦେହ ନେଇ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ ।

### ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ

ପଦ୍ମପୁର, ୧୪।୧୨ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟିର ଏକ ବୈଠକ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଗୀତାସିନ୍ଧୁ ପିୟୁଷ ମିଶ୍ର ଚିକିତ୍ସାଳୟର ଉନ୍ନତିକରଣ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ବରିହା ଚିକିତ୍ସାଳୟର ଉନ୍ନତିକରଣ ନିମନ୍ତେ ଆବଶ୍ୟକ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବା ସହିତ ରୋଗୀ ଏବଂ ତାଙ୍କ ପରିଜନମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ସେବା ଯୋଗାଇଦେବା ପାଇଁ ପରାମର୍ଶ ଦେଇଥିଲେ । ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଉପଖଣ୍ଡ ଚିକିତ୍ସାଳୟର ପରିଷ୍କାର ଓ ପରିଚ୍ଛନ୍ନତା, ନିରାପତ୍ତା ତଥା ସରକାରଙ୍କ ତରଫରୁ ଦିଆଯାଉଥିବା ସମସ୍ତ ସୁବିଧା ରୋଗୀମାନଙ୍କୁ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡା. ସରୋଜ ସେଠ, ଡା. ତ୍ୟାଗରାଜ ସିଂ, ଡା. ଲୋକପାଳ ଭୋଇ, ଡା. ମାନଭଞ୍ଜନ ଦେବତା, ବ୍ଲକ ଶିକ୍ଷା ଅଧିକାରୀ ତ୍ରିବିକ୍ରମ ପାଣିଗ୍ରାହୀ, ସିଡିପିଓ ସୁନୀତି ଦେବତାଙ୍କ ସମେତ ବ୍ଲଡ ବ୍ୟାଙ୍କ ଏବଂ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।ଶେଷରେ ଚିକିତ୍ସାଳୟର ମ୍ୟାନେଜର ଦିବ୍ୟ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାଣୀ ଚିକିତ୍ସାଳୟରେ ଝୁଲୁଛି ତାଲା, ସେବା ବାଧାପ୍ରାପ୍ତ

ପାଇକମାଳ, ୧୪।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଛି। ଫଳରେ ଲୋକମାନେ ନିଜ ଗାଈ ଗୋରୁ ଓ ଛେଳି ଚିକିତ୍ସା ପାଇଁ ଆସି ବାରମ୍ବାର ଫେରୁଛନ୍ତି। ଶନିବାର ପାଇକମାଳ ସଡକ ପଡାର ସୁରେନ୍ଦ୍ର ଭୋଇ ତାଙ୍କ ତିନୋଟି ଛେଳିଙ୍କ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟକୁ ଦିନ ୧୦ଟାରେ ଆସିଥିଲେ। ସେହିପରି କଲୋନୀ ପଡାର ରସାନନ୍ଦ ସାମଲ ମଧ୍ୟ ନିଜ ଗାଈର ଚିକିତ୍ସା ପାଇଁ ଆସିଥିଲେ। କିନ୍ତୁ ଚିକିତ୍ସାଳୟରେ ତାଲା ପଡିଥିବାରୁ ସେମାନେ ନିରାଶରେ ଫେରିଥିବା ଅଭିଯୋଗ କରିଛନ୍ତି । ଏ ନେଇ ପ୍ରାଣୀ ଚିକିତ୍ସକଙ୍କ ମତାମତ ମିଳିପାରିନାହିଁ। ଅନ୍ୟପକ୍ଷେ ଡାକ୍ତରଖାନାରେ କର୍ମଚାରୀ ରହୁ ନ ଥିବା ନେଇ ପଞ୍ଚାୟତ ସମିତି ସଭାରେ ଆଲୋଚନା କରାଯାଇଛି ବୋଲି ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।



ଡାକ୍ତରଖାନାରେ ତାଲା ପଡିଥିବାରୁ ଲୋକେ ବାହାରେ ଅପେକ୍ଷା କରିଛନ୍ତି ।

# ୧୦୬ ଏକର ଗଞ୍ଜେଇଚାଷ ନଷ୍ଟ

ମନମୁଣ୍ଡା, ୧୪।୧୨ (ଡି.ଏନ.ଏ)

ମନମୁଣ୍ଡା ପୋଲିସ ଶନିବାର ଚଢାଉ କରି ୧୦୬ ଏକର ଗଞ୍ଜେଇ ଚାଷ ନଷ୍ଟ କରିଛି। ଏସପି ଭି. ରଘୁନାଥ ରାଓଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ବିପିନ ବିହାରୀ ବେହେରାଙ୍କ ନେତୃତ୍ୱରେ ମନମୁଣ୍ଡା ଆଇଆଇସି ଗୋପୀନାଥ ପ୍ରଧାନ, ଶଗଡା ଫାଣ୍ଡି ଅଧିକାରୀ ଏସଆଇ ଅରୁଣ କୁମାର ସିଂ ସଦଳବଳ ବିଳାସପୁର ପଞ୍ଚାୟତ ଠୁରବନ୍ଧଲି ଏବଂ କଦମପାଲ ଗୋଚର ତଥା ଗ୍ରାମ୍ୟ ଜଙ୍ଗଲରେ ଚାଷ କରାଯାଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ପୋଡି ଦେଇଛନ୍ତି । ଏହି ଚଢ଼ାଉରେ ମନମୁଣ୍ଡା ବନ ବିଭାଗ ଏବଂ ଆରଆଇ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ସାମିଲ ଥିଲେ ।



ଗଞ୍ଜେଇ ଗଛଗୁଡିକୁ ନଷ୍ଟ କରାଯାଉଛି ।

### ଆଜିଠୁ ତୃତୀୟ ଗଡ଼ଜାତ ଲୋକ ମହୋତ୍ସବ

ବୌଦ୍ଧ,୧୪।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଠାରେ ଆଜିଠୁ ଆରମ୍ଭ ହେବ ତୃତୀୟ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ। ଏହି ଲୋକ ମହୋତ୍ସବ ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟ ପଡିଆରେ ୧୫ରୁ ୧୯ ତାରିଖ ୫ ଦିନ ଧରି ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବରେ ଜିଲାର ଲୋକ ନୃତ୍ୟ, ବାହାର ଜିଲାର ନୃତ୍ୟ ସହ ପଶ୍ଚିମ ଓଡିଶାର ଲୋକ କଳା, ଢୋଲ, ନିଶାନ, ତାସା ଓ ଦୁଲଦୁଲିରେ ଲୋକମଞ୍ଚ ଦୁଲୁକିବ। ମହୋତ୍ସବ ପଡିଆରେ ସରକାରୀ ଓ ବେସରକାରୀ ସଂସ୍ଥାର ପ୍ରାୟ ୧୦୦ରୁ ଅଧିକ ଷ୍ଟଲ ସ୍ଥାନୀତ ହୋଇଛି ।

### ଶୋଭାଯାତ୍ରାରେ ଶକ୍ତି ସଂରକ୍ଷଣ ସଚେତନତା



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ପାଇକମାଳ, ୧୪।୧୨ (ଡି.ଏନ.ଏ)

ପାଇକମାଳ ଉଚ୍ଚବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଗୁରୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଅମଠି ହାଇସ୍କୁଲର ପ୍ରଧାନଶିକ୍ଷକ ନନ୍ଦଲାଲ ନାଏକ ମୁଖ୍ୟଅତିଥି ଓ ଜ୍ୟୋତିର୍ମୟୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣ ଉପରେ ଉଦ୍‌ବୋଧନ ଦେଇଥିଲେ । ବବିତା ବେହେରା, ମନୋଜ ସାହୁ, ବିଶ୍ୱନାଥ ସାହୁ, ସୁବାଷ ଚନ୍ଦ୍ର ସାହୁ, ସୁଦାମ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ ।ତ୍ରିଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଜାତୀୟ ନାଟ୍ୟୋତ୍ସବ, ଆଲୋଚନାଚକ୍ର ଉଦ୍‌ଘାଟିତ

# ମନ ମୋହିଲା ଶାସ୍ତ୍ରୀୟ ନୃତ୍ୟ

ବୌଦ୍ଧ,୧୪।୧୨(ସ୍ୱ.ପ୍ର)

ବୌଦ୍ଧରେ ଦୁଇଦିନିଆ ଜାତୀୟ ନାଟ୍ୟୋତ୍ସବ ଓ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଟାଉନହଲରେ ସାଂସ୍କୃତିକ ଅନୁଷ୍ଠାନ ପ୍ରଣାମ ପକ୍ଷରୁ ଅନୁଷ୍ଠିତ ଏହି ଆଲୋଚନାଚକ୍ର ଓ ନାଟ୍ୟୋତ୍ସବରେ ରାଜ୍ୟ ଓ ରାଜ୍ୟବାହାରୁ ୧୨୦ରୁ ଊର୍ଦ୍ଧ୍ୱ କଳାକାର ଓ ଅନୁଷ୍ଠାନ ଯୋଗ ଦେଇଛନ୍ତି। ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଡ. ମନୋଜ କୁମାର ମହାନ୍ତି, ଡଃ ଘାସିରାମ ମିଶ୍ର ଓ ଗୁରୁ ହରିହର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଦିନ ତମାମ ନୃତ୍ୟଗୁରୁ ପ୍ରଫେସର ଡଃ ମନୋଜ କୁମାର ବେହେରାଙ୍କ ସଂଯୋଜନାରେ ଅଭିଜ୍ଞ ନୃତ୍ୟଗୁରୁ ଓ ନିର୍ଦ୍ଦେଶକମାନଙ୍କୁ ନେଇ ଆଲୋଚନାଚକ୍ର ହୋଇଥିଲା। ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ଓ ମାରୱାଡି ମହିଳା ସମିତି ସଭାପତି ଆଶାଦେବୀ ଅଗ୍ରୱାଲା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଘାସିରାମ ମିଶ୍ରଙ୍କୁ ଶ୍ୟାମ ସୁନ୍ଦର ସିଂହ ସମ୍ମାନ, ମିନାକ୍ଷୀ ବେହେରା, ନୀଳାଶ୍ରୀ ପଟ୍ଟନାୟକ, କିନ୍ନର ଚିନ୍ମୟୀ ତ୍ରିପାଠୀ ଓ ନିତିଶ ସିହ୍ନାଙ୍କୁ ପ୍ରଣାମ ସମ୍ମାନ, ଉପାସନା ପଣ୍ଡାଙ୍କୁ ନୃତ୍ୟ କଳିକା ସମ୍ମାନ ଓ ସନ୍ଧ୍ୟାରାଣୀ ପ୍ରଧାନଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷିତ ହୋଇଥିଲା। ସଭାପତି ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରଶାନ୍ତ କୁମାର ଭାଇନା, ଉପଦେଷ୍ଟା ଡ. ପ୍ରିୟବ୍ରତ ବେହେରା, ଉପସଭାପତି ସୁକାନ୍ତି ସିଂହ, ଗୀତାଞ୍ଜଳି ସାହୁ ଓ ଆବାହକ ନିତିଶ କୁମାର ସିହ୍ନା ସହଯୋଗ କରିଥିଲେ ।





ନାଟ୍ୟୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ନାଟ୍ୟୋତ୍ସବରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ଅଜ୍ଞାତବାସରେ ଜିଲା ପରିଷଦ ସଭ୍ୟାସଭ୍ୟ

# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ଭାବନା

**ବରଗଡ଼ ଅଫିସ୍, ୧୪।୧୨**

ବିଜେପୁର ଉପନିର୍ବାଚନ ପରେ ବରଗଡ଼ ଜିଲାରେ ରାଜନୈତିକ ଉଷ୍ମତା ଥମି ଯାଇଥିଲା । ହେଲେ ଏବେ ଜିଲା ପରିଷଦକୁ ନେଇ ରାଜନୈତିକ ତାତି ଦେଖିବାକୁ ମିଳିଛି । ଜିଲା ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ କସରତ ଆରମ୍ଭ ହୋଇଯାଇଛି। ଜିଲାର ୧୮ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ଅଜ୍ଞାତବାସରେ ରହିଥିବା ଘଟଣାରୁ ତାହା ସ୍ପଷ୍ଟ ହୋଇଯାଇଛି । ଅନ୍ୟପଟେ ଅଜ୍ଞାତବାସରେ ରହିଥିବା ୨ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ଭାଜପା ନେତୃବୃନ୍ଦଙ୍କ ଗହଣରେ ଶନିବାର ବରଗଡ଼ ଏସପି ପଦ୍ମିନୀ ସାହୁଙ୍କୁ ଭେଟି ସେମାନଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଫେରାଦ ହୋଇଛନ୍ତି । ଏହି ଘଟଣା ଏବେ ଜିଲା ରାଜନୀତିରେ ପ୍ରମୁଖ ପ୍ରସଙ୍ଗ ପାଲଟିଛି ।

ବରଗଡ଼ ଜିଲାରେ ୩୪ଟି ଜିଲା ପରିଷଦ ଆସନ ରହିଛି । ସର୍ବାଧିକ ୨୫ଟି ଆସନ ଅକ୍ତିଆର କରି ଭାଜପା ଏଠାରେ ଜିଲା ପରିଷଦ ଗଠନ କରିଥିଲା। ଅନ୍ୟପଟେ ବିଜେଡ଼ି ୯ଟି ଆସନକୁ ହାତେଇ ଥିବାବେଳେ କଂଗ୍ରେସ ମୂଳପୋଛ ହୋଇଥିଲା । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପାରୁ ନିର୍ବାଚିତ ୯ ଜିଲା ପରିଷଦ ସଭ୍ୟାସଭ୍ୟ ଦଳ ଛାଡ଼ିଥିବା ନେଇ ଚର୍ଚ୍ଚା ହୋଇଥିଲା। ଏପରିକି ସେମାନଙ୍କ ମଧ୍ୟରୁ ଜଣେ ଘରକୁ ଫେରିଆସି ସେତେବେଳେ ଅପହରଣ କରାଯାଇଥିବା ନେଇ ବିଜେଡ଼ି ବିରୋଧରେ ବିସ୍ଫୋରକ ବୟାନ ଦେଇଥିଲେ । ଅନ୍ୟ ୯ଜଣ ଜିଲା ପରିଷଦ ସଭ୍ୟାସଭ୍ୟ କିଛିଦିନ ଅଜ୍ଞାତବାସରେ ରହିବା ପରେ ଘରକୁ ଫେରିବା ବାଟରେ ବରଗଡ଼ର ଏକ ଖବରଦାତା ସମ୍ମିଳନୀରେ ସେମାନେ ଭାଜପା ଛାଡ଼ି ବିଜେଡ଼ିରେ ମିଶିଥିବା ଏବଂ ସେମାନଙ୍କୁ ଅପହରଣ କରାଯାଇ ନ ଥିବା ନେଇ ଗଣମାଧ୍ୟମ ସମ୍ମୁଖରେ କହିଥିଲେ । ଏହାପରେ ଜିଲା ପରିଷଦକୁ ନେଇ ସେତେବେଳେ ଦେଖାଯାଇଥିବା ତାତି ଥମି ଯାଇଥିଲା ଏବଂ ସାଧାରଣ ନିର୍ବାଚନରେ ବିଜେଡ଼ି ଜିଲାର ସମସ୍ତ ୫ଟି ବିଧାନସଭା ଆସନ ହାତେଇଥିଲା । ଏପରିକି ଗତ କିଛିମାସ ତଳେ ଅନୁଷ୍ଠିତ ଉପନିର୍ବାଚନରେ ବିଜେଡ଼ି ପୁଣି ବିଜେପୁର ଆସନକୁ ନିଜ ଦଖଲକୁ ଆଣିଥିଲା। କିଛିଦିନ ତଳେ ଭାଜପା ଛାଡ଼ିଥିବା ୬ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ସେମାନଙ୍କ ସଭ୍ୟପଦ କାହିଁକି ରଦ୍ଦ କରାଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ ଦେଇଥିବା କଥା ଭାଜପା ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଥିଲା। ଭାଜପାର ଏହି କାରଣ ଦର୍ଶାଅ ନୋଟିସ ଜାରି ପରେ ଜିଲା ପରିଷଦ ତାତି ପୁଣି ବଢ଼ି ଯାଇଛି ।

ଭାଜପାରୁ ନିର୍ବାଚିତ ୯ ଜିଲା ପରିଷଦ ସଭ୍ୟାସଭ୍ୟ ଅଜ୍ଞାତବାସରେ ରହିଥିବା ଚର୍ଚ୍ଚା ଚାଲିଛି । ଏପରିକି ବିଜେଡ଼ିରୁ ନିର୍ବାଚିତ ୯ଜିଲା ପରିଷଦ ସଭ୍ୟାସଭ୍ୟ ମଧ୍ୟ ଗୋପନୀୟ ସ୍ଥାନରେ ଥିବା ସାଧାରଣରେ ଆଲୋଚନା ହେଉଛି । ଏଭଳି ୧୮ଜିଲା ପରିଷଦ ସଭ୍ୟାସଭ୍ୟ ଅଜ୍ଞାତବାସରେ ରହିବା ପଛରେ ନିକଟ ଭବିଷ୍ୟତରେ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଯୋଜନା ଚାଲିଥିବା କଥାକୁ ଏଡ଼ାଇ ଦେଇ ହେଉନାହିଁ । ଯଦି ଅଜ୍ଞାତବାସରେ ରହିଥିବା ଭାଜପା ଜିଲା ପରିଷଦ ସଭ୍ୟାସଭ୍ୟ ବିଜେଡ଼ିକୁ ସମର୍ଥନ କରିବେ ଏବଂ ଅନାସ୍ଥା ପ୍ରସ୍ତାବ ଭୋଟ୍ ନେଇ ଜିଲାପାଳଙ୍କୁ ଲେଖିବେ, ତେବେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ୍ ହେବା କଥାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କୁ ପଚାରିବାରୁ ଦଳ ଯାହା ଚାହିଁବ, ସେ ନିଷ୍ପତ୍ତି ନେବେ ବୋଲି କହିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ

**ଗୁଡଭେଲିପଦର, ୧୪।୧୨(ଡି.ଏନ.ଏ):**

କନ୍ଧମାଳ ବ୍ଲକ ପିଣ୍ଡାପଦର ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି । ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ଉକ୍ତ ନାମଯଜ୍ଞରେ ଅଞ୍ଚଳର ସଂକୀର୍ତ୍ତନ୍ୟ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ । ଭରତ ସାମନ୍ତରାୟ ପୂଜାକାର୍ଯ୍ୟ କରିଥିଲେ। ସୌଭାଗ୍ୟ ଅମାତ ଓ ତାଙ୍କ ସ୍ତ୍ରୀ ବାସନ୍ତି ଅମାତ କର୍ତ୍ତା ଥିଲେ। ନାମଯଜ୍ଞ ଶେଷରେ ତୁଲଣ୍ଡି ଏବଂ ତାଲପଡାର ମହିଳା ସଂକୀର୍ତ୍ତନ ଦଳ ମଧ୍ୟରେ ବୈଠକି ହୋଇଥିଲା। ପ୍ରକାଶ ଅମାତ, ବିବସ୍ୱ ଥାଟ୍ଟି, ସୁପ୍ରେଶ୍ୱର ପଧାନ, ସଦାନନ୍ଦ ବେହେରା, କାମ୍ପାଲ ମାଝୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜିଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ବୌଦ୍ଧ,୧୪।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଉଦଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ସଂଘର ଅଧକ୍ଷ ତଥା ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ପ୍ରତିଯୋଗିତାରେ ଜିଲାର ୩ଟି ବ୍ଲକରୁ ୨୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଛନ୍ତି । ପ୍ରତିଯୋଗିତାରେ ଦୌଡ, ଲମ୍ବଡିଆ, ଉଚ୍ଚ ଡିଆଁ, ସଟଫୁଟ, ଓ ଡିସକସ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଜିଲା ଓକିଲ ସଂଘର ସଭାପତି ତାରେଣୀ କୁମାର ମହାପାତ୍ର, ବରିଷ୍ଠ ଖେଳାଳି ଶିବନାରାୟଣ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ସଂଘର ସଂପାଦକ ରବିନ୍ଦ୍ର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳକୁ କ୍ରୀଡା ଶିକ୍ଷକ ରଞ୍ଜିତ କୁମାର ରାଉତ, କ୍ରୀଡା ସଂଘର ସଦସ୍ୟ ମୃତ୍ୟୁଞ୍ଜୟ ମିଶ୍ର, ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ପରିଚଳାନା କରିଥିଲେ ।

### ଗୁଦୁରାମୁଣ୍ଡାରେ ଲକ୍ଷ୍ମୀପୂଜା

ଭେଡ଼େନ, ୧୪।୧୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୁଦୁରାମୁଣ୍ଡା ନାଗଟିକ୍ରା ପଡ଼ିଆରେ ତିନିଦିନ ଧରି ଚାଲିଥିବା ୨୦ତମ ଲକ୍ଷ୍ମୀପୂଜା ଉତ୍ସବ ଶନିବାର ରାତିରେ ଉଦଯାପିତ ହୋଇଛି। ଏହି ଅବସରରେ ଗୁରୁବାର କଳସ ଯାତ୍ରା ସହ ପୂଜାରମ୍ଭ, ଅଷ୍ଟପ୍ରହର ନାମାରମ୍ଭ ହୋଇଥିଲା। ଲକ୍ଷ୍ମୀପୂଜାରେ ରବିନ୍ଦ୍ର ଭୋଇ ଏବଂ କାମିନୀ ଭୋଇ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ପଣ୍ଡିତ ବିମଳେଶ୍ୱର ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ସେହିପରି ନାମଯଜ୍ଞରେ କୃଷ୍ଣଚନ୍ଦ୍ର ବାଗ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ପୂର୍ଣ୍ଣାହୁତିରେ ଯୁଖିପାଲି ଓ ପପଙ୍ଗାର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଶନିବାର ମେଢା ଲଢ଼େଇ, ନନ୍ଦିନୀପୁର ଏବଂ ଜାଣ୍ଡୋଲ ମହିଳା ସଂକୀର୍ତ୍ତନ ସହ ରାତ୍ରିରେ ଅପେରା ପରିବେଷିତ ହୋଇଥିଲା।

### ଚୋରି ଗାଡି ଉଦ୍ଧାର, ଅଭିଯୁକ୍ତ ଗିରଫ

ଭେଡ଼େନ, ୧୪।୧୨(ଡ଼ି.ଏନ.ଏ)

ଭେଡ଼େନ ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତ୍ରରେ ଚୋରି ହୋଇଥିବା ଏକ ଭ୍ୟାନକୁ ଶନିବାର ସକାଳେ ସୋହେଲା ନିକଟରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ଡ୍ୟାମ କଲୋନି ନିବାସୀ ଡ଼ାକ୍ତର ମେହେର । ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ. ୨୦୮/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଭେଡ଼େନର ବ୍ୟବସାୟୀ ଅଶୋକ କୁମାର ଅଗ୍ରୱାଲଙ୍କ ବୋଲେରୋ (ନଂ.ଓଡ଼ି୧୭/୩୩୨୭) ଶୁକ୍ରବାର ରାତ୍ରିରେ ତାଙ୍କ ଦୋକାନ ସମ୍ମୁଖରୁ ଚୋରି ହୋଇଥିଲା। ଶନିବାର ସକାଳୁ ଭେଡ଼େନ ପୋଲିସ ଖବର ପାଇ ବରଗଡ଼ ପଟକୁ ଖୋଜିବାକୁ ବାହାରିଥିଲା । ସେମାନେ ବରଗଡ଼ ଥାନାକୁ ଖବର ଦେବା ସହ ବରଗଡ଼ ସୋହେଲା ରାସ୍ତାରେ ଏକ ପିକଅପ ଭ୍ୟାନ ଦ୍ରୁତଗତିରେ ଯାଉଥିବା ଖବର ପାଇ ତାର ପିଛା କରିଥିଲା । ଚକରକେନ୍ଦ ଠାରୁ ଅନତି ଦୂର ସାଲେପାଲି ନିକଟରେ ଉକ୍ତ ଭ୍ୟାନକୁ ପୋଲିସ ଅଟକାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଭେଡ଼େନ ଥାନାକୁ ଆଣିଥିଲା । ଅଭିଯୁକ୍ତ ଜଣକ ବରଗଡ଼ରୁ ଚୋରି କରି ଭେଡ଼େନରେ ଅନ୍ୟ ଏକ ପିକଅପ ଭ୍ୟାନ (ନଂଓଡ଼ି୧୭ଜି/୨୫୩୭) ରଖିଥିବା ଜଣାପଡିବା ପରେ ପୋଲିସ ତାକୁ ଉଦ୍ଧାର କରିଛି ।

### ଆରଏସଏସ ଶାଖାର ପ୍ରତିଷ୍ଠା ଦିବସ

ଭେଡ଼େନ, ୧୪।୧୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ଠାରେ ଶନିବାର ଆରଏସଏ ତେନ୍ତୁଲିଟିକ୍ରା ଶାଖାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ଅତିଥି ଭାବେ ଅକ୍ଷୟ ବଘାର ଏବଂ ବକ୍ତା ଭାବେ ସୁଦାମ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାର୍ଥନା ସଂଘ ପତାକା ଉତ୍ତୋଳନ, ଯୋଗ ପ୍ରଦର୍ଶନ ଆଦି ଅନୁଷ୍ଠିତ ହୋଇଥିଲା।

## ଗୁଡ଼ଭେଲିପଦର-ରାକ୍ଷାସକୁଟି ରାସ୍ତା

# ୧୨ ବଛର ହେଲା ନୁଖ୍‌ରା ହେଇ ପଡ଼ିଛେ

**ଗୁଡ଼ଭେଲିପଦର, ୧୪।୧୨ (ଡି.ଏନ.ଏ.)**

କନ୍ଧମାଳ ବ୍ଲକ ଗୁଡ଼ଭେଲିପଦର-ରାକ୍ଷାସକୁଟି ରାସ୍‌ତାର ଅବସ୍‌ତା ବହୁତ୍ ଖରାପ ଅଛେ। ଇ ରାସ୍‌ତା ତିଆରି ଲାଗି ଅଂଚଲବାସୀ ଅନେକ ଦିନୁ ଦାବି କରିଆସୁଥିଲେ ବି ଥାନୀୟ ପରଶାସନ ଦୁରୁଷ୍‌ଟି ନାଇଁ ଦେଉଥିବାର ଅଭିଯୋଗ ହେଉଛେ।

ସୂଚନା ଅନ୍‌ସାରେ ୨୦୦୭ ସାଲେ ଇ ରାସ୍‌ତାରେ ୩ ଲାଖ୍ ଟଁକାର ମାଟିମୋରୁମ କାମ୍ ହେଇଥିଲା । ସେଦିନ୍‌ଠାନୁ ଆଏଜ୍‌ତକ ଇ ରାସ୍‌ତାରେ ଟଁକାଟେ ବି ଖରଚ୍ ନାଇଁ କରାଯାଇ। ଇ ରାସ୍‌ତାରେ ଟିଲାଟିଙ୍ଗା, ଦାମପାଲି, ସିଲେଟପଡ଼ା, ରାକ୍ଷାସକୁଟି, ପୁରୁଣାପାଣି, ଗୁଡ଼ଭେଲିପଦର ଆଦି ଗାଁର ହଜାର ହଜାର ଲୋକ୍ ଯିବାର ଆଏବାର କରୁଛନ୍। ରାସ୍‌ତାଟା ଦହ୍ୟା-ବାଉଁଶୁଣୀ ରାସ୍‌ତା ତଥା ଏନ୍‌ଏଚ୍ ୫୭ରେ ଯୁଡ଼ି ହେଇଛେ। ବରଷା ୪ ମାସ୍‌କ ରାସ୍‌ତାର ଅବସ୍‌ତା ଏତେ ଖରାପ ହେଇଯାଉଛେ ଯେ ଲୋକ୍ ଇ ରାସ୍‌ତାରେ ଯାଆସ ବଁଦ୍ କରିଦେଉଛନ୍। ଏନ୍‌ତାଥି ପୁରୁଣାପାଣି, ସିଲେଟପଡ଼ା ଗାଁବାସୀ ଗୁଡ଼ଭେଲିପଦର ପଁଚେଟ୍‌ରୁ ଖାଉଟି ସାମାନ ଆନବାର ଲାଗି ୨ କି.ମି. ଜାଗାରେ ୫ରୁ ୭ କି.ମି. ରାସ୍‌ତା କିଁଦ୍‌ରି କରି ଯାଆସ କରୁଛନ୍। ଇ ବାବ୍‌ଦେ ଗୁଡ଼ଭେଲିପଦର ସରପଁଚ୍ ସ୍ନେହଲତା ପଣ୍ଡାକୁଁ ପଚ୍‌ରାଲାରୁ ପହେଲା ବଜେଟରେ ଇ କାମ୍ ଦିଆଯାଇଛେ। ଯେତେ ଜଲ୍‌ଦି ହେବା କାମ୍ ଆରମ୍ କରବାର ଚେଷ୍‌ଟା କରାଯାଉଛେ ବଲି ସେ କହିଥିଲେ।



ବେହାଲ ଅବସ୍‌ତାରେ ଗୁଡ଼ଭେଲିପଦର ରାକ୍ଷାସକୁଟି ରାସ୍‌ତା।

## ବୌଦ୍ଧ ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ରାସ କୁଞ୍ଜେ ରସରାଜ ନାଟକ ମଞ୍ଚସ୍ଥ

**ବୌଦ୍ଧ, ୧୪।୧୨(ସ୍ୱ.ପ୍ର)**

ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବର ଶନିବାର ଥିଲା ପଞ୍ଚମ ଦିବସ । ଏହି ଦିବସରେ ନାଟକ ରାସ କୁଞ୍ଜେ ରସରାଜ ପରିବେଷିତ ହୋଇଥିଲା । ନାଟକରେ ପ୍ରଳୟାସୁର ବଧ ଠାରୁ ଆରମ୍ଭ ହୋଇ ଶ୍ରୀବତ୍ସର ପାଦ ଚିହ୍ନ ଧାରଣ, ଗୋବର୍ଦ୍ଧନ ଧାରଣ, ରାଧାକୃଷ୍ଣଙ୍କ ଯୌବନାବସ୍ଥାରେ ପଦାର୍ପଣ, ରାଇ କିଶୋରି, ରାଧାଙ୍କ ସତୀତ୍ୱ ପ୍ରମାଣ, ହୋଲିଖେଳ ଆଦି ପରିବେଷିତ ହୋଇଥିଲା। ନାଟକ ପ୍ରାରମ୍ଭରେ ନୃତ୍ୟ ନାଟିକା ମାତୃ ରୂପେଣ ସଂସ୍ଥିତା ପରିବେଷିତ ହୋଇଥିଲା । ଆଜିର ନାଟକରେ କାଳୀ ବୃନ୍ଦାବନ ମେହେରୀ, ଦୁର୍ଗା ଆନନ୍ଦ ସିଂ, ମହିଷାସୁର ପିତବାସ ମେହେର, ଶିବ ବସନ୍ତ ମହାକୁଡ, ସିଂହ ଚନ୍ଦନ ବେହେରା ଓ କଂସ ଭୂମିକାରେ ବାବୁଲାଲ ପ୍ରଧାନ ଅଭିନୟ କରିଥିଲେ । ହୃଦାନନ୍ଦ ମେହେର ନାଟକ ରଚନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ଦେବାଙ୍ଗନ ମେହେର ।

# ଶକ୍ତି ସଂରକ୍ଷଣ ଦିବସରେ ସଭା, ଶୋଭାଯାତ୍ରା

**ଅମରପାଲି, ୧୪।୧୨ (ଡି.ଏନ.ଏ)**

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବୀରମହାରାଜପୁର ସରକାରୀ ହାଇସ୍କୁଲ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗୀତା କରାଯାଇଥିଲା। ଅନୁଷ୍ଠିତ କୁଇଜ ପ୍ରତିଯୋଗୀତାରେ ତୋଷରଞ୍ଜନ ମେହେର, ଦୁଷ୍ମନ୍ତ ଜଗଦଲା ଓ ବୈଜୟନ୍ତୀ କଂସାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଦୟାସାଗର କଲତା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରିଥିଲେ ।

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

# ଅଯଥା ବିଦ୍ୟୁତ୍ ଖର୍ଚ୍ଚ ନକରିବାକୁ ଶପଥ

**ଉଲୁଣ୍ଡା, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ସାହୁଙ୍କ ଅଧକ୍ଷତା ଏବଂ ଶିକ୍ଷକ ପ୍ରଶନ୍ନ ଶତପଥୀଙ୍କ ସଂଯୋଜନାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ବିଦ୍ୟାଳୟରେ ଏଲଇଡି ବଲବ ବ୍ୟବହାର ସହ ଅଯଥା ବିଦ୍ୟୁତ ଖର୍ଚ୍ଚ ନକରିବାକୁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଗତ ୮ ତାରିଖରୁ ବ୍ଲକସ୍ତରୀୟ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସମୀର ପଡୁଆଙ୍କୁ ପ୍ରଥମ ପୁରସ୍କାର ୧ ହଜାର ଟଙ୍କା, ସୁବ୍ରତ ବାଘଙ୍କୁ ଦ୍ୱିତୀୟ ପୁରସ୍କାର ୮ ଶହ ଟଙ୍କା ଏବଂ ଅଙ୍କିତା ଅପରାଜିତା ପଣ୍ଡାଙ୍କୁ ତୃତୀୟ ପୁରସ୍କାର ୬ ଶହ ଟଙ୍କା ପ୍ରଦାନ କରାଯାଇଛି।

# ଥୁଆପାଲି ଧନୁଯାତ୍ରା:ଦୁର୍ମିଳାସୁର ନିଧନ ମଞ୍ଚସ୍ଥ

**ଭେଡ଼େନ, ୧୪।୧୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଥୁଆପାଲି ନିକଟସ୍ଥ କପାବାରି ପଡ଼ିଆରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶନିବାର ଯୁବରାଜ ଇନ୍ଦ୍ରଙ୍କ ଦ୍ୱାରା ରାକ୍ଷସ ପିତା ଦୁର୍ମିଳାସୁର ନିଧନ ଦୃଶ୍ୟ ମଞ୍ଚସ୍ଥ ହୋଇଛି । ଏହି ଧନୁଯାତ୍ରା ଉତ୍ସବକୁ ଶୁକ୍ରବାର ବିଳମ୍ବିତ ରାତିରେ ଭେଡ଼େନ ଥାନା ଆଇଆଇସି ହେମନ୍ତ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଯାତ୍ରା କମିଟି ସଭାପତି ଜିତେନ୍ଦ୍ର ପୋଢ଼ଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ସଭାରେ ଏସଆଇ ମନୋଜ ପ୍ରଧାନ, ବରିଷ୍ଠ କଳାକାର ପ୍ରଫୁଲ୍ଲ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ନିମାଇଁ ଜୁଆଡ଼ି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପ୍ରଥମ ସନ୍ଧ୍ୟାରେ କଂସ ଜନ୍ମ, ଦେବତାଙ୍କ ଭୟ, ବ୍ରହ୍ମା ବିଷ୍ଣୁଙ୍କ ସହ ବିଚାର ବିମର୍ଶ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଥିବା ବେଳେ ଅନ୍ୟ ଭୂମିକାରେ ତେଜରାଜ ସେଠ, ପାର୍ଥ ଭାଟି, ଲଖିନ୍ଦ୍ର ଭୁଏ ପ୍ରମୁଖ ଅଭିନୟ କରୁଛନ୍ତି।



ଥୁଆପାଲି ଧନୁଯାତ୍ରାର ଏକ ଦୃଶ୍ୟ ।

## ଆବଦ୍ଧ କୋଠରିରେ ସ୍ତ୍ରୀର ମୃତଦେହ

# ଶିଶୁକନ୍ୟାକୁ ଧରି ସ୍ୱାମୀ ଫେରାର

**ବରଗଡ଼ ଅଫିସ୍, ୧୪।୧୨**

ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ସହରାପଡ଼ାରେ ଏକ ଆବଦ୍ଧ କୋଠରୀରେ ସ୍ତ୍ରୀର ମୃତଦେହ ପଡ଼ିଥିବାବେଳେ ଶିଶୁକନ୍ୟାକୁ ଧରି ସ୍ୱାମୀ ଫେରାର ହେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି । ଶନିବାର ଘଟଣା ସମ୍ପର୍କରେ ଜାଣି ମୃତା ମହିଳାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି । ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି ଏବଂ ସେଠାରୁ ଫେରିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା କହିଛନ୍ତି ।

ପ୍ରକାଶ ଯେ, ଧାଙ୍ଗେର ସହରାପଡ଼ାର ବୀରଧର ପଡୁଆ ମହୁଲପାଲି ଗ୍ରାମର ଟିକେଶ୍ୱରୀ ବିଶାଲଙ୍କୁ ବିବାହ କରିଥିଲେ । ତାଙ୍କର ଏକ ଶିଶୁକନ୍ୟା ଅଛନ୍ତି। ତେବେ ଗତ ୨/୪ଦିନ ତଳେ ବୀରବର ଶିଶୁକନ୍ୟାକୁ ଧରି ଫେରାର୍ ହୋଇ ଯାଇଛନ୍ତି । ଶନିବାର ମୃତା ମହିଳାଙ୍କ ବାପା ଝିଅଘରକୁ ଆସିଥିଲେ ଏବଂ କବାଟ ବନ୍ଦ ଥିବା ଦେଖି ତାକୁ ଫିଟାଇଥିଲେ । ଏହାପରେ ଝିଅର ମୃତଦେହ ପଡ଼ିଥିବା ଏବଂ ଜ୍ୱାଇଁ ଓ ନାତୁଣୀ ନ ଥିବା ସେ ଜାଣିବାକୁ ପାଇଥିଲେ । ତାଙ୍କ ଝିଅକୁ ହତ୍ୟା କରି ଜ୍ୱାଇଁ ଫେରାର୍ ଥିବା ନେଇ ସେ ପୋଲିସରେ ଅଭିଯୋଗ କରିଥିଲେ । ଏହାପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ ସହିତ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଲାଇଛି ।

# ବ୍ଲକସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ

**ଭେଡ଼େନ, ୧୪।୧୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡା ସ୍ଥିତ କ୍ଷିରେଶ୍ୱର ମେହେର ବାଳିକା ହାଇସ୍କୁଲ ପରିସରରେ ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ବ୍ଲକସ୍ତୀୟ ଶିଶୁ ଉତ୍ସବ ଶନିବାର ପାଳିତ ହୋଇଛି। ରେମଣ୍ଡା କଲେଜ ଅଧକ୍ଷ ଝସକେତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଗଳ୍ପ ଲିଖନ, କବିତା ଆବୃତ୍ତି, ଏକକ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ ଭେନେନ ବିଡ଼ିଓ ମୁଲିଧର ନାୟକ ମୁଖ୍ୟ ଅତିଥି, ବ୍ଲକ ଉପାଧକ୍ଷା ସୁପ୍ରଭା ପ୍ରଧାନ, ଶିକ୍ଷକ ପର୍ଶୁରାମ ପାତ୍ର, ସନାତନ ପ୍ରଧାନ, ରୁଷଭ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସମ୍ପାଦକ ସୁଦାମ ଚରଣ ମିଶ୍ର ପରିଚାଳାନା କରିଥିଲେ। ଶେଷରେ ସୁବାଷ ଚନ୍ଦ୍ର ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଚ୍‌ଆଇଭି ଆକ୍ରାନ୍ତ ଗର୍ଭବତୀଙ୍କୁ ଚିକିତ୍ସାରେ ଅବହେଳା

# ମା' ପେଟରେ ଆଖିବୁଜିଲା ଶିଶୁ

## ସାମାଜିକ କର୍ମୀଙ୍କ ହସ୍ତକ୍ଷେପରେ ୨୪ ଘଣ୍ଟା ପରେ ହେଲା ଅସ୍ତ୍ରୋପଚାର

**ବାରିପଦା ଅଫିସ, ୧୪।୧୨**

ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଥିବା ଜଣେ ଗର୍ଭବତୀ ଗର୍ଭକଷ୍ଟ ପାଉଥିଲେ ବି ଡାକ୍ତରମାନେ ତାଙ୍କୁ ଚିକିତ୍ସା ନ କରିବାରୁ ଗର୍ଭସ୍ଥ ଶିଶୁ ଦୁନିଆର ଆଲୋକ ଦେଖିବା ଆଗରୁ ଆଖିବୁଜି ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଘଟିଥିବା ପଦାକୁ ଆସିଛି। ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଥିଲେ ବି ଅସ୍ତ୍ରୋପଚାର କରି ଏହାକୁ ବାହାର କରିବା ସକାଶେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ କେତେକ ସାମାଜିକ କର୍ମୀ ହସ୍ତକ୍ଷେପ କରିବାରୁ ପ୍ରାୟ ୨୪ ଘଣ୍ଟା ପରେ ଶନିବାର ସକାଳେ ଅସ୍ତ୍ରୋପଚାର କରି ଗର୍ଭସ୍ଥ ମୃତ ଶିଶୁକୁ ବାହାର କରାଯାଇଛି। ଜଣେ ଏଚଆଇଭି ଆକ୍ରାନ୍ତ ଗର୍ଭବତୀଙ୍କ ଚିକିତ୍ସା ପ୍ରତି ଏପରି ଅମାନବୀୟ ଅବହେଳା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ଉଲ୍ଲେଖନୀୟ ଯେ, ରାଇରଙ୍ଗପୁର ସବ୍‌ଡିଭିଜନ ଅଧୀନ ଜାମଦା ଅଞ୍ଚଳର ଏହି ମହିଳା ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ଗୁରୁବାର ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମହିଳା ଜଣକ ଏଚଆଇଭି ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ ଜାଣିବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ନେବାକୁ ପରାମର୍ଶ ଦେଇଥିଲେ। ପରେ ସେହି ରାତି ପ୍ରାୟ ୧୧ଟାରେ ତାଙ୍କୁ ଏଠାକୁ ଅଣାଯାଇଥିଲା। ଡାକ୍ତରମାନେ ତାଙ୍କୁ ଠିକ୍ ଭାବେ ଚିକିତ୍ସା ନ କରିବାରୁ ଶୁକ୍ରବାର ସକାଳେ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଡାକ୍ତରଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇବା ପରେ ଅସ୍ତ୍ରୋପଚାର କରି ମା' ପେଟରୁ ମୃତ ଶିଶୁକୁ କାଢ଼ିବା ଲାଗି ଆତ୍ମୀୟସ୍ୱଜନମାନେ କହିଥିଲେ। କିନ୍ତୁ କେହି କିଛି ଏ ଦିଗରେ ପଦକ୍ଷେପ ନେଇ ନ ଥିଲେ। ଘଣ୍ଟା ପରେ ଘଣ୍ଟା ବିତିବାରୁ ସମ୍ପୃକ୍ତ ସମ୍ପର୍କୀୟମାନେ ବ୍ୟସ୍ତ ହୋଇ ସମସ୍ତଙ୍କୁ ଗୁହାରି କରିଥିଲେ। ଶେଷରେ କେତେକ ସ୍ଥାନୀୟ ସାମାଜିକ କର୍ମୀ ହସ୍ତକ୍ଷେପ କରିବାରୁ ଦୀର୍ଘ ୨୪ ଘଣ୍ଟା ପରେ ଶନିବାର ସକାଳେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ତେବେ ଚିକିତ୍ସା କାର୍ଯ୍ୟରେ ଅବହେଳା କରାଯିବା ନେଇ ମହିଳାଙ୍କ ଆତ୍ମୀୟ ସ୍ୱଜନ ଅଭିଯୋଗ କରିଥିଲେ ମଧ୍ୟ ମେଡିକାଲ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ । ଏ ସମ୍ପର୍କରେ ମେଡିକାଲ କଲେଜ ଅଧୀକ୍ଷକ ଡା. ବିଏନ ମହାପାତ୍ରଙ୍କୁ ପଚାରିବାରୁ ଚିକିତ୍ସା ଅବହେଳା ନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ହୋଇନାହିଁ, ତେବେ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଜଣେ ଏଚଆଇଭି ଆକ୍ରାନ୍ତ ଗର୍ଭବତୀଙ୍କ ପ୍ରତି ଚିକିତ୍ସାରେ ଅବହେଳା କରାଯିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।
- ସନ୍ଥ କବୀର ଦାସ



### ଯାନବାହନ ଗଲାବେଳେ ରାସ୍ତାରେ ଉଡୁଛି ଧୂଳି

# ମରାମତି ଦାବିରେ ରାସ୍ତାରୋକୋ

**ତରଭା, ୧୪।୧୨(ଡି.ଏନ.ଏ.)**



ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ତରଭା ସହରର ରାସ୍ତାଘାଟ ପଥରଗୁଣ୍ଡ, ଗେଟି ଦେଇ ନିର୍ମାଣ କରାଯାଉଛି। ଯାନବାହନ ଗଲେ ପ୍ରଚୁର ଧୂଳି ଉଡୁଛୁ। ଏଥିରେ ତରଭା ବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିବରଣୀ ଅନୁଯାୟୀ ଗତ ଅଗଷ୍ଟ ୧୩ ତାରିଖ ହୋଇଥିବା ବନ୍ୟାରେ ସହରର ରାସ୍ତାଘାଟ ଧୋଇଯାଇ ବାହ୍ୟଜଗତରୁ ବିଚ୍ଛିନ୍ନ କରିଦେଇଥିଲା। ବନ୍ୟା ଜଳ ରାସ୍ତାରେ ମାଡିଥିବାରୁ ତରଭାରୁ ନୂଆଁପଡା ଛକ ଓ ବ୍ଲକ ଛକରୁ ଶିଶୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଭାବେ ଧୋଇ ନେଇଥିଲା । ଜନସାଧାରଣଙ୍କ ଯାତାୟାତର ସୁବିଧା ଦୃଷ୍ଟିରୁ ରାସ୍ତାଗୁଡିକୁ ଅସ୍ଥାୟୀ ଭାବେ ପଥରଗୁଣ୍ଡ ଓ ଗେଟି ଦେଇ ମରାମତି କରାଯାଇଥିଲା । ବନ୍ୟା ପରଠାରୁ ଚାରିମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ରାସ୍ତାଗୁଡିକର କାମ ହୋଇପାରିନାହିଁ । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଭାରିଯାନ ମାନ ଯାତାୟାତ କରୁଛି । ଗାଡିଗୁଡିକ ଉକ୍ତ ପଥରଗୁଣ୍ଡରେ ଗଲେ ପ୍ରଚୁର ପରିମାଣର ଧୂଳି ଉଡି କୁହୁଡିର ଭ୍ରମ ସୃଷ୍ଟି କରୁଛି। ନୂଆଁପଡା ଛକରେ ଖାଦ୍ୟ ପାନୀୟ ଦୋକାନ କରି ଲୋକମାନେ ଜୀବିକା ନିର୍ବାହ କରୁଛନ୍ତି । ସନ୍ଧ୍ୟା ଓ ସକାଳୁ ନୂଆଁପଡା ଛକରେ ଅନେକ ଲୋକ ଜମା ହେବା ସହିତ ପାଖରେ ଥିବା ପେଟ୍ରୋଲପମ୍ପଗୁଡିକୁ ଯାନବାହାନରେ ତେଲ ପକାଇବା ପାଇଁ ଯାଇଥାନ୍ତି । ନୂଆଁପଡା ଛକରେ ଉଡୁଥିବା ଧୂଳିଗୁଣ୍ଡ ସବୁ ଉକ୍ତ ସ୍ଥାନରେ ଥିବା ଖାଦ୍ୟପାନୀୟ ଦୋକାନର ଖାଦ୍ୟ ପଦାର୍ଥରେ ମିଶୁଛି । ଉକ୍ତ ଖାଦ୍ୟ ଜନସାଧାରଣ ଖାଉଥିବାରୁ ଭବିଷ୍ୟତରେ ବେମାର ହେବାର ଆଶଙ୍କା ଦେଖାଯାଉଛି । ଏ ବିଷୟରେ ବାରମ୍ବାର ପୂର୍ତ୍ତ ବିଭାଗ ଓ ତରଭା ଏନଏସି ପ୍ରଶାସନକୁ ଜନସାଧାରଣ ଜଣାଇଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ । ତେଣୁ ଶନିବାର ଧୂଳିଗୁଣ୍ଡରେ ଅତିଷ୍ଠ ଜନସାଧାରଣ ପେଟ୍ରୋଲ ପମ୍ପ ବାଇପାସ୍ ରାସ୍ତାଠାରେ ଟାୟାର ଜାଳି ଅବରୋଧ କରିଥିଲେ। ତରଭା ସହରର ରାସ୍ତା ଘାଟ ମରାମତି ତୁରନ୍ତ କରାଯାଇ ଧୂଳିଗୁଣ୍ଡରୁ ଜନସାଧାରଣଙ୍କୁ ରକ୍ଷା କରାଯିବା ସେମାନଙ୍କର ଦାବି। ଖବର ପାଇ ତରଭା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ତରଭା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଆଇଆଇସି ଡୋଳାମଣୀ ଭୋଇ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ବରଷ୍ଠ କିରାଣୀ ନାରାୟଣ ମେହେର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାର ପଣ୍ଡା ରାସ୍ତାରେ ପାଣି ସିଞ୍ଚନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ତହସିଲଦାର ପଣ୍ଡା ଅଗ୍ନିଶମ ବିଭାଗକୁ ଡକାଇ ଜଳୁଥିବା ଟାୟାର ଓ କାଠ ର ନିଆଁକୁ ଲିଭାଇବା ପାଇଁ କହିଥିଲେ । ସଙ୍ଗେ ସଙ୍ଗେ ଫାୟାର ଅଫିସର ସୁଧାକର ନାୟକଙ୍କ ସଦଳବଳେ ପହଞ୍ଚି ଜଳୁଥିବା ନିଆଁକୁ ଲିଭାଇଥିଲେ। ଏଥିରେ ହିନ୍ଦୁ ସଂସ୍କୃତି ସୁରକ୍ଷା ମଞ୍ଚ ସଭାପତି ରାମନାରାୟଣ ବେଜ, ପୂର୍ବତନ ଭାଜପା ଜିଲା ସଭାପତି ସୁରେଶ ମହଲା, ପ୍ରଦୀପ ସାହୁ, ଲକ୍ଷ୍ମଣ ସାହୁ, ଶିରିଶ କୁମାର ମହନ୍ତ, ପୁରସ୍ତମ ମେହେର, ଶୁକଦେବ ପଣ୍ଡା, ସୁଧିର ଗହିର ଓ ସୁଦାମ ଦେଓଙ୍କ ସମେତ ଶତାଧିକ ଜନସାଧାରଣ ଧାରଣାରେ ସାମିଲ ଥିଲେ।



ଶକ୍ତି ସଂରକ୍ଷଣ ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ବିଶ୍ୱ ଶକ୍ତି ସଂରକ୍ଷଣ ଦିବସରେ ସଚେତନତା ରାଲି

**ତରଭା, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବାଳକ ଉଚ୍ଚ ବିଦ୍ୟାଳୟ ତରଫରୁ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ପ୍ରବୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ରାଲିରେ ବିଦ୍ୟାଳୟର ସମସ୍ତ ଛାତ୍ର ଯୋଗଦେଇ ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣର ବାର୍ତ୍ତା ଦେଇଥିଲେ। ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ ଉପରେ ବୁଝାଇବା ସହିତ ଲିଖିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା। ଏହି ରାଲି ହାଇସ୍କୁଲରୁ ବାହାରି ଦୁର୍ଗା ମଣ୍ଡପ ଦେଇ ବ୍ଲକ ପର୍ଯ୍ୟନ୍ତ ଯିବା ପରେ ପୁଣି ନୂଆଁପଡା ରାସ୍ତା ଦେଇ ହାଇସ୍କୁଲକୁ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ରାଲିରେ ବରିଷ୍ଠ ଶିକ୍ଷୟିତ୍ରୀ ଶାନ୍ତିଲତା ତ୍ରିପାଠୀ, ଶିକ୍ଷକ ସୁରଜ କୁମାର ସେଠୀ, ସତ୍ୟବ୍ରତ ମିଶ୍ର, ଶତ୍ରୁଘ୍ନ ନାଏକ, ମେଘନାଦ ମହଲାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ ।

## ସୁଧୀର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଉଲୁଣ୍ଡା ସେମିରେ



ଉଲୁଣ୍ଡାର ଖେଳାଳି ଗଣେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କୃତ କରାଯାଉଛି ।

**ଅମରପାଲି, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାଠାରେ ଚାଲିଥିବା ୬ଷ୍ଠ ସୁଧିର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଦୁଇଟି ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚ ଜେନା କ୍ଲଷ୍ଟର ବୌଦ୍ଧ ଓ ସିଣ୍ଢୋଲ ମଧ୍ୟରେ ହୋଇଥିଲା। ବୌଦ୍ଧ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୬୧ ରନ କରିଥିଲା । ଜବାବରେ ସିଣ୍ଢୋଲ ଦଳ ଆବଶ୍ୟକ ୬୨ ରନକୁ ୭ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ସିଣ୍ଢୋଲ ଓ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୧୨୫ରନ କରିଥିଲା। ଦଳର ଗଣେଷ ୩୨ ଓ ଦୁଷ୍ମନ୍ତ ୩୩ ରନ କରିଥିଲେ। ଜବାବରେ ସିଣ୍ଢୋଲ ଦଳ ୧୨ଓଭରରେ ୬ ଉଇକେଟ ହରାଇ ୭୯ ରନ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ଶିବପ୍ରସାଦ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ ଜଗା ମେହେର ଓ ଦ୍ୱିତୀୟ ମ୍ୟାଚ ପାଇଁ ଗଣେଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳଗୁଡିକରେ ବାପୁନ ପାଢ଼ୀ ଓ ନିର୍ମଳ ମୁଦୁଲି ଅମ୍ପାୟାର, ଶ୍ରୀଦାସ ବାରିକ ସ୍କୋରର ଏବଂ ବୁବୁନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

## ନୂତନ ଉପାୟ ଖୋଜିବା ପାଇଁ ପରାମର୍ଶ

**ସୋନପୁର,୧୪।୧୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପିପିଲିପାଲି ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୦୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଇନସ୍ପାୟାର ପ୍ରଦର୍ଶନୀରେ ପାୟଲ ପଧାନ ପ୍ରଥମ, ଓମ ପଧାନ ଦ୍ୱିତୀୟ ଓ ପ୍ରତିମା ପଧାନ ତୃତୀୟ ହୋଇଥିଲେ। ସେହିପରି ବିଜ୍ଞାନ ପ୍ରଦର୍ଶନୀରେ ଅଲିଶାରାଣୀ ମେହେର, ଅମିଷା ପୁଟେଲ, ଶୃତି ମେହେର, ଅଜାଦ ପଧାନ, ଲିଲିମା ସାହୁ ଓ ନୀତିଶ କୁମାର ହୋତାଙ୍କ ପ୍ରକଳ୍ପଗୁଡିକ ଶ୍ରେଷ୍ଠ ହୋଇଛି। ଏହି ୬ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଦର୍ଶିତ ପାଇଁ ଚୟନ କରାଯାଇଛି। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦାନ କରି ବିଜ୍ଞାନ ଶିକ୍ଷାର ସାମାଜିକ ପ୍ରତିବନ୍ଧତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ଓ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦାନ କରି ଶିଶୁ ବୈଜ୍ଞାନିକମାନଙ୍କୁ ନୂତନ ଉପାୟ ଖୋଜିବା ଓ ନିରନ୍ତର ପ୍ରଚେଷ୍ଟା କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ମହାକୁର ସଭାରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦିପ୍ତିମୟୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକଳ୍ପଗୁଡିକୁ ଅଧ୍ୟାପକ ଦୁଃଖିଶ୍ୟାମ ମେହେର, ସଞ୍ଜିବ କୁମାର ପାଲ, ଆଶିଷ ଷଡଙ୍ଗୀ ଏବଂ ବିଜ୍ଞାନ ଶିକ୍ଷକ ପୀତବାସ ପଣ୍ଡା, ଶୁକଦେବ ପଣ୍ଡା ଓ ପ୍ରାଣବନ୍ତ ହୋତା ମୂଲ୍ୟାୟନ କରିଛନ୍ତି ।





ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପନୀ ସଭାରେ ଅତିଥି ବୃନ୍ଦ ।

## ରୋଗୀକଲ୍ୟାଣ ସମିତିର ବୈଠକ

**ତରଭା, ୧୪।୧୨(ଡି.ଏନ.ଏ.)**

ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ରାଜ୍ୟ ଅର୍ଥ, ଅବକାରୀ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମିତି ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ହୋଇଥିବା ବ୍ୟୟବରାଦକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବିନା ବାର୍ଷିକ ସାଧାରଣ ସଭା ଓ ବିନା ଆୟବ୍ୟୟ ଅଟକଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଆୟବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ଏବଂ ପୂର୍ଣ୍ଣାଙ୍ଗ ବୈଠକ ପରେ ଯାଇ ଏହାର ଅନୁମୋଦନ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ମିଶନ କାର୍ଯ୍ୟ, ନୂତନ କମିଟି ଗଠନ ଶୀଘ୍ର କରିବା ସହ ରୋଗୀଙ୍କୁ ଖାଦ୍ୟ ଯୋଗାଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ପ୍ରକାଶ ଯୋଗ୍ୟ ଯେ ଦୀର୍ଘ ଦିନ ହେଲା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ ବନ୍ଦ ରହିଛି । ଆସନ୍ତା ୨ ମାସ ମଧ୍ୟରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଏବଂ ଡାକ୍ତର ଓ ଷ୍ଟାଫ କ୍ୱାର୍ଟର ନିର୍ମାଣ, ଅତିଶୀଘ୍ର ଡାକ୍ତର ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ । ଏହି ବୈଠକରେ ମେଡିକାଲ ଅଫିସର ସୁଲେଗ୍ନା ନେଗୀ, ଡା.କ୍ଷିରୋଦ୍ର ଚନ୍ଦ୍ର ମିଶ୍ର, ଡା.ଚିରଞ୍ଜିବୀ ପଧାନ, ସିଡିପିଓ ସବିତା ଦୋରା, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ବିଇଓ କେଶବ ମେହେର,ଏବିଡିଓ ଶଶୀଭୂଷଣ ପଧାନ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଚାନ୍ଦିନୀ ମେହେର, ମାନଭଞ୍ଜନ ମିଶ୍ର, ଶୈଳେନ୍ଦ୍ର କୁମାର ସାହୁ, ନକୂଳ ମହାନନ୍ଦ,ଜୟକୁମାର ଅଗ୍ରୱାଲଙ୍କ ସମେତ ରୋଗୀକଲ୍ୟାଣ ସମିତିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ବିପିଏମ ପ୍ରିୟରଞ୍ଜନ ସାହୁ ପୂର୍ବବୈଠକର ବ୍ୟୟ ଅଟକଳ ପଠନ କରିଥିଲେ।

## ବାର୍ଷିକ କ୍ରୀଡା: ପାର୍ବତୀ, ଶୁଭମ ଚାମ୍ପିୟନ

**ଉଲୁଣ୍ଡା, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର ଉଚ୍ଚ ବିଦ୍ୟାଳୟରେ ଶନିବାର ଚଳିତ ଶିକ୍ଷାବର୍ଷର ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀଧର ବାଘ ଶୁକ୍ରବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତାରେ ନବମ ଓ ଦଶମ ଶ୍ରେଣୀର ୧୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ହୋଇଥିବା ଉଦଯାପନୀ ସଭାରେ ବିଦ୍ୟାଳୟର ମୋ ସ୍କୁଲ ସଭାପତି ବନମାଳୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବାଳିକା ବର୍ଗରେ ପାର୍ବତୀ ବଗର୍ତୀ ଏବଂ ବାଳକ ବର୍ଗରେ ଶୁଭମ ପାଣ୍ଡେ ଚାମ୍ପିୟନ ଘୋଷିତ ହୋଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରୀଙ୍କୁ ଜାନୁୟାରୀ ୧୧ ତାରିଖ ବିଦ୍ୟାଳୟର ରଜତ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ । କ୍ରୀଡାଶିକ୍ଷକ ସୁବ୍ରତ କର୍ମୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ ଦିଲ୍ଲୀପ ସାହୁ, ଲାଲବାବୁ ସେଠୀ, ବି. ସ୍ୱାତୀ ମୁଚ୍ୟମ ପାତ୍ର, ରୋହିତ ଦଣ୍ଡସନା, ସୌମିତ୍ରୀ ପାଢୀ, ଭାସ୍କର ରଣା, ସୁରେନ୍ଦ୍ର ପୂଜାହାରୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ବୀରମହାରାଜପୁର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବୀରମହାରାଜପୁରରେ ଲୋକ ଅଦାଲତ

**ଅମରପାଲି, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସିଭିଲ କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ସଭାପତି ଅବକାଶ ଚୌଧୁରୀ, ଏସଡିଜେଏମ ବବିତା ଦାଶ, ଆଇନଜୀବୀ ମଧୁସୂଦନ ଆଚାର୍ଯ୍ୟ, ଶଙ୍କର୍ଷଣ ପଣ୍ଡା, ସନ୍ତୋଷ ଚାନ୍ଦ, କୁନ୍ଦନ ପ୍ରଧାନ, ବିଷ୍ଣୁଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଲୋକ ଅଦାଲତରେ ୭ଟି କେଶର ସମାଧାନ ହୋଇଥିଲା । ଋଣ ପରିଶୋଧ ବାବଦକୁ ଥିବା ପ୍ରାୟ ୧୦ ଲକ୍ଷ ୨୩ ହଜାର ଅଣତିରିଶ ଟଙ୍କା ଅସୁଲ ହୋଇଥିଲା। କାର୍ଯ୍ୟକ୍ରମକୁ ବୀରମହାରାଜପୁର ଆଇନ ସେବା କର୍ମଚାରୀ ସଞ୍ଜିବ କୁମାର ବାରିକ, ସୁବ୍ରତ ନାଏକ, ଜଗନ୍ନାଥ ପଧାନ, ପଞ୍ଚାନନ ପୁଟେଲ, ସୁଶିଲ ବେହେରା ଓ ମାନସରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଉଲୁଣ୍ଡା ଧନୁଯାତ୍ରା ଉଦ୍‌ଘାଟିତ

**ଉଲୁଣ୍ଡା, ୧୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶ ବିରାଟ ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ହିମାଂଶୁ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ କାର୍ଯ୍ୟକାରୀ ସଭାପତି ଋଷି କୁମାର ପଟେଲଙ୍କ ସଂଯୋଜନାରେ ହେଉଥିବା ଏହି ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଧନୁଯାତ୍ରା ମହୋତ୍ସବ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଲୋକକଳାର ବାର୍ତ୍ତା ବହନରେ ମୁଖ୍ୟଭୂମିକା ନିଭାଉଛି ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟାପକ ସୌରଭ ରନ ଖମାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷ୍ଣଚେତନାକୁ ବିଶ୍ୱବ୍ୟାପୀ କରିବାରେ ଧନୁଯାତ୍ରା ଏକ ମାଧ୍ୟମ ବୋଲି ବର୍ଣ୍ଣନା କରିଥିଲେ। ବିଶେଷ ଅତିଥି ଭାବେ ଧାରବାହିକ ଜଗତର ଅଭିନେତ୍ରୀ ଜେସୀଙ୍କ ସମେତ ବ୍ଲକ ଅଧ୍ୟକ୍ଷା ମିତାଲୀ ମହାକୁର, ଜିଲାପରିଷଦ ସଭ୍ୟା ସଂଯୁକ୍ତା ଭୋଇ, ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଥାବାଚକ ଗୌରଚନ୍ଦ୍ର ପରିଚ୍ଛା ମାତୃବନ୍ଦନା ସ୍ତବ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ କରୁଥିବା ସୁଶୀଲ କୁମାର ମେହେରଙ୍କୁ ଅତିଥିଗଣ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋଇସିଂହାର ଶଙ୍କର ଏବଂ ଗ୍ରୁପ ସମେତ ବହୁ ସାଂସ୍କୃତିକ ଦଳ ଭାଗନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜେସୀଙ୍କ ଅଭିନୟ ଏବଂ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଧର୍ମ ନିରନ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ତେବେ ଅଞ୍ଚଳର ଦର୍ଶକଙ୍କ ଅନୁରୋଧରେ ଚଳିତବର୍ଷ ଧନୁଯାତ୍ରାର ନବମ ରଜନୀରେ ସମ୍ବଲପୁରୀ ଭାଷାରେ ସଂଳାପ ପରିବେଷଣ କରାଯିବ ବୋଲି କଂସ ଅଭିନେତା ମଞ୍ଚରେ ଦର୍ଶକଙ୍କୁ ସୂଚନା ଦେଇଛନ୍ତି ।



ଶନିବାର ଉଲୁଣ୍ଡା ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ସ୍ୱତନ୍ତ୍ର ସଚିବଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା

## ଶ୍ରମିକଙ୍କ ପାଇଁ ଖୋଲିଲା ସଚେତନତା ଶିବିର

**ସୋନପୁର,୧୪।୧୨(ନି.ପ୍ର.)**





ନଳିନୀ ଛକରେ ଶନିବାର ଆୟୋଜିତ ନିର୍ମାଣ ଶ୍ରମିକ ଚିହ୍ନଟ ଶିବିର ।

ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସୁବର୍ଣ୍ଣପୁର ଜିଲା ପାଇଁ ନିଯୁକ୍ତ ନୋଡାଲ କମିଶନର ବିଶାଳ ଗଗନ ଦୁଇଦିନିଆ ସୁବର୍ଣ୍ଣପୁର ଜିଲା ଗସ୍ତ ସାରି ଭୁବନେଶ୍ୱର ଫେରି ଯାଇଛନ୍ତି । ସ୍ୱତନ୍ତ୍ର ସଚିବ ଗସ୍ତର ଦ୍ୱିତୀୟ ଦିନ ଶୁକ୍ରବାର ସକାଳେ ନଳିନୀ ଛକ ପାଖରେ ବସୁଥିବା ଶ୍ରମିକଙ୍କ ହାଟ ଦେଖି ସମସ୍ତଙ୍କୁ ତ୍ୱରିତ କାମ ଯୋଗାଇ ଦେବା ପାଇଁ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କୁ ପରାମର୍ଶ ଦେଇଥିଲେ। ନିର୍ମାଣ ଶ୍ରମିକମାନେ କିଭଳି ଭାବେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇ ପାରିବେ ସେ ସମ୍ପର୍କରେ ବୁଝାଇବା ପାଇଁ ଏଠାରେ ନିୟମିତ ବ୍ୟବଧାନରେ ସଚେତନତା ଶିବିର ତଥା ନିର୍ମାଣ ଶ୍ରମିକ ଚିହ୍ନଟ ଶିବିର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ସୁବର୍ଣ୍ଣପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସକାଳେ ନଳିନୀ ଛକରେ ଶିବିର ଆୟୋଜନ ହୋଇଥିଲା। ଜିଲା ଶ୍ରମ ଅଧିକାରୀ ଖାଖା, ମଙ୍ଗଳ ସଂଯୋଜକ ମୋହନ କୁମ୍ଭାର ଓ କର୍ମଚାରୀ ତ୍ରିଲୋଚନ ବାରିକ୍ କାମ ଅନ୍ୱେଷଣରେ ଆସିଥିବା ମୋଟ ୫୬ଜଣ ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରିଥିଲେ। ସରକାରଙ୍କ ଯୋଜନା ସମ୍ପର୍କରେ ବୁଝାଇବା ସହ ଯେଉଁମାନେ ପଞ୍ଜିକୃତ ହୋଇ ନାହାନ୍ତି ସେମାନଙ୍କୁ ଆବଶ୍ୟକ କାଗଜପତ୍ର ଆଣିବାକୁ ପରାମର୍ଶ ଦେଇଥିଲେ ।

ସ୍ୱତନ୍ତ୍ର ସଚିବ ବିଶାଳ ଗଗନ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ତଥା ଡାକ୍ତର ମାନଙ୍କୁ ଭେଟି ସରକାରଙ୍କ ମାଗଣା ସେବାର ଉପଲବ୍ଧତା ବିଷୟରେ ବୁଝିଥିଲେ। ଗରିବ ଲୋକଙ୍କୁ ରେଡକ୍ରସରୁ ତତ୍କାଳ ସୁବିଧା ଯୋଗାଇ ଦେବା ପାଇଁ ସିଡିଏମପିଏଚଓ ଡାକ୍ତର ଦିଲ୍ଲିପ କୁମାର ପଣ୍ଡାଙ୍କୁ କହିଥିଲେ। ସେହିପରି ଉଲୁଣ୍ଡା ବ୍ଲକର କପାସିରା ଠାରେ ମହାନଦୀରେ ପ୍ରସ୍ତାବିତ ବ୍ୟାରେଜ୍ ସ୍ଥଳ ପରିଦର୍ଶନ କରିବା ସମୟରେ ବିଭାଗୀୟ ଯନ୍ତ୍ରୀମାନେ ଏହାର ଅଟକଳ ଓ ଉପଯୋଗିତା ସମ୍ପର୍କରେ ବୁଝାଇଥିଲେ। ଏଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପର କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଉଦେପଦର ଗ୍ରାମରେ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ କାର୍ଯ୍ୟ ତଦାରଖ କରିଥିଲେ। ପୋଢଟିକିରା ବସ୍ତିରେ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଓ ସୌଭାଗ୍ୟ ଯୋଜନାରେ ମାଗଣା ବିଦ୍ୟୁତୀକରଣ କାର୍ଯ୍ୟ ଦେଖିଥିଲେ। ଉଲୁଣ୍ଡାରେ ଏସଏଚଜି ବଜାର ପରିଦର୍ଶନ କରି ଏହାକୁ ଆହୁରି ଉନ୍ନତ କରିବାକୁ ପରାମର୍ଶ ଦେବା ସହିତ ଏସ୍ଏଚ୍‌ଜିମାନଙ୍କ ଦ୍ୱାରା ସ୍କୁଲ ଗୁଡିକୁ ଡାଲି, ଛତୁଆ ଓ ଅଣ୍ଡା ଆଦି ଯୋଗାଇ ଦେଇ ଲାଭାନ୍ୱିତ ହେବା ପାଇଁ କହିଥିଲେ। ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସୁବିଧା ଅସୁବିଧା ସମ୍ପର୍କରେ ରୋଗୀ ଓ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ସିଣ୍ଢୋଲ ମାର୍କେଟ ୟାର୍ଡରେ ଚାଷୀ ଓ ଧାନ କ୍ରୟ କରୁଥିବା ମହିଳା ସ୍ୱୟଂ ସହାୟକ ଦଳସହିତ ଆଲୋଚନା କରିଥିଲେ । ସିଣ୍ଢୋଲ କସ୍ତୁରବ ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ଗହଣରେ କିଛି ସମୟ ବିତାଇ ସେମାନଙ୍କର ପାଠ ପଢା, ଖାଦ୍ୟ, ଶୌଚାଳୟର ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ପଞ୍ଚାୟତ ଅଫିସରେ ଭତ୍ତା ବଣ୍ଟନ କାର୍ଯ୍ୟ ତଦାରଖ କରି ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ପାହାଡ ଉପରେ ନଦେଇ ତଳେ ଏହା କରିବାକୁ ପରାମର୍ଶ ଦେଇଥିଲେ। ସେଠାରୁ ସୋନପୁର ସହରର ଆହାର କେନ୍ଦ୍ରକୁ ଯାଇ ସ୍ୱତନ୍ତ୍ର ସଚିବ, ଜିଲାପାଳ ମୋନିଷା ବାନାର୍ଜୀ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମଧ୍ୟାହ୍ନ ଭୋଜନ କରିଥିଲେ ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡ଼ା

**ଦେଓଗାଁ,୧୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରତନପୁର ଖେଳପଡିଆରେ ରତନପୁର କ୍ଲଷ୍ଟରର ୧୦ଟି ବିଦ୍ୟାଳୟକୁ ନେଇ ଦୁଇଦିନ ଧରି ଚାଲିଥିବା କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୋଚ୍ଛିସୁଗର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ, ସମ୍ମାନୀତ ଅତିଥି ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ କୁମାର ଷାଣ୍ଡ, ସିଆରସିସି ମାର୍କଣ୍ଡ ପଧାନ, ଗିରିଶ ସା, ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ୧୦ଟି ସ୍କୁଲର ୧୮୦ଜଣ ଛାତ୍ରୀଛାତ୍ର ୨୨ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଖେଳକୁ ଖେଳ ଶିକ୍ଷକ ମାନିନି ବାଗ,ବିରେନ୍ଦ୍ର ସୁନା,ମୋହନ କୁମାର ରଣା ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଏବିଇଓ ଲୋଚନ ଛତ୍ରୀୟା, ଦେଓଗାଁ ହାଇସ୍କୁଲର ଖେଳ ଶିକ୍ଷକ ମଥାମଣି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।ରତନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆୟୋଜନରେ ଅନୁଷ୍ଠିତ କ୍ରୀଡାକୁ ରିଲାଏନ୍ସ ଫାଉଣ୍ଡେସନର ଅଶୋକ କୁମାର ଭଣ୍ଡା, ପ୍ରତିମା ସୁନା ତଥା ସମସ୍ତ ଗାଇଡ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଆନ୍ଦୋଳନରେ ମୃତ ଶିକ୍ଷକଙ୍କ ବିୟୋଗରେ ଶୋକ

**ଖପ୍ରାଖୋଲ, ୧୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଖେଳ ପଡିଆରେ ଏକ୍ସକ୍ୟାଡର ଶିକ୍ଷକ ମହାସଂଘ ମୟୁରଭଞ୍ଜ ଶାଖା ସଭପତି ନିରଞ୍ଜନ ବାରିକଙ୍କ ବିୟୋଗରେ ଏକ ଶୋକସଭା ବ୍ଲକ ସଭାପତି ସତ୍ୟବାନ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସ୍ତରରେ ଆନ୍ଦୋଳନ ବେଳେ ନିରଞ୍ଜନଙ୍କ ଅକାଳ ବିୟୋଗ ନେଇ ଦୁଃଖପ୍ରକାଶ କରିବା ସହ ୨ ମିଟିନ ନୀରବ ପ୍ରାର୍ଥନା କରିଥିଲେ। ଶୋକ ସଭାରେ ପ୍ରଫୁଲ୍ଲ ପଧାନ, ମୋତିଲାଲ ତାଣ୍ଡି, ରମେଶ ଭୋଇ, ସୁମତି ଶତପଥୀ, କୃଷ୍ଣ ଭୋଇ, ପ୍ରମୋଦ କୁମାର ଦଶ, ଧରମ ସିଂ ଧରୁଆ ପ୍ରମୁଖ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶକ୍ତି ସଂରକ୍ଷଣ ଦିବସ ପାଳିତ

**ବଙ୍ଗୋମୁଣ୍ଡା, ୧୪।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶକ୍ତି ସଂରକ୍ଷଣ ଉପରେ ଏକ ସଚେତନତା ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶକ୍ତି ସଂରକ୍ଷଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ସଚାତନତାର ବାର୍ତ୍ତା ବାଣ୍ଟିଥିଲେ। ଶିକ୍ଷୟିତ୍ରୀ ଲୋକନାଥ ମେହେରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୃଦୟବାନ ଛତିଆ, ଶିକ୍ଷୟିତ୍ରି ବନିତା ଜେଠୀ, ମୋତି ମଞ୍ଜରୀ ପଧାନ, ଅସିସଦେବ ସା ପ୍ରମୁଖ କାର୍ଯକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

> ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମୀକ୍ଷା ବୈଠକ

# ଜେଏଲ୍‌ଜି ଗ୍ରୁପ୍, ୩ ଚାଷୀ ସମ୍ବର୍ଦ୍ଧିତ

**ଲୋଇସିଂହା,୧୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଧଉଁରାଦାଦର ଗାଁରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ଥିବା ୨୨ ଟି ଶାଖାର ଶାଖା ପରିଚାଳକ ଓ କର୍ମଚାରୀ ଯୋଗଦେଇଥିଲେ । ଅଧିକାରୀ ଓ କର୍ମଚାରୀ ବଲାଙ୍ଗୀର ଜିଲାରେ ସଫଳତା ହାସଲ କରିଥିବା ଧଉଁରାଦାଦରର ପରିବା ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଧଉଁରାଦାଦର ଗାଁର ସଫଳ ପରିବା ଚାଷୀ କ୍ଷୀରୋଦ୍ର ପଧାନ, କେଶବ ପଧାନ, ପଟୁଆପାଲିର ମାଛ ଚାଷୀ ବିଶ୍ୱାମିତ୍ର ସେଠ, ପାର୍ବତୀ ଜେଏଲଜି (ଜଏଣ୍ଟ ଲିଲି ଗ୍ରୁପ)ଗ୍ରୁପଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଡୁଡକା ଶାଖା ପରିଚାଳକ ଶିରୋମଣୀ ସାହୁ ଓ ବେନ୍ଦ୍ରା ପ୍ୟାକ୍ସ ସମ୍ପାଦକ ରଙ୍ଗରାଜ କରନଙ୍କୁ ସମ୍ମାନୀତ କରାଯାଇଥିଲା । ଡୁଡୁକା ଶାଖା ପରିଚାଳକ ଶିରୋମଣୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ସିଓ ବାଙ୍କାନିଧି ରାୟଗୁରୁ, ଏଜିଏମ ଜୟନ୍ତ ମହାନ୍ତି, ରବୀନ୍ଦ୍ର ସାହୁ, ସ୍ଥାନୀୟ ପ୍ୟାକ୍ସ ସଭାପତି କମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ସଭାପତି ମେହେର କହିଥିଲେ, ଚାଷ ଓ ଚାଷୀଙ୍କ ଭାଗ୍ୟ ପରିବର୍ତ୍ତରେ ବ୍ୟାଙ୍କ ପରିଚାଳକ ଓ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁ । କ୍ଷେତ୍ର ପରିଦର୍ଶନ ଅନୁଭୂତିକୁ କାର୍ଯ୍ୟରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଶାଖା ଅଧୀନ ୨ଟି ଗାଁକୁ ମଡେଲ ଭାବେ ନେଇ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ଧଉଁରାଦାଦର ଗାଁରେ ଚଳିତ ଖରିଫ ଋତୁରେ ୪୩ ଲକ୍ଷ ଋଣ ପ୍ରଦାନ କରାଯାଇଥିବାବେଳେ ୧୫ଏସଏଚଜି ଗ୍ରୁପକୁ ୫୦ହଜାର ଲେଖାଁଏ ଋଣ ୧ ପ୍ରତିଶତ ସୁଧରେ ଦିଆଯିବ ବୋଲି କହିଥିଲେ । ଏଥିରେ ଗ୍ରାମର ୬୦ ପରିବାର ଉପକୃତ ହେବେ ବୋଲି ସେ କହିଥିଲେ। ଧଉଁରାଦାଦରରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ନାର୍ବାଡ ସହାୟାତରେ ଗୋଟିଏ ଚାଷୀ କ୍ଲବ ଗଠନ କରାଯିବ। ଏଥିପାଇଁ ସିଜିଏମ ମଧ୍ୟ ସହମତି ପ୍ରକାଶ କରିଥିବା କହିଥିଲେ। ଲୋଇସିଂହା ଶାଖା ପରିଚାଳକ ଗଙ୍ଗାଧର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନଅଗାଁ(ଖ) ପ୍ୟାକ୍ସ ସମ୍ପାଦକ ପ୍ରୀତମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସଭାରେ ସମ୍ବର୍ଦ୍ଧିତ ପଟୁଆପାଲିର ପାର୍ବତୀ ଜେଏଲଜି ଗ୍ରୁପ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଲିଆ ବୋଇଲା ପାଟଳାରେ**
**ଦେଖ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି ।**

ଖଲିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖାଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା'ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚାଲିଛି ବାଲି ଚୋରାଚାଲାଣ
## ସରକାର ପାଖକୁ ଆସୁନି ରାଜସ୍ୱ

**ଖପ୍ରାଖୋଲ, ୧୪।୧୨ (ଡି.ଏନ.ଏ.)**

**ଖପ୍ରାଖୋଲ ତହସିଲ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଅଞ୍ଚଳରେ ବେଆଇନ ବାଲି ଚୋରାଚାଲାଣ ଚାଲଛି। ଏ ନେଇ ଅଭିଯୋଗ ହେଉଥିବାବେଳେ କିଛି ଦିନ ତଳେ ଚୋରା ଘାଟ ମାନଙ୍କରେ ତହସିଲ ପକ୍ଷରୁ ସାଇନ ବୋର୍ଡ ଲଗାଯାଇଥିଲା। ହେଲେ ଏହାକୁ ମାନୁ ନାହାନ୍ତି ଚୋରା ଚାଲାଣକାରୀ । ଫଳରେ ସରକାର ବିପୁଳ ରାଜସ୍ୱହାନୀ ଘଟୁଛି। ତହସିଲ ଅଞ୍ଚଳରେ ଅନେକ ବାଲି ଘାଟ ନିଲାମ ହୋଇ ନାହିଁ। ଯେଉଁ କେତୋଟି ନିଲାମ ହୋଇଛଇ ସେଠାରେ ବି ନିଲାମଧାରୀ ରାଜସ୍ୱ ବିଭାଗକୁ କିସ୍ତି ପଇଠ କରୁ ନ ଥିବା ଜଣାପଡିଛି । ସୂଚନା ଅନୁସାରେ ତହସିଲ ଅଞ୍ଚଳର ଗଉଡପାଲି ଘାଟ କେବଳ ନିଲାମ ହୋଇ ରାଜସ୍ୱ ପଇଠ ହେଉଥିବାବେଳେ ବାଘମୁଣ୍ଡ ଓ ବାଂଜିପାଲି ଘାଟ କିସ୍ତି ପଇଠ ହେଉ ନାହିଁ । ବିଭିନ୍ନ ନିର୍ମାଣ କାମ ଚାଲୁ ଥିବାବେଳେ ବାଲିର ଆବଶ୍ୟକତା ରହିଛି । ହେଲେ କେଉଁଠି ଲୋକେ ବଡ କଷ୍ଟରେ ବାଲି ସଂଗ୍ରହ କରୁ ଥିବାବେଳେ କେଉଁଠି ଖୁଲମଖୁଲା ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଏ ନେଇ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ଗୋଟିଏ ବାଲି ଘାଟ ଠିକରେ ଟଙ୍କା ପାଇଠ କରୁଥିବାବେଳେ ୨ଟି ବାଲି ଘାଟ ନିଲାମଧାରୀ ନିଷ୍କ୍ରିୟ ରହିଛନ୍ତି। ରାଜସ୍ୱ ବିଭାଗ ତରଫରୁ ଚୋରା ବାଲି ଘାଟ ରାସ୍ତାରେ ସୂଚନା ଫଳକ ଲଗାଇ ଚାଲାଣ ବନ୍ଦ ପାଇଁ କୁହାଯାଇଛି । ଅନେକ ଟ୍ରାକ୍ଟର ମାଲିକ ମଧ୍ୟ ମହାସୁଲ ଦେଇଛନ୍ତି । କର୍ମଚାରୀ ଅଭାବରୁ ଚୋରା ଚାଲାଣକାରୀଙ୍କୁ ସାବାଡ କରାଯାଇପାରୁ ନାହିଁ । ଏ ନେଇ ଆମେ ପଦକ୍ଷେପ ନେଉଛୁ। ଚୋରା ଚାଲାଣ ଆଗକୁ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ଜମିକୁ ନେଇ ମାଡ ଅଭିଯୋଗ, ଥାନାରେ ମାମଲା

**ବଲାଙ୍ଗୀର ଅଫିସ, ୧୪।୧୨**

ବଲାଙ୍ଗୀର ଟାଉନ ଥାନା ଅନ୍ତର୍ଗତ ବିଷ୍ଣୁମୁଣ୍ଡାର ଅମିନ ନାଗ ନାମକ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ଦୁଇଜଣ ବ୍ୟକ୍ତି ମାଡ ଓ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ଶୁକ୍ରବାର ଅମିନ ତାଙ୍କ ଘରେ ସ୍ତ୍ରୀ ଓ ପିଲାଛୁଆଙ୍କ ସହ ଥିବାବେଳେ ସରୋଜ ତ୍ରିପାଠୀ ନାମକ ଜଣେ ବ୍ୟକ୍ତି ତାଙ୍କ ଘର ସମ୍ମୁଖକୁ ଆସିଥିଲେ। ତାଙ୍କ ଜମିର ମାପ କରିବାକୁ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ତାଙ୍କ ସ୍ତ୍ରୀ ଓ ଭଉଣୀଙ୍କୁ ମଧ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗରେ ଦର୍ଶାଯାଇଛି । ଦିନେଶ ଦାଶ ନାମକ ନାମକ ଜଣେ ଯୁବକ ମଧ ଅମିନଙ୍କୁ ଫୋନ୍‌ରେ ଧମକଚମକ ଦେଇଥିବା ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ କରିବା ପରେ ଟାଉନ୍ ଥାନାରେ ୩ ଏସସି/ଏସ୍‌ଟି ଆକ୍ଟରେ ଏକ ମାମଲା (ନଂ.୬୬୯/୧୯) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ଦେବକୀ-ବସୁଦେବଙ୍କ ବିବାହର ଏକ ଦୃଶ୍ୟ।

# ଡୁମେରତଲିଏନ ମହୋତ୍ସବରେ କଂସ ଦରବାର

■ ଦେବକୀ-ବସୁଦେବଙ୍କ ବିବାହ ■ କଂସଙ୍କ ସିଂହାସନ ଆରୋହଣ

**ଖପ୍ରାଖୋଲ, ୧୪।୧୨ (ଡି.ଏନ.ଏ.)**

ଖପ୍ରାଖୋଲ ଗ୍ରୀଡ ନିକଟରେ ଆରମ୍ଭ ହୋଇଥିବା ମା' ଡୁମେରତଲିଏନ ମହୋତ୍ସବର ଦ୍ୱିତୀୟ ଦିବସରେ ଆରମ୍ଭ ହୋଇଛି କଂସ ଦରବାର । ଏହି ଅବସରରେ ଦେବକୀ-ବସୁଦେବଙ୍କ ବିବାହ ଉତ୍ସବ ଓ ଉଗ୍ରେସେନଙ୍କୁ ଗାଦିଚ୍ୟୁତ ସହ କଂସଙ୍କ ସିଂହାସନ ଆରୋହଣ ନାଟକ ଖୋଲା ରଙ୍ଗମଙ୍ଗରେ ପରିବେଶିତ ହୋଇଥିଲା। ପ୍ରଥମ ରଜନୀରେ ରାଜ ଅତିଥିଭାବେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ଯୋଗଗୁରୁ ଡା. ହରିଭାଇ ଆର୍ଯ୍ୟାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସଭାପତି ବୁଲୁ ପଣ୍ଡା, ରାଜୁ ବାରିକ, ବାଦଲ ଦଣ୍ଡସେନା, ବିନୋଦ ସାହୁ, ଠଣ ସାହୁଙ୍କ ସମେତ କମଟି ସଦସ୍ୟ ଉପସ୍ଥିତ ଥିଲେ ।



ଦେଓଗାଁ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଶକ୍ତି ସଂରକ୍ଷଣ ଦିବସରେ ସଚେତନତା ସଭା

**ଦେଓଗାଁ,୧୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ କୁମାର ଷାଣ୍ଢଙ୍କ ସଭାପତିତ୍ୱ ତଥା ବିଭୂତି ଭୂଷଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ, ସମ୍ମାନୀତ ଅତିଥି କୁତୁର୍ଲା ହାଇସ୍କୁଲର ପ୍ରଧାନଶିକ୍ଷକ ରତନ ମେହେର, କରୁଆଁଝର ହାଇସ୍କୁଲର ପ୍ରଧାନଶିକ୍ଷକ ଲୋକେଶ୍ୱର ପଧାନ ଯୋଗଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ କୁତୁର୍ଲା ହାଇସ୍କୁଲର ଛାତ୍ରୀ ପ୍ରଜ୍ଞାପରିମିତା ପୋଢ଼, ଦ୍ୱିତୀୟ କରୁଆଁଝର ହାଇସ୍କୁଲର ଇତିଶ୍ରୀ ଭୋଇ ଓ ତୃତୀୟ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ରିଆନ ଅଗ୍ରୱାଲଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଶକ୍ତି ସଂରକ୍ଷଣ ସଚେତନତା ଉପରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରି ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିଥିଲେ । ପ୍ରତାପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବୀରମହାରାଜପୁରରେ ଲୋକଅଦାଲତ

**ଅମରପାଲି, ୧୪।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସିଭିଲ କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ସଭାପତି ଅବକାଶ ଚୌଧୁରୀ, ଏସଡିଜେଏମ ବବିତା ଦାଶ, ଆଇନଜୀବୀ ମଧୁସୂଦନ ଆଚାର୍ଯ୍ୟ, ଶଙ୍କର୍ଷଣ ପଣ୍ଡା, ସନ୍ତୋଷ ଚାନ୍ଦ, କୁନ୍ଦନ ପ୍ରଧାନ, ବିଷ୍ଣୁଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଲୋକ ଅଦାଲତରେ ୭ଟି କେଶର ସମାଧାନ ହୋଇଥିଲା । ଋଣ ପରିଶୋଧ ବାବଦକୁ ଥିବା ପ୍ରାୟ ୧୦ ଲକ୍ଷ ୨୩ ହଜାର ଅଣତିରିଶ ଟଙ୍କା ଅସୁଲ ହୋଇଥିଲା। କାର୍ଯ୍ୟକ୍ରମକୁ ବୀରମହାରାଜପୁର ଆଇନ ସେବା କର୍ମଚାରୀ ସଞ୍ଜିବ କୁମାର ବାରିକ, ସୁବ୍ରତ ନାଏକ, ସୁଶିଲ ବେହେରା ଓ ମାନସରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ଘୁଷୁରାମୁଣ୍ଡା ଗ୍ରାମବାସୀ

**ଲୋଇସିଂହା, ୧୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଘୁଷୁରାମୁଣ୍ଡା କଲ୍ୟାଣ ମଣ୍ଡପ ପାଚେରି ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି । ହେଲେ ଲୋଇସିଂହା ବିଧାୟକ ଉକ୍ତ ଅନୁଦାନକୁ ଅନ୍ୟତ୍ର ଖର୍ଚ୍ଚ କରାଯିବା ନେଇ ବିକାଶ ପରିଷଦ ଅଧ୍ୟକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଗ୍ରାମର ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ପରାମାନନ୍ଦ ସାହୁ, ସତ୍ୟନାରାୟଣ ସାହୁ, ରଞ୍ଜିସାହୁ, ସୁଧାଂଶୁଶେଖର ସାହୁ, ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ବ୍ଲକ କାର୍ଯ୍ୟାଳୟରେ ଭେଟି ଫେରାଦ ହୋଇଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦ ପତ୍ର ନମ୍ବର ୮ ୨୦୧୯ ୫୨୨୭ /ତା ୨୯।୮।୧୯ରିଖ ଅନୁଯାୟୀ ଗ୍ରାମର କଲ୍ୟାଣ ମଣ୍ଡପ ପାଚେରି ପାଇଁ ଉକ୍ତ ଅନୁଦାନ ଦିଆଯାଇଛି । ହେଲେ ବିଧାୟକ ୬ ନଭେମ୍ବରରେ ପଶ୍ଚିମଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଉକ୍ତ ଅନୁଦାନ ଅନ୍ୟତ୍ର ଖର୍ଚ୍ଚ କରାଯିବାକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଗ୍ରାମର ସାମୂହିକ କାର୍ଯ୍ୟ ହୋଇଥିବାରୁ ବିଧାୟକଙ୍କ ଏହି ପଦକ୍ଷେପକୁ ଗ୍ରାମବାସୀ ଦୃଢ ନିନ୍ଦା କରିବା ସହ ପ୍ରତିବାଦ କରିଛନ୍ତି। ବିଧାୟକଙ୍କ ପଦକ୍ଷେପକୁ ରଦ୍ଦ କରି ଶ୍ରୀଘ କାମ ଅନୁମତି ଦେବାକୁ ବିଡିଓଙ୍କ ଜରିଆରେ ବିକାଶ ପରିଷଦ ଅଧ୍ୟକ୍ଷକଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ୬୦ କିମି ସାଇକେଲ ଯାତ୍ରା

**ଟିକ୍ରାପଡା, ୧୪।୧୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାପାଳ ଓ ଏସ୍‌ପି ଶନିବାର ସକାଳେ ଜିଲା ହେଡକ୍ୱାର୍ଟର୍ସରୁ ମୁରିବାହାଲ ବ୍ଲକ ଚଲକି ପର୍ଯ୍ୟନ୍ତ ୬୦କିମି ରାସ୍ତା ସାଇକେଲରେ ଯାତ୍ରା କରିବା ଚର୍ଚ୍ଚାର ବିଷୟ ହୋଇଛି। ଭୂତିଆରବାହାଲ-ଟିକ୍ରାପଡା-ମୁରିବାହାଲ ରାସ୍ତାରେ ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକର ଚଲକି ପର୍ଯ୍ୟନ୍ତ ଯାଇଥିଲେ । ସକାଳୁ ଅନ୍ୟ ୪ ଜଣ ପୋଲିସ ସାଇକେଲ ଆରୋହୀଙ୍କ ସହ ଜିଲାର ଏହି ଦୁଇ ଶୀର୍ଷ ଅଧିକାରୀ ବଲାଙ୍ଗୀରରୁ ବାହାରି ସିନ୍‌ଖମନ୍, ଭୂତିଆରବାହାଲ, ଦେଷଣ୍ଡ, ଟିକ୍ରାପଡା ଦେଇ ସାଇକେଲରେ ଯାଇଥିଲେ । ସାଇକେଲ ଆରୋହୀ ଡ୍ରେସ୍ ପିନ୍ଧି ଯାଉଥିବା ଖବର ପାଇବା ପରେ ରାସ୍ତାରେ ଲୋକେ ସେମାନଙ୍କ ଫଟୋ ଉଠାଇଥିଲେ । ତେବେ ସାଇକେଲ ଯାତ୍ରାକୁ ନେଇ ଉଭୟ ଅଧିକାରୀ କୌଣସି ସୂଚନା ଦେଇନାହାନ୍ତି ।



ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକର ସାଇକେଲରେ ଯାଉଛନ୍ତି।

# ବହେନ୍ ଭରସାରେ ପ୍ରସାଦିଙ୍କର ପରିବାର

**ଲୋଇସିଂହା, ୧୪।୧୨ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଟେନପାଲି ପଁଚେତ୍ ଦୁମଦୁମି ଗାଁର ପ୍ରସାଦି କଲତା। ସେ ଝନେ ନିହାତି ଗରିବ୍ ଆର ଖଟିଖିଆ ଲୋକ୍। ବଛରେ ତଲେ ସେ ଗୁଟେ ଦୁରଘଟନାର ଶିକାର ହେଇଥିଲେ। ଉଷୋକଷା କଲାରୁ ଏହେଦେ ଟିକେ ଭଲ ଅଛନ୍। ହେଲେ ଭିଡ଼ କାମ୍ କିଛି କରି ନାଇଁପାରବାର। ପ୍ରସାଦି ଘରର ଝନେ ବଲି ରୁଜ୍‌ଗାରିଆ ଲୋକ୍। ସେ ପଡ଼ି ରହିଲାକେ ଘରର ଥିତି ବିଗ୍‌ଡ଼ି ଯାଇଛେ। ଏନ୍‌ତାଥି ତାକର ବହେନ୍ ପ୍ରସାଦିଙ୍କର ପରିବାର କଥା ବୁଝୁଛନ୍।

ସୂଚନା ଅନ୍‌ସାରେ ଦୁମଦୁମି ଗାଁର ପ୍ରସାଦି କଲତାଙ୍କର ପରିବାର କହେଲେ ମାଏକିନା ନିରୂପମା, ଝି' ଟିକେଶ୍ୱରୀ, ଲକ୍ଷ୍ମୀଙ୍କୁ ନେଇ ସଁସାର। ପ୍ରସାଦି ଝନେ ଖଟିଖିଆ ଲୋକ୍। ବିହାଚୁରା ହେଲା ଉତାରୁ ସେ ଅଲ୍‌ଗେ ରହୁଥିଲେ ଆର କୁଲିମଜୁରି କୁଟୁମ ପୁଷୁଥିଲେ। ଗଲା ବଛର ଲୋଇସିଂହାରୁ କାମ୍ ସାରି ବେଲବୁଡ଼େ ଘରକେ ଫିରଲାବେଲେ ସେ ଗୁଟେ ଦୁରଘଟନାର ଶିକାର ହେଇଥିଲେ। ସେଥିରେ ତାକର ମେରୁହାଡ଼ ଭାଂଗି ଯାଇଥିଲା। ପରିବାର ଲୋକ୍ ଧାର ଉଧାର କରି ତାକର ଚିକିଛା କଲେ। ଏହେଦେ ସେ ଟିକେ ଭଲ ଅଛନ୍। ହେଲେ ଡାକ୍‌ତର ଭିଡ଼ କାମ୍ କରବାକେ ତାହାକୁ ପୂରା ମନା କରିଛନ୍। ଏହେଦେ ସେ ଆଘର ଲେଖେଁ କାମ୍‌ବୁତା କିଛି କରି ନାଇଁପାରବାର। ୨ ପଟ୍ ଛେଲ୍ ପାଲି ଚରଉଛନ୍। ଇଆଡ଼େ ଘରର ଝନେ ବଲି ରୁଜ୍‌ଗାରିଆ ଲୋକ୍ ଅଦରବା ହେଲାରୁ ପରିବାରର ଥିତି ବିଗ୍‌ଡ଼ି ଯାଇଛେ। ଇ ଘଟନା ଜାନ୍‌ଲାରୁ ଆମେ ତାକର ଘରକେ ଯାଇଥିଲୁଁ। ସେ ସମିଆରେ ପ୍ରସାଦି ଛେଲ ଚରେଇ ଯାଇଥିଲାବେଲେ ତାକର ମାଏକିନା ଭୁତେର କାମ୍ କରି ଯାଇଥିଲେ। ଏନ୍‌ତାଥି ତାକର ପଡ଼ିଶା ଘରର ଝନେ ମହିଲା ପ୍ରସାଦିଙ୍କର ବହେନ୍ ସୁକାନ୍ତୀ ବାବ୍‌ଦେ ସୂଚନା ଦେବାର ସଂଗେ ସେ ପରିବାରର ସବୁକଥା ବୁଝୁଛନ୍ ବଲି କହିଥିଲେ। ସୁକାନ୍ତୀ ଗାଁର ସେବାଶ୍ରମ ସ୍କୁଲରେ ଘରୋଇ ଶିକ୍ଷୟିତ୍ରୀ ହିସାବେ ପାଠ୍ ପଢ଼ଉଛନ୍। ଆମେ ତାହାକୁ ସ୍କୁଲକେ ଯାଇ ଭେଟିଥିଲୁଁ। ସେ ନିଜର ବଡ଼ଭାଇ ପ୍ରସାଦିଙ୍କର ପାରିବାରିକ ଥିତି ଆର ଦୁଖ୍ ବଖାନିଥିଲେ। ପ୍ରସାଦିଙ୍କର ପରିବାରକେ ରାଶନ କାର୍ଡରେ ଖାଲି ଚାଉଲ ଦୁରା ମିଲୁଛେ। ସେ ଝନେ ଖଟିଖିଆ ହେଇଥିଲେ ଚାଉଲ ଦୁରାକେ ଛାଡ଼ି ବାକି ସବୁ ପରକାର ସରକାରୀ ସାହାଯ୍ୟରୁ ବଁଚିତ୍ ହେଇ ରହିଛନ୍ ବଲି ସେ କହିଥିଲେ। ଇ ଦୁଖି ପରିବାର ଉପରେ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।





ପ୍ରସାଦିଙ୍କର ଦଦ୍‌ରା କୁରିଆ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ମାରପିଟ ଘଟଣାରେ ସରପଞ୍ଚ ଗିରଫ

ବୋଡେନ, ୧୪।୧୨ (ଡି.ଏନ.ଏ): ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଫରସରା ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜୁହେର୍ଣ୍ଣା ମାରପିଟ ଘଟଣାରେ ଗିରଫ ହୋଇଛନ୍ତି। ଖବର ନେବାରୁ ଜଣାଯାଇଛି ଯେ ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ଅବହେଳା କରିଆସୁଥିବାରୁ ୱାର୍ଡ ମେମ୍ବରମାନେ ବିରୋଧ କରି ଆସୁଥିଲେ। ଗତ ୨୯।୧୦।୨୦୧୯ ତାରିଖ ଦିନେ ୱାର୍ଡ ସଭ୍ୟସଭ୍ୟା ଏକତ୍ରିତ ହୋଇ ସରପଞ୍ଚଙ୍କ ବିରୋଧରେ ନୂଆପଡା ଜିଲାପାଳଙ୍କୁ ଭେଟି ଏକ ଦରଖାସ୍ତ କରିବାକୁ ସ୍ଥିର ହୋଇଥିଲା। ପଞ୍ଚାୟତର ପୁଟୁପଡା ଗ୍ରାମଠାରେ ୱାର୍ଡ ସଭ୍ୟ ସଭ୍ୟା ବୈଠକ କରିଥିଲେ। ଏହି ବୈଠକରେ ସରପଞ୍ଚ ଓ ତାଙ୍କ ଦୁଇଭାଇ ଜଶୋବନ୍ତ ହେର୍ଣ୍ଣା ଓ ତରୁଣ ହେର୍ଣ୍ଣା ଆମ୍ବଗୁଡା ଗାଁର ଦୁଧନାଥ ବାଗ ୱାର୍ଡ ମେମ୍ବରଙ୍କୁ ମାରପିଟ କରିଥିଲେ। ଶରୀର ବିଭିନ୍ନ ସ୍ଥାନରେ କ୍ଷତି ହୋଇଥିଲା। ଏ ସମ୍ପର୍କରେ ଦୁଧନାଥ ବାଗ ବୋଡେନ ଥାନାରେ କେଶ ଦାୟର କରିଥିଲେ। ସେହି କେଶ ଅଭିଯୋଗ ଅନୁସାରେ ବୋଡେନ ପୋଲିସ ସରପଞ୍ଚ ରାଜୁହେର୍ଣ୍ଣାଙ୍କୁ ନିଜଘର ଆମ୍ବଗୁଡାରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ବର୍ତ୍ତମାନ ଯଶୋବନ୍ତ ହେର୍ଣ୍ଣା ଓ ତରୁଣ ହେର୍ଣ୍ଣା ଫେରାର ଅଛନ୍ତି।

### କ୍ରୀଡାବିତ୍‌ଙ୍କ ପରଲୋକ

ସମ୍ବଲପୁର, ୧୪।୧୨ (ବ୍ୟୁରୋ): ପୁରୁଖା କ୍ରୀଡାବିତ ତଥା ସଂସ୍କୃତି ସଂଗଠକ କାର୍ତ୍ତିକେଶ୍ୱର ପ୍ରଧାନଙ୍କ ୫୬ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଥିଲେ। ବୁର୍ଲାସ୍ଥିତ ଏକ ନର୍ସିଂହୋମରେ ସେ ଚିକିତ୍ସିତ ହେଉଥିଲେ। ରାଜଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଅନୁସୂଚିତ ଜାତି,ଜନଜାତି ଉନ୍ନୟନ ମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

# ଓଡ଼ିଶା ମନ୍ତ୍ରୀ ଛତିଶଗଡ଼ରେ ବାଟବଣା

ନୂଆପଡ଼ା ଅଫିସ, ୧୪।୧୨

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ନୂଆପଡା ଜିଲା ଗସ୍ତରେ ଆସିଥିବାବେଳେ କର୍ମୀ ସମ୍ମିଳନୀ ସହ ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଛନ୍ତି। ଗସ୍ତ ସମୟରେ ନୂଆପଡା ଜିଲାରେ ପ୍ରବେଶ ପୂର୍ବରୁ ବାଟ ଭୁଲିଯାଇ ଛତିଶଗଡ ଭିତରେ ଘୂରିବୁଲିଥିଲେ । ଦୀର୍ଘ ସମୟ ଧରି ରାସ୍ତା ଖୋଜି ବୁଲିବା ପରେ ନିର୍ଦ୍ଧାରିତ ସମୟଠାରୁ ୨ଘଣ୍ଟା ବିଳମ୍ବରେ ନୂଆପଡା ଜିଲାରେ ପ୍ରବେଶ କରିଥିବାରୁ ଏହାକୁ ନେଇ ନାନାଦି ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ନୂଆପଡା ଜିଲାର କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲା ସୀମାନ୍ତ ଅଞ୍ଚଳ ମାଓବାଦୀ ପ୍ରବଣ ହୋଇଥିବାରୁ ଏହା ସ୍ପର୍ଶକାତର। ଏଭଳି ଅଞ୍ଚଳ ଦେଇ ଶନିବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ନୂଆପଡା ଜିଲାରେ ପ୍ରବେଶ କରିବାର ଥିଲା। ଏଠାରେ ମଧ୍ୟାହ୍ନ ସାଢେ ୧୨ଟାବେଳେ ପହଞ୍ଚି ପ୍ରଥମ କାର୍ଯ୍ୟକ୍ରମ କେନ୍ଦୁମୁଣ୍ଡା ନିକଟରେ ଏକ ସେତୁ ନିର୍ମାଣ ସକାଶେ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଥିଲା। ମନ୍ତ୍ରୀଙ୍କ ଗାଡି ନବରଙ୍ଗପୁରରୁ ଚନ୍ଦାହାଣ୍ଡି ଦେଇ ଛତିଶଗଡର ଗୋହିରାପଦର ରାସ୍ତାଦେଇ ଏଠାରେ ପହଞ୍ଚିବା କଥା । ହେଲେ କୁଆଡେ ରାସ୍ତା ଭୁଲିଯାଇ



ଗୋଡାଲ ହାଇସ୍କୁଲ ଛାତ୍ରାବାସ ବୁଲି ଦେଖୁଛନ୍ତି।

- ୨ଘଣ୍ଟା ପରେ ଫେରିଲେ
- କର୍ମୀ ସମ୍ମିଳନୀ, ସେବାଶ୍ରମ ବୁଲି ଦେଖିଲେ

ମନ୍ତ୍ରୀଙ୍କ ଗାଡି ଛତିଶଗଡ ଭିତରେ ବହୁ ଦୂରକୁ ଚାଲିଯାଇଥିଲା। ଏଭଳି ଏକ ସ୍ପର୍ଶକାତର ଅଞ୍ଚଳରେ ମନ୍ତ୍ରୀ ଘୂରିବୁଲିବା ସମସ୍ତଙ୍କ ମୁଣ୍ଡବ୍ୟଥାର କାରଣ ହୋଇଥିଲା । ଏହା ଉପରେ ଖଡିଆଳ ଏସ୍‌ଡିପିଓ ବିରଞ୍ଚି ପ୍ରସାଦ ଦେହୁରୀଙ୍କୁ ପଚାରିବାରେ ଆମେ ସୀମାନ୍ତରେ ଜଗିଥିଲୁ। ଏହା ଉପରେ ନବରଙ୍ଗପୁର ପୋଲିସ କହିପାରିବ । ଯାହା ସୂଚନା ରହିଛି ସେ ବାଟରେ ଜଣେ ସମ୍ପର୍କୀୟଙ୍କ ଘରେ ଅଟକିଯାଇଥିଲେ ବୋଲି କହିଛନ୍ତି। ଅପରାହ୍ନ ୨ଟା୩୦ମିନିଟରେ ପହଞ୍ଚିଥିଲେ କେନ୍ଦୁମୁଣ୍ଡା ନିକଟରେ। ଏଠାରେ ମେଣ୍ଢାଜୋର ନାଲା ସେତୁ ଶିଳାନ୍ୟାସ କରିଥିଲେ । ଏହାପରେ କେନ୍ଦୁମୁଣ୍ଡାରେ ଆୟୋଜିତ ଏକ ବିଜେଡି କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଏଥିରେ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ସେଫାଳୀ ସଲମା, ବ୍ଲକ ଉପାଧ୍ୟକ୍ଷ ସୁବାସ ଅଗ୍ରୱାଲ, ସୌଭାଗ୍ୟ ନାୟକ, ପ୍ରିୟ ମେହେର, ଦୈତାରି ମେହେର, କୈଳାସ ବାଗ, ମିଥୁନ ବାଗ, ବୀରେନ୍ଦ୍ର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ସିଙ୍ଗଝରରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ଯୋଗ ଦେଇଥିଲେ ମନ୍ତ୍ରୀ। ଗୋଡାଲ ହାଇସ୍କୁଲରେ ଚାଲିଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଛାତ୍ରାବାସ ବୁଲିଦେଖିଥିବା ବେଳେ ଗଣ୍ଡାବାହାଲି ସେବାଶ୍ରମ ସ୍କୁଲ ବୁଲି ଦେଖିଛନ୍ତି। ସନ୍ଧ୍ୟାରେ ଖଡିଆଳସ୍ଥିତ କଲ୍ୟାଣ ମଣ୍ଡପରେ କର୍ମୀ ସମ୍ମିଳନୀପରେ ନୂଆପଡା ଜିଲା ହେଡକ୍ୱାର୍ଟରରେ ଆସି ପହଞ୍ଚିଛନ୍ତି। ତାଙ୍କର ଦୁଇଦିନିଆ ଗସ୍ତ ରବିବାର ଶେଷ ହେବ ବୋଲି କୁହାଯାଉଛି ।





ଛାତ୍ରୀଛାତ୍ର ରାଲିରେ ଯାଉଛନ୍ତି।

# ଖରିଆରରୋଡ଼ ନୋଡାଲ ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଦିବସ

ନୂଆପଡା ଅଫିସ,୧୪।୧୨

ସ୍ଥାନୀୟ ଖରିଆରରୋଡ ନୋଡାଲ ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ ସିଂ ସଭାପତିତ୍ୱ କରିଥିବାବେଳେ ବିଜୁଳୀ ବିଭାଗର ସହକାରୀ ଯନ୍ତ୍ରୀ କିଶୋର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କର ରାଲି ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ସୁଶାନ୍ତ ଯୋଷୀ, ବବିତା ରଣା, ଅଞ୍ଜନା ଗୁରୁ, ନନ୍ଦିନୀ ସତପଥୀ, ଦିନେଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ବବିତା ରଣା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ମୋ ତହସିଲ କାର୍ଯ୍ୟକ୍ରମ

ବୋଡେନ, ୧୪।୧୨ (ଡି.ଏନ.ଏ)

ଜିଲା ପ୍ରଶାସନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନୂଆପଡା ଆନୁକୁଲ୍ୟରେ ବୋଡେନ ବ୍ଲକର କରଙ୍ଗାମାଳ ଗାଁ ଠାରେ ମୋ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ପୂର୍ଣ୍ଣଚନ୍ଦ୍ର ଭୋଇ, ଅତିରିକ୍ତ ତହସିଲଦାର ନବକିଶୋର ସାହୁ, ଲର୍କା ଆରଆଇ କିରନ ସାହୁ, ରେକର୍ଡ କିପର ବିନୋଦ ବିହାରି ପଣ୍ଡା, ରାଜସ୍ୱ ସହାୟକ ଶ୍ରବଣ କୁମାର ପଣ୍ଡା, ବିଭାଗୀୟ ଅଧିକାରୀ ଜାନି ସବର, ରାଜସ୍ୱ ପରିଦର୍ଶକ ଲକ୍ଷ୍ମୀନାରାୟଣ ମେହେର, ରାଜସ୍ୱ ସହାୟକ ଲକ୍ଷ୍ମୀକାନ୍ତ ପାଟଯୋଶି, ବରିଷ୍ଠ ରାଜସ୍ୱ ସହାୟକ ଦିଗାମ୍ବର ସବର, ରାଜସ୍ୱ ସହାୟକ ଗୁପ୍ତେଶ୍ୱର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ବୋଡେନ ତହସିଲର ସମସ୍ତ କର୍ମଚାରୀ ସହଯୋଗକରିଥିଲେ ।

ଦଣ୍ଡପାଟ ଅଂଚଲରୁ ଦାଦନ ଚାଲାନ

# ପେଟର ଭୁଖ୍ ଲାଗି ଭିଟାମାଟି ଛାଡୁଛନ୍ ଲୋକ୍

ପର୍ଲା, ୧୪।୧୨ (ଡି.ଏନ୍.ଏ.)

କଳାହାଣ୍ଡି ଜିଲାର ଭୁଖମରି ଅଂଚଲ କହେଲେ ଦଣ୍ଡପାଟ ଅଂଚଲକେ ବୁଝାସି। କାମ୍‌ଧଁଦା ଅଭାବୁ ପେଟର ଭୋଖ୍ ଲାଗି ଇ ଅଂଚଲରୁ ଫିବଛର ହଜାର ହଜାର ଲୋକ୍ ଦାଦନ ଯାଉଛନ୍। ବୁଢ଼ାବୁଢ଼ି ମା'ବାପ୍, ଭିଟାମାଟି ଛାଡ଼ି ଲୋକ୍ କୁଟୁମବସିଆ ଭିନେ ଭିନେ ରାଏଜ୍‌କେ ଦାଦନ ଖଟୁଛନ୍। ସେଠାନେ ସେମାନେ ନାନା ଯାତନା ଭୁଗ୍‌ବାର ସଂଗେ କେତେବେଲେ କାହାର ଲାସ୍ ଫିରୁଛେ ତ କେତେ ଅଦରବା ହେଇ ଘରକେ ଫିରୁଛନ୍। ସେନ୍‌ତା ଅଂଚଲର ଅନେକ ଲୋକ୍ ଆଏଜ୍ ବି ନିଖୋଜ ଅଛନ୍। ଏହେଦେ ଅନେକ ଜାଗାରେ ଧାନ ଅମଲ ସରି ସରି ଆଏଲା ବେଲେ ଦାଦନ ସରଦାରମାନେ ଗାଁଗାଁ ବୁଲି ଶ୍ରମିକମାନକୁ ବଏନା ଦେଉଛନ୍। ଅଂଚଲରୁ ଫିଦିନ ଶହ ଶହ ଦାଦନ ଶ୍ରମିକ ଦଲାଲମାନକର ଜରିଆରେ ଚାଲାନ ହେଉଛନ୍। ଇଆଡ଼େ ଦାଦନ ଚାଲାନ ଉପରେ ଲଗାମ କସ୍‌ବାରେ ପରଶାସନ ଫେଲ ମାରିଛେ। ଅଂଚଲରୁ କେତେ ଲୋକ ଦାଦନ ଯାଇଛନ୍, ନିଖୋଜ ଅଛନ୍ ତାର ଖବର ପରଶାସନ ପାସେ ନାଁଇଁ। ଦଣ୍ଡପାଟ ଅଂଚଲରେ ଦାଦନ ସମସିଆ ଉପରେ ସମିକ୍ଷା କରବାକେ ଦାବି ହେଉଥିଲେ ବି ପରଶାସନ ଚୁପ୍ ମାରି ବସିଛେ। ଯେନ୍‌ଟାକେ ବୁଧିଜୀବୀ ମହଲ ନାପସନ୍ କରିଛନ୍। ୨୦୦୭-୦୮ ସାଲେ ସେବେଲର ଉପଜିଲାପାଳ



ଦାଦନ୍ ଯିବା ଲାଗି ଲୋକ୍ କୁଟୁମ୍‌ବସିଆ ଗାଡ଼ିମଟର ଟାକିଛନ୍।

ଜଗନ୍ନାଥ ମହାନ୍ତିକଁର ଦେଖ୍‌ରେଖରେ ବେହେରାର ଗୁଟେ ବେସରକାରୀ ସଂସ୍ଥା 'କର୍ତ୍ତବ୍ୟ' ଦାଦନ ସମସିଆ ଉପରେ ସର୍ଭେ କରିଥିଲା। ତାକର ସର୍ଭେ ରିପୋର୍ଟ ଅନ୍‌ସାରେ ସେ ସମିଆରେ ଦଣ୍ଡପାଟ ଅଂଚଲରୁ ୧୧୬୫ ପରିବାରରୁ ୧୧୯୭ ଝନ୍ ପୁରୁଷ, ୪୩୯ ମହିଳା, ୩୦୪ ଛୁଆକୁ ଦାଦନ ହିସାବେ ଚାଲାନ କରାଯାଇଥିଲା। ଇମାନକର ଭିତରୁ ୪ ଝନ୍ ବାହାର ରାଏଜ୍‌ରେ ମରିଥିଲାବେଲେ ଝନ୍‌କର ଶବ ଘରକେ ଫିରିଥିଲା। ସେନ୍‌ତା ୨୩ ଝନ୍ ନିଖୋଜ ହେବାର ସଂଗେ ୩୬ ପରିବାର ନିରଯାତନାର ଶିକାର ହେଇଥିଲେ। ୩୨ ଝନ୍‌କୁ ଦଲାଲମାନେ ବଁଧକ୍ ରଖିଥିବାର ରିପୋର୍ଟରେ ଦରଶାଯାଇଥିଲା। ସେ ସମିଆରେ ଉପଜିଲାପାଳ ଦଲାଲମାନକର ବିରୋଧନେ ପଦକ୍ଷେପ ନେବାର ସଂଗେ ଅନେକ ଦାଦନ ଶ୍ରମିକକୁଁ ଉଧାର କରିଥିଲେ। ହେଲେ ସେଦିନ୍‌ଠାନୁ ଆଏଜ୍‌ତକ ପରଶାସନ କେହେନ୍‌ସି ପରକାର ଆଏଁଖ୍ ଦେଖା ପଦକ୍ଷେପ ନାଇଁ ନେଇ। ଯେନ୍‌ଥିରଲାଗି ଦଣ୍ଡପାଟ ଅଂଚଲ ଦାଦନ ସରଦାରମାନକର ଚରାଭୂଇଁ ପାଲଟିଛେ। ସେନ୍‌ତା ଅଂଚଲବାସୀକର କହେବାର ହିସାବେ ଅଂଚଲରେ କାମ୍‌ଧଁଦାର ଘୋର ଅଭାବ ସଂଗେ ଠିକାଦାର ଆର ପରଶାସନର ଶୋଷନ୍ ନୀତି ଦାଇ ବଲି କହିଛନ୍। ଇ ଦିଗେ ଜିଲା ପରଶାସନ, ଜିଲା ଶ୍ରମ ବିଭାଗ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅଂଚଲର ବୁଧିଜୀବୀ ଦାବି କରିଛନ୍। ଇ ବାବ୍‌ଦେ ଧର୍ମଗଡ଼ ସହ ଶ୍ରମ ଅଧିକାରୀ ଜୟନ୍ତ କୁମାର ପଣ୍ଡାକୁଁ ପଚ୍‌ରାଲାରୁ ଆମେ ଇ ଦିଗେ ନଜର ରଖିଛୁଁ। ଦାଦନ ଶ୍ରମିକ ଚାଲାନ ଉପରେ ଖବର ପାଏଲେ ପଦକ୍ଷେପ ନେଉଛୁଁ। ହେଲେ ପୂରା ସଫଲତା ନାଇଁ ମିଲିପାରବାର। ଲୁକ୍‌କୁ ସଚେତନ ବି କରାଯାଉଛେ। ଅତିକମ୍‌ରେ ଯେନ୍‌ମାନେ ଦାଦନ ଯାଉଛନ୍ ଗଲାବେଲେ ବିଭାଗରେ ନାଁ ଲେଖେଇ କରି ଯିବାର କଥା ବଲି ସେ କହିଥିଲେ।

# ଗଙ୍ଗାକୁମାର କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ସିଙ୍ଗଝର

ଖଡ଼ିଆଳ,୧୪।୧୨ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ବିଜେପୁର ଗାଁରେ ଚାଲିଥିବା ୪ତମ ଗଙ୍ଗାକୁମାର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସିଙ୍ଗଝର ଏବଂ ଗୋଡଧୁଆପଦର ଦଳ ମଧ୍ୟରେ ହୋଇଥିଲା । ସିଙ୍ଗଝର ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରୁ ୧୭.୩ ଓଭରରେ ୧୦ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ଗୋଡଧୁଆପଦର ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୮୮ରନ୍ ସଂଗ୍ରହ କରିଥିଲା। ସିଙ୍ଗଝର ଦ୍ୱିତୀୟ ସେମିଫାଇନାଲରେ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ପ୍ରଥମ ସେମିଫାଇନାଲ ବିଜେପୁର ଓ ଡୁକଲା ମଧ୍ୟରେ ହୋଇଥିଲା। ଏଥିରେ ବିଜେପୁର ଦଳ ଡୁକୁଲାକୁ ହରାଇ ଫାଇନାଲରେ ପହଞ୍ଚିଛି। ରବିବାର ଫାଇନାଲ ଖେଳ ସିଙ୍ଗଝର ଓ ବିଜେପୁର ଦଳ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଜିତ କୁମାର ପଣ୍ଡା, ବିଜୟ କୁମାର ସହିସ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସୁଜିତ କୁମାର ପ୍ରଧାନ, ମୋତିଲାଲ ବାଗ, ରୁଦ୍ର ବାଗ, ରବିକାନ୍ତ ଠେଲା, ତପନ କୁମାର ଦାଶ, କ୍ଷୀରଧର ପାନ, ପୂର୍ଣ୍ଣଚନ୍ଦ୍ର ଶବର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଶିବଦତ୍ତ କୁମାର, ସ୍କୋରର ସୋମନାଥ ଖରସେଲ ଏବଂ ଧାରାବୀବରଣୀ ନନ୍ଦୁ ଶବର ଦେଇଥିଲେ। ସଭାପତି ସୁରେନ୍ଦ୍ର କୁମାର, ଉପସଭାପତି ମୁକୁନ୍ଦ ନାଗ, ସମ୍ପାଦକ ଅର୍ଜ୍ଜୁନ ହରପାଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଖରିଆରରୋଡରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୂଆପଡା ଅଫିସ,୧୪।୧୨

ସ୍ଥାନୀୟ ଖରିଆରରୋଡସ୍ଥିତ ନୋଡାଲ ହାଇସ୍କୁଲରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ସଭାରେ ରଞ୍ଜିତ ସିଂ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ଶିବମ ରାଣୀ, ପୂଜା ପାଟିଦାର ଓ ସାବିତ୍ରୀ ଶୁକ୍ଳା ପ୍ରମୁଖ ଯୋଗ ଦେଇଥିଲେ। ଏହି ତିନିଜଣ ସାଧ୍ୱୀ ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷାଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ସିଂ, ଶିକ୍ଷକ ବିଜୟ କୁମାର ନାଗ, ସୁଶାନ୍ତ ଯୋଷୀ, ମୀନା ବାଗ, ବବିତା ରଣା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସହ ଶିକ୍ଷକ ସୁଶାନ୍ତ ଯୋଷୀ ଧନ୍ୟବାଦ ଜ୍ଞାପନ କରିଥିଲେ।



ଛାତ୍ରୀଛାତ୍ରଙ୍କୁ ଯୋଗ ଶିକ୍ଷା ଦିଆଯାଉଛି।

ସମ୍ବଲପୁର ମହୋତ୍ସବ ସପ୍ତମ ରଜନୀ

# କେନ୍ ରସିଆ ନେଇ ଗଲାରେ ଗୁଡର୍ ପଏଁରି

ସମ୍ବଲପୁର, ୧୪।୧୨ (ବ୍ୟୁରୋ)

ସମ୍ବଲପୁର ମହୋତ୍ସବର ଶନିବାର ସପ୍ତମ ରଜନୀରେ ଶିଶୁ ନୃତ୍ୟଶିଳ୍ପୀଙ୍କ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଛି। କେନ୍ ରସିଆ ନେଇ ଗଲାରେ ମୋର ଗୁଡର୍ ପଏଁରି...., ପଖାନ ଉପରେ ଝରନ୍ ପାନି, ଝରି ଦିଶେ ଝଲମଲ.... ଗୀତର ତାଳରେ କଳାକାରଙ୍କ ନୃତ୍ୟ ମନକୁ ଛୁଇଁଥିଲା। କାଞ୍ଚନ ଲୁହା ଲାବଣି ଓ ବିହୁ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ଢୋଲ୍ ବାଦ୍ୟ ଲାଗି ପରମାନନ୍ଦ ସ୍ୱାଇଁଙ୍କୁ ଉର୍କୁଲୁ ଭରାସାଗର ସମ୍ମାନ ପ୍ରଦାନ କରାଯାଇଥିଲା। ସାମାଜିକ ଅନୁଷ୍ଠାନ ସ୍ୱଇଚ୍ଛାର କର୍ମକର୍ତ୍ତା ଓ ସରସତିଆ ମିଷ୍ଟାନ୍ନ କାରିଗର ମଞ୍ଜୁ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, ଏସ୍‌ଡିଏର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ବିଜେଡି ଯୁବ ନେତା ସଞ୍ଜିତ କୁମାର ମହାନ୍ତି ଓ ସିଦ୍ଧାର୍ଥ ସାହା, ଡ. ରଜତ କୁଜୁର, ଭାଜପା ଯୁବ ନେତା ଅଶ୍ୱିନୀ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସିମାନ୍ତିକା ଦାଶଙ୍କ ନିର୍ଦ୍ଦେଶନାରେ ଉଡାନ କଳାକାର, ନୃତ୍ୟଗୁରୁ ଅସୀମ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସାଇଶିକ୍ଷା ପରିଷଦ ପ୍ରଶିକ୍ଷାର୍ଥୀ, ନୃତ୍ୟ ଗୁରୁ ଦୁର୍ଗା ଦାଶଙ୍କ ନିର୍ଦ୍ଦେଶନାରେ ରଙ୍ଗଫଗୁଆ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସମ୍ବଲପୁରୀ ପୋଷାକର ଫେଶନ ଶୋ ହୋଇଥିଲା ।

# ଫରେଷ୍ଟଗାର୍ଡଙ୍କୁ ଡିଏଫ୍‌ଓଙ୍କ ହତ୍ୟା ଧମକ

ନୂଆପଡା ଅଫିସ,୧୪।୧୨

- ବର୍ଷକ ମଧ୍ୟରେ ୩ ମାମଲା
- ବଡ଼ ଅଧିକାରୀ ବୋଲି କାର୍ଯ୍ୟାନୁଷ୍ଠାନ ନାହିଁ

ଏହି ଜିଲା ସଦର ଥାନା ଅନ୍ତର୍ଗତ ନନ୍ଦପୁର ବଗିଚାରେ ରାଜେଶ ହରିଜନ(୪୦)ନାମକ ଜନୈକ ଫରେଷ୍ଟ ଗାର୍ଡଙ୍କୁ ଖଡିଆଳ ଡିଏଫ୍‌ଓ ଖୁସୱନ୍ତ ସିଂ ଜୀବନରେ ମାରିଦେବାର ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ନୂଆପଡା ଥାନା ପୋଲିସ ଦଫା ୨୯୪, ୫୦୬ରେ ମାମଲା (ନଂ.୧୪୭/୧୯) ରୁଜୁ କରି ତଦନ୍ତ ଚାଲୁ ରଖିଛି । ବିବରଣୀରୁ ପ୍ରକାଶ ଯେ, ଶନିବାର ପୂର୍ବାହ୍ନରେ ଖଡ଼ିଆଳ ଡିଏଫ୍‌ଓ ଖରିଆରରୋଡ ରେଞ୍ଜ ଅଧିନସ୍ଥ ନନ୍ଦପୁର ବଗିଚାକୁ ଇନ୍ସପେକ୍ସନରେ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଫରେଷ୍ଟ ଗାର୍ଡ ହରିଜନଙ୍କୁ ମାରିଦେବାର ଧମକ ଦେଇଥିଲେ। ଜୀବନରେ ଭୟଥିବା ନେଇ ରାଜେଶ ତୁରନ୍ତ ନୂଆପଡା ଆସି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଡିଏଫ୍‌ଓଙ୍କ କାର୍ଯ୍ୟକାଳ ସମୟରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପ୍ରବଳ ଗାଳିଗୁଲଜ କରୁଥିବାବେଳେ ବିଭିନ୍ନ ସମୟରେ ମାଡ ମାରିଥିବା ଅଭିଯୋଗ ହୋଇଛି । ଉଦାହରଣ ଭାବେ ଗତ ବର୍ଷ ନୂଆପଡା ସହର ମଧ୍ୟରେ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ଦୁଇ ବାପପୁଅଙ୍କୁ ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହିଭଳି ସେହି ବର୍ଷ ସୁନାବେଡା ଅଭୟାରଣ୍ୟ ଭିତରେ କେତେଜଣ ଶ୍ରମିକଙ୍କୁ ମାଡ ମାରିଥିବା ନେଇ କୋମନା ଥାନା ପୋଲିସରେ ଅଭିଯୋଗ ହୋଇଥିଲା। ହେଲେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ହୋଇଥିବା ହେତୁ ବଡ ବଡିଆଙ୍କୁ ତିନିଖୁଣ ମାପ ନୀତିରେ ଆଜିଯାଏଁ କାର୍ଯ୍ୟାନୁଷ୍ଠାନ କରାଯାଇଥିବାନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ନୂଆପଡା ଥାନା ଅଧିକାରୀ ମହାକୁଡଙ୍କୁ ପଚାରିବାରେ ଖୁବଶିଘ୍ର ମାମଲା ଗୁଡିକର ଚାର୍ଜସିଟ କୋର୍ଟକୁ ପଠାଯିବ ବୋଲି କହିଛନ୍ତି।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଦଉଡ଼ି ଦେଇ ରାଜମିସ୍ତ୍ରିଙ୍କ ଆତ୍ମହତ୍ୟା

**କୋକସରା,୧୪।୧୨ (ଡି.ଏନ୍.ଏ):** କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ କୋକସରା ବଡପଡ଼ାରେ ରହୁଥିବା ରାଜମିସ୍ତ୍ରି ରାମଚନ୍ଦ୍ର ବାଗ(୩୮) ଘରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାମଚନ୍ଦ୍ର ରାଜମିସ୍ତ୍ରି ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଶୁକ୍ରବାର ରାତିରେ ସେ ଖାଇ ଘରେ ଶୋଇଥିଲେ। ହେଲେ ଶନିବାର ସକାଳେ ରାମଚନ୍ଦ୍ର ବେକରେ ଦଉଡି ଦେଇ ଘରେ ଓହଳି ପଡିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ କୋକସରା ପୋଲିସକୁ ଜଣାଇଥିଲେ। ଖବର ପାଇ ଥାନା ଏଏସ୍ଆଇ ବୁଲୁ ସେଠୀ ଓ ଆନ୍ନା ମି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୬/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।



### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଭବାନୀପାଟଣା,୧୪।୧୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଧର୍ମଗଡ଼ ସବ୍‌ଡିଭିଜନ ଅର୍ନ୍ତଗତ ଜୁନାଗଡ଼ ବ୍ଲକ ପୁରୁଣାସର ଗ୍ରାମର ଗଜାନନ ପାଣିଗ୍ରାହୀଙ୍କ ସ୍ତ୍ରୀ ଶୋଭାଗ୍ୟ ମଞ୍ଜରୀ ପାଣିଗ୍ରାହୀ(୮୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ସମାଜସେବୀ, ସମାଜ ସଂସ୍କାରକ ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଖବର ପ୍ରଚାରିତ ହେବାପରେ ଅଞ୍ଚଳର ଶତାଧିକ ବ୍ୟକ୍ତି ଓ ସମ୍ପର୍କୀୟ ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ, ପୁଅ, ଝିଅ, ନାତିନାତୁଣୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### କୁକୁର କାମୁଡ଼ାରେ ୨ବର୍ଷର ଶିଶୁ ଆହତ

**ଜୁନାଗଡ଼,୧୪।୧୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମାଟିଗାଁ ଅଞ୍ଚଳରେ ବୁଲାକୁକୁର ଆତଙ୍କ ଦେଖାଦେଇଛି। ଶନିବାର କୁକୁର କାମୁଡ଼ାରେ ଜଣେ ୨ବର୍ଷର ଶିଶୁ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ମୁତାବକ, ଜୁନାଗଡ଼ ବ୍ଲକ ମାଟିଗାଁର ପୂର୍ଣ୍ଣ ବାରିକଙ୍କ ଝିଅ ଶିଷ୍ଟି ବାରିକ(୨) ଖେଳୁଥିଲେ। ସେତିକିବେଳେ ଏକ ବୁଲାକୁକୁର ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ପରିବାର ଲୋକେ ଦେଖି କୁକୁରକୁ ଘଉଡାଇବା ସହ ଶିଶୁଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ୯ ଦିନ ପରେ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

# ୫୦ଫୁଟ ତଳକୁ ଖସିପଡ଼ିଥିଲା ଟ୍ରକ୍

**କୋକସରା,୧୪।୧୨ (ଡି.ଏନ.ଏ)**

**ଆମପାଣି ଘାଟିର ଦୁର୍ଘଟଣା**



୫୦ ଫୁଟ ତଳୁ ଉଦ୍ଧାର ହୋଇଥିବା ଟ୍ରକ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଘାଟିରେ ଗତ ୫ତାରିଖରେ ଏକ ମକା ବୋଝେଇ ଟ୍ରକ୍(ନଂ.ଓଆର୦୪ଏନ୍୨୨୪୫) ୫୦ଫୁଟ ତଳକୁ ଖସି ପଡିଥିଲା। ହେଲେ ଘଟଣାର ୯ଦିନ ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ସହ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଡ୍ରାଇଭର ଜଣକ ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତ ପଦାମାଲ ଗ୍ରାମର ହେମନ୍ତ ଭୋକ୍ତା (୨୫)।

ମିଳିଥିବା ସୂଚନା ମୁତାବକ, ଗତ ୫ତାରିଖରେ ଏକ ମକା ବୋଝେଇ ଟ୍ରକ୍(ନଂ.ଓଆର୦୪ଏନ୍୨୨୪୫) ନବରଙ୍ଗପୁର ଜିଲା ଉମରକୋଟ୍‌ରୁ ବାହାରି କଟକ ପଶୁପତି ଫିଡସ କମ୍ପାନୀ ଅଭିମୁଖେ ବାହାରିଥିଲା। ହେଲେ ଟ୍ରକ୍ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ଥିଲା। ଏନେଇ ନବରଙ୍ଗପୁର ମକା ବ୍ୟବସାୟୀ ବିନୋଦ ଜୈନ ଡ୍ରାଇଭରଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। ଏନେଇ ସେ ଗତ ୫ ତାରିଖରେ ଟ୍ରକ ଓ ଡ୍ରାଇଭର ନିଖୋଜ ଥିବା ନେଇ ଉମରକୋଟ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହିଦିନ ସାଥିରେ ଆସୁଥିବା ଅନ୍ୟ ଏକ ଟ୍ରକ ଡ୍ରାଇଭରଙ୍କୁ ପୋଲିସର ପଚରାଉଚୁରା ପରେ ଟ୍ରକଟି ଆମପାଣି ପହଞ୍ଚି ନ ଥିବା ଜଣାଇଥିଲେ। ଏହାକୁ ଭିତ୍ତି କରି ଉମରକୋଟ୍ ପୋଲିସ ଏବଂ ଆମପାଣି ପୋଲିସ ମିଳିତ ଭାବେ ସର୍ଚ୍ଚ ଅପରେଶନ ଆରମ୍ଭ କହିଥିଲେ । ଶୁକ୍ରବାର ଆମପାଣି ପୋଲିସର ଏକ ଟିମ୍ ଘାଟି ରାସ୍ତାରେ ଖୋଜାଖୋଜି ବେଳେ ଘାଟିର ମଝିରେ ଥିବା ଏକ ବୁଲାଣି ନିକଟରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ୫୦ଫୁଟ ତଳକୁ ଓଲଟି ପଡିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରି ନ ଥିଲା। ହେଲେ ଶନିବାର ସକାଳୁ ପୋଲିସର ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ସମୟ ଧରି ପରିଶ୍ରମ ପରେ ପୋଲିସ କ୍ୟାବିନ୍ ଭିତରୁ ଟ୍ରକ ଡ୍ରାଇଭରଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ଖବର ପାଇ କୋକସରା ବିଡିଓ ବସନ୍ତ କୁମାର ସେଠୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଉପସ୍ଥିତିରେ ଡ.ସୁଶୀଲ କୁମାର ସାହୁ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏପରି କି ଘଟଣାସ୍ଥଳରେ ଟ୍ରକ ମାଲିକ କଟକ ଜିଲା ଜଗତସିଂହପୁର ମାନସ କୁମାର ଦାସ ଉପସ୍ଥିତ ଥିଲେ। ଏନେଇ ଆମପାଣି ପୋଲିସ ଏକ ଦୁର୍ଘଟଣା ମାମଲା(ନଂ.୮୮/୧୯) ରଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପୁଷ୍ପାଳି ନିଙ୍ଗି ସୂଚନା ଦେଇଛନ୍ତି।

# ଯୁଗ୍ମ ସଚିବଙ୍କ ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା

**ଭବାନୀପାଟଣା,୧୪।୧୨ (ଡି.ଏନ୍.ଏ.)**

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଯୁଗ୍ମ ସଚିବ ରେଗା ଗୀତାଞ୍ଜଳୀ ପଟ୍ଟନାୟକ ଦିନିକିଆ କଳାହାଣ୍ଡି ଗସ୍ତରେ ଆସି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମୋ ସରକାର କାର୍ଯ୍ୟକ୍ରମରେ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରାଜେଶ କୁମାର ନାୟକ, ସଦସ୍ୟ ସତ୍ୟନାରାୟଣ ମହାପାତ୍ର, ସୁଧାଂଶୁ କୁମାର ନନ୍ଦ, ଜେଜେବି ସଦସ୍ୟ ରୂପେଶ ହୋତା, ଜିଲା ଶିଶୁ ସୁରକ୍ଷା ଅଧରକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ସିଡିପିଓ ଓ ମହିଳା ସୁପରଭାଇଜର ଉପସ୍ଥିତ ଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା, ମମତା ଯୋଜନା, ଅପପୁଷ୍ଟି, ମିଶନ ଶକ୍ତି ଏବଂ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ସମ୍ପର୍କରେ ଯୁଗ୍ମ ସଚିବ ସମୀକ୍ଷା କରିଥିଲେ। ଏପରି କ ମମତା ଯୋଜନା, ଆଇସିଡିଏସ୍ ଓ ଆଇସିପିଏସ୍ ଯୋଜନା ମୋ ସରକାର କାର୍ଯ୍ୟକ୍ରମ ଅଧିନରେ ଆସୁଥିବାରୁ ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀ ଓ ଆବେଦନ ନିମନ୍ତେ ଆସୁଥିବା ଜନସାଧାରଣଙ୍କୁ ଉଚିତ୍ ବ୍ୟବହାର ପ୍ରଦର୍ଶନ ଏବଂ ସେମାନଙ୍କ ଅଭିଯୋଗକୁ ଠିକ୍ ଭାବେ ଗ୍ରହଣ କରିବା ପାଇଁ ଯୁଗ୍ମ ସଚିବ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟାଳୟଗୁଡିକରେ ର‍୍ୟାମ୍ପ ନିର୍ମାଣ ଓ ପାନୀୟଜଳ ବ୍ୟବସ୍ଥା କରିବାକୁ ସେ କହିଥିଲେ। ମମତା ଯୋଜନାର ହିତାଧିକାରୀଙ୍କୁ ଦିଆଯାଉଥିବା ଅର୍ଥର ସୁବିନିଯୋଗ କରିବା ନିମନ୍ତେ ମହିଳା ସୁପରଭାଇଜର, ସିଡିପିଓ ଓ ଅଙ୍ଗନବାଡି କର୍ମୀମାନେ ଧ୍ୟାନ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କର ସମସ୍ତ ଜନକଲ୍ୟାଣକାରୀ ଯୋଜନା ଯେପରି ତୃଣମୂଳସ୍ତରରେ ପହଞ୍ଚିପାରିବ ସେ ଦିଗରେ ସମସ୍ତ ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ କହିଥିଲେ।

## କେସିଙ୍ଗା ରେଳ ଫାଟକ ସମସ୍ୟା

# ଲୋକ ସଭାରେ ଦାବି ଉପସ୍ଥାପନ କଲେ ଏମ୍‌ପି

**ଭବାନୀପାଟଣା,୧୪।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲାର କେସିଙ୍ଗା ସହର ବ୍ୟବସାୟିକ ପେଣ୍ଠସ୍ଥଳି ଭାବେ ଜଣାଶୁଣା । ଇଂରେଜ ଶାସନ କାଳରୁ କେସିଙ୍ଗା ଦେଇ ରେଳ ଚଳାଚଳ କରୁଛି। ଏପରିସ୍ଥିତିରେ କେସିଙ୍ଗା ସହର ଦେଇ ବରଗଡ଼-ବୋରିଗୁମ୍ମା ୨୬ନମ୍ବର ଜାତୀୟ ରାଜପଥ ଯାଇଛି। ତେବେ ରାଜପଥ ଦେଇ ରେଳ ଫାଟକ ରହିଥିବାରୁ ପ୍ରତିଦିନ ଟ୍ରେନ ଚଳାଚଳ ବେଳେ ଦୀର୍ଘ ସମୟ ଧରି ଫାଟକ ବନ୍ଦ ରହୁଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ଦାବି ପରେ ସମସ୍ୟାର ସମାଧାନ ନେଇ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। ଏପରି କି ଟେଣ୍ଡର ପ୍ରକ୍ରିୟା ମଧ୍ୟ ହୋଇଥିଲା। ହେଲେ କୌଣସି କାରଣକୁ ନେଇ ଟେଣ୍ଡର ବାତିଲ ହୋଇ ଯାଇଥିବା ଜଣାପଡିଛି। ଫଳରେ ରେଳ ଓଭର ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇପାରୁ ନାହିଁ। ଅନ୍ୟପକ୍ଷେ ଭୂତଳ ପୋଲ ନ ଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି । ଏନେଇ ଜନସାଧାରଣ ତୁରନ୍ତ ସମସ୍ୟାର ସମାଧାନ ଦାବି କରିଥିଲେ। ଦାବି ସମ୍ପର୍କିତ ଏକ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ କେସିଙ୍ଗାର ବିଭିନ୍ନ ସଂଗଠନ ମଧ୍ୟ ରେଳ ଫାଟକ ସମସ୍ୟା ନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଏଭଳିସ୍ଥିତିରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଲୋକସଭାରେ କେସିଙ୍ଗା ରେଳ ଫାଟକ ସମସ୍ୟା ଉପରେ ରେଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଭୂତଳ ପୋଲ ନିର୍ମାଣ କରିବାକୁ ଦାବି ଉପସ୍ଥାପନ କରିଛନ୍ତି। ସେହିପରି ଦୁର୍ଗ-ପୁରୀ ଏକ୍ସପ୍ରେସ ଓ ଇସ୍ପାତ୍ ଟ୍ରେନକୁ କେସିଙ୍ଗା ରେଳ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରାଯରାଇଥିବା ଏମ୍‌ପି ପଣ୍ଡା ପ୍ରକାଶ କରିଛନ୍ତି। ଏମ୍‌ପିଙ୍କ ଦାବି ଉପସ୍ଥାପନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଲଇତାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

# ତ୍ରୁଟିପୂର୍ଣ୍ଣ ସର୍ଭେ: ପମ୍ପରୁ ଉଠୁନି ପାଣି, ଚିନ୍ତାରେ ଚାଷୀ

**ଭବାନୀପାଟଣା,୧୪।୧୨ (ସ୍ୱ.ପ୍ର.)**



ଲଇତାର ବୃହତ୍ ଉଠାଜଳସେଚନ ପ୍ରକଳ୍ପ।

ରାଜ୍ୟର ଅଣଜଳସେଚିତ ଅଞ୍ଚଳରେ ଚାଷୀଙ୍କୁ ଚାଷ କାମରେ ଜଳଯୋଗାଣ କରିବା ପାଇଁ ସରକାର ଉଠାଜଳସେଚନ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ କରି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ସରକାର ପ୍ରକଳ୍ପ କରି ଏହାର ମୌଳିକ ସମସ୍ୟା ପ୍ରତି ଦୃଷ୍ଟିଦେଉ ନ ଥିବାରୁ ଚାଷୀମାନେ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଲଇତରା ବୃହତ୍ ଉଠାଜଳସେଚନ ପ୍ରକଳ୍ପ କ୍ଷେତ୍ରରେ। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଲଇତରା ଅଞ୍ଚଳର ଚାଷୀଙ୍କୁ ଚାଷ କାମରେ ଜଳ ଯୋଗାଇବା ନେଇ ୨୦୧୫ ଡିସେମ୍ବର ୧୨ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେସିଙ୍ଗା ଜୋଲୋକୋ ନିକଟରେ ପ୍ରାୟ ୯କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟର ପ୍ରଥମ ଲଇତରା ବୃହତ୍ ଉଠାଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପ ଉଦ୍‌ଘାଟନ ପରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ହେଲେ ଉଦ୍‌ଘାଟନୀ ଦିନରୁ ହିଁ ପ୍ରକଳ୍ପ ଚାଷୀଙ୍କ କାମରେ ଆସିପାରୁ ନାହିଁ। ତ୍ରୁଟିପୂର୍ଣ୍ଣ ସର୍ଭେ ଯୋଗୁ ଆବଶ୍ୟକ ସମୟରେ ପମ୍ପରେ ପାଣି ଉଠିପାରୁନାହିଁ। ଫଳରେ ଚାଷୀଙ୍କ ଆବଶ୍ୟକତାକୁ ଏହା ପୂରଣ କରିପାରୁ ନାହିଁ। ବିଶେଷକରି ଧାନ ଫସଲ ପରିପକ୍ୱ ସମୟରେ ପାଣିର ଅଭାବ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ନଦୀ ଗର୍ଭରେ ପାଣି ନ ଥିବାରୁ କାମ କରୁନାହିଁ ମେଗା ଉଠା ଜଳସେଚନ ପ୍ରକଳ୍ପ। ଫଳରେ ଚାଷୀମାନେ ସେହି ସମୟରେ ଚିନ୍ତାରେ ରହିଥାନ୍ତି। ୫ଶହ ହେକ୍ଟର ଚାଷ ଜମିରେ ଜଳଯୋଗାଣର ଲକ୍ଷ୍ୟ ନେଇ ନିର୍ମିତ ହୋଇଥିଲା ଏହି ମେଗା ଜଳସେଚନ ପ୍ରକଳ୍ପ। ଇତିମଧ୍ୟରେ ଏହା ୫ବର୍ଷ ପୂରିବାକୁ ଯାଉଛି। ପ୍ରକଳ୍ପର ପୁନରୁଦ୍ଧାର ନେଇ ସ୍ଥାନୀୟ ଚାଷୀ ବିଭିନ୍ନ ସମୟରେ ରାଜରାସ୍ତାକୁ ଓହ୍ଲାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏ ନେଇ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

**ରିପୋର୍ଟ-ଉତ୍ତମ କୁମାର ଦାଶ**

**ଫ୍ରେଣ୍ଡସ ପ୍ରିମିୟର ଲିଗ୍‌ର ସପ୍ତମ ଦିନ**

# ବ୍ରଜେଶ, ଚାମ୍ପସ୍ ଏକାଦଶ ବିଜୟୀ

**ଭବାନୀପାଟଣା,୧୪।୧୨(ଡ.ଏନ୍.ଏ.)**

ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ଚାଲିଥିବା ସପ୍ତମ ପ୍ରିମିୟର ଲିଗ୍‌ର ଶନିବାର ସପ୍ତମ ଦିନରେ ପ୍ରଥମ ସେମିଫାଇନାଲ ମ୍ୟାଚ ବ୍ରଜେଶ୍ ଏକାଦଶ ଭବାନୀପାଟଣା ଏବଂ ରାଜା ଏକାଦଶ ମଧ୍ୟରେ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୁପରକିଙ୍ଗ ସର୍ଦ୍ଦାପୁର ଏବଂ ଚାମ୍ପସ୍ ଏକାଦଶ ଭବାନୀପାଟଣା ମଧ୍ୟରେ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ବ୍ରଜେସ୍ ଏକାଦଶ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ୍ ବିନିମୟରେ ୨୦୬ରନ୍ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ରାଜା ଏକାଦଶ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ବ୍ରଜେଶ ଏକାଦଶ ୮୩ ରନ୍‌ରେ ବିଜୟୀ ହୋଇ ଫାଇନାଲକୁ ଉନ୍ନିତ ହୋଇଛି। ଖେଳର ପ୍ରଥମ ମ୍ୟାଚର ଅମ୍ପାୟର ଭାବେ ରମେଶ ସାହୁ ଓ ବୁଲୁ ସିଂ, ସ୍କୋରର ଭାବେ ବିକ୍ରମ କିଶୋର ସାହୁ ଥିବାବେଳେ ଆଶିଷ ରାଉତ ଓ ସିପୁନ୍ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ସେମିଫାଇନାଲରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କରୁଣା ମାଝିଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୁପରକିଙ୍ଗ ସର୍ଦ୍ଦାପୁର ଏବଂ ଚାମ୍ପସ ଏକାଦଶ ଭବାନୀପାଟଣା ମଧ୍ୟରେ ହୋଇଥିଲା। ସୁପରକିଙ୍ଗ ଟସ୍ ଜିତି ବ୍ୟାଟିଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୩୮ ରନ୍ କରିଥିଲା। ଏହାର ଜବାବରେ ଚାମ୍ପସ ଏକାଦଶ ୧୪.୨ ଓଭରରେ ୬ ଉଇକେଟ୍ ବିନିମୟରେ ୧୩୯ରନ୍ କରି ୪ ଉଇକେଟ୍‌ରେ ବିଜୟୀ ହୋଇଥିଲା। ମ୍ୟାଚରେ ଅମ୍ପାୟର ଭାବେ ବୁଲୁ ସିଂ ଓ ରମେଶ ସାହୁ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ଅବିନାସ ଦୁର୍ଗା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଶିଷ ରାଉତ, ରାଉଳ ନାଏକ ଓ ସିପୁନ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳରେ ଗୋପିନାଥ ମାଝିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।




ଅତିଥିମାନେ ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# କ୍ରିକେଟ, ଖୋଖୋ ପ୍ରତିଯୋଗିତା

**ଭବାନୀପାଟଣା, ୧୪।୧୨ (ଡ.ଏନ୍.ଏ.)**

**ହାଇଟେକ୍ ପ୍ରିମିୟର୍ ଲିଗ୍-୨୦୧୯**

ସ୍ଥାନୀୟ ଦୁଆରସନୀସ୍ଥିତ ହାଇଟେକ୍ ପବ୍ଲିକ ସ୍କୁଲରେ ଆନ୍ତ ବିଦ୍ୟାଳୟ କ୍ରିକେଟ୍ ଓ ଖୋଖୋ ପ୍ରତିଯୋଗିତା ୧୦ ଡିସେମ୍ବରରୁ ୧୪ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଇଟେକ୍ ପବ୍ଲିକ ସ୍କୁଲ, ଶାସ୍ତ୍ରିଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଟାଇମ୍ସ ଗୁରୁକୁଳ, ଗୁରୁଗୀତା ପବ୍ଲିକ ସ୍କୁଲ ଓ ଏମ୍‌କେଏମ୍ ବଲଦିଆମାଲ ଅଂଶଗ୍ରହଣ କରିଥିଲା। ଉଦ୍‌ଘାଟନୀ ଦିବସରେ ଚେୟାର ମ୍ୟାନ୍ ସତ୍ୟଜିତ୍ କର, ପ୍ରିନ୍ସିପାଲ ଅଲପନା ପଟ୍ଟନାୟକ, ସଭାପତି ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ୪ ଦିନ ଧରି ବ୍ୟାପି ଚାଲିଥିବା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। କ୍ରିକେଟ୍ ପ୍ରତିଯୋଗିତାରେ ରେଡ୍ ଏଭେନ୍‌ଜର୍ସ ଦଳକୁ ୟେଲୋ ଟାଇଗର୍ସ ଦଳ ୩ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ସେହିପରି ଖୋଖୋ ପ୍ରତିଯୋଗିତାରେ ବ୍ଲୁ ଡାଇମଣ୍ଡ ଦଳ ଗ୍ରୀନ୍ ରିଡର୍ ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା। କ୍ରିକେଟ୍ ପ୍ରତିଯୋଗିତାରେ ସୁବୋଧ ପୁରୋହିତ୍, ସୌରଭ ପଣ୍ଡା ପରିଚାଳନା କରିଥିବା ବେଳେ ଖୋଖୋ ପ୍ରତିଯୋଗିତାକୁ ଦୀପ୍ତିମୟୀ ସାହୁ, ଥବୀର ପଣ୍ଡା, ଲେଖରାଜ ସାହୁ ପରିଚାଳନା କରିଥିଲେ। ଶେଷରେ ସଭାପତି ଗିରୀଶଚନ୍ଦ୍ର ବେହେରା, ଚେୟାରମ୍ୟାନ୍ ସତ୍ୟଜିତ୍ କର ଓ ପ୍ରିନ୍ସିପାଲ ଅଲପନା ପଟ୍ଟନାୟକ ପୁରସ୍କାର ବିତରଣ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିଙ୍କ ସହ ପ୍ରତିଯୋଗୀମାନେ।

# ଜୁନାଗଡ଼ ଶିକ୍ଷା ବିଭାଗରେ ଅନିୟମିତତା

**ଜୁନାଗଡ଼,୧୪।୧୨ (ଡି.ଏନ୍.ଏ.)**

- ବିଇଓଙ୍କ ମନମୁଖି ଡେପୁଟେଶନ
- ବର୍ଷକରେ ୧୭ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଡେପୁଟେଶନ
- ଜିଲା ଶିକ୍ଷା ଅଧିକାରୀ, ପ୍ରଶାସନର ନିଆଯାଇ ନାହିଁ ଅନୁମତି
- ଭିଜିଲାନ୍ସ ତଦନ୍ତ ଦାବି
- ସୂଚନା ଅଧିକାର ଆଇନରୁ ଜଣାପଡିଲା ସତ୍ୟତା
- କାରଣ ଦର୍ଶାଅ ନୋଟିସ ଜାରି କରାଯିବ ଜିଲା ଶିକ୍ଷା ଅଧିକାରୀ

ଶିକ୍ଷା ବିଭାଗରେ ସଂସ୍କାର ଆଣିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ କଳାହାଣ୍ଡି ଜିଲା ଜୁନାଗଡ଼ ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ହେଇଥିବା ଦେଖିବାକୁ ମିଳିଛି। ଏଠାରେ କାର୍ଯ୍ୟରତ ବିଇଓ ସୁଧାଂଶୁବାଳା ଦେବୀ ମନମୁଖୀ ଭାବେ ୨୦୧୮ ଜୁଲାଇରୁ ୨୦୧୯ ଜୁଲାଇ ପ୍ରର୍ଯ୍ୟନ୍ତ ଗୋଟିଏ ବର୍ଷରେ ୧୭ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଭିନ୍ନ କାରଣ ଦେଖାଇ ଡେପୁଟେଶନ କରିଛନ୍ତି। ସାଧାରଣତଃ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଡେପୁଟେଶନ କରିବାକୁ ହେଲେ ଜିଲା ଶିକ୍ଷା ଅଧିକାରୀ ତଥା ପ୍ରଶାସନର ଅନୁମତି ନେବା କଥା। ହେଲେ ଏଠାରେ କାର୍ଯ୍ୟରତ ବିଇଓ କାହାର ଅନୁମତି ନ ନେଇ ମନମୁଖି ଭାବେ ଡେପୁଟେଶନ କରିଥିବାରୁ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଜୁନାଗଡ଼ ଶିକ୍ଷା ବିଭାଗରେ ବିଇଓ ସୁଧାଂଶୁବାଳା ଦେବୀ ନିଯୁକ୍ତି ପାଇଲା ଦିନଠୁ କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଡେପୁଟେଶନ କରିଛନ୍ତି ତାହା ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ମଗାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ କେବଳ ଗୋଟିଏ ବର୍ଷର ଡେପୁଟେସନର ସୂଚନା ଦେଇ ଅନ୍ୟ ବର୍ଷର ସୂଚନା କାର୍ଯ୍ୟାଳୟରେ ମହଜୁଦ ନ ଥିବା ଲିଖିତ ଭାବେ ଜଣାଯାଇଛି। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି ଯେ, ବିଇଓ ନିଯୁକ୍ତି ପାଇବା ଦିନଠୁ ୨୦୧୮ ଜୁନ୍ ପର୍ଯ୍ୟନ୍ତ ବେଆଇନ ଭାବେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଛି। ଏନେଇ ମୋଟା ଅଙ୍କର ଅର୍ଥ ମଧ୍ୟ କାରବାର ହୋଇଥିବା ଅଭିଯୋଗ ହୋଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ସେହିପରି କଳାହାଣ୍ଡି ଜିଲାର ସମସ୍ତ ବ୍ଲକର ପ୍ରାୟ ବିଇଓ ବଦଳି ହୋଇସାରିଥିବା ବେଳେ ଏଠାରେ କାର୍ଯ୍ୟରତ ବିଇଓ ନିଯୁକ୍ତି ପାଇଲା ଦିନଠୁ ଅର୍ଥାତ ୨୦୧୨ରୁ ବଦଳି ନ ହୋଇ ରହିଛନ୍ତି। ଏହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। କୁହାଯାଏ ରାଜନୈତିକ ଛତ୍ରଛାୟାରେ ରହିଥିବାରୁ ତାଙ୍କ ବଦଳି ହେଉନଥିବା ଶୁଣିବାକୁ ମିଳୁଛି। ଏ ନେଇ ଜୁନାଗଡ ବିଇଓ ସୁଧାଂଶୁବାଳା ଦେବୀଙ୍କୁ ପଚାରିବାରୁ ଫୋନରେ ମତାମତ ଦେବାକୁ ମନାକରି ଦେଇଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ

## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ: ୫୩ ମାମଲା ଫଇସଲା, ୧୨.୭୬ ଲକ୍ଷ ଆଦାୟ

**ସୋନପୁର,୧୪।୧୨(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଜଜ୍ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାଜଜ୍ ଅରୁଣ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜମିଜମା, ଫୌଜଦାରୀ, ମୋଟର ଯାନ ଦୁର୍ଘଟଣା, ରାଜସ୍ୱ, ବୈବାହିକ ଓ ବିଭିନ୍ନ ବ୍ୟାଙ୍କ ସଂକ୍ରାନ୍ତୀୟ ମୋଟ ୨୪୬୯ଟି ମାମଲା ମଧ୍ୟରୁ ୫୩ଟି ମାମଲାର ଫଇସଲା କରାଯାଇଛି। ଏ ବାବଦରେ ମୋଟ ୧୨ ଲକ୍ଷ ୭୬ ହଜାର ୨୪୯ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲାଜଜ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ସିନିୟର ସିଭିଲ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରତ୍ୟାଶା ରାୟ, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, କିର୍ତ୍ତି ରଞ୍ଜନ ଘଡେଇ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ପ୍ରଦୀପ କୁମାର ହୋତା, ପ୍ରକାଶ କୁମାର ରଥ, ଶରତ ଚନ୍ଦ୍ର ଭୋଇ, ଅଟଳ ବିହାରୀ ମହାପାତ୍ର, ଅଦ୍ୱୈତ କୁମାର ପଣ୍ଡା, ସତ୍ୟ ନାରାୟଣ ମିଶ୍ର ଓ ପ୍ରଦୀପ କୁମାର ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ।

### କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ସୋନପୁର-ପାନସିଆଲି ଫାଇନାଲ ମୁକାବିଲା

**ଅମରପାଲି, ୧୪।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଲପୁରଠାରେ ଚାଲିଥିବା ୧୧ତମ କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଭୟ ସେମିଫାଇନାଲ ଖେଳ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ହିଲୁଙ୍ଗକୁ ହରାଇ ସୋନପୁର ଏବଂ ଦ୍ୱିତୀୟ ସେମିଫାଇନାଲରେ ବାଗବରକୁ ହରାଇ ପାନସିଆଲି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୯୧ ରନ କରିଥିଲା। ଜବାବରେ ହିଲୁଙ୍ଗ ଦଳ ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ପାନସିଆଲି ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୧୩ ରନ କରିଥିଲା। ଜବାବରେ ବାଗବର ୫ ଉଇକେଟ ହରାଇ ୯୨ ରନ କରି ପରାସ୍ତ ହୋଇଥିଲା। ରବିବାର ସୋନପୁର ଓ ପାନସିଆଲି ମଧ୍ୟରେ ଫାଇନାଲ ମ୍ୟାଚ ହେବ।

### ଦିଅର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର

**ଉଲୁଣ୍ଡା, ୧୪।୧୨ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ରାଧାନଗର ଗ୍ରାମରେ ଦିଅରର ଟାଙ୍ଗିଆ ଚୋଟରେ ଭାଉଜ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ଭାଉଜ ତପ ମିର୍ଦ୍ଧାଙ୍କୁ ସୋନପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୫ଟି ଷ୍ଟିଚ ପଡିଛି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଉଲୁଣ୍ଡା ଥାନାରେ ଶୁକ୍ରବାର ଏକ ମାମଲା (ନଂ. ୧୦୯/୧୯)ରୁଜୁ ହୋଇଛି।

ଗାଡି ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବଙ୍ଗୋମୁଣ୍ଡା, ୧୪।୧୨(ଡି.ଏନ.ଏ.)**



ଲୋକେ ମୃତଦେହ ରଖି ୫୯ନଂ ଜାତୀୟ ରାଜପଥର ବୁରୋବାହାଲ ଛକରେ ରାସ୍ତାରୋକୋ କରିଛନ୍ତି।

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା-ଭାଲୁମୁଣ୍ଡା ରାସ୍ତାର ବୁରୋବାହାଲ ଛକରେ ଶୁକ୍ରବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜିତେନ୍ଦ୍ର ପୁଟେଲ ଓ ବିଜୟ ପୁଟେଲଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବାହ୍ନ ୧୦ଟାରୁ ମୃତକଙ୍କ ପରିବାର ସହ ସ୍ଥାନୀୟ ଲୋକେ ୫୯ନଂ ଜାତୀୟ ରାଜପଥର ବୁରୋବାହାଲ ଛକରେ ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କ ଲେଖାଏ କ୍ଷତିପୂରଣ, ପରିବାରକୁ ସରକାରୀ ସୁବିଧା ସୁଯୋଗ ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା, ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବାକୁ ସେମାନେ ଦାବି କରିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ଗାଁରେ ପହଞ୍ଚିଲା ପରେ ଅଧିକ ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ଦୋଳନକାରୀ ମୃତଦେହ ରାସ୍ତାରେ ରଖି ପ୍ରତିବାଦ କରିଥିଲେ। ଖବର ପାଇ ତହସିଲଦାର ଗୁଣମଣୀ ସୁନାନୀ, ରାଜସ୍ୱ ନିରୀକ୍ଷକ ଦୁର୍ଗା ଶଙ୍କର ବାଗ, ଥାନା ଅଧିକାରୀ ପଞ୍ଚାନନ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ରେଡକ୍ରସରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ଦୁଇ ହଜାର ଟଙ୍କା ଦିଆଯିବାର ପ୍ରତିଶୃତି ଦେବା ପରେ ସନ୍ଧ୍ୟାରେ ରାସ୍ତାରୋକୋ ହଟିଥିଲା।



ଆଗଲପୁର ନାଗରିକ କମିଟି ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ।

# ଆଗଲପୁର ନାଗରିକ କମିଟି ବୈଠକ

## ମହାନଦୀ ସବୁଜ ମିଶନରେ ସାମିଲ ପାଇଁ ଦାବି

**ବଲାଙ୍ଗୀର ଅଫିସ, ୧୪।୧୨**

ଆଗଲପୁର ନାଗରିକ କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଅଖିଳ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଡଭୋକେଟ୍ ପ୍ରହଲ୍ଲାଦ ଅଗ୍ରୱାଲ, ରାଧାକାନ୍ତ ନାୟକ, ହିମାଂଶୁ କୁମାର ଭୋଇ, ଗଙ୍ଗାଧର ମେହେର, ଭିକାରୀ ମେହେର, ସେବକ କୁମାର ମେହେର, ଯୋଗୀନ୍ଦ୍ର ମେହେର, ବିଜୟ ମେହେର, ପ୍ରଦୀପ ମେହେର, କୁଞ୍ଜବିହାରୀ ତ୍ରିପାଠୀ, ବରୁଣ କୁମାର ବେହେରା ଓ ସଞ୍ଜୟ ଅଗ୍ରୱାଲ ଯୋଗଦାନ କରିଥିଲେ। ବୈଠକରେ ଅଞ୍ଚଳର ଉନ୍ନତି ସକାଶେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରାଯାଇଥିଲା। ମହାନଦୀର ଉପନଦୀ ଅଙ୍ଗନଦୀର ଉଭୟ କୂଳରେ ମହାନଦୀ ସବୁଜ ମିଶନ୍ କାର୍ଯ୍ୟକାରୀ କରିବାକୁ ନେଇ ଡିଏଫ୍ଓଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ହେଲେ ଆଗଲପୁର ଅଞ୍ଚଳରେ ପରିବେଶ ସୁରକ୍ଷା, ନଦୀତଟ ସୁରକ୍ଷା ଓ ମୃତ୍ତିକା କ୍ଷୟକୁ ରୋକା ଯାଇପାରିବ। ବୈଠକରେ ଆଗଲପୁରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା, ଆଗଲପୁର ପୋଲିସ ଆଉଟ୍ ପୋଷ୍ଟର ଉନ୍ନତିକରଣ, ବାଇପାସ୍ ରାସ୍ତା ନିର୍ମାଣ ଓ ବନ୍ଧ ପୁନରୁଦ୍ଧାର ପାଇଁ ଆଲୋଚନା କରାଯାଇଥିଲା।

# ପୃଥ୍ୱୀରାଜ ହାଇସ୍କୁଲ ଛାତ୍ରଙ୍କ ପାଇଁ ଉନ୍ନୟନ ପାଣ୍ଠି ପରିକଳ୍ପନା

**ବଲାଙ୍ଗୀର ଅଫିସ, ୧୪।୧୨**

ଓଡିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନଭାବେ ସୁନାମ ଅର୍ଜନ କରିଥିବା ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବହୁ ସମସ୍ୟା ଦେଇ ଏବେ ଗତି କରୁଛି। ସ୍କୁଲରେ ବର୍ତ୍ତମାନ ଭର୍ତ୍ତି ହେଉଥିବା ଅଧିକାଂଶ ଛାତ୍ର ସମାଜର ଅର୍ଥନୈତିକ ଦୁର୍ବଳ ଶ୍ରେଣୀରୁ ଆସୁଛନ୍ତି। ସେମାନ ପାଠ ପଢ଼ିବା ବେଳେ ଘୋର ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପାରିବାରିକ ଦୁର୍ବଳତା ସେମାନଙ୍କ ପାଠ ପଢ଼ାରେ ପଡୁଛି। ଫଳରେ ଏହି ବିଦ୍ୟାଳୟକୁ ଆସିବା ବେଳେ ସେମାନଙ୍କ ଶୈକ୍ଷିକ ଦକ୍ଷତା ବେଶ୍ ଦୁର୍ବଳ ବୋଲି ଜଣାପଡିଯାଉଛି। ଏଭଳି ଛାତ୍ରଙ୍କ ଶିକ୍ଷାଦିକ୍ଷାକୁ ନେଇ ଏକ ଉନ୍ନୟନ ପାଣ୍ଠି ଗଠନ କରିବାକୁ ଏହି ହାଇସ୍କୁଲର ୧୯୭୧ ମସିହା ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରମାନେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ହରିହର ଯୋର ପ୍ରକଳ୍ପ ଡାକବଙ୍ଗଳାରେ ଏହି ମାଟ୍ରିକ୍ ବ୍ୟାଚ୍ର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏହି ବିଷୟକୁ ନେଇ ଆଲୋଚନା ହୋଇଥିଲା। ଏହି ବ୍ୟାଚ୍ର ଛାତ୍ରମାନେ ନିଜ ସ୍କୁଲର ଏବକାର ଛାତ୍ରମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏହି ବନ୍ଧୁମିଳନରେ ଯୋଗଦେଇଥିବା ତତ୍କାଳୀନ ବ୍ୟାଚ୍ ଟପ୍ପର ଛାତ୍ର ତଥା ଭାରତୀୟ ପ୍ରଶାସନିକ ସେବାର ପ୍ରଶାସକ ସୁରେଶଚନ୍ଦ୍ର ପଣ୍ଡା ଯୋଗଦେଇ ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସେ କରିଥିବା ଆଲୋଚନା ସମ୍ପର୍କରେ କହିଥିଲେ। କିଭଳି ଭାବେ ସମସ୍ତଙ୍କ ମିଳିତ ଉଦ୍ୟମରେ ଏହି ଶିକ୍ଷାନୁଷ୍ଠାନର ପୂର୍ବ ଗୌରବ ଫେରାଇ ହେବ ଓ ଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ବ୍ୟାଚ୍ର ସମସ୍ତ ପୁରାତନ ଛାତ୍ରଙ୍କ ସହଯୋଗରେ ଉନ୍ନୟନ ପାଣ୍ଠି ଗଠନ କରାଯାଇ ଏହାକୁ ସ୍କୁଲ ଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବ୍ୟାଚ୍ର ଅନ୍ୟମାନଙ୍କ ସହ ଡା ଲକ୍ଷ୍ମୀକାନ୍ତ ମହାପାତ୍ର, ଅଧ୍ୟାପକ ଦେବେନ୍ଦ୍ର ନାଥ ମିଶ୍ର, ସନ୍ତୋଷ କୁମାର ମେହେଟ୍ଟା, ପୃଥ୍ୱୀରାଜ ସାଏ, ନବୀନ କୁମାର ନାୟକ, ଗୌରୀଶଙ୍କର ମହାଲିଙ୍ଗ ଉପସ୍ଥିତ ଥିଲେ।



୧୯୭୧ ମସିହା ପୃଥ୍ୱୀରାଜ ହାଇସ୍କୁଲ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ କାର୍ଯ୍ୟକ୍ରମ।

ବିଲେଇସର୍ଡା ହାଇସ୍କୁଲରେ ପ୍ରାଥମିକ ଚିକିତ୍ସା ଶିବିର

# ପ୍ରାଥମିକ ଚିକିତ୍ସା ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ

**ବଲାଙ୍ଗୀର ଅଫିସ/ପୁଇଁତଲା, ୧୪।୧୨**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ସ୍ଥିତ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ୟୁନିଟ୍ ତରଫରୁ ଏକଦିବସୀୟ ପ୍ରାଥମିକ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ ବିଲେଇସର୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ, ସେଣ୍ଟଜନ୍ ଆମ୍ବୁଲାନ୍ସ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଅଧ୍ୟାପକ ରବିଚନ୍ଦ୍ର ପଶାୟତ ଓ ଶିକ୍ଷକ ରାମନାରାୟଣ ଦାଶ ଯୋଗଦେଇଥିଲେ। ଅତିଥିମାନେ ରେଡକ୍ରସ ଜନକ ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶିବିର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଜୁନିୟର ରେଡକ୍ରସ ପରାମର୍ଶଦାତା ରଞ୍ଜିତ ମିଶ୍ର ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ। ପ୍ରଶିକ୍ଷକ ପଶାୟତ ସେଣ୍ଟଜନ ଆମ୍ବୁଲାନ୍ସର ଇତିହାସ ଓ ପ୍ରାଥମିକ ଚିକିତ୍ସାର ଲକ୍ଷ୍ୟ, ପ୍ରାଥମିକ ଚିକିତ୍ସକର ଦାୟିତ୍ୱ, କାର୍ଯ୍ୟ ତଥା ପ୍ରାଥମିକ ଚିକିତ୍ସାର ପଞ୍ଚନୀତି ଡିଆରଏବିସି ଉପରେ ଆଲୋକପାତ କରିଥିଲେ। ଏହାସହ ମୂର୍ଚ୍ଛା ରୋଗ, ସକ୍, ଶ୍ୱାସରୁଦ୍ଧ, ସିପିଆର, ଚୋକିଂ, ରକ୍ତସ୍ରାବ, ସାପକାମୁଡା, ବ୍ୟାଣ୍ଡେଜ୍ ଏବଂ ରୋଗୀ ସ୍ଥାନାନ୍ତରଣ ପ୍ରକ୍ରିୟା ବିଷୟରେ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ରାମନାରାୟଣ ଦାଶ ଜୁନିୟରମାନଙ୍କୁ ରେଡକ୍ରସ୍ର ସେବାମନ୍ତ୍ରରେ ଦୀକ୍ଷିତ ହେବା ସହ ସ୍ୱାସ୍ଥ୍ୟସେବା ଓ ବିଶ୍ୱ ବନ୍ଧୁତାର ବାର୍ତ୍ତା ପ୍ରସାରିତ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ଭଞ୍ଜ ଜୁନିୟର ମାନଙ୍କୁ ଶିବିରରେ ଶିକ୍ଷାଲାଭ କରିଥିବା ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ବାର୍ତ୍ତା ନିଜ ଅଞ୍ଚଳରେ ପହଞ୍ଚାଇବା ପାଇଁ ପ୍ରେରଣା ଦେଇଥିଲେ। ଶିବିରରେ ଜୁନିୟରମାନଙ୍କ ମଧ୍ୟରେ ସୁଚିତ୍ରା ଷଡଙ୍ଗୀ, ଗିରିଜା ଶଙ୍କରୀ ଭାଟି, ରଜୁଲ ମଲ୍ଲିକ ଓ ତନ୍ମୟ ପାଣିଗ୍ରାହୀ ଶିବିରରୁ ହାସଲ କରିଥିବା ଅଭିଜ୍ଞତାକୁ ନେଇ ନିଜର ଶିବିର ଅନୁଭୂତି ବର୍ଣ୍ଣନା କରିଥିଲେ। ଶିକ୍ଷକ ତପନ ବୁଡେକ, ଅଶ୍ୱିନୀ ମହାଲିଙ୍ଗ, କଷ୍ଟ ପଧାନ, ଶିକ୍ଷୟିତ୍ରୀ ସୁବାସିନୀ ସେଠୀ, ଜୁନିୟର ରେଡକ୍ରସ୍ ଛାତ୍ର ସୌମ୍ୟ ବଣିଆ, ଦୟାମୟ ପଣ୍ଡା, ସୁଶାନ୍ତ ବଣିଆ, ଶିବ ବାରିକ, ସୁମନ ପାଣିଗ୍ରାହୀ, ମିଳନ ତ୍ରିପାଠୀ, ତାପସ ପଧାନ, ସୁନିଲ ବିଶ୍ୱାଲ, ଈପସିତ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁବାସିନୀ ସେଠୀ ଧନ୍ୟବାଦ ଦେଇଥିଲେ।




ପ୍ରାଥମିକ ଚିକିତ୍ସା ଶିବିରରେ ଉପସ୍ଥିତ ଅତିଥି, ଜୁନିଅର ରେଡକ୍ରସ ପରାମର୍ଶଦାତା ଓ ଛାତ୍ରୀଛାତ୍ର।

### ଶକ୍ତି ସଂରକ୍ଷଣ ଦିବସରେ ସଭା, ଶୋଭାଯାତ୍ରା

**ଅମରପାଲି, ୧୪।୧୨ (ଡି.ଏନ.ଏ)**

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବୀରମହାରାଜପୁର ସରକାରୀ ହାଇସ୍କୁଲ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା।

# ଉଲୁଣ୍ଡା ଧନୁଯାତ୍ରା ଉଦ୍‌ଘାଟିତ

**ଉଲୁଣ୍ଡା, ୧୪।୧୨(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ତ୍ରୟୋଦଶ ବିରାଟ ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ହିମାଂଶୁ ଶେଖର ତ୍ରିପାଠୀଙ୍କ ଅଧକ୍ଷତା ଓ କାର୍ଯ୍ୟକାରୀ ସଭାପତି ଋଷି କୁମାର ପଟେଲଙ୍କ ସଂଯୋଜନାରେ ହେଉଥିବା ଏହି ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଧନୁଯାତ୍ରା ମହୋତ୍ସବ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଲୋକକଳାର ବାର୍ତ୍ତା ବହନରେ ମୁଖ୍ୟଭୂମିକା ନିଭାଉଛି ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟାପକ ସୌରଭ ରନ ଖମାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷ୍ଣଚେତନାକୁ ବିଶ୍ୱବ୍ୟାପୀ କରିବାରେ ଧନୁଯାତ୍ରା ଏକ ମାଧ୍ୟମ ବୋଲି ବର୍ଣ୍ଣନା କରିଥିଲେ। ବିଶେଷ ଅତିଥି ଭାବେ ଧାରବାହିକ ଜଗତର ଅଭିନେତ୍ରୀ ଜେସୀଙ୍କ ସମେତ ବ୍ଲକ ଅଧକ୍ଷା ମିତାଳୀ ମହାକୁର, ଜିଲାପରିଷଦ ସଭ୍ୟା ସଂଯୁକ୍ତା ଭୋଇ, ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କଥାବାଚକ ଗୌରଚନ୍ଦ୍ର ପରିଚ୍ଛା ମାତୃବନ୍ଦନା ସ୍ତବ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ କରୁଥିବା ସୁଶୀଲ କୁମାର ମେହେରଙ୍କୁ ଅତିଥିଗଣ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋଇସିଂହାର ଶଙ୍କର ଏବଂ ଗ୍ରୁପ ସମେତ ବହୁ ସାଂସ୍କୃତିକ ଦଳ ଭାଗନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୧୪।୧୨**



କ୍ରୀଡ ଉତ୍ସବ ଉଦ୍‌ଯାପନୀରେ କ୍ରୀଡା ପତାକାକୁ ଅବତରଣ କରାଯାଉଛି।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱ ତଥା କ୍ରୀଡା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ଓ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଉପସଭାପତି ଡ. ପ୍ରହ୍ଲାଦ ଶତପଥି, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ପୂର୍ବତନ ସମ୍ପାଦକ ଶତ୍ରୁଘ୍ନ ସିଂ, ବରିଷ୍ଠ ସଭ୍ୟ ହେମନ୍ତ ବହିଦାର, ଜୟରାମ ମିଶ୍ର, ପୂର୍ବତନ ବିଧାୟକ ରମାକାନ୍ତ ସେଠ୍, ରବୀନ୍ଦ୍ର କୁମାର ମିଶ୍ର, ସୁଧୀର ଚନ୍ଦ୍ର ପଣ୍ଡା ଓ ହୃଷୀକେଶ ସା ମଞ୍ଚାସୀନ ଥିଲେ। କ୍ରୀଡାବିତ ସୁନୀଲ ଚନ୍ଦ୍ର ବିଶ୍ୱାଳଙ୍କ ମାର୍ଗଦର୍ଶନରେ କୃତୀ ପ୍ରତିଯୋଗୀମାନେ ମାର୍ଚ୍ଚପାଷ୍ଟରେ ଆସି ଅବତରିତ କ୍ରୀଡାଧ୍ୱଜାକୁ ବିଦାୟ ସମ୍ମାନ ଜଣାଇଥିଲେ। କଲେଜଛକ ସରସ୍ୱତୀ ଶିଶୁମନ୍ଦିରର ଘୋଷବାଦକ ଛାତ୍ରମାନେ ସହଯୋଗ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡାଙ୍କ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ଆଥଲେଟ୍ ବିଜୟ ତ୍ରିପାଠୀଙ୍କ ନେତୃତ୍ୱରେ ଅଫିସିଆଲ କାର୍ଯ୍ୟକୁ ମାଧୁରୀ ପଣ୍ଡା ଓ ଅନ୍ୟମାନେ ତୁଲାଇଥିଲେ। ହେମନ୍ତ ସେଠ, ଜିତେନ୍ଦ୍ର ମଟାରୀ, ଜୟଦେବ ଧରୁଆ, ସୁଶାନ୍ତ ଥପା, ଆଲୋକ ସାହୁ, ସୁଜିତ ମହାଲିଙ୍ଗ, ହିମାଂଶୁ ହାତୀ, ଅମନ ପାଣ୍ଡେ, ଚନ୍ଦନ ନାୟକ, ଅମିତ କୁମାର ମିଶ୍ର, ସୁଦେଶ ଚନ୍ଦନ, ଦୀପ୍ତେଶ ପଣ୍ଡା, ସ୍ମୃତିରଞ୍ଜନ ମଲ୍ଲିକ, ସୁମନ ଦଳାଇ, ବାସୁଦେବ ପଟ୍ଟନାୟକ, ଖୁସିରାମ ସେଠ, ଡୋଳାମଣି ଚିରଗୁନ୍, ଶ୍ରୀତମ କାଲସାଏ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।

ସାଇଟ୍ ସିନିଅର ଫୁଟବଲ ଟୁର୍ନାମେଣ୍ଟ

# ବଲାଙ୍ଗୀର-ଭବାନୀପାଟଣା ଫାଇନାଲ ଆଜି

**ବଲାଙ୍ଗୀର ଅଫିସ, ୧୪।୧୨**

ବଲାଙ୍ଗୀର ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସାଇଟ ସ୍ପୋର୍ଟସ୍ ସୋସାଇଟି ଆନୁକୂଲ୍ୟରେ ଅନୁଷ୍ଠିତ ୫୩ତମ ସିନିଅର ଫୁଟବଲ ଟୁର୍ନାମେଣ୍ଟର ଦୁଇ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ବଲାଙ୍ଗୀର ଇଲେଭେନ୍ ଷ୍ଟାର ଦଳ ଓ ଅନୁଗୋଳ ହୋମଗାର୍ଡ ଦଳ ମୁହାଁମୁହିଁ ହୋଇଥିଲେ। ବଲାଙ୍ଗୀର ୨-୧ ଗୋଲରେ ଅନୁଗୋଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଭବାନୀପାଟଣା ସ୍ପୋର୍ଟସ୍ ହଷ୍ଟେଲ ଓ ପଦ୍ମପୁର ପଦ୍ମଶ୍ରୀ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନ ପାରିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକର ୪-୩ ଗୋଲରେ ଭବାନୀପାଟଣା ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ଅତିଥିଭାବେ ପୂର୍ବତନ ଖେଳାଳି କପିଳେଶ୍ୱର ପାଣିଗ୍ରାହୀ, ବଲାଙ୍ଗୀର ଜିଲା ଫୁଟ୍‌ବଲ କୋଚ ପରାଶର ବାଗ, ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର, ସୋନପୁର ରୟାଲ ସ୍ପୋର୍ଟିଂ ଅଧକ୍ଷ ରାକେଶ ନାଗ, କ୍ରୀଡା ସଙ୍ଗଠକ ସୁବୋଧ ବାଗ ଓ ଶ୍ରୀଧର ସେଠ୍ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜନ କମିଟି ଅଧକ୍ଷ ଡ. ଶ୍ରୀକର ମିଶ୍ର, ସମ୍ପାଦକ ଇଂ ନାରାୟଣ ପ୍ରସାଦ ମିଶ୍ର, ସାଙ୍ଗଠନିକ ସମ୍ପାଦକ ଡା. ସିଦ୍ଧେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ ମଞ୍ଚାସୀନ ହୋଇଥିଲେ। ଖେଳକୁ ନରସିଂ ସ୍ୱାମୀ ନାଇଡୁ, ଶରତ ନନ୍ଦ, ସୁବ୍ରତ ପୁରୋହିତ, ନିଶାରକାନ୍ତ ନାଗ, ଦେବରାଜ ନାହାକ ଓ ସୁଦର୍ଶନ ସେଠ ପରିଚାଳନା କରିଥିଲେ। ରବିବାର ଅପରାହ୍ନ ୩ଟାରୁ ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ବଲାଙ୍ଗୀର ଇଲେଭେନ୍ ଷ୍ଟାର ଓ ଭବାନୀପାଟଣା ସ୍ପୋର୍ଟସ୍ ହଷ୍ଟେଲ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।



ସେମିଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।